ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା



Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା


ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ବାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଆମ ସଂସ୍କୃତି, ଆମ ପରମ୍ପରା, ବିଶ୍ୱରେ ଅଦ୍ୱିତୀୟ ଏଥିପାଇଁ ଏହାକୁ କଳୁଷିତ କରିବାର କୁଚେଷ୍ଟା ହେଉଛି । ବିରୋଧ କରନ୍ତୁ ଏବଂ ନିଜର ସ୍ୱାଧୀନତା ସହ ସାଲିସ କରନ୍ତୁ ନାହିଁ ।**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୬** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୬ | ଅଶୋକ ବିଶ୍ୱାଳ | ୨୭ |
| ପରନିନ୍ଦାର ପରିଣତି | ଦଣ୍ଡାସି ପ୍ରଧାନ | ୩୯ |
| ଭିଡ଼ | ପ୍ରହ୍ଲାଦ ସାହୁ | ୪୩ |
| ଚୁମ୍ବନ | ସରୋଜ କୁମାର ସାହୁ | ୪୭ |
| ଜୀବନ୍ତ ଶବ | ସତ୍ୟନାରାୟଣ ମିଶ୍ର | ୪୯ |
| ଗପ ହେଲେ ବି ସତ | ଅମରନାଥ ବାରିକ | ୫୨ |
| ଅସ୍ଥି ବିସର୍ଜନ | ନିତ୍ୟ ରଞ୍ଜନ ନନ୍ଦ | ୫୫ |
| ଜୀବନର ସତ୍ୟତା | ବିଜୟ କୁମାର ପରିଡ଼ା | ୫୯ |
| ଅଦ୍ଭୁତ ପୁଲକ | ପ୍ରଗନ୍ କୁମାର ପାତ୍ର | ୬୨ |
| ସମ୍ପର୍କ | ସିଦ୍ଧେଶ୍ୱର ତ୍ରିପାଠୀ | ୬୫ |
| ଆବର୍ତ୍ତମାନ | ପଦ୍ମାଳୟା ପାଢ଼ୀ | ୬୮ |
| **କବିତା ବିଭାଗ** | | **୭୬** |
| ପ୍ରଥମ ପ୍ରେମ | ଶିବ ନାରାୟଣ ଦାଶ | ୭୭ |
| ଅମୃତ ଆତ୍ମା | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୮୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଶେଷ ଚିଠି | ଦୁଷ୍ମନ୍ତ ବେହେରା | ୮୯ |
| ଜୀବନ ସମୁଦ୍ର | ସୁନନ୍ଦା ମହାନ୍ତି | ୯୦ |
| ସମୂଳ ସୁଧ | ଅଲେଖ ମେହେର | ୯୨ |
| ଜୀବନ ମନ୍ତ୍ର | ମନୋରଞ୍ଜନ ସୁରୁଜାଲ | ୯୪ |
| ଜହ୍ନମାମୁଁ | ପ୍ରକାଶ କୁମାର ଚାନ୍ଦ | ୯୫ |
| ଆଉଥରେ ଫେରି ଆସନ୍ତାନି | ନୀଳମଣି ଚାନ୍ଦ | ୯୬ |
| କାହିଁକି ଯିବି ମୁଁ ଦୂର ମନ୍ଦିର | ତେଜସ୍ୱିନୀ ପଧାନ | ୯୭ |
| ବିଳାପ | ଅଚ୍ୟୁତାନନ୍ଦ ଭୁଏ | ୯୮ |
| କବିତାରେ ଦେଲି କହି | ଶିଶିର କୁମାର ପଣ୍ଡା | ୯୯ |
| ବିଚିତ୍ରା | ନିରଞ୍ଜନ ସାହୁ | ୧୦୦ |
| ମନେ ପଡୁଛି ମୋ ଗାଁ | ଭାଗବତ ପ୍ରଧାନ | ୧୦୧ |
| ଶ୍ରେଷ୍ଠ ଦକ୍ଷିଣା | ଗୁପ୍ତେଶ୍ୱର ଚାନ୍ଦ | ୧୦୩ |
| ତମେମୟ | ଜୟନ୍ତ କୁମାର ମଲ୍ଲିକ | ୧୦୫ |
| ଅଦିନିଆ ବର୍ଷା | ମାଙ୍ଗଳିକା ମହାପାତ୍ର | ୧୦୬ |
| ଜଣେ ଯଦି ଆସନ୍ତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୦୭ |
| ନୀରବତାର ଭାଷା | ଆଶୁତୋଷ ମେହେର | ୧୦୮ |
| ବାଲ୍ୟକାଳ | ରୋହିତ ପଟ୍ଟନାୟକ | ୧୦୯ |
| କହିବା ସହଜ | ନିକୁଞ୍ଜ କୁମାର ଘୋଷ | ୧୧୨ |
| ଧର୍ମଛଡ଼ା ହେତୁବାଦୀ | ଦୀନବନ୍ଧୁ ବେଜ | ୧୧୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନୁହେଁ ମୁଁ କବୟିତ୍ରୀ | ପ୍ରିୟଦର୍ଶିନୀ ମହାପାତ୍ର | ୧୧୫ |
| ମିଛେ କାହିଁକି ଗର୍ବ କରିବି ? | ଅନନ୍ତ କୁମାର | ୧୧୬ |
| ଆଲୋକକୁ ମୁଦା ଆଖି | କୃଷ୍ଣପ୍ରିୟା ପଟ୍ଟନାୟକ | ୧୧୭ |
| ଏ ଆଖି | ସତ୍ୟବ୍ରତ ବାରିକ | ୧୧୮ |
| ବନ୍ଧୁତ୍ୱ | ମଧୁସ୍ମିତା ସାହୁ | ୧୧୯ |
| ମହାବାତ୍ୟା | ସୁବ୍ରତ କୁମାର ପ୍ରଧାନ | ୧୨୧ |
| ଦୁଃଖ ପିଇ ଯିଏ ହସିବା ଶିଖିଛି | ନିରୁପମା ପାଣି | ୧୨୩ |
| ଦେହୀ ପଦପଲ୍ଲବମୁଦାରଂ | ବୈଦ୍ୟନାଥ ପଣ୍ଡା | ୧୨୪ |
| କାଳିଆ ମୋର ସବୁକିଛି | ଦିବାକର ନାୟକ | ୧୨୫ |
| ମୁଁ ଏକା ତୁମର | ଆଦରମଣି ପ୍ରଧାନ | ୧୨୬ |
| ସତ୍ତା | ବାଲାଜୀ ସେଠୀ | ୧୨୭ |
| ନାଲି ଗୋଲାପ | ଚିନ୍ମୟ ପଟ୍ଟନାୟକ | ୧୨୯ |
| ଭାବ | ବିନୟାନନ୍ଦ ବସ୍ତ୍ରସ୍ୟ | ୧୩୦ |
| ପାହାନ୍ତି ରାତ୍ରୀର କାକର ଭିଜା ଘାସଫୁଲ ମୁଁ | ତାରା ପ୍ରସାଦ ଜେନା | ୧୩୧ |
| ପୂଜ୍ୟ ବାପାଙ୍କ ପରିଚୟ | ପଙ୍କଜ କୁମାର ମଙ୍ଗଳ | ୧୩୨ |
| ତୁମ୍ଭ ମହାନତା ବଜାୟ ରହୁ | କୁନା ସେଠୀ | ୧୩୩ |
| ସନ୍ଧ୍ୟା ସପନ | ଭବାନୀ ଶଙ୍କର ଦାଶ | ୧୩୬ |
| କରିବାନି ଆତ୍ମହତ୍ୟା | ନରେନ୍ଦ୍ର ପ୍ରସାଦ ବେହେରା | ୧୩୭ |
| ଶୋକ ରହିତ ଲୋକଟିଏ | ସଞ୍ଜୀବ କୁମାର ଦାସ | ୧୩୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କବିଟିଏ ମୁଁ କବିଟିଏ | ବାସନ୍ତୀଲତା ଜେନା | ୧୪୦ |
| ବଦଳି ଯାଇଛି ଗାଆଁର ଚିତ୍ର | ପ୍ରଦୀପ୍ତ କୁମାର ଦାସ | ୧୪୨ |
| ଠାକୁର ଲୋକ | ଆଶୁତୋଷ ମିଶ୍ର | ୧୪୪ |
| ଏମିତି ଆମ ଗାଆଁ | ସରୋଜ କୁମାର ସାହୁ | ୧୪୬ |
| ବାପା | ପଲ୍ଲବିନୀ ପଟେଲ | ୧୪୭ |
| ମୁଁ ଗଛଟିଏ | ସାଇ ପ୍ରସାଦ ସାହୁ | ୧୪୮ |
| କ୍ଷୁଧାର ଜ୍ୱାଳା | ଅମୃତ ନାରାୟଣ ଶତପଥୀ | ୧୪୯ |
| ଧରଣୀ ରାଣୀ | ଡଃ ମନୋରଞ୍ଜନ ବିଷୋୟୀ | ୧୫୧ |
| ବହି | ପ୍ରହ୍ଲାଦ ସାହୁ | ୧୫୨ |
| ଚାଲ ଆମେ ବାହାହେବା ଆଉଥରେ | ଡା ନୀଳମାଧବ କର | ୧୫୪ |
| ଶିକ୍ଷକ ଜୀବନ, ତ୍ୟାଗର ଜୀବନ | ରାଧାମୋହନ ପୂଜାହାରୀ | ୧୫୫ |
| ଭକ୍ତ ଓ ଭଗବାନ | ଦଣ୍ଡାସି ପ୍ରଧାନ | ୧୫୯ |
| **ଲୋକଭାଷା ବିଭାଗ** | | **୧୬୧** |
| ସମିଆଁ | ସୁନୀଲ କୁମାର ଅଗସ୍ତି | ୧୬୨ |
| କନ୍ତର୍ | ବିଶ୍ୱନାଥ ଭୁଏ | ୧୬୩ |
| ମୁରୁଖ୍ | ସତ୍ୟନାରାୟଣ ମିଶ୍ର | ୧୬୪ |
| ବିଦିର୍ଣ୍ଣ ବ୍ୟବସ୍ଥା | ଆୟୁଷ ବଡ଼ାଇ | ୧୬୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ପ୍ରବନ୍ଧ ବିଭାଗ ୧୭୧

| | | |
|---|---|---|
| କାର୍ତ୍ତିକ ମହାତ୍ମ୍ୟ | ସାଇ ପ୍ରସାଦ ସାହୁ | ୧୭୨ |
| ଦୈତ୍ୟ ଜଳନ୍ଧର ଜନ୍ମବୃତ୍ତାନ୍ତ | କିଷାନ ମହାକୁର | ୧୭୭ |
| ଆଧ୍ୟାତ୍ମିକ ବୈଧବ୍ୟ | ବିଜୟ କୁମାର ସାହୁ | ୧୮୧ |
| ଜାତୀୟ କବି - ବୀରକିଶୋର | ଅକ୍ଷୟ କୁମାର ରାଉତ | ୧୮୯ |
| ଗୋପବନ୍ଧୁରୁ ଉତ୍କଳମଣୀ | ଅସିତ ମହାନ୍ତି | ୧୯୫ |
| ଭାରତ ସ୍ୱାଧୀନତାରେ ସର୍ଦ୍ଦାର ପଟେଲ | ଗୌରୀ ପଣ୍ଡା | ୨୦୧ |
| ଓଡ଼ିଆ ସାହିତ୍ୟ ଓ ଯାବନିକ ଭାଷା | ବିକାଶ ନାୟକ | ୨୦୩ |
| ଶଙ୍ଖର ମହତ୍ତ୍ୱ ଓ ଉପକାରିତା | ନିତ୍ୟ ରଞ୍ଜନ ନନ୍ଦ | ୨୦୭ |
| ହେତୁବାଦ ବନାମ ସାମ୍ପ୍ରଦାୟିକତା | ପଙ୍କଜ କୁମାର ପାଣିଗ୍ରାହୀ | ୨୧୧ |
| ନିଶାସକ୍ତ ଯୁବପୀଢ଼ି | ଅମୃତ ନାରାୟଣ ଶତପଥୀ | ୨୨୦ |

## ବିଶେଷ ସୂଚନା ୨୨୧


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା, ପାଠକ ଏବଂ ସାହିତ୍ୟିକ ତଥା ଶ୍ରଦ୍ଧେୟ, ସମ୍ମାନୀୟ, ହିତୈଷୀ ବୟୋଜ୍ୟେଷ୍ଠ ବ୍ୟକ୍ତିତ୍ୱ ମାନଙ୍କୁ ଯଥାମାନ୍ୟ ସମ୍ମାନ ଜଣାଇ ପତ୍ରିକାର ନଭେମ୍ବର ମାସର ଏହି ସଂସ୍କରଣ ଉପସ୍ଥାପନ କରୁଛି । ଆଶା କରୁଛି, ଏହି ପତ୍ରିକାରେ ପ୍ରକାଶିତ ପ୍ରତ୍ୟେକଟି ଆଲେଖ୍ୟ ଆପଣଙ୍କୁ ଭଲ ଲାଗିବ । ନବୀନ ଏବଂ ପ୍ରବୀଣ ସାହିତ୍ୟିକଙ୍କ ସମନ୍ୱୟରେ ପ୍ରକାଶିତ ହେଉଥିବା ଆହ୍ୱାନ ପ୍ରତି ଆପଣଙ୍କ ଭଲ ପାଇବା ସବୁଦିନ ଭଳି ଏମିତି ରହିଥାଉ ।

ବର୍ଷର ସର୍ବଶ୍ରେଷ୍ଠ ଧର୍ମ ମାସ, କାର୍ତ୍ତିକର ଯବନିକା ପତନ ହୋଇ ସାରିଛି । ପୁଣି ଥରେ ବର୍ଷକର ଅପେକ୍ଷା ଏବଂ ଏହା ସହ ସମାପ୍ତ ହୋଇଛି ପୂଜା ତଥା ପାର୍ବଣର ଋତୁ । ଚଳିତ ବର୍ଷ ବିଗତ ଦୁଇବର୍ଷରେ କରୋନା ହେତୁ ହୋଇଥିବା ପ୍ରତିବନ୍ଧ ଉଠାଇ ଦିଆଯିବା ପରେ ସାଧାରଣ ଜନମାନସ ଉତ୍‌ଫୁଲ୍ଲିତ ହୋଇ ବିଭିନ୍ନ ପର୍ବକୁ ପାଳନ କରିଛନ୍ତି । ଦୂର୍ଗାପୂଜା ହେଉ ବା କାର୍ତ୍ତିକ ପୂର୍ଣ୍ଣିମା । ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଏହା ସହ ଅନେକ ଘଟଣା ଓ ଦୁର୍ଘଟଣା ଏହି ମାସକୁ ଗଣମାଧ୍ୟମରେ ଚର୍ଚ୍ଚାରେ ରଖିଥିଲା । ଆସନ୍ତୁ ଜାଣିବା ଗତ ମାସରେ ଘଟିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡ଼ିଶାର ଧାମନଗର ଠାରେ ଆୟୋଜିତ ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସୂର୍ଯ୍ୟବଂଶୀ ସୂରଜ ବିଜୟୀ ହୋଇଛନ୍ତି । ଏହା ଅପ୍ରତ୍ୟାଶିତ ଭାବରେ ହୋଇଛି । ଅବଶ୍ୟ ଏହି ନିର୍ବାଚନ ପୂର୍ବରୁ ଅନେକ ଘଟଣା ଘଟିଥିଲା ଯାହା ନିର୍ବାଚନର ଫଳାଫଳକୁ ନେଇ ସଂଶୟ ସୃଷ୍ଟି କରୁଥିଲା । ସେ ଯା ହେଉ, ଓଡ଼ିଶାରେ ପଦ୍ମ ଫୁଲ ପ୍ରତି ଜନ ସମ୍ବେଦନା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି ।

ଅକ୍ଟୋବର ଦୁଇ ତାରିଖରେ ଇଣ୍ଡୋନେସିଆରେ ଆୟୋଜିତ ଏକ ଫୁଟବଲ ଖେଳ ସମୟରେ ଗୋଷ୍ଠୀ ବିବାଦ ହୋଇ ଠେଲାପେଲାରେ ଅନ୍ୟୁନ ଶହେ ତିରିଶି ଜଣ ମୃତ୍ୟୁବରଣ କରିଛନ୍ତି । ଦୁଇ ଫୁଟବଲ୍ ଦଳର ସମର୍ଥକ ମାନଙ୍କ ମଧ୍ୟରେ ହୋଇଥିବା ବିବାଦ ପରେ ଏହି ଦୁର୍ଘଟଣା ଘଟିଥିଲା ।

ବ୍ରିଟେନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ମାତ୍ର ପଇଁଚାଳିଶ ଦିନର ଶାସନ ଭାର ପରେ ନିଜ ପଦବୀରୁ ଇସ୍ତଫା ଦେଇଦେଲେ । ଅକ୍ଟୋବର କୋଡ଼ିଏ ତାରିଖରେ ଏହି ଘଟଣା ଘଟିଥିଲା । ଏହାପୂର୍ବରୁ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କୁ ହରାଇ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ । କିନ୍ତୁ ତାଙ୍କ ଦ୍ୱାରା ନିଆଯାଇଥିବା କିଛି ନିଷ୍ପତ୍ତି ବ୍ରିଟେନର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବାକୁ ସକ୍ଷମ ହେଲାନାହିଁ, ତେଣୁ ସେ ନିଜ ପଦବୀରୁ ଇସ୍ତଫା ଦେଇଦେଲେ ।

ଲିଜ୍ ଟ୍ରସଙ୍କ ଇସ୍ତଫା ପରେ ବ୍ରିଟେନର ପ୍ରଧାନମନ୍ତ୍ରୀ ପଦ ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କୁ ମିଳିଛି । ସେ ଜଣେ ଅର୍ଥଶାସ୍ତ୍ରୀ ହୋଇଥିବା ହେତୁ ସେ ବ୍ରିଟେନର ଅର୍ଥ ବ୍ୟବସ୍ଥାକୁ ସୁଧାରି ପାରିବେ ବୋଲି ଅଟକଳ ଲଗାଯାଉଛି । ଅବଶ୍ୟ ଜଣେ ହିନ୍ଦୁ ଧର୍ମାବଲମ୍ବୀ ପ୍ରଥମଥର ବ୍ରିଟେନକୁ ରାଜୁତି କରୁଥିବା ମନ୍ତବ୍ୟକୁ ନେଇ ସାମାଜିକ ଗଣମାଧ୍ୟମ ବହୁତ ଗତିଶୀଳ ହୋଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଋଷି ସୁନକ ବ୍ରିଟେନର ପ୍ରଧାନମନ୍ତ୍ରୀ ହେବାପରେ ଏହାକୁ ନେଇ ଭାରତୀୟ ରାଜନୀତିରେ ମଧ୍ୟ ଉଠାପକା ଦେଖିବାକୁ ମିଳିଛି । ଯଦି ବ୍ରିଟେନ୍ ଭଳି ଦେଶରେ ଜଣେ ସଂଖ୍ୟା ଲଘୁ ବ୍ୟକ୍ତି ପ୍ରଧାନମନ୍ତ୍ରୀ ହୋଇ ପାରିଲେ ତା ହେଲେ ଭାରତରେ କାହିଁକି ହୋଇ ପାରିବେନି ବୋଲି ଅନେକ ନେତା ମନ୍ତବ୍ୟ ଦେଇ ଟ୍ୱିଟ୍ କରିଥିଲେ । ଏଠାରେ ସେମାନେ ମୁସଲମାନ୍‌ଙ୍କୁ ସଂଖ୍ୟାଲଘୁ ବୋଲି ଦର୍ଶାଇ ଏହିଭଳି ଟ୍ୱିଟ୍ କରି ମୁସଲିମ୍ ଭୋଟ୍ ବ୍ୟାଙ୍କକୁ ଆପ୍ୟାୟିତ କରିବାକୁ ଚେଷ୍ଟା କରିଛନ୍ତି ବୋଲି ସ୍ପଷ୍ଟ ଜଣା ପଡୁଛି । କାରଣ ଭାରତରେ ଆଗରୁ ମନମୋହନ ସିଂ ପ୍ରଧାନମନ୍ତ୍ରୀ ହୋଇ ସାରିଛନ୍ତି ଯେ କି ଭାରତର ଏକ ସଂଖ୍ୟାଲଘୁ ଶିଖ ସଂପ୍ରଦାୟରୁ ଆସନ୍ତି । ଏହା ସହ ଅତୀତରେ ଭାରତର ରାଷ୍ଟ୍ରପତି ପଦବୀରେ ମଧ୍ୟ ଅବଦୁଲ୍ କଲାମ୍ ସ୍ଥାପିତ ହୋଇଛନ୍ତି । ତେଣୁ ଏହିଭଳି ମନ୍ତବ୍ୟ ଅନାବଶ୍ୟକ ମନେ ହୁଏ । କିନ୍ତୁ ନିଜ ଅଭ୍ୟାସକୁ କେମିତି ବଦଳାଇବେ, ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଯେଉଁମାନେ ବଦ୍ଧ ପରିକର ସେମାନଙ୍କ ନିଜର ନୈତିକ ଓ ସାଧାରଣ ଜ୍ଞାନ କେବେ ବି ସୁଧୁରିବ ନାହିଁ ।

ଅକ୍ଟୋବର ମାସର ଶେଷ ବେଳକୁ ଆୟୋଜିତ ହେଉଥିବା ହାଲୋଜ୍ୱିନ୍ ପର୍ବ ସମୟରେ ଦକ୍ଷିଣ କୋରିଆର ଜନବହୁଳ ବଜାର ଅଞ୍ଚଳରେ ସଂଘଟିତ ଦଳାଚକଟାରେ ଅନ୍ୟୁନ ଦେଢ଼ ଶହ ଲୋକ ପ୍ରାଣ ହରାଇଛନ୍ତି । କରୋନା ମହାମାରୀ ହେତୁ ବିଗତ ଦୁଇବର୍ଷଧରି ଏହି ଆୟୋଜନକୁ ବନ୍ଦ ରଖାଯାଇଥିଲା କିନ୍ତୁ ଚଳିତ ବର୍ଷ ଏହାକୁ ପୁଣିଥରେ ଆୟୋଜିତ କରାଯାଉଥିବା ହେତୁ ଆବଶ୍ୟକଠାରୁ ଅଧିକ ସ୍ଥାନୀୟ ଅଧିବାସୀ ସମେତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା ଏବଂ ଏହି ସମୟରେ ଠେଲାପେଲା ଓ ଦଳାଚକଟାରେ ଅନେକ ଲୋକ ଆହତ ହେବା ସହ ପ୍ରାଣ ହରାଇଲେ । ଏଥିରେ ସର୍ବାଧିକ ଯୁବ ବର୍ଗର ବ୍ୟକ୍ତି ନିହତ ହୋଇଥିବା ଜଣା ପଡ଼ିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳିତ ବର୍ଷ ଦୀପାବଳୀ ଅମାବାସ୍ୟାରେ ସୂର୍ଯ୍ୟୋପରାଗ ଯୋଗ ଥିଲା ତେଣୁ ଓଡ଼ିଶାବାସୀ ଆବାହମାନ କାଳରୁ ପାଳି ଆସୁଥିବା ନିତିନୀୟମ ଅନୁସାରେ ଏହାକୁ ପାଳନ କରୁଥିବା ବେଳେ ମୁଷ୍ଟିମେୟ ସ୍ୱଘୋଷିତ ହେତୁବାଦୀ ଜନସାଧାରଣଙ୍କ ଧାର୍ମିକ ଏବଂ ମାର୍ମିକ ଧାରଣାକୁ ଆକ୍ଷେପ କରିବା ଭଳି ଭୁବନେଶ୍ୱର ଠାରେ ଏକ ଚିକେନ୍ ବିରିୟାନୀ ଭୋଜିର ଆୟୋଜନ କରିଥିଲେ । ସେମାନଙ୍କ ପ୍ରମୁଖ ନେତା ମାନଙ୍କ କହିବାର ଥିଲା ଯେ ସୂର୍ଯ୍ୟୋପରାଗ ସମୟରେ ଖାଦ୍ୟ ଗ୍ରହଣ କଲେ କିଛି ଅସୁବିଧା ନାହିଁ, ତେଣୁ ସେମାନେ ଉଦାହରଣ ପାଇଁ ନିଜେ ଖାଦ୍ୟ ଗ୍ରହଣ କରି ଏହି ଭଳି ଅନ୍ଧବିଶ୍ୱାସକୁ ବିରୋଧ କରିଥିଲେ । କିନ୍ତୁ ଏହି ଘଟଣା ପରେ ପରେ ସର୍ବସାଧାରଣରେ ପ୍ରବଳ ଆକ୍ରୋଶ ଦେଖିବାକୁ ମିଳିଥିଲା । ବିଜ୍ଞାନର ଦ୍ୱାହୀ ଦେଇ, ଆମର ପରମ୍ପରାକୁ ଅନ୍ଧବିଶ୍ୱାସ ବୋଲି କହିବାକୁ ପ୍ରଚେଷ୍ଟା କରୁଥିବା ଏହି ସ୍ୱଘୋଷିତ ଗୋଷ୍ଠୀଙ୍କୁ ଗଣମାଧ୍ୟମ ଏବଂ ସୋସିଆଲ୍ ନେଟୱର୍କରେ ପ୍ରବଳ ଗାଳିଗୁଲଜ ଶୁଣିବାକୁ ମିଳିଥିଲା । ଆଶ୍ଚର୍ଯ୍ୟର କଥା, ଏହିଭଳି ଆୟୋଜନ ପ୍ରତିବର୍ଷ ବ୍ରହ୍ମପୁର ଠାରେ ମଧ୍ୟ ହୋଇ ଆସୁଥିବା ବେଳେ, ଏହା ଏତେ ମାତ୍ରାରେ ଜନ ଅସନ୍ତୋଷ ସୃଷ୍ଟି କରୁନଥିଲା, କିନ୍ତୁ ଦୀପାବଳୀ ଭଳି ଏକ ପବିତ୍ର ଦିନ ଏବଂ କାର୍ତ୍ତିକ ମାସରେ ଆମିଷ ଭକ୍ଷଣ କରିବା ଏବଂ ଅନ୍ୟମାନଙ୍କୁ କରିବା ପାଇଁ ଉସୁକାଇବା ଭଳି ଘଟଣା ଲୋକଙ୍କୁ ଅଧିକ ମର୍ମାହତ କରିଥିଲା । ବିଭିନ୍ନ ସାମାଜିକ ଅନୁଷ୍ଠାନ ତରଫରୁ ଏହିଭଳି କାର୍ଯ୍ୟକ୍ରମର ଘୋର ନିନ୍ଦା କରାଯିବା ସହ ଆଇନତଃ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ହେଲେ ଓଡ଼ିଆରେ କଥାଟିଏ ଅଛି, ମଣିଷ ପ୍ରକୃତି ମରିଲେ ତୁଟେ, ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ, ସେଇ ନ୍ୟାୟରେ ସେଇ ଗୋଷ୍ଠୀ ପୁଣିଥରେ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ଚନ୍ଦ୍ରଗ୍ରହଣ ସମୟରେ ଭୋଜିର ଆୟୋଜନ କରିବାର ଧମକ ଦେଇଦେଲେ ଏବଂ ଏହାପରେ ଯାହା ସବୁ ହେଲା ତାହା ଏବେ ସର୍ବଜନ ବିଦିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ତ୍ତିକ ପୂର୍ଣ୍ଣିମାରେ ଭୁବନେଶ୍ୱର ଲୋହିୟା ଏକାଡେମୀ ଓ ବ୍ରହ୍ମପୁରର ଚର୍ଚ୍ଚାକ୍ ଭବନରେ ଆୟୋଜିତ ସାମୁହିକ ଭୋଜ କାର୍ଯ୍ୟକ୍ରମକୁ ପ୍ରବଳ ଜନ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା ଏବଂ କିଛି ସଂଗଠନ ଏହାକୁ ଭଣ୍ଡୁର କରିଦେଲେ । ଶୁଣାଯାଉଛି ଏହି ସମୟରେ ପ୍ରବଳ ଗଣ୍ଡଗୋଳ ହୋଇଥିବା ହେତୁ ବ୍ରହ୍ମପୁରରେ ପୋଲିସ କର୍ମୀମାନେ ଲାଠିମାଡ କରିବାକୁ ବାଧ୍ୟ ହୋଇଥିଲେ । ପରବର୍ତ୍ତୀ ସମୟରେ ହେତୁବାଦୀ ସଂଗଠନର କିଛି ପୁରୋଖା ନେତା ଗଣମାଧ୍ୟମକୁ ସାକ୍ଷାତକାର ଦେଇ ହିନ୍ଦୁ ଦେବାଦେବୀଙ୍କ ଉପରେ ଅଶ୍ରାବ୍ୟ ମନ୍ତବ୍ୟ ସବୁ ଦେଇଥିଲେ ଏବଂ ଏହାର ପ୍ରସାରଣ ପରେ ସେମାନଙ୍କ ବିରୋଧରେ ଅଦାଲତରେ ମାମଲା ଦାୟର କରିବା ପରେ ଏବେ ସେମାନଙ୍କ ଭିତରୁ ଅନେକ ସର୍ବ ସାଧାରଣରେ କ୍ଷମା ଯାଚନା କରିବା ଦେଖାଯାଉଛି । ହିନ୍ଦୁ ଧର୍ମାବଲମ୍ବୀଙ୍କୁ ସମାଜରେ ନୀଚ ବୋଲି ଦେଖାଇବାର ପ୍ରଚେଷ୍ଟା ଯୁଗଯୁଗରୁ ହୋଇ ଆସୁଛି, ଏଥିରେ କିଛି ନୂତନତ୍ୱ ନାହିଁ । ଅଧର୍ମି ଓ ବିଧର୍ମୀ ମାନଙ୍କ ଦ୍ୱାରା ହିନ୍ଦୁ ଧର୍ମକୁ ମୂଲ୍ୟହୀନ ବୋଲି ଦର୍ଶାଇବାର ସବୁ ଚେଷ୍ଟା ବିଫଳ ହୋଇଛି । ତେଣୁ ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପରେ ଉପସ୍ଥାପିତ ହେଉଛି । ବର୍ତ୍ତମାନ ଏହା ବିଜ୍ଞାନ ବନାମ ଅନ୍ଧବିଶ୍ୱାସ ନାମରେ ବସ୍ତୁତଃ ହିନ୍ଦୁ ଧର୍ମକୁ ହିଁ ଅନ୍ଧବିଶ୍ୱାସ ବୋଲି ପ୍ରମାଣିତ କରିବାର ପ୍ରଚେଷ୍ଟା ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ କାହିଁକି ହୁଏ ଏହା ସମସ୍ତେ ଜାଣନ୍ତି । ହେଲେ ହେତୁବାଦୀଏ ପିଲାଦିନର ଗପ "ରାହୁ କେତୁ ଗିଳି ଦେଉଥିବାରୁ ଏ ସବୁ ହେଉଛି"କୁ ଏବେ ବି ସତ ବୋଲି ମାନି ନେଇ ଆମକୁ ଅନ୍ଧବିଶ୍ୱାସୀ ବୋଲି କହିବାକୁ ଆଗେଇ ଆସୁଛନ୍ତି । ଏହି ଦିନମାନଙ୍କରେ ଆମେ ପାକତ୍ୟାଗ କରୁଥିବା ପ୍ରଥାକୁ ଅନ୍ଧବିଶ୍ୱାସ ବୋଲି କହି ନିଜେ ରାକ୍ଷସଙ୍କ ଭଳି ଭଲ ଦିନଟିଏ ଅଭକ୍ଷ ଭକ୍ଷଣ କରି ନିଜର ବୁଦ୍ଧିମତାର ପ୍ରଦର୍ଶନ କରିବାକୁ ଲାଗିଛନ୍ତି । ବ୍ରାହ୍ମଣ ମାନେ ଏହି ସବୁ ମିଛ ରିତିନୀତି ନିୟମ ଲାଗୁ କରି ସମାଜକୁ ଦବେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଖିବାକୁ ପ୍ରଚେଷ୍ଟା କରି ଆସୁଛନ୍ତି ବୋଲି ସେମାନେ କହି, ବ୍ରାହ୍ମଣଙ୍କ ନାମରେ ସମଗ୍ର ହିନ୍ଦୁ ଧର୍ମକୁ ହିଁ ଆକ୍ଷେପ କରୁଛନ୍ତି । ଜଗନ୍ନାଥଙ୍କୁ ଅମାନ୍ୟ କରୁଛନ୍ତି, ଲକ୍ଷ୍ମଣଙ୍କୁ ଇଡ଼ିୟଟ୍ ବୋଲି କହୁଛନ୍ତି । ହେଲେ ଆମେ ବୁଝି ପାରୁନାହୁଁ, ଯେ ଯେମିତି ଅନ୍ୟ ଧର୍ମରେ ଧର୍ମଗୁରୁ ମାନେ ଫତୁଆ ଜାରି କରି ନିତିନିୟମ ନିଜ ଇଚ୍ଛାରେ ଲାଗୁ କରି ଦେଉଛନ୍ତି, ଆମ ଧର୍ମରେ ସେମିତି କିଏ କେବେ କରିବା ଆପଣ ଦେଖିଛନ୍ତି କି ? ସନାତନ ହିନ୍ଦୁ ଧର୍ମ ଭଳି ଉଦାରବାଦୀ ଧର୍ମ ହିଁ ନାହିଁ । ପ୍ରକୃତରେ ଦେଖିବାକୁ ଗଲେ ହିନ୍ଦୁ ଧର୍ମ ପ୍ରକୃତରେ ଧର୍ମ ନୁହେଁ, ବରଂ ଏକ ସମୃଦ୍ଧ ଜୀବନଯାପନର ମୂଳମନ୍ତ୍ର । ଆଉ ଯେଉଁ ସବୁ ଧର୍ମ ବିଶ୍ୱରେ ଏବେ ପ୍ରବଳତାର ସହ ବ୍ୟାପିବାରେ ଲାଗିଛନ୍ତି ସେ ସବୁ ମଧ୍ୟ ଧର୍ମ ନୁହେଁ, କେବଳ ପନ୍ଥା । ହେଲେ ସେଇ ସବୁ ଧାର୍ମିକ ଗୋଷ୍ଠୀଙ୍କ ଭଳି ଆମ ଧର୍ମର ସଂକୀର୍ଣ୍ଣ ନୁହେଁ । ଏଠି କିଏ କାହାକୁ ଫତୁଆ ଜାରି କରି ହତ୍ୟା ତ କରୁନାହିଁ, ତା ହେଲେ ଆମ ଧର୍ମକୁ ହିଁ ଏମାନେ କାହିଁକି ବାରମ୍ବାର ଟାର୍ଗେଟ୍ କରୁଛନ୍ତି, ଆପଣ ନିଜେ ଚିନ୍ତା କରି ଦେଖନ୍ତୁ ।

ହେତୁବାଦୀଙ୍କ କାର୍ଯ୍ୟକଳାପ ପରେ ସେମାନଙ୍କ ବିରୋଧରେ ଅନେକ ପ୍ରକାର ମନ୍ତବ୍ୟ ଗଣମାଧ୍ୟମ ଓ ସୋସିଆଲ୍ ମିଡ଼ିଆରେ ପ୍ରଚାର ପ୍ରସାର ହୋଇଛି, ସତ ହେଲେ ସେମାନଙ୍କୁ ପ୍ରକୃତ କଥାକୁ କେହି ବୁଝେଇ କହିନାହାନ୍ତି । ଅବଶ୍ୟ ସେମାନଙ୍କ କାମ ଆମକୁ ଉତ୍ତେଜିତ କରିବାକୁ ଯଥେଷ୍ଟ । କିନ୍ତୁ କ୍ରୋଧରେ ମନୁଷ୍ୟ ନିଜର ସାମାନ୍ୟ ଜ୍ଞାନ ବି ହରେଇ ଦେଇଥାଏ, ତେଣୁ ସେମାନଙ୍କୁ ସମ୍ବୋଧନ କରି ଗୋଟିଏ କ୍ଷୁଦ୍ର କାହାଣୀ ମୁଁ ବିଗତ ଦିନରେ ଫେସବୁକରେ ପ୍ରକାଶିତ କରିଥିଲି, ଯାହାକୁ ଅଦ୍ୟାବଧି ପଞ୍ଚଷଠି ହଜାର ଲୋକ ପଢ଼ି ସାରିଲେଣି, ସମ୍ଭବତଃ ଆପଣ ମଧ୍ୟ ଏହାକୁ ଫେସବୁକ କିମ୍ବା ହ୍ୱାଟସଆପ୍‌ରେ ପଢ଼ି ସାରିଥିବେ, ତଥାପି ଆପଣଙ୍କ ଗୋଚରାର୍ଥେ ଏହି ଆଲେଖ୍ୟକୁ ପୁଣିଥରେ ଉପସ୍ଥାପନ କରୁଛି, ପଢ଼ନ୍ତୁ ଆଉ ଯଦି ଭଲ ଲାଗିଲା ଏହାକୁ ନିଜ ବନ୍ଧୁମାନଙ୍କ (ବିଶେଷକରି ଯେଉଁମାନେ ଆମ ଧର୍ମକୁ ଅନ୍ଧବିଶ୍ୱାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଲି କହନ୍ତି) ମଧ୍ୟରେ ଶେୟାର କରନ୍ତୁ ।

ଅଫିସରୁ ଫେରି ରମେଶ ହାତ ମୁହଁ ଧୋଇଦେଇ ଟିଭି ସାମନାରେ ବସିଥିବା ବେଳେ ସାନ ପୁଅ କୁନା ପଚାରିଲା, ବାପା ମୁଁ କେମିତି ଜନ୍ମ ହେଲି ?

କବାଟ ପାଖରେ ଠିଆ ହୋଇ ତା ମାଆ ରମେଶ ମୁହଁକୁ ଚାହିଁଥିଲା । କହିଲା, ଦିନ ସାରା ଏଇ ଗୋଟିଏ ପ୍ରଶ୍ନ ପଚାରି ମୋତେ ବାଇୟା କରି ଦେଇଛି । ତମେ ତା ପ୍ରଶ୍ନର ଉତ୍ତର ଦିଅ ।

ରମେଶ ହସି ଦେଇ କହିଲା, ବୁଝିଲୁ ଦିନେ ତୋ ମମ୍ମି ଆଉ ମୁଁ ଭଗବାନଙ୍କୁ ପ୍ରାର୍ଥନା କଲୁ ଯେ ଆମ ଘରେ ସୁନ୍ଦର ପିଲାଟେ ଦିଅ । ଆମେ ରାତିରେ ଶୋଇବା ପରେ ଭଗବାନ ଅନ୍ଧାରରେ ଆସି ଆମ ପାଖରେ ତତେ ଥୋଇଦେଇ ଚାଲିଗଲେ । ବାସ ସେଇ ଦିନ ତୁ ଆମ ଘରେ ଜନ୍ମ ହେଇଥିଲୁ । ପୁଅ ଖୁଶି ହେଇଗଲା ହେଲେ ପୁଣି ପ୍ରଶ୍ନ କଲା, ହେଲେ ଆଗରୁ ମୁଁ କୋଉଠି ଥିଲି ? ରମେଶ କହିଲା, ଭଗବାନଙ୍କ ଘରେ । ସେଇଠି ଅନେକ ଶିଶୁ ଥାଆନ୍ତି, ଲୋକମାନେ ପ୍ରାର୍ଥନା କଲେ ଭଗବାନ ଆସି ଦେଇ ଯାଆନ୍ତି । କୁନା ଖୁସିରେ ଖେଳିବାକୁ ଚାଲିଗଲା ପରେ ତା ମାଆ ଶାନ୍ତିରେ ନିଶ୍ୱାସ ମାରି କହିଲା, ମୁଁ ପୁରା ଚିନ୍ତାରେ ଥିଲି କଣ କହିବି ବୋଲି ।

ସବୁ କଠିନ ପ୍ରଶ୍ନର ଏଭଳି ସୁନ୍ଦର ଆଉ ସହଜ ଉତ୍ତର ରମେଶ ପାଖରେ ଥାଏ । ତମେ ଏ ସବୁ କେମିତି ଜାଣିଲ କହିଲେ କୁହେ ମୋ ବୋଉ ମୋତେ ଏ ସବୁ କହିଥିଲା ।

- ହେଲେ ଏ ସବୁ ତ ମିଛ ।

- ହଁ ମିଛ । କିନ୍ତୁ କୁନାକୁ ଏବେ ଛୁଆ ଜନ୍ମ କେମିତି ହୁଏ ବୁଝେଇ ହେବ କି ? ସେ କିଛି ବୁଝିବ କି ?

- ଓଃ, କିନ୍ତୁ ସେ ଯେତେବେଳେ ସତଟା ଜାଣିବ ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଜାଣିବ ତ ନିଶ୍ଚୟ । କିନ୍ତୁ ସେତେବେଳକୁ ସେ ହେତୁ ପାଇ ସାରିଥିବ । ଆଉ ଏଇ କଥା ନିଜ ପିଲାଙ୍କୁ ଶୁଣାଇବା ପାଇଁ ହେତୁ ରଖିବ ।

ହେତୁ ବୋଲି ପଦଟିଏ ବାରମ୍ବାର ଶୁଣିବା ପରେ କୁନା ମା କହିଲା, ଆଚ୍ଛା ଏଇ ଯୋଉ ଟିଭିରେ ହେତୁବାଦି ବୋଲି ଶୁଣା ଯାଉଛି ସେଇଟା କଣ ? ରମେଶ କହିଲା, ସେମାନେ ହେଉଛନ୍ତି ଗୋଟିଏ ବିରଳ ପ୍ରଜାତିର ମାନବ ଯେଉଁମାନେ ପିଲାଦିନେ ଶୁଣିଥିବା ଗପକୁ ସତ ବୋଲି ଧରି ନେଇଛନ୍ତି ଆଉ ଜୀବନରେ ଉଧେଇ ନାହାନ୍ତି । ମାନେ ସେମାନେ ଯେତେବେଳେ ସତଟା କଣ ଜାଣିଲେ ସେତେବେଳେ ସେମାନେ ତାଙ୍କ ପିତାମାତା କହିଥିବା ଉତ୍ତର ଯେ ସେମାନଙ୍କୁ ସାମୟିକ ଭାବରେ ବୁଝେଇବା ପାଇଁ କହିଥିବେ ବୋଲି ସ୍ୱୀକାର କରିବାକୁ ରାଜି ନାହାନ୍ତି । ଶୁଣ କହୁଛି, ସେମାନେ ଯେତେବେଳେ ଛୋଟ ଶିଶୁ ହୋଇଥିଲେ, ତାଙ୍କ ବାପା ମା ଗ୍ରହଣ ଆଉ ସୂର୍ଯ୍ୟ ପରାଗ ବିଷୟରେ ବୁଝାଇବା ବେଳେ ନିଶ୍ଚୟ ଗପ ଶୁଣେଇଥିବେ, ଯେ ସୂର୍ଯ୍ୟ ଆଉ ଚନ୍ଦ୍ରକୁ ରାହୁ ଆଉ କେତୁ ଗିଳି ଦେଲେ ଏ ସବୁ ହୁଏ ବୋଲି ।

ସାମାନ୍ୟ ଭାବରେ କହିଲେ, ସାନ ପିଲାଙ୍କୁ ଭୌଗଳିକ ବିଜ୍ଞାନ ବୁଝେଇବା କଣ ସମ୍ଭବ । ହେଲେ ସେଇ ପିଲା ବଡ଼ ହେଲା ପରେ ଜାଣେ ଯେ ଗ୍ରହଣ ବା ପରାଗ କାହିଁକି ହୁଏ ! ଆଉ ପିଲାଦିନ କଥା ସବୁ ବାପା ମା ତାଙ୍କୁ ସହଜରେ ବୁଝେଇବା ପାଇଁ କହିଥିବେ ବୋଲି ମଧ୍ୟ ଜାଣିଥାଏ ।

ହେଲେ କିଛି ଲୋକଙ୍କ ହେତୁ ଜମା ସବଳ ନୁହେଁ, ସେମାନେ ଭାବନ୍ତି ପିଲାଦିନେ ଯାହା କୁହାଯାଇଥିଲା ତାହା ସେମାନଙ୍କୁ ଠକିବା ଉଦ୍ଦେଶ୍ୟରେ କୁହାଯାଇଥିଲା ଆଉ ଏହା ଧାର୍ମିକ ପୁସ୍ତକରେ ଲେଖି ଲୋକଙ୍କୁ ଠକା ଯାଉଚି । ସେମାନେ ଧରି ନେଇଛନ୍ତି ଏବେ ସୁଦ୍ଧା ସେଇ ରାହୁ କେତୁ ଗପକୁ ସତ ବୋଲି ଗ୍ରହଣ କରି ସମାଜ ଅନ୍ଧବିଶ୍ୱାସରେ ବୁଡ଼ି ରହିଛି । ତେଣୁ ସେମାନେ ଲୋକଙ୍କୁ ସଚେତନ କରିବାକୁ ଆଗେଇ ଆସନ୍ତି ଯେ ରାହୁ କେତୁ ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭ୍ରମ, ଏହା ଅନ୍ଧବିଶ୍ୱାସ । ସେମାନେ ଭୁଲି ଯାଆନ୍ତି ଯେ ଏଇ କଥା ଲୋକମାନେ ସ୍କୁଲରେ ପଞ୍ଚମ, ଷଷ୍ଠ ଶ୍ରେଣୀରୁ ହିଁ ବୁଝି ସାରିଛନ୍ତି ଆଉ ସମସ୍ତେ ଜାଣନ୍ତି ଗ୍ରହଣ ଆଉ ପରାଗ କେମିତି ହୁଏ ? ହେଲେ ସେମାନେ ବୁଦ୍ଧିମାନ ବୋଲି କେମିତି ଜଣା ପଡ଼ିବ, ତେଣୁ ସେମାନେ ରାହୁ କେତୁ ଗଳ୍ପ ଆଳରେ ଏଇ ଦିନ ମାନଙ୍କରେ ସାମାନ୍ୟ ଭାବରେ ମାନ୍ୟ ପାକତ୍ୟାଗ, ନୀତିନିୟମ ଇତ୍ୟାଦି ମଧ୍ୟ ଅନ୍ଧବିଶ୍ୱାସ ବୋଲି ଘୋଷଣା କରିବା ସହ ଲୋକଙ୍କ ସାମନାରେ ଲୋକଙ୍କ ଧାର୍ମିକ ଆସ୍ଥା ଓ ବିଶ୍ୱାସକୁ ଚାଲେଞ୍ଜ କରି ସେଇ ଦିନ ମାନଙ୍କରେ ଆମିଷ ଦ୍ରବ୍ୟ ଖାଆନ୍ତି ଏବଂ କହି ବୁଲନ୍ତି ଯେ ଦେଖ ଆମକୁ କିଛି ହେଲାନି ।

କୁନା ମା ପ୍ରଶ୍ନ କଲା, ହେଲା ଯେ । ଯଦି ଖାଇଲେ ଅସୁବିଧା ନାହିଁ ତାହେଲେ ପାକତ୍ୟାଗ କଥା କାହିଁକି କୁହାଯାଇଛି ?

- ଅତୀତରେ ଲୋକମାନେ ବଡ଼ ଘର ମାନଙ୍କରେ ରହୁଥିଲେ କି ? ହଜାର ହଜାର ବର୍ଷ ତଳେ ଲୋକମାନଙ୍କ ପାଇଁ ଚନ୍ଦ୍ର ଓ ସୂର୍ଯ୍ୟ ଶକ୍ତିର ପ୍ରତୀକ ଥିଲେ, ତେଣୁ ଗ୍ରହଣ ବା ପରାଗ ହେଲେ ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ଲୁଚି ଯାଉଥିଲେ ସେତେବେଳେ ସେମାନେ ନିଶ୍ଚୟ ଭାବରେ ଭୟଭୀତ ହୋଇଥିବେ ? ତେଣୁ ଏଇ ସମୟରେ ସେମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଘର ଭିତରେ ରହିବାକୁ ବାଧ୍ୟ ହୋଇଥିବେ । ତେଣୁ ସେହି କିଛି କ୍ଷଣ ରୋଷେଇ କାର୍ଯ୍ୟ ବି ବନ୍ଦ ହୋଇଥିବ । କାଳକ୍ରମେ ତାହା ଏକ ପ୍ରଥାରେ ପରିଣତ ହୋଇ ପାକତ୍ୟାଗ ଭଳି ନୀତି ସୃଷ୍ଟି ହୋଇଥିବ ବୋଲି ମୋତେ ଲାଗେ । ଗ୍ରହଣ ସରିଗଲେ ଲୋକମାନେ ନିଜେ ସ୍ନାନ କରିବା ସହ ବସ୍ତ୍ର ଓ ଘରକରଣା ସାମଗ୍ରୀ ସବୁ ମଧ୍ୟ ଧୋଇବା ଆରମ୍ଭ କରିଥିବେ । ଏହି ସବୁ କାଳକ୍ରମେ ପ୍ରଥା ବା ନିୟମ ହୋଇ ଯାଇଥିବ । ଏହି ସବୁ ପ୍ରଥାକୁ ତତ୍କାଳୀନ ଶାସକ ଏବଂ ପୂଜକ ବର୍ଗ ପାଳନ କରୁଥିବା ଦେଖି ସର୍ବସାଧାରଣ ମଧ୍ୟ ପାଳନ କରିବା ଆରମ୍ଭ କରି ଦେଇଥିବେ । ଯାହା ହଜାର ହଜାର ବର୍ଷରୁ ପାଳିତ ହୋଇ ଆସୁଛି ତାହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଶ୍ୱାସ ହେଉ ପଛେ ତା ପଛରେ କୌଣସି ବୈଜ୍ଞାନିକ ଗବେଷଣା ବା ସିଦ୍ଧାନ୍ତ ନାହିଁ, କିନ୍ତୁ ଏହାଦ୍ୱାରା କାହାର କୌଣସି ପ୍ରଭୂତ କ୍ଷତି ବି ତ ହେଉନାହିଁ, ତେଣୁ ମାନିଦେଲେ ଅସୁବିଧା ନାହିଁ ।

ଗ୍ରହଣ ବା ପରାଗ ସମୟର କଣ ରେଳ ଯାତାୟାତ ବନ୍ଦ ହୁଏ କି ? ନା, ତ କଣ ଲୋକମାନେ ଘର ବାହାରେ ରହନ୍ତି ନାହିଁ ? କାହାର କିଛି କ୍ଷତି ହୁଏ କି ? ତାହେଲେ ଘରୁ ବାହାରିବାକୁ କାହିଁକି ମନା କରାଯାଇଥାଏ ? କୁନା ମା ପ୍ରଶ୍ନ କଲା ।

- ଗ୍ରହଣ ବା ପରାଗ ସମୟରେ ଯେଉଁ ଭୌଗଳିକ ଅବସ୍ଥିତି ସୃଷ୍ଟି ହୁଏ ସେଥିରୁ ଅତିବାଇଗଣି ରଶ୍ମି ସମେତ ଅନେକ ରଶ୍ମି ତୀର୍ଯ୍ୟକ ଭାବରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରେ ଯାହା ସିଧା ଆଖିରେ ଦେଖିଲେ ଆଖିର ଦେଖିବା କ୍ଷମତା କମ ହୋଇପାରେ ବୋଲି ବୈଜ୍ଞାନିକ ସିଦ୍ଧାନ୍ତ ରହିଛି । ଅବଶ୍ୟ ଆମେ ପିଲାଦିନୁ ଶୁଣି ଆସିଚୁ ଯେ ଗ୍ରହଣ ସମୟରେ ଯଦି ଚନ୍ଦ୍ର ବା ସୂର୍ଯ୍ୟଙ୍କୁ ଚାହିଁବା ଆଖି ଖରାପ ହେଇଯିବ ତେଣୁ ପିତଳ ଥାଳିରେ ହଳଦୀ ପାଣି ରଖି ସେଥିରେ କେବଳ ପ୍ରତିବିମ୍ବ ହିଁ ଦେଖିବା ଉଚିତ । ଆମ ପୂର୍ବପୁରଷଙ୍କ ବିଜ୍ଞାନ ଜ୍ଞାନ ନଥିଲା ଯଦି ସେମାନେ ଏ ସବୁ କେମିତି ଜାଣିଥିଲେ ? ତ କଥା ହେଉଛି, ଆମେ ସବୁ ମଣିଷ । ଆମକୁ ଯାହା ମନା କରାଯିବା ଆମେ ସେଇୟା ହିଁ କରିବା । ବିଶେଷ କରି ଛୋଟ ଶିଶୁ । ତେଣୁ ଘରୁ ବାହାରିଲେ ସେମାନେ ନିଶ୍ଚୟ ଆକାଶକୁ ଚାହିଁବେ ଏବଂ ସେମାନଙ୍କ ଆଖି ଉପରେ ପ୍ରତିକୂଳ ପ୍ରଭାବ ପଡିବ ବୋଲି ଚିନ୍ତା କରି ପରିବାରର ସମସ୍ତ ସଦସ୍ୟ ଘରେ ରହିବାକୁ ଶ୍ରେୟସ୍କର ମାନିଥିବେ ।

ତାହେଲେ ଯେଉଁମାନେ ଟିଭିରେ ଆସି ଚିତ୍କାର କରି କହୁଛନ୍ତି ଯେ ତମେ ସବୁ ଅନ୍ଧବିଶ୍ୱାସରେ ବୁଡ଼ି ରହିଛ ବୋଲି ସେମାନଙ୍କୁ ଏଇ କଥା ବୁଝେଇ ଦେଲେ ସେମାନେ କଣ ବୁଝିବେ ନାହିଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ମୋତେ କାହିଁକି କେଜାଣି ଲାଗେ ସେମାନେ ସବୁ ଜାଣିଶୁଣି ଏ ସବୁ କରନ୍ତି । ଯୋଉ ସବୁ ଲୋକ ଟିଭିରେ ଆସନ୍ତି କିଏ ପ୍ରଫେସର ତ କିଏ ଓକିଲ, ସେମାନେ ତ ଆଉ ମୂର୍ଖ ନୁହନ୍ତି । ହେଲେ ସେମାନଙ୍କ ମତବାଦକୁ ଲକ୍ଷ୍ୟକଲେ ମନେ ହୁଏ ସେମାନେ ସନାତନ ହିନ୍ଦୁ ଧର୍ମର ପ୍ରାୟ ସମସ୍ତ ନୀତିନିୟମକୁ ଆକ୍ଷେପ କରନ୍ତି । ବିଶ୍ୱରେ ଅନେକ ଧର୍ମାବଲମ୍ବୀ ରହନ୍ତି ଏବଂ ପ୍ରାୟ ଅଧିକାଂଶ ଧର୍ମ ବା ପନ୍ଥାରେ ଅଗଣିତ କୁପ୍ରଥା ପ୍ରଚଳିତ ଥିଲେ ସୁଦ୍ଧା ଏମାନେ କେବେ ବି ସ୍ୱର ଉତ୍ତୋଳନ କରନ୍ତି ନାହିଁ । ତେଣୁ ଏମାନଙ୍କ ଆଭିମୁଖ୍ୟ ସବୁବେଳେ ସନ୍ଦେହରେ ହିଁ ରହେ । ସନାତନ ଧର୍ମର ବିଶାଳତା ଓ ବୈଜ୍ଞାନିକ ସିଦ୍ଧାନ୍ତ ହଜାର ହଜାର ବର୍ଷରୁ ପ୍ରମାଣିତ । ଆମ ଧର୍ମ ଗ୍ରନ୍ଥ ଆଧାରରେ ପ୍ରକାଶିତ ପଞ୍ଜିକା ଦ୍ୱାରା ସଠିକ୍ ଭାବରେ ସୌର ଓ ଚନ୍ଦ୍ର ଗଣନା କରାଯାଏ । ପୃଥିବୀ ଏବଂ ଗ୍ରହ ନକ୍ଷତ୍ର ଇତ୍ୟାଦି ବିଷୟରେ ଆମ ଧର୍ମ ହଜାର ହଜାର ବର୍ଷରୁ ଯେଉଁ ଜ୍ଞାନ ସଂଗ୍ରହ କରିଛି ତାହା ଅନ୍ୟ ସମସ୍ତ ଧର୍ମ ବା ସଭ୍ୟତା ବିଗତ ଚାରି ପାଞ୍ଚଶହ ବର୍ଷରେ ହିଁ ଜାଣିବାକୁ ପାଇଛନ୍ତି । ତେଣୁ ସ୍ୱାଭାବିକ କଥା ଆମ ଧର୍ମକୁ ନୀଚ ବୋଲି ପ୍ରମାଣିତ କରିବା ଉଦ୍ୟମ ଅନେକ ଶତାବ୍ଦୀରୁ ହୋଇ ଆସୁଛି । ଏହି ହେତୁବାଦ ମଧ୍ୟ ସେଇ ପ୍ରଚେଷ୍ଟାର ଅଂଶ ମାତ୍ର । ହେଲେ ଯେଉଁଭଳି ସୂର୍ଯ୍ୟ ଓ ଚନ୍ଦ୍ର ସତ୍ୟ, ଯେଉଁଭଳି ପୃଥିବୀର ଅସ୍ଥିତ୍ୱ ସତ୍ୟ ଠିକ୍ ସେଭଳି ସନାତନ ହିନ୍ଦୁ ଧର୍ମର ପ୍ରତ୍ୟେକ ନୀତିନିୟମ ସ୍ୱୟଂସଂପୂର୍ଣ୍ଣ ଏବଂ ସତ୍ୟ ଏଥିରେ ଦ୍ୱିମତ ନାହିଁ । ସେମାନେ ଚେଷ୍ଟା କରିଲେ ସୁଦ୍ଧା ପାରିବେ ନାହିଁ, ତେଣୁ ଆମର ଧାର୍ମିକ ଆସ୍ଥାକୁ ଦୋହଲାଇବାର ପ୍ରଚେଷ୍ଟା କରୁଛନ୍ତି । ଗ୍ରହଣ ଦିନ ମାଗଣାରେ ଚିକେନ ବିରିୟାନି ଖୋଇ ସମାଜରେ କଳୁଷ ପ୍ରସାର କରିବାର ଔଦ୍ଧତ୍ୟ ଦେଖାଉଛନ୍ତି । ଆମ ଧର୍ମରେ ସହନଶୀଳତା ବହୁତ ଅଧିକ ତେଣୁ ସେମାନେ ଏସବୁ କରି ପାରୁଛନ୍ତି । ହେଲେ ଯେଉଁଦିନ ଲୋକମାନେ ସହିବା ବନ୍ଦ କରିଦେବେ ସେଦିନ ଏମାନଙ୍କୁ ଲୁଚିବା ପାଇଁ ସ୍ଥାନ ମିଳିବ ନାହିଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଶା କରୁଛି ଉପରୋକ୍ତ କାହାଣୀ ପଢ଼ିବା ପରେ ବିଶ୍ୱାସ ହୋଇଥିବ ଯେ ଆମ ଧର୍ମ ସତରେ କେତେ ବୈଜ୍ଞାନିକ ବା ସୈଦ୍ଧାନ୍ତିକ । କିନ୍ତୁ ଯେଉଁମାନେ ଏହାକୁ କଳୁଷିତ କରିବାର ପ୍ରଚେଷ୍ଟା କରୁଛନ୍ତି ସେମାନଙ୍କୁ ଯେତେ ବୁଝେଇଲେ ସୁଦ୍ଧା ସେମାନେ ବୁଝିବେ ନାହିଁ । ତେଣୁ ଆଉ ଗୋଟିଏ କାହାଣୀର ଉପସ୍ଥାପନ କରିଛି । ଏହାକୁ ପଢ଼ନ୍ତୁ ଏବଂ ପଢ଼ାନ୍ତୁ ।

ଦିନେ ଜଣେ ଭଦ୍ରବ୍ୟକ୍ତି ଗୋଟିଏ ନୂଆ ଗାଆଁ ବୁଲିବାକୁ ଗଲେ । ସେଇଠି ସବୁକିଛି ଅଜଣା ଓ ଅପରିଚିତ । ତଥାପି ନିଜର ବୁଦ୍ଧି ଓ ବିବେକ ବଳରେ ସେ ସେହି ସ୍ଥାନକୁ ନିଜେ ଦେଖିବା ଯୋଜନା କଲେ । ଗୋଟିଏ ବିଶାଳ ପୁଷ୍କରିଣୀ କୂଳରେ ପହଞ୍ଚିବା ପରେ ସେ ପାଦ ଧୋଇବା ଆଶାରେ ଆଗକୁ ଯାଉଥିବା ବେଳେ ଜଣେ ବୟସ୍କ ବ୍ୟକ୍ତି କହିଲେ, ବାପା ଟିକେ ଦେଖିକି ପାଦ ପକାଅ, ସେଇଠି ବହୁତ ଶିଉଳି ହୋଇଛି, ଗୋଡ଼ ଖସି ଯାଇପାରେ ।

ସେ ସହସା ନିଜକୁ ସମ୍ଭାଳି ନେଲେ ଆଉ ପାଦ ଚିପି ଚିପି ତଳକୁ ଓହ୍ଲାଇଲେ । ତାଙ୍କୁ ଦେଖୁଥିବା ଅନ୍ୟ ପର୍ଯ୍ୟଟକ ମାନେ ବି ଠିକ୍ ସେମିତି କରୁଥିଲେ । ସେ ଯେତେ ସବୁ ସ୍ଥାନ ବୁଲି ଦେଖିଲେ ସବୁଠି ଏମିତି ଅନେକ ବୟସ୍କ ଲୋକମାନେ ତାଙ୍କୁ ସାହାଯ୍ୟ କରୁଥିଲେ ଆଉ ସେହି ସ୍ଥାନରେ କିଭଳି ସାବଧାନ ରହିବେ ତାହା ବୁଝେଇ ଦେଉଥିଲେ । ବ୍ୟକ୍ତିଜଣକ ସେମାନଙ୍କ ପରାମର୍ଶ ନେଇ ନିଜର ଯାତ୍ରା ସହଜରେ ସାରିଦେଲେ । ତାହା ପରଠାରୁ ସେ ଅନେକ ଥର ସେହି ସ୍ଥାନକୁ ଯାଇଛନ୍ତି, ସବୁବେଳେ ସେଇ ବୟସ୍କ ଲୋକଙ୍କର ଉପଦେଶକୁ ସ୍ମରଣ କରି ନିଜେ ତଥା ନିଜ ପରିବାରକୁ ସକୁଶଳ ବୁଲାଇ ଆଣିଛନ୍ତି । ତାଙ୍କ ଅନୁସରଣ କରି ଅନେକ ବ୍ୟକ୍ତି ମଧ୍ୟ ସୁରକ୍ଷିତ ବୁଲି ଆସିଛନ୍ତି ।

ଦିନ ବଦଳିଛି, ପୋଖରୀ ହୁଡ଼ା ଏବେ ସିମେଣ୍ଟ ହେଇଗଲାଣି । ମନ୍ଦିର ବେଢ଼ାରେ ବି ଆଉ ପାଦ ଖସୁନାହିଁ, କିନ୍ତୁ ଲୋକମାନେ ପୂର୍ବବତ ସବୁ ନିୟମ ଭଳି ମାନି ବୁଲୁଛନ୍ତି ।

ଯୁଗ ବଦଳୁଛି ଏବଂ ଲୋକମାନଙ୍କ ଧାରଣା ଏବଂ ଦୃଷ୍ଟିଭଙ୍ଗୀ ବି ବଦଳିଛି । ବୟସ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକଙ୍କର ଅତି ସାବଧାନତା ଏବେ ନୂତନ ପୀଢ଼ି ପାଇଁ ଅନ୍ଧବିଶ୍ୱାସ ମନେ ହେଉଛି । ସେମାନେ ସମୟର ପରିବର୍ତ୍ତନ ଏବଂ ନୂତନ ଜ୍ଞାନ କୌଶଳ ଜୀବନକୁ ସହଜ କରିଦେବା କଥା କହି ପୁରାତନ ଧାରଣାକୁ ଟାହି ଟାପରା କରୁଛନ୍ତି । ଯେଉଁଠି ପାଦ ଚିପି ଚିପି ଲୋକମାନେ ଚାଲିଛନ୍ତି ସେଇଠି ସେମାନେ ଖାଲି ପାଦରେ ଧପ ଧପ୍ ହୋଇ ଚାଲି ପ୍ରମାଣ କରିବାକୁ ଲାଗିଛନ୍ତି ଯେ ତମେ ସବୁ ଅନ୍ଧ । କିଏ କେତେବେଳେ କଣ କହି ଦେଇ ଯାଇଥିଲା ତାହାକୁ ଏବେ ବି ପାଳନ କରୁଛ !!!

ଉପରୋକ୍ତ କାହାଣୀ ପଢ଼ିବା ପରେ ଆପଣ ଜାଣି ସାରିଥିବେ ଏହା କାହିଁକି ଲେଖା ଯାଇଛି । ସେହି ସ୍ଥାନ ହେଉଛି ଆମ ରାଜ୍ୟ ବା ଦେଶ ବା ଜଗତ । ଏଠି ଆମେ ଆସିବା ବେଳେ ଆମର କୌଣସି ଭୌତିକ ଜ୍ଞାନ ନଥାଏ । ସବୁକିଛି ଆମକୁ ଶିଖିବାକୁ ହୁଏ ଏବଂ ଶିକ୍ଷା ଦ୍ୱାରା ଆମେ ଆମ ଜୀବନକୁ ସହଜ ଓ ସରଳ ଭାବରେ ଚଳାଇ ଥାଉ । ହେଲେ ଆମ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ଉପଦେଶ ଅନୁସାରେ ଜୀବନକୁ ପାଳନ କଲେ ଆମକୁ କୌଣସି ଅସୁବିଧା ପଡ଼େ ନାହିଁ ଏବଂ ଅଧିକନ୍ତୁ ଏହି ସବୁ ଉପଦେଶ ଜନ କଲ୍ୟାଣ ପାଇଁ ହିଁ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ପାଳନ କରିବା ଦ୍ୱାରା ଆମେ କାହାର କୌଣସି ପ୍ରଭୂତ କ୍ଷତି କରିବା ନାହିଁ । ତେଣୁ ଏହି ସବୁ ଉପଦେଶ ଆମେ ମାନିଥାଉ ।

ହେଲେ କିଛି ସ୍ୱଘୋଷିତ ବୁଦ୍ଧିଜୀବୀ ଆମର ଏହି ବିଶ୍ୱାସ ଓ ଧାରଣାକୁ ମୁଳଭୂତ ଭାବେ ଅନ୍ଧବିଶ୍ୱାସ ବୋଲି କହି ଦେଇ ତାଚ୍ଛଲ୍ୟ କରିବାକୁ ଆଗେଇ ଆସନ୍ତି । ମୋ ପୂର୍ବପୁରୁଷ ମୋତେ କଦାପି ଏଭଳି କୌଣସି ଉପଦେଶ ଦେଇ ନାହାନ୍ତି ଯାହା ଜଗତ ପାଇଁ ହାନିକାରକ ହୋଇପାରେ । ସର୍ବଦା ଜଗତ କଲ୍ୟାଣ କଥା ହିଁ ଆମେ ଶୁଣି ଆସିଚୁ । ଅବଶ୍ୟ ଏହି ପୃଥିବୀ ପୃଷ୍ଠରେ ଅନେକ ଧର୍ମ ବା ପନ୍ଥା ରହିଛି ଯେଉଁଠି ମୂଳତଃ ମୌଳବାଦୀ ଚିନ୍ତାଧାରା ବ୍ୟାପ୍ତ ରହିଛି । ସେମାନେ ଜଗତ କଲ୍ୟାଣ ଅପେକ୍ଷା ନିଜ ଧର୍ମର ବ୍ୟାପ୍ତି ଚାହାନ୍ତି, କିନ୍ତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୌଭାଗ୍ୟର ବିଷୟ ମୋ ପରିବାର ମୋତେ ବସୁଦେବ କୁଟୁମ୍ବକମ୍ ମନ୍ତ୍ରରେ ଦୀକ୍ଷିତ କରାଇଛନ୍ତି । ମୋ ପାଇଁ ସମଗ୍ର ବିଶ୍ୱ ଏକ ପରିବାର । ଆଉ ଏହି ପରିବାରକୁ ସୁରକ୍ଷିତ ରଖିବା ପାଇଁ ଯେଉଁ ସବୁ ଉପଦେଶ ଦିଆଯାଇଛି ତାହା ଦ୍ୱାରା କାହାର କୌଣସି କ୍ଷତି ହେଉନାହିଁ । ଅଥଚ ସେହି ସବୁ ଉପଦେଶକୁ ଅନ୍ଧବିଶ୍ୱାସ ବୋଲି ସର୍ବସମ୍ମୁଖରେ ଘୋଷଣା କରିବା ବେଳେ ବୁଦ୍ଧିଜୀବୀ ମାନେ ଭୁଲି ଯାଆନ୍ତି ଯେ ପୃଥିବୀ ପୃଷ୍ଠରେ ଜୀବନ ଧାରଣର ମୁଖ୍ୟ ସହାୟକ ହେଉଛି ବିଶ୍ୱାସ ।

ବାପା ମାଆଙ୍କ ସ୍ନେହ, ପତି ପତ୍ନୀଙ୍କ ପ୍ରେମ, ଭାଇ ଭାଇର ସ୍ନେହ, ବନ୍ଧୁମାନଙ୍କ ବନ୍ଧୁତା ସବୁକିଛି ବିଶ୍ୱାସର ଭିତ୍ତିଭୂମି ଉପରେ ହିଁ ରହିଛି । ଏହି ସବୁ ସ୍ଥଳରେ ବିଶ୍ୱାସକୁ କେମିତି ପ୍ରମାଣିତ କରିହେବ ? ଏଠି ବିଶ୍ୱାସ କଣ ଆଖିରେ ଦେଖାଯାଏ କି ? ଏହି ସବୁ ସ୍ଥାନରେ ଥିବା ବିଶ୍ୱାସକୁ ବିଜ୍ଞାନ ପ୍ରମାଣିତ କରି ଦେଇ ପାରିବ କି ? ତାହେଲେ ଯଦି ଆପଣ ନିଜ ସ୍ତ୍ରୀ କିମ୍ବା ସନ୍ତାନ ଉପରେ ଆଖିବୁଜି ବିଶ୍ୱାସ କରୁଛନ୍ତି ଆପଣ ବିଜ୍ଞାନର ସିଦ୍ଧାନ୍ତରେ ଅବହେଳା କରୁନାହାନ୍ତି କି ? ଯଦି ସବୁ ଘଟଣା, ନୀତି ନିୟମ ପାଇଁ ଆପଣ ବୈଜ୍ଞାନିକ ମତବାଦକୁ ହିଁ ପ୍ରୋତ୍ସାହନ ଦେବାକୁ ବଦ୍ଧ ପରିକର ହୋଇଛନ୍ତି ତାହେଲେ ନିଜର ସବୁଠାରୁ ନିଜସ୍ୱ ଭଳି ମନେ ହେଉଥିବା ସମ୍ପର୍କକୁ ମଧ୍ୟ ସେହି ନିକିତିରେ ତଉଲି ଦେଖିପାରିବେ କି ? ଯଦି ନା, ତାହେଲେ ଯେମିତ ଆପଣଙ୍କ ବିଶ୍ୱାସ ଉପରେ ଆପଣଙ୍କ ବିଶ୍ୱାସ ରହିଛି ଠିକ୍ ସେଭଳି ଅନ୍ୟମାନଙ୍କ ବିଶ୍ୱାସ ବି ମୂଲ୍ୟହୀନ ନୁହେଁ ବୋଲି ଜାଣି ରଖନ୍ତୁ ।

ମୋତେ ଭଗବାନଙ୍କ ମଧ୍ୟରେ ମୋର ସବୁ ସମ୍ପର୍କ ଦେଖାଯାଏ । ଖୁସିରେ ଥିଲେ ବନ୍ଧୁ ଭଳି ମନେ ହୁଏ ଆଉ ଦୁଃଖରେ ଥିଲେ ପିତାମାତା ଭଳି ମାନେ ହୁଏ । ଏହା ମୋର ବିଶ୍ୱାସ । ଏହି ବିଶ୍ୱାସକୁ ମୁଁ ମୋ ଚର୍ମ ଚକ୍ଷୁରେ ଦେଖିନାହିଁ ସତ ହେଲେ ବିଶ୍ୱାସ ତ ଅଛି । ଯେମିତି ଆପଣ ନିଜ ପିତାମାତାଙ୍କ ଉପରେ ବିଶ୍ୱାସ କରନ୍ତି ଠିକ୍ ସେମିତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଜାଣିଛି ଆପଣ ମୋର ଏହି ଆଲେଖ୍ୟ ପଢ଼ିବା ପରେ ବୁଝିବା ପରିବର୍ତ୍ତେ କେମିତି ନୂଆ ପ୍ରଶ୍ନ ପଚାରି ମୋତେ ଅସୁବିଧାରେ ପକାଇବ ସେଇ କଥା ମନରେ ଚିନ୍ତା କରୁଥିବେ, କାରଣ ଆପଣଙ୍କ ମନ ଓ ମସ୍ତିଷ୍କ କେବଳ ଦୃଶ୍ୟ ଏବଂ ଶ୍ରାବ୍ୟ ବସ୍ତୁକୁ ହିଁ ସତ୍ୟ ବୋଲି ମାନେ । ଆପଣ ବିଶ୍ୱାସର ପ୍ରକୃତ ଅର୍ଥ ଜାଣି ନାହାନ୍ତି କିମ୍ବା କଳା ଚଷମା ପିନ୍ଧିଦେଇ ସବୁକିଛି କଳା ବୋଲି କୁହାଇବାରେ ବ୍ୟସ୍ତ ଅଛନ୍ତି । ନିଜ ଆଖି ଉପରେ ପିନ୍ଧିଥିବା ଚଷମା ଖୋଲି ଦିଅନ୍ତୁ, ଜ୍ଞାନ ଚକ୍ଷୁରେ ଦେଖନ୍ତୁ ଯାହାକୁ ଆପଣ ଅନ୍ଧବିଶ୍ୱାସ କହୁଛନ୍ତି ସେ ସବୁ ଆମ ଜୀବନକୁ ସରଳ କରିବା ପାଇଁ ଆମ ପୂର୍ବପୁରୁଷଙ୍କ ଦ୍ୱାରା ଦିଆଯାଇଥିବା କିଛି ଅଣହାନିକାରକ ଉପଦେଶ ମାତ୍ର । ଆପଣଙ୍କୁ ଇଚ୍ଛା ନାହିଁ ସେହି ସବୁ ଉପଦେଶ ମାନନ୍ତୁ ନାହିଁ, କିନ୍ତୁ ଯେଉଁମାନେ ମାନନ୍ତି ସେମାନଙ୍କୁ ତାଚ୍ଛଲ୍ୟ କରନ୍ତୁ ନାହିଁ ।

ଏହି ସ୍ୱଘୋଷିତ ବୁଦ୍ଧିଜୀବି ବା ହେତୁଜୀବି ବା ହେତୁବାଦୀ ନିଜକୁ ଧର୍ମରହିତ ବୋଲି ଘୋଷଣା କରିବାରେ ଗର୍ବ ଅନୁଭବ କରନ୍ତି । ସେମାନେ କୌଣସି ଧର୍ମରେ ବିଶ୍ୱାସ କରନ୍ତି ନାହିଁ, ପୂଜା ପର୍ବପର୍ବାଣୀକୁ ମାନନ୍ତି ନାହିଁ । ମନ୍ଦିର ଦେବାଳୟରେ ପ୍ରବେଶ କରନ୍ତି ନାହିଁ । କିନ୍ତୁ କେବଳ ହିନ୍ଦୁ ଧର୍ମରେ ହିଁ ଏମାନଙ୍କୁ ଅନ୍ଧବିଶ୍ୱାସ ଦେଖାଯାଏ ଆଉ ସେତେବେଳେ ଆଗେଇ ଆସନ୍ତି ସମାଜ ସୁଧାରକ ହେଇ । ଅନ୍ୟଧର୍ମର ଲୋକମାନେ ମାସ ମାସ ଉପବାସ କରୁଥିବା ବେଳେ କାହିଁକି ଏହା ଅନ୍ଧବିଶ୍ୱାସ ଏବଂ ଏହା ପାଳନ କରନାହିଁ କହି ଚିକେନ୍ ବିରିୟାନୀ ପାର୍ଟି କରୁନାହଁ ବୋଲି କିଛି ବ୍ୟକ୍ତି ପ୍ରଶ୍ନ କରିବାପରେ ଜଣେ ମତଦେଲେ ଯେ ପ୍ରଥମେ ଆମ ନିଜ ଘରର ଅନ୍ଧକାର ଦୂର କରିବା ପରେ ଅନ୍ୟ ଘରକୁ ଦେଖିବା । ଅର୍ଥାତ ହିନ୍ଦୁ ଧର୍ମକୁ ସେ ନିଜ ଘର ବୋଲି କହିଲେ, କିନ୍ତୁ ସେ ତ ନିରୀଶ୍ୱରବାଦୀ, ତା ହେଲେ ହିନ୍ଦୁ ଧର୍ମକୁ ଆଲୋକିତ କରିବା ଭଳି ଦୁଃସାହସ ସେ କାହିଁକି କରୁଛନ୍ତି ? ଯଦି ସେ ହିନ୍ଦୁ ନୁହନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ହେଲେ ଆମ ଧର୍ମ ଓ ଧାର୍ମିକ ଆସ୍ଥାକୁ ପ୍ରଶ୍ନବାଚୀ କରିବାକୁ ତାଙ୍କୁ କିଏ ଅଧିକାର ଦେଲା ? ଏହିଭଳି ପ୍ରସଙ୍ଗ ଆସିଲେ, ସେମାନେ ଲାଞ୍ଜ ଲୁଚେଇ ନିଜେ ଉଭେଇ ଯାଆନ୍ତି ।

ଅନ୍ଧବିଶ୍ୱାସ ବିରୋଧରେ ଲେଖାଯାଇଥିବା କଥା ଓ ପ୍ରବନ୍ଧ ଆହ୍ୱାନ ପତ୍ରିକାରେ ପ୍ରକାଶିତ ହୋଇଥିଲା, କିନ୍ତୁ ଯାହା ମନେ ହେଉଛି, କାଠକୁ ଉଇ ଖାଇଦେଇ ଗଲାପରି ଏହି ହେତୁବାଦୀ ଗୋଷ୍ଠୀ ଆମ ସମାଜରେ କଳୁଷ ବ୍ୟାପିବାରେ ସହାୟତା କରୁଛନ୍ତି ଏବଂ ଆମ ଧର୍ମ ତଥା ବିଶ୍ୱାସକୁ ପ୍ରଶ୍ନବାଚୀ କରିଦେଇ ଅଦାଲତି କାଠଗଡ଼ାରେ ଛିଡ଼ା କରି ଦେଉଛନ୍ତି, ତେଣୁ ଏହିଭଳି କୌଣସି ସାହିତ୍ୟ ବା ପ୍ରବନ୍ଧକୁ ଭବିଷ୍ୟରେ ଆହ୍ୱାନ ଇ-ପତ୍ରିକାରେ ସ୍ଥାନ ଦିଆଯିବ ନାହିଁ, ଯାହା ବିଶାଳ ସନାତନ ଧର୍ମକୁ ପ୍ରଶ୍ନବାଚୀ କରୁଥାଏ ।

ଆଶା କରୁଛି ଚଳିତ ମାସର ସଂସ୍କରଣ ଆପଣଙ୍କୁ ଭଲ ଲାଗିଥିବ । ଯଦି ଆପଣଙ୍କୁ ଆମର ଏହି ପତ୍ରିକା ଭଲ ଲାଗେ ତା ହେଲେ ଏହାକୁ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରନ୍ତୁ ଏବଂ ନିଜେ ଓଡ଼ିଆ ଭାଷାରେ ଲେଖିବା ଓ ପଢ଼ିବା ସହ ପଢ଼ାଇବାର ପ୍ରଚେଷ୍ଟା କରନ୍ତୁ । ଆମର ପୋଡ଼କାଷ୍ଟ ଚାନେଲରେ ଓଡ଼ିଆ ଭାଷାରେ ପ୍ରକାଶିତ ଅଗଣିତ ଗଳ୍ପ ଓ ପ୍ରବନ୍ଧ ରହିଛି ସେ ସବୁ ମଧ୍ୟ ଶୁଣିବାକୁ ଚାହୁଁଥିଲେ ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଥିବା ଲିଙ୍କରେ କ୍ଲିକ୍ କରନ୍ତୁ ।

ଧନ୍ୟବାଦ ।

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ,

ଆହ୍ୱାନ ଇ - ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୬



ଅଶୋକ ବିଶ୍ୱାଳ

ତଥାପି ଟିମର ଲୋକେ ସତର୍କ ଥାଆନ୍ତି । ବାଘ ସିନା ଶୋଇଯାଇଛି, ହୁଏତ ପୁରା ଅଚେତ ହୋଇ ନଥିବ । ଶଟ ଫାୟାର କରିବାର ପ୍ରାୟ ୧୦-୧୫ ମିନିଟ ପରେ ବାଘ ପୁରା ଅଚେତ ହୋଇଯିବ । ସେମାନେ ସେ ପର୍ଯ୍ୟନ୍ତ ଅପେକ୍ଷା କଲେ । ସେମାନଙ୍କର ସାବଧାନତା କିଛି କମ ହେଉ ନଥିଲା । ବାଘର ଆଖିଟା ଟିକେ ଖୋଲାଥିଲା । ସାଧନବାବୁ ଏକ ଲମ୍ବା ବାଡି ନେଇ ବାଘ ଆଖି ଆଗରେ ହଲାଇଲେ । କିଛି ପ୍ରତିକ୍ରିୟା ନାହିଁ । ବାଘ ଅଚେତ ନହୋଇଥିଲେ ସାଙ୍ଗେ ସାଙ୍ଗେ ବାଡିକୁ କାମୁଡିଦେବ । କିଛି ସେମିତି କିଛି ଘଟିଲାନି । ତଥାପି ଲୋକେ ପାଖକୁ ଗଲେନାହିଁ ।

"ବାଘ ଘୁଙ୍ଗୁଡି ମାରିଲାଣି ।"- ମଣ୍ଡଳବାବୁ କହିଲେ । ସେ ତାଙ୍କର ବନ୍ଧୁକ ତଳକୁ କରିଦେଲେ । ଏତେ ସମୟଧରି ସେ ବଡ଼ ଟେନସନରେ ଥିଲେ । ତାଙ୍କ ମୁହଁରୁ ହସ ବାହାରି ଆସିଲା । ଏବେ ବାଘପୁରା ଅଚେତ ହୋଇଗଲାଣି । ଔଷଧ ପ୍ରଭାବରେ ଅଚେତ ହୋଇଗଲେ ବାଘ ମୁହଁରୁ ଘଡଘଡ ଶବ୍ଦ ବାହାରେ ।

ସମସ୍ତେ ଆଶ୍ୱସ୍ତ ହେଲେ । ଗୋଟିଏ ବଡ଼ କାମ ସମ୍ପୂର୍ଣ୍ଣ ହେଲା । ବାଘଟା ଏମିତି ଅସୁବିଧା ଯାଗାର ପଡିନଥିଲା । ସେଇଠୁ ବାଘକୁ ବାହାରକୁ ଆଣିବା ସହଜ । ଚାରିଆଡୁ ଜାଲି ଖୋଲି ଦିଆଗଲା । ଦଳର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଲୋକ ମିଶି ବାଘକୁ ଯନ୍ତା ଭିତରେ ରଖିବେ । ବାଘର ଓଜନ ୧୦୦ କିଲୋରୁ ଅଧିକା । ପାଞ୍ଚ ଦଶଜଣ ମିଶି ତା'କୁ ଉଠାଇବେ । କିଛି ସହଜ କଥା ନୁହେଁ । ଲୋକମାନେ ଜଲଦି ଜଲଦି ଜାଲ ଗୁଡାଇଲେ । କିଛି ଲୋକ ଜନ୍ତାକୁ ବାଘର ପାଖକୁ ନେଇ ଆସିଲେ ।

"ଆରେ ବାଘ ଅଚେତ ହୋଇଗଲା ।"- ଭୋଲା ପୁଣି ଦୂରରୁ ବୋବାଳି ପକାଇଲା । ଜାଲ ଖୋଲିବା ଅର୍ଥ ବାଘ ତରଫରୁ ଆଉ ବିପଦ ନାହିଁ । ତା'ର ମନ ମାନୁନଥିଲା । ସେ ବିଭାଗର ଲୋକଙ୍କୁ ପଚାରିଦେଲା । ସେମାନେ କିଛି ଉତ୍ତର ଦେଲେନି । କିନ୍ତୁ ମୁହଁରେ ଫୁଟିଥିବା ହସରୁ ସେ କଥା ଅନ୍ଦାଜ କରିନେଲା । ବାଘ ଧରିବା କାମଟା ହୋଇଗଲା । ଅନ୍ୟ ଲୋକମାନେ ତା' ଉପରକୁ ମାଡି ଆସୁଥିଲେ । କିନ୍ତୁ ସେ ଆଗରୁ ପାଟିକରି ସମସ୍ତଙ୍କୁ କଥାଟା ଜଣାଇଦେଲା ।

ଏ ଭିତରେ ମଣ୍ଡଳବାବୁ ନିଜେ ବାଘ ମୁହଁରେ ଏକ ମୋଟା କପଡା ପକାଇଦେଲେ । ବାଘର କିଛି ହଲ୍‌ଚଲ୍ ନାହିଁ । ଏ କପଡା ପକାଇବାର ଅର୍ଥ ହେଉଛି ବାଘ ଆଖିଟା ଅନ୍ଧାରରେ ରହିବ । କଣ ଘଟୁଛି ଜାଣି ପାରିବନି । ଯଦି ସାମାନ୍ୟ ଚେତା ଥାଏ ତେବେ ହଠାତ୍ କାମୁଡି ପାରିବନି । କିନ୍ତୁ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଘର ଲାଳ କାହା ହାତରେ ନଲାଗୁ । ବାଘ ଦେହରେ ଔଷଧ କାମ କରୁଛି । ତା'ର ଲାଳରେ ମଧ୍ୟ ଔଷଧର ଗୁଣ ଥିବ । ସେ ଔଷଧ ପ୍ରଭାବରେ ଲାଳ ଲାଗିଥିବା ବ୍ୟକ୍ତି ଅସୁସ୍ଥ ହୋଇଯିବ । ବାଘର ମୁଣ୍ଡକୁ ହାଲୁକା ଭାବରେ କପଡାରେ ଘୋଡାଇ ଦିଆଗଲା ଯେମିତିକି ତା'ର ନିଃଶ୍ୱାସ ନେବାରେ କିଛି ଅସୁବିଧା ହେବନାହିଁ । ତାପରେ ଲୋକମାନେ ବାଘକୁ ଉଠାଇ ଜନ୍ତା ଭିତରେ ପୁରାଇଦେଲେ ଦୁଆର ବନ୍ଦ କରିଦେଲେ । ଜନ୍ତାର ସବୁ ରଡ ଆଉ ଦ୍ୱାରକୁ ପୁଣିଥରେ ଭଲଭାବେ ପରଖି ନିଆଗଲା । କିଛି ଅସୁବିଧା ନାହିଁ । ବାଘ ଆଉ ଜନ୍ତାରୁ ବାହାରି ପାରିବ ନାହିଁ । ଏକ ବଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିନ୍ତା ଗଲା । କିଛି ଅସୁବିଧା ହୋଇନି । ଜନ୍ତାକୁ ଏକ ସୁବିଧା ଯାଗାକୁ ବୋହି ନିଆଗଲା ।

"ବାଘ ଧରାହେଲା । ବାଘ ଧରା ହେଲା ।"- କହି ଭୋଲା ନାଚିଗଲା । ତା' ସାଙ୍ଗରେ ଗାଁର ଟୋକାଦଳ ନାଚିଗଲେ ।

"କାକୀ ତୋ ନାଲିକୁକୁର ଧରାହେଲା । ଦେଖିବୁ ଆ ।"- ଭୋଲା ଜୋରରେ ହେମ କାକୀକୁ ଡାକ ପକାଇଲା । କାକୀ ତା କଥା ଶୁଣିପାରିଥିବେ କି ନାହିଁ କିଏ ଜାଣେ । କିନ୍ତୁ ଗାଁରୁ ଦଳଦଳ ହୋଇ ଝିଅ ମାଇପେ ଛୁଟି ଆସିଲେ । କିନ୍ତୁ କାହାକୁ ଜନ୍ତା ପାଖକୁ ଆସିବାକୁ ଦିଆଗଲା ନାହିଁ । ଏତେ ଲୋକପାଖକୁ ଆସିଲେ କେବଳ ବିପଦ ବଢ଼ିବ । ଏ ଲୋକମାନେ କେବଳ ଦେଖିବା ଛଡ଼ା କିଛି କରି ପାରିବେ ନାହିଁ ।

ଏ ଭିତରେ ଭୋଲା କହିବୋଲି ବାଘ ବୋହିବା କାମରେ ନିଜ ହାତ ବଢ଼ାଇଲା । ଟୋକାଟା ଜନ୍ତା ବୋହୁ । କିଛି ଅସୁବିଧା ନାହିଁ । ଭୋଲା ପାଖକୁ ଆସିବା କଥା ନୁହେଁ । କିନ୍ତୁ ଭୋଲା ବହୁତ କାକୁତି ବିନତି କରି ଜନ୍ତା ବୋହିବା କାମଟା ଆପଣେଇ ନେଇଥିଲା । ଭୋଲାକୁ ବାଘ ଦେଖିବାକୁ ସହଜ ହେଲା ।

ବାଘ ଏ ଭିତରେ ପ୍ରାୟ ୧୫ ମିନିଟ ହେଲା ଜନ୍ତା ଭିତରେ ଅଛି । ଅଚେତ ସମୟ ଅତିବେଶିରେ ୧୫-୨୦ ମିନିଟ । ଧୀରେଧୀରେ ଚେତା ଫେରିବ । ମଣ୍ଡଳ ଆଉ ସାଧନବାବୁ ବାଘକୁ ଅନାଇ ରହିଥିଲେ । ଡୋଜ ଅଧିକ ହୋଇଗଲେ ବାଘ ମରିଯିବ, ଆଉ ଚେତା ଫେରିବନି । ଯଦି ବାଘ ବେଶି ଅସୁସ୍ଥ ଥିବ ତାହେଲେ ଅନର୍ଥ ହୋଇ ଯାଇପାରେ । ବାଘ ଟିକେ ଭିଡି ମୋଡିହେଲା । ତା'ର ଚେତା ଫେରୁଛି । ଏମିତି କିଛି ସମୟ ପରେ ହଲି ଦୋହଲି ଠିଆ ହେଲା । ବାଘର କିଛି ଅସୁବିଧା ହୋଇନି । ଟ୍ରାଙ୍କୁଲାଇଜର କାମ ଠିକ ଭାବରେ ହୋଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣ୍ଡଳବାବୁ ଆଉ ସାଧନବାବୁ ତଳେ ବସି ପଡିଲେ । ମଣ୍ଡଳବାବୁଙ୍କ ପକେଟରେ ଏକ ଲମ୍ବା ସିଗାରେଟ ଥିଲା । ସେ ସବୁବେଳେ ଏକ ସିଗାରେଟ ପ୍ୟାକେଟ ଟ୍ରାଙ୍କୁଲାଇଜର କାମ କରିବା ସମୟରେ ରଖିଥାନ୍ତି । ବିରାଟ ଟେନସନପରେ କିଛି ସିଗାରେଟ ଟାଣିବାକୁ ତାଙ୍କୁ ଭଲଲାଗେ । ଏକ ଲମ୍ବା ଗରମ ଧୂଆଁ ପାଣିଭଳିଆ ଫୁସଫୁସ ଭିତରକୁ ବୋହିଯିବ । ସେଥିରେ ମନ ହାଲୁକା ହୋଇଯାଏ । ସିଗାରେଟ ଧୂଆଁ ଆଉ ତାଙ୍କ କାମ ସରିବା ଭିତରେ ଏକ ବଡ଼ ସମ୍ବନ୍ଧ ଅଛି । ସେ ପୁଣାଏ ଲମ୍ବା ଧୂଆଁ ଭିତରକୁ ନେଲେ । ତାଙ୍କର ଖୋଲା ସିଗାରେଟ ପ୍ୟାକେଟଟା ସାଧନବାବୁଙ୍କ ଆଡକୁ ବଢିଗଲା । ସାଧନବାବୁଙ୍କୁ ସେ ବଡଭାଇ ମାନନ୍ତି । ଏ ସମୟରେ ଦୁଇଜଣ ଦୁଇସାଙ୍ଗଙ୍କ ଭଳି ସିଗାରେଟ ଟାଣନ୍ତି ।

ବାଘ ଆଗରେ ପାଣି ଏକ ପାତ୍ରରେ ରଖି ଦିଆଯାଇଥିଲା । ଜନ୍ତୁ ଭିତରେ ବାଘ ଚାକୁଚାକୁ କରି ପାଣି ପିଇବାକୁ ଲାଗିଲା । ଆଉ ଟ୍ରାଙ୍କୁଲାଇଜର ଟିମକୁ କିଛି କରିବାକୁ ନାହିଁ । ରାତିରେ ସମୟ ଦେଖି ବାଘକୁ ଗାଁରୁ ରେଞ୍ଜ ଅଫିସକୁ ସ୍ଥାନାନ୍ତରଣ କରିଦିଆଯିବ । ସେଠି ତା'କୁ ଡାକ୍ତର ପରୀକ୍ଷା କରିବେ । ବଡ଼ ଅଫିସରଙ୍କ ଆଦେଶ ଅନୁସାରେ ଅନ୍ୟ ସମୟରେ ବାଘକୁ ଆଉ କେଉଁ ଯାଗାରେ ଛାଡି ଦିଆଯିବ ।

ଏବେ ସମସ୍ତଙ୍କର ଛୁଟି । ସମସ୍ତେ ତଳେ ବସି ପଡିଲେ । ଅନ୍ଧାର ହୋଇ ଆସିଲାଣି । ଲୋକେ ଘରକୁ ଫେରିଯିବେ । କିନ୍ତୁ ଡିପାର୍ଟମେଣ୍ଟ ଲୋକେ ପ୍ରହରା ଦେବେ । ଏ ଯାଗରୁ ବାଘକୁ ଜଲଦି ଚାମଟା, ବାଘମରା ଭଳିଆ ନିକାଞ୍ଚନ ଯାଗାକୁ ସ୍ଥାନାନ୍ତରଣ କରିବାକୁ ପଡିବ । ଭୋଲା ମଧ୍ୟ ଘରକୁ ଫେରିଗଲା ।

“କଣ ଦେଖିଲୁରେ ?”- ଶ୍ୟାମାପଦ ପାଟିକଲା ।

“ଏଡେ ବଡ଼ ବାଘ । ତା ଆଖିଗୁଡା ପରା ଜଳୁଥିଲା ।”- ଭୋଲା କହିଲା । ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉତ୍ତେଜନାରେ ଥରୁଥିଲା । ଏତେବେଳ ପର୍ଯ୍ୟନ୍ତ ଅଜଣା ଲୋକମାନଙ୍କ ସାଙ୍ଗରେ ରହି ଗାଁର କଥାବାର୍ତ୍ତାରୁ ଦୂରରେ ଥିଲା । ନିଜ ଲୋକମାନଙ୍କ ପାଖରେ ରହି ନିଜର ଚେତା ଯେମିତି ଫେରି ପାଉଥିଲା । ସେ ଦୁଇ ଗ୍ଲାସ ପାଣି ଏକା ଢୋକରେ ପିଇନେଲା । କିଛି ସମୟ ଚୁପଚାପ ଠିଆ ହେଲା । ଦେଖଣାହାରୀଙ୍କ ମନ ଥୟ ଧରୁ ନଥିଲା । କଣ ଏମିତି ଦେଖିଲାଯେ ତା ମୁହଁରୁ ବଚନ ବାହାରୁ ନାହିଁ ?

"ଆରେ ଆଉ କଣ ଦେଖିଲୁ । ପାଣି ବାଲଟିଏ ପିଇଲୁଣି ।"- ତାରକେଶ୍ୱର ନିଜର କଂସାଭଳିଆ ଘଡଘଡିଆ କଣ୍ଠରେ କହିଲେ । ଭୋଲାର ଯେମିତି ଚେତା ଫେରି ଆସିଲା ।

"ଦାନ୍ତଗୁଡା ବଡ଼ ବାଉଁଶ କଣ୍ଟାଭଳି ଗୋଜିଆ । ଗୋଟାଏ କାମୁଡାରେ ବାହା ଛିଡେଇ ନେଇ ପଳେଇବ । ଏଡେ ବଡ଼ ବାଘ । ମୋ ପିଳେହୀପାଣି ହୋଇଗଲା ।"- ଭୋଳା ଯେମିତି ବରଡାପତ୍ର ଭଳି ଥରୁଥିଲା । ଗାଁର ଲୋକଙ୍କ ଆଖିକୁ ନିଦ ଆସୁନଥିଲା । ସମସ୍ତେ ଭୋଲା ଚାରିପାଖେ ଜମାହୋଇ ବାଘର ବର୍ଣନା ଶୁଣୁଥିଲେ । ପାଖରୁ ବାଘ କେତେ ଭୟଙ୍କର ଲାଗେ । କି ଭାବରେ ବାଘ ସତରେ ମଣିଷ ମାରୁଥିବ ? ସମସ୍ତେ ମନେ ମନେ ହେମ କାକୀଙ୍କୁ ଧନ୍ୟବାଦ ଦେଉଥିଲେ । ତାଙ୍କପାଇଁ ବାଘକୁ ଏତେ ଜଲଦି ଠାବ କରାଗଲା । ଆଜି ବାଘ ଜନ୍ତା ଭିତରେ ବନ୍ଦୀ ।

ବାଘ ସ୍ଥାନାନ୍ତରଣ

ବାଘ ଛାଡିବାର ଦାୟିତ୍ୱ ମଧ୍ୟ ସାଧନବାବୁ ଆଉ ମଣ୍ଡଳବାବୁଙ୍କୁ ଦିଆଗଲା । ଏ ଭିତରେ ବାଘର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଯାଇଛି । ପ୍ରାୟ ୫-୬ ବର୍ଷର ପୂର୍ଣ ବୟସ୍କ ବାଘ । ଶରୀରରେ କେଉଁଠି କିଛି କ୍ଷତ ନାହିଁ । ଦେହଟା ମଧ୍ୟ ଶୁଖିଲା ନୁହେଁ । ସଂମ୍ପୂର୍ଣ ପ୍ରଜନନକ୍ଷମ ଅଣ୍ଡିରା ବାଘ । ଆଉ ପିଞ୍ଜରାରେ ରଖିବାର କିଛି ଆବଶ୍ୟକତା ନାହିଁ । ଏ ଭିତରେ ୪ ଦିନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲା ପିଞ୍ଜରାରେ ରହିଛି । ସବୁ ପରୀକ୍ଷା ନିରୀକ୍ଷା ସରିଲାଣି । ଉପର କର୍ମଚାରୀମାନେ ଆସି ଦେଖିନେଲେଣି । ଏବେ ଛାଡିବାର ପ୍ରକ୍ରିୟା ଆରମ୍ଭ ହେବ । ସୂର୍ଯ୍ୟ ଉଦୟ ହେବାର ବେଶ ଆଗରୁ ଏକ ବୋଟରେ ପିଞ୍ଜରାକୁ ଚଢାଇ ଦିଆଗଲା । ଅନେକ ଲମ୍ବା ରାସ୍ତା । ପହଞ୍ଚୁ ପହଞ୍ଚୁ ବେଳ ଗଡିଯିବ । ସବୁକାମ ଜଲଦି ଜଲଦି ହେଉଥିଲା । ରାସ୍ତାପାଇଁ ପାଣି ଆଉ ମାଂସ ବାଘକୁ ଦିଆଯାଇଛି । ବାଘ ମଧ୍ୟ ଲୋକଙ୍କୁ ବେଶି ନୟାନ୍ତ ନକରି ପାଣି ପିଇଦେଇଥିଲା ।

ପାଓଲି ମଧ୍ୟ ସେ ବୋଟରେ ଥିଲେ । ତାଙ୍କ କାମ ବାଘର ନିରୀକ୍ଷଣ ଥିଲା । ଭଟ୍ଟାର ସମୟ । ତଳକୁ ପାଣି ଜୋରରେ ଗଡୁଥିଲା । ତେଣୁ ସେମାନେ ବେଶ ଦିନ ଥାଉଥାଉ ଚାମଟାରେ ପହଞ୍ଚିଗଲେ । ଚାମଟା ଏକ ଦୂର ଦ୍ୱୀପ । ପିଞ୍ଜରା ଲଦାହୋଇ ଆସିଥିବା ବୋଟ ଏଠିକାର ଏକ ସାଧାରଣ ଟୁରିଷ୍ଟ ବୋଟ । ଏ ବୋଟ ଗୁଡାକରେ ଆଗଟା ଟିକିଏ ଉଠିଯାଏ । ପାଣିରେ ଜୋରକିନା ପଡିଲେ ମଙ୍ଗ ଉପରକୁ ପାଣି ଆସେନି । ପ୍ରଥମେ ବୋଟକୁ ଗୋଟିଏ ମୋଟା ବାଉଁଶରେ ବାନ୍ଧିଦିଆଗଲା । ବାଉଁଶଟି କାଦୁଅରେ ଭଲକରି ପୋତାଯାଇଛି । ଏହା ଏକ ଭଲ ଖୁଣ୍ଟର କାମ କରେ । ବୋଟଟା ଏପଟ ସେପଟ ହଲିବନି । ନହେଲେ ପାଣିରେ ସବୁବେଳେ ମଙ୍ଗଟା ମୋଡି ହୋଇଯାଏ । ଆଗପଟେ ପିଞ୍ଜରାକୁ ରଖାଯାଇଛି । ଏହା ଏକ ଛକି ଛକି ଲୁହା ରଡ ଲାଗିଥିବା ଓ ପଛରେ ଜାଲି ଲାଗିଥିବା ପିଞ୍ଜରା । ଭିତରେ ଏ ମହାବଳ ବାଘଟିଏ ଅଛି । ତା'କୁ ଧରିବାର ଅନେକ ପରିଶ୍ରମ ହୋଇଥିଲା । ଏବେ ଛାଡି ଦିଆଯିବାର ବେଶ ପ୍ରସ୍ତୁତି ଚାଲିଛି । ବାଘ ଧରିବା ଆଉ ଛାଡିବା କିଛି ପିଲା ଖେଳ ନୁହେଁ । ପ୍ରତି ମୁହୁର୍ତ୍ତରେ ବିପଦ ଅଛି ।

ପାଣିର ପଛରେ ସୁନ୍ଦରବନର ଏସବୁ ଦ୍ୱୀପର ଜଙ୍ଗଲଗୁଡିକ ଏକ ଗାଢ ସବୁଜିଆ ନୀଳ ପ୍ରଚ୍ଛଦପଟ ହୋଇ ଠିଆହୋଇଛି । ପଛକୁ ସାମାନ୍ୟ ଅଧିକା ନୀଳ, ଏକ ଅସୀମ ଆକାଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଦ୍ୱୀପର ଆଗରେ ଲମ୍ବା କାଦୁଆ ଚଡା ଭୂଇଁ । ଏହାକୁ ଦ୍ୱୀପର ବେଳାଭୂଇଁ କୁହା ଯାଇପାରେ । ଏଠାକାର କାଦୁଆ ବେଳାଭୂଇଁଟି ଅପେକ୍ଷାକୃତ ଚଉଡା ଓ ଲମ୍ବା ଥିଲା । ପାଣିର ଶେଷ ଆଡକୁ ସାମାନ୍ୟ ଘାସ ପଡିଆ ଥିଲା । ଏମିତିଆ ଘାସୁଆ ଯାଗାରେ ହରିଣମାନେ ଚରନ୍ତି । ଏ ଦ୍ୱୀପଟିରେ ଅନେକ ଜୀବଜନ୍ତୁ ଥିବେ, ତେଣୁ ବାଘକୁ ଶିକାରରେ କିଛି ଅସୁବିଧା ହେବ ନାହିଁ । ବହୁତ ଭାବିଚିନ୍ତି ଏମିତିଆ ଦ୍ୱୀପକୁ ବଛା ଯାଇଥିଲା । ବାଘକୁ ସବୁବେଳେ ଭଲ ଖାଇବାକୁ ମିଳିବ । ତାଛଡା ନିଜ ଦ୍ୱୀପରୁ ଦୂରରେ ରହିବା ହେତୁ ଆଉ ଲୋକଙ୍କ ସଂସ୍ପର୍ଶରେ ସହଜରେ ଆସିବ ନାହିଁ । ବାଘକୁ ଏକ ଦୂର ଦ୍ୱୀପରେ ଛାଡିବା ହେଉଛି ମ୍ୟାନ-ଆନିମଲ କନଫ୍ଲିକ୍ଟ ମ୍ୟାନେଜମେଣ୍ଟର ଏକ ଭଲ ଉଦାହରଣ । କାହାକୁ କ୍ଷତି ନାହିଁ । ଲୋକମାନେ ଶାନ୍ତିରେ ରହିବେ । ବାଘର ଲୋକବସତି ଆଡକୁ ଚାଲିଆସିବାର ପ୍ରବୃତ୍ତି ଧିରେ ଶେଷ ହୋଇଯିବ ।

ବୋଟ ବାଉଁଶ ଖୁଣ୍ଟିରେ ଭଲଭାବେ ବନ୍ଧାହେବା ସଙ୍ଗେ ସଙ୍ଗେ ବାଘ ଛାଡିବାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲା । ଲୋକମାନେ ଚଳଚଞ୍ଚଳ ହୋଇ ଉଠିଲେ । କେତେଜଣ ଲୋକ ବୋଟର ଆଗକୁ ଆସିଗଲେ । ବାଘ ପିଞ୍ଜରାର ମୁହଁକୁ ଠିକ ଭାବରେ ପାଣିଧାର ଆଡକୁ ରଖି ଦିଆଗଲା । ସାମାନ୍ୟ ପାଣି ପରେ ପରେ ଦ୍ୱୀପର କାଦୁଆ ଚଡା । ପିଞ୍ଜରାର ମୁହଁକୁ ଜାଣିକରି ବୋଟର ଏକଦମ ଧାରରେ ରଖାଯାଇଥିଲା ଯାହାଫଳରେ ବାଘଟି ବାହାରିଲେ ସିଧା ପାଣିକୁ ଡେଇଁବ କିନ୍ତୁ ବୁଲିପଡି ବୋଟର ଉପର ଆଡକୁ ଆସିପାରିବ ନାହିଁ । ପିଞ୍ଜରା ଭିତରେ ରହି ବାଘ ନିଶ୍ଚିତ ଭାବରେ ବହୁତ ରାଗିଯାଇଥିବ । ଏ ସାଧାରଣ, ଛାର ମଣିଷଗୁଡିକ ତା'କୁ ଅନେକ ଦିନ ହେଲା ବନ୍ଦକରି ରଖିଦେଇଛନ୍ତି । ଯଦି ବାଘ ବୋଟର ଆରପଟକୁ ବୁଲିଯାଏ ତା'ହେଲେ ଅନେକ ଅନର୍ଥ ଘଟିଯିବ । ତେଣୁ ଲୋକମାନେ ବହୁତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାବଧାନ ଥିଲେ । ସେମାନେ ପିଞ୍ଜରାର ମୁହଁକୁ ଏକଦମ୍ ବୋଟର ଧାରକୁ ନେଇଆସିଲେ । ସେଇଠୁ ପାଣିକୁ ସିନା ଡେଇଁ ହେବ ବୋଟ ଆଡକୁ ବୁଲି ହେବ ନାହିଁ । ସବୁ ଠିକ୍ କିଛି । କିଛି ଅସୁବିଧା ହେବନାହିଁ ।

ବାଘଟା ଚୁପଚାପ ଥିଲା, କିଛି ଗର୍ଜନ କରୁନଥିଲା, ନୀରବରେ ଜଙ୍ଗଲ ଆଡକୁ ଅନାଇ ରହିଥିଲା । ସେ ଜାଣିପାରୁଥିଲା ଯେ କିଛି ସମୟ ପରେ ତା'କୁ ଜଙ୍ଗଲରେ ଛାଡି ଦିଆଯିବ । ପିଞ୍ଜରାର ଦୁଇକରକୁ ପାଲରେ ଢାଙ୍କି ଦିଆଯାଇଥିଲା । ଜଙ୍ଗଲ ଆଡକୁ ମୁହଁଟି ପାଲରେ ଢଙ୍କା ଯାଇନଥିଲା । ତେଣୁ ବାଘ ଜଙ୍ଗଲ ଆଡକୁ ଦେଖିପାରୁଥିବ ଅନ୍ୟ ପଟେ କ'ଣ ହେଉଛି ଦେଖି ପାରୁନଥିବ । ସେଇ ପାଲ ଉପରେ ପିଞ୍ଜରାର ଉପରପଟେ ସାଧନବାବୁ ଓ ଆଉଜଣେ ଲୋକ ଠିଆ ହୋଇଗଲେ । ସେମାନେ ପିଞ୍ଜରାର ମୁହଁକୁ ଖୋଲିବେ । ସେତେବେଳକୁ ବାଘର କାନ ଠିଆ ହୋଇଯାଇଥାଏ । ଆଖିଟା ଜଙ୍ଗଲ ଉପରେ ଲାଗିରହିଥାଏ । ଲୋକମାନେ ସବୁ ପ୍ରକାରର ସାବଧାନତା ଗ୍ରହଣ କରିଥିଲେ । ତଥାପି ଡେକ୍ ଆଡକୁ ଏକ ଜାଲି ଲଗାଇ ଦିଆଯାଇଥିଲା । ତଳୁ ଉପର ପର୍ଯ୍ୟନ୍ତ ଜାଲି ଲଗାଇ ଦିଆଯାଇଥିଲା । ଯଦି କିଛି ଅଘଟଣ ଘଟେ ତେବେ ଡେକ୍ ଉପରକୁ ବାଘଟା ହଠାତ୍ ଆସିପାରିବ ନାହିଁ । ଏବେ ମଣ୍ଡଳବାବୁ ସେ ପିଞ୍ଜରା ଉପରକୁ ଓହ୍ଲାଇ ଆସିଲେ । ତାଙ୍କ ହାତରେ ଏକ ଲମ୍ବା ବନ୍ଧୁକ ଥିଲା । ବାଘକୁ ଡରାଇବା ପାଇଁ ଏଥିରୁ ବ୍ଲାଙ୍କ ଫାୟାର କରିହୁଏ । ଏହାର ବହୁତ ଆବଶ୍ୟକତା ଅଛି । ସମସ୍ତେ ଏବେ ସାବଧାନ । ବାଘକୁ ଛାଡିବା ସମୟ ହେଇଯାଉଛି ।

ବୋଟର ଲଙ୍ଗର୍ ତଳେ ପକାଇ ଦିଆଗଲା । କୂଳର ଅତି ପାଖରେ ବୋଟ ଥିଲା । ଆଗରେ ଏକ ବାଉଁଶ କାତ ଥିଲା । ସେଥିରେ ପାଣିର ଗଭୀରତା ମାପାଯାଏ । କାତକୁ ମଧ୍ୟ ଉପରକୁ ଉଠେଇ ଦିଆଗଲା । ହୁଏତ ଅସାବଧାନତା ବଶତଃ ସେ ବାଉଁଶଟିକୁ ଧରି ବାଘଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପରକୁ ଚଢିଆସିପାରେ । ସାଧନବାବୁ ଡେକ୍ ଉପରକୁ ନଯିବାପାଇଁ ଲଗାଯାଇଥିବା ଜାଲି ସବୁକୁ ଭଲଭାବେ ଦେଖିନେଲେ । ଉପରେ ଦୁଇ ତିନୋଟି ଲୋକ ଠିଆ ହୋଇଥିଲେ । ବନ୍ଧୁକ ଧରି ମଣ୍ଡଳବାବୁ ପିଞ୍ଜରାର ମୁହଁ ପାଖରେ ଜଗିବେ । ଆଉ ଦୁଇଜଣ ଲୋକ ନଇଁ ପଡିଲେ । ସେମାନେ ପଞ୍ଜରାର ଉପରକୁ ଥିବା ହ୍ୟାଣ୍ଡେଲ ଧରି ଉଠାଉଥିଲେ । କେତେ ଥର ହଲାଇଲେ । ପିଞ୍ଜରାର ମୁହଁଟା ଟିକେ ହଲିଗଲା । ପରେ ଧୀରେଧୀରେ ପିଞ୍ଜରାର ଜାଲି ଉପରକୁ ଉଠୁଥିଲା ।

ବାଘଟା ଏବେ ବସି ବାହାରକୁ ଅନାଇଥିଲା । ତା ବିରାଟ ମୁଣ୍ଡଟା ପାଣି ଆଡକୁ ସ୍ଥିର ଥିଲା, ମୁଣ୍ଡଟା ତଳୁଆ ଟିକେ ହୋଇଯାଇଥିଲା । କାନ୍ଧଠୁ ବାଘଟା ପିଞ୍ଜରା ଭିତରେ । ସେ ଗୋଟିଏ ଦୁଇଟା ପାଦ ଆଗକୁ ଆସିଲା । ତା' ମୁଣ୍ଡଟା ଏମତି ତଳୁଆ ଥାଏ । ବାଘ ଆଗର ଘଟଣା ପରଖୁଥିଲା । କିଛି ସେମତି ନାହିଁ । ଆଗରେ ଜଙ୍ଗଲ ସ୍ପଷ୍ଟ ଦେଖାଯାଉଛି । ଜଙ୍ଗଲ ଏତେ ପାଖରେ । ବାଘ ଟିକେ ପେଟେଇ ପଡିଲା । ତା' ମୁହଁଟା ଖୋଲିଯାଇଥିଲା ଆଉ ଦାନ୍ତଗୁଡିକ ବଡ଼ ସ୍ପଷ୍ଟ ଦେଖାଯାଉଥିଲା । ଉପରେ ଲୋକମାନେ ବାଘକୁ ସତର୍କତାର ସହ ଅନାଇ ରହିଥିଲେ । ବାଘ ତା' ବାମକୁ ଅନାଇଲା । ସେଇ ପଟେ ଡେକ୍ କିନ୍ତୁ ଜାଲି ଲାଗିଛି । ଆଉ ବାଘ ସହଜରେ ସେପଟୁ ଆସିପାରିବ ନାହିଁ । ଆଗକୁ କେବଳ ପାଣି ଅଛି । ବାଘର ମୋଟା ଗୋଡଟା କାଠ ଉପରେ ଦାବି ହେଇଗଲା ଆଉ ବାଘଟା ତଳକୁ ଅନାଉଥିଲା । ବାଘ ଏପଟ ସେପଟ କରି ଅନାଇଲା । କେଉଁଠି କିଛି ନାହିଁ ।

ବାଘ ଗୋଟେ ଲମ୍ବା କୁଦା ପାଣି ଭିତରକୁ ଦେଲା । ପାଣିରେ ଏକ ବିରାଟ ଲହଡି ହେଇଗଲା ଆଉ ବାଘ ପାଣି ଭିତରେ ବୁଡି ପୁଣି ଉଠି ପଡିଲା । ତା'ର ମୁଣ୍ଡଟି ଉପରକୁ ଦେଖାଯାଉଥିଲା । ଟିକିଏ ବାଟ ପହଁରିଯାଇ ବାଘଟି ବୁଲିପଡିଲା ଆଉ ବୋଟକୁ ଅନାଇଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶ୍ଚର୍ଯ୍ୟର କଥା । ବାଘ ସିଧା ଜଙ୍ଗଲକୁ ପହଁରିଯିବା କଥା । କିନ୍ତୁ ବାଘଟା ତା ନକରି ସାମାନ୍ୟ ବୋଟ ଆଡକୁ ବୁଲିଗଲା ଆଉ ବୋଟକୁ ଅନାଇଲା । ଏଇଠି ଏତେ ସମୟ ହେଲା ସେ ବନ୍ଦ ଥିଲା, ତେଣୁ ଏ ବୋଟ କେମିତି ଦେଖାଯାଉଛି ଜାଣିବାକୁ ନିଶ୍ଚିତ ଉତ୍ସୁକ ଥିବ । ବୋଟରୁ ଲୋକମାନେ ତା'କୁ ଅନାଇଥିଲେ ।

ବାଘଟା ବୋଟ ଉପରକୁ ଚଢିବାକୁ କିଛି ଚେଷ୍ଟା କଲାନାହିଁ । ତା'ଆଖିରେ ରାଗ ଥିଲା ଭଳିଆ ଲାଗୁନଥିଲା । ସେ ପୁଣି ଜଙ୍ଗଲଆଡକୁ ବୁଲିପଡିଲା ଆଉ ଆଗକୁ ପହଁରିବାକୁ ଲାଗିଲା । ତା' ମୁଣ୍ଡଟା ଉପରକୁ ହୋଇଯାଇଥାଏ, ପାଟି ପର୍ଯ୍ୟନ୍ତ ପାଣି, ନାକଟା ଉପରକୁ ଥିଲା, ଆଖି ଜଙ୍ଗଲ ଉପରେ ଲାଗିରହିଥିଲା, ଆଉ କାନ ଦୁଇଟି ବଙ୍କା ହୋଇ ଉପରକୁ ଉଠି ଯାଇଥାଏ, ବେକ ଆଉ ପିଠିର କିଛି ଅଂଶ ପାଣି ଉପରେ ବାକି ଶରୀର ପାଣି ଭିତରେ ଥିଲା । ବାଘଟି ଚାରି ଗୋଡରେ ପହଁରୁଥିଲା । ବେଳେ ବେଳେ ବୁଲିପଡି ବୋଟ ଆଡକୁ ଅନାଉଥିଲା କିନ୍ତୁ ବୋଟ ଆଡକୁ ଆସୁନଥିଲା । ସେ ଜାଣିପାରୁଥିଲା ଯେ ଏ ଲୋକମାନେ ତା'ର କିଛି କ୍ଷତି କରୁନାହାନ୍ତି ।

ଧୀରେଧୀରେ ବାଘଟି କୂଳକୁ ଆସିଲା । ତା'ର ମୁଣ୍ଡଟି ଉପରକୁ ହେଇଯାଉଥିଲା ଆଉ ପିଠିଟା ତଳକୁ । ବୋଧହୁଏ ଆଗ ଗୋଡ ତଳକୁ ଲାଗିଲାଣି । କିନ୍ତୁ କାଦୁଅଟା ଅତି ନରମ । ତଥାପି ବାଘ ପହଁରୁଥିଲା । ଟିକିଏ ପରେ ତା'ର ଚାରି ଗୋଡ କାଦୁଅରେ ଲାଗିଗଲା । ସେ ମୁହଁକୁ ଟିକେ ଛିଞ୍ଚାଡି ଦେଲା । ତା' ମୁହଁରୁ ପାଣି ତଳକୁ ପଡିଯାଉଥିଲା । ତା'ପରେ ବାଘଟି ଆଗକୁ ମୁହାଁଇଲା । ଏବେ ତା'ର ଲାଙ୍ଗୁଡ ପର୍ଯ୍ୟନ୍ତ ଦେଖାଯାଉଥିଲା । ପଛପଟ ଏ କାଦୁଆ ପାଣିରେ ଟିକେ ଟିକେ କାଦୁଆ ଦେଖାଯାଉଥିଲା । ବାଘଟି ପ୍ରଥମଥର ପାଇଁ ଚାଲିଶିଖୁଥିବା ଏକ ଛୁଆ ଭଳିଆ ଟଳ ମଟଳ ହୋଇ କାଦୁଅରେ ଚାଲୁଥିଲା । ଏମିତିଆ ନରମ କାଦୁଅରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିବାଟା କଷ୍ଟ । କୋଉଠି କାଦୁଅ ଅଧିକ ଗଭୀର ତ କୋଉଠି କମ୍ ଗଭୀର । ଗୋଡ ବେଳେବେଳେ ଏକଦମ୍ ଭିତରକୁ ଚାଲିଯାଏ । ତେଣୁ ବାଘକୁ ଚାଲିଲା ବେଳକୁ ନିଶ୍ଚିତଭାବେ କଷ୍ଟ ହେଉଥିବ । ଏବେ ବାଘଟି ପୁରା କାଦୁଅରେ । ପାଣି ପଛରେ ରହିଗଲାଣି । ତା'ର ପେଟଯାଏ କାଦୁଅ ହେଉଥିଲା । ବାଘ ଏପଟ ସେପଟ ଏପଟ ସେପଟ ହେଇ ଚାଲୁଥିଲା ଆଉ ମୁଣ୍ଡଟା ଆଗକୁ ଥିଲା । ଏଠି ତା' ଗୋଡ ବୋଧହୁଏ ତଳେ ଲାଗୁନି କିନ୍ତୁ ସମ୍ପୂର୍ଣ୍ଣ ଶରୀରର ଭାର କାଦୁଅ ଉପରେ ରହିବା ହେତୁ ଶରୀର ଆଉ ବୁଡିଯାଉନି । ଗୋଡର ସାମାନ୍ୟ ପ୍ରଚେଷ୍ଟାରେ ଶରୀର ଆଗକୁ ଯାଉଛି ।

ଧିରେ ଟିକିଏ ଟାଣ କାଦୁଅ ମିଳିଲା । ବାଘଟି ସେଇଠି କୁଦା ମାରିବାକୁ ଆରମ୍ଭକଲା । ତା'ର କୁଦାମାରିବାର ଢଙ୍ଗଟା ମଧ୍ୟ ବଡ଼ ମଜାଦାର୍ ଥିଲା । ଏକ ସ୍ପ୍ରିଙ୍ଗ ଉଚ୍ଛୁଳିଲା ଭଳି ଆଗକୁ ଦାବି ହେଉଥିଲା ପୁଣି ପଛକୁ ଉଠିଯାଉଥିଲା ଆଉ ପଛକୁ ଗୋଡରେ ଦାବି ଦେଉଥିଲା ଆଉ ଆଗ ଗୋଡରେ ପଡୁଥିଲା । ପୁଣି ଆଗ ଗୋଡରେ ଦାବି ଦେଉଥିଲା ଆଉ ପଛ ଗୋଡରେ ପଡୁଥିଲା । ଏମିତି ଛୋଟ ଛୋଟ କୁଦା ମାରିମାରି ବାଘ କୂଳ ପାଖକୁ ଯାଉଥିଲା । ଏ କୁଦାଗୁଡିକ ଲମ୍ୱାନଥିଲା । ଛୋଟକୁଦା ଯେମିତି କାଦୁଅରେ ସାମାନ୍ୟ ଦୌଡିବା । ଏମିତି କଷ୍ଟକର କୁଦାମାରିଲା ବେଳେ ତା' ଲାଙ୍ଗୁଡଟି ଜୋରରେ କାଦୁଅରେ ପିଟି ହେଉଥିଲା । ଲାଗୁଥିଲା ଯେମତି କାଦୁଅକୁ କିଏ ଚାବୁକ୍ ମାରୁଛି । ସେମତି ପଟ୍‌ପଟ୍ ଶବ୍ଦ କରୁକରୁ ବାଘଟି ଅପେକ୍ଷାକୃତ ଟାଣ ମାଟିରେ ପହଁଚିଲା । ଏବେ କାଦୁଅ ବହୁତ କମ୍ । ଶ୍ୱାସମୂଳ ସବୁ ଦେଖାଗଲାଣି । ଘାସ ଦେଖାଗଲାଣି । ମାଟି ଏଠି ଅପେକ୍ଷାକୃତ ଶକ୍ତ । ଏଠି ଆଉ ବାଘକୁ କୁଦାମାରିବାକୁ ଅସୁବିଧା ହେଉନଥିଲା । ଅପେକ୍ଷାକୃତ ସହଜ ଭାବରେ ବାଘ କୁଦାମାରିମାରି ଘାସପାଖରେ ପହଁଚିଗଲା । ଏବେ ଶରୀରର ସବୁ ଅଂଶ ମାଟି ଉପରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡ କାଦୁଅ ଭିତରେ ନାହିଁ, ଲଙ୍ଗୁଡଟା ଆଉ ତଳକୁ ପିଟି ହେଉନି ।

ବାଘର ଦେହ ଘାସର ପ୍ରାୟ ଅଧା ଲୁଚି ଯାଇଥିଲା । ଘାସଗୁଡିକ ସାମାନ୍ୟ ଧଳା ଦେଖାଯାଉଥିଲା । ଆଗର କାଦୁଅ ଲାଗି ଏଗୁଡା ଧଳା ହେଇଯାଇଥିବ । ଲାଗୁଥିଲା ଯେମିତି ଏକ ଛୋଟ ସବୁଜିଆ ଧଳା ପରଦା ସବୁଜ କଳା ଜଙ୍ଗଲ ଆଗରେ ଠିଆ ହୋଇଛି । ପଛରେ କଳା ଗଣ୍ଡିସବୁ, ତା' ପଛରେ ହଲକା ନୀଳ କଳା ସବୁଜ ରଙ୍ଗର ଜଙ୍ଗଲ, ଉପରକୁ ପତ୍ର ସବୁଜ, ସେଥିରେ ମେଞ୍ଚାଏ ମେଞ୍ଚାଏ ଆଲୁଅ ପଡିଛି ଆଉ ସେ ଯାଗା ଉଜ୍ଜ୍ୱଳ ଦେଖାଯାଉଛି । ସେମିତି ପ୍ରଚ୍ଛଦପଟରେ ବାଘ ଜଙ୍ଗଲ ଭିତରକୁ ଡେଇଁ ଯାଉଥିଲା । ଏମତି ଆଉ କେତୋଟି କୁଦା । ବାଘଟି ଘାସ ପଡିଆର ସେପଟକୁ ପହଁଚିଗଲାଣି । ଏବେ ତା'ର ମୁଣ୍ଡ ଦେଖାଯାଉଛି । କିଛି ସମୟ ପରେ ବାଘଟି ଏମତି କୁଦା ମାରିମାରି ଜଙ୍ଗଲ ଭିତରେ କେଉଁଆଡେ ଲୁଚିଗଲା । ଜଙ୍ଗଲଟି ବହୁତ ଉଜ୍ଜ୍ୱଳ ଦେଖାଯାଉଥିଲା । ଭଲ ଖରାପଡିଛି । ପତ୍ରଗୁଡିକ ଗାଢ ସବୁଜ । ଏପଟେ ଲୋକମାନେ ଆଶ୍ୱସ୍ତ ହେଉଥିଲେ । ଆଉ କେଉଁଠି ବାଘର ଦେଖା ନାହିଁ । କୁଦାମାରିବା ବେଳେ ବାଘର କିଛି ଅସୁବିଧା ହେଉନଥିଲା । ବାଘଟି ଜଙ୍ଗଲ ଭିତରେ କେଉଁଠି ଚାଲିଗଲାଣି । କିଛି ଅଘଟଣ ଘଟିନି । ସମସ୍ତେ ଆଶ୍ୱସ୍ତ ହେଉଥିଲେ । ଯାହାହେଉ ବାଘଟି ଭଲରେ ଜଙ୍ଗଲରେ ପହଁଚିଯାଇଛି । ପାଓଲି ମଧ୍ୟ ଏକ ଲମ୍ବା ଶ୍ୱାସ ନେଲେ । ତାଙ୍କର ବହୁତ ନିରୀକ୍ଷଣ ସରି ଯାଇଛି । ବାଘ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି । ବାଘ ଛଡାଯିବାର ପ୍ରତିଟି ପ୍ରସ୍ତୁତିରେ ସେ ଭାଗ ନେଇଛନ୍ତି ଆଉ ପ୍ରତିଟି ଉଦ୍ୟମ ସଫଳ ହୋଇଛି । ତାଙ୍କ ଛାତି ଖୁସିରେ ଫୁଲି ଉଠୁଥିଲା । ଏକ ରିସର୍ଚ୍ଚର ନିଜର ତଥ୍ୟ ହିସାବରେ କାମ ହେଉଥିବା ଦେଖିଲେ ଅପାର ଆନନ୍ଦ ଅନୁଭବ କରେ । ସେ ଆଗର ଜଙ୍ଗଲକୁ ଚାହିଁଲେ । କେତେ ସୁନ୍ଦର ଖରା ପଡିଛି । ବାଘ ତା'ର ନୂଆ ଦୁନିଆରେ ଶାନ୍ତିରେ ରହିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରନିନ୍ଦାର ପରିଣତି



ଦଣ୍ଡାସି ପ୍ରଧାନ

ତୁମେ ଯାହାର ନିନ୍ଦା ଗାନ କରୁଛନ୍ତି, ପରୋକ୍ଷରେ ତାଙ୍କର ପାପ ସମୂହ ହରଣ କରି ନିଜ ଉପରକୁ ଆଣନ୍ତି । ଆଉ ତୁମର ସମସ୍ତ ପୁଣ୍ୟ, ତୁମ ଅଲକ୍ଷ୍ୟରେ ତାହାଙ୍କୁ ହିଁ ଅର୍ପଣ କରୁଛନ୍ତି ।

ଗୋଟିଏ ସୁନ୍ଦର କାହାଣୀ କହୁଛି । ଜଣେ ରାଜା ପ୍ରତି ସପ୍ତାହରେ ତାଙ୍କ ରାଜ୍ୟର ଏକ ଶହ ଅନ୍ଧଙ୍କୁ କ୍ଷୀରି ଖୋଇବାର ନିୟମ ପ୍ରବନ୍ଧ କଲେ । ପାଣ୍ଠି ମଞ୍ଜୁର ହୋଇ, ଦାୟିତ୍ୱ ମଧ୍ୟ ବଣ୍ଟନ ହେଲା । ଭଲ ରାନ୍ଧୁଣିଆ ଡାକି କ୍ଷୀରି ପ୍ରସ୍ତୁତ କରାଗଲା । ମନ୍ତ୍ରୀ ମହାଶୟଙ୍କ ତତ୍ତ୍ୱାବଧାନରେ ଶହେ ଅନ୍ଧ ଆସିଲେ । କ୍ଷୀରି ପ୍ରସ୍ତୁତ ହେଲା । ସେହି ସମୟରେ ନିକଟସ୍ଥ ସ୍ଥାନରୁ ଏକ ବିଷଧର ସର୍ପ ଆସି କ୍ଷୀରି ଭିତରେ ବିଷ ସଂଚାରିତ କରି ଚାଲିଗଲା । ସେହି କ୍ଷୀରି ଖାଇ ସାରିବା ପରେ ସମସ୍ତ ଅନ୍ଧ ମୃତ୍ୟୁବରଣ କଲେ । ଏହି କଥାରେ ରାଜା ବହୁତ ଦଃଖିତ ହେଲେ ଓ ସେହି ମୃତ୍ୟୁର କାରଣ ନିଜ ଉପରକୁ ନେଇ ପାପର ପ୍ରାୟଶ୍ଚିତ୍ତ ନିମିତ୍ତ ବନ ଗମନ କଲେ ।

ମାନସିକ ଗ୍ଲାନି ରାଜାଙ୍କୁ ପ୍ରତ୍ୟେକ ସମୟରେ ଦୁଃଖ ଦେଉଥାଏ । ବୁଲିବାର କିଛିଦିନ ଅନ୍ତେ ରାଜା ବନ ମଧ୍ୟସ୍ଥ ଏକ ଗ୍ରାମରେ ପହଞ୍ଚିଲେ । ରାଜା ନିଜର ପରିଚୟ ନଦେଇ ସେହି ଗ୍ରାମର ଜଣେ ବାସିନ୍ଦାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରିଲେ, "ହେ ବାବୁ ! ଏହି ଗାଁର ସବୁଠାରୁ ବଳି କିଏ ବଡ ଧର୍ମାତ୍ମା ଅଟନ୍ତି ? ଦୟାକରି ତାଙ୍କର ଘର ମୋତେ ଟିକିଏ ଦେଖାଇ ଦେବେ ତୁମର ମଙ୍ଗଳ ହେବ" କହି, ଅନୁରୋଧ କଲେ । ସେହି ଲୋକଙ୍କ ଠାରୁ ସନ୍ଧାନ ପାଇ ରାଜା ସେଠି ପହଞ୍ଚିଲେ । ପରିବାରରେ, ଯୁବ ଭାଇ ଓ ଯୁବା ଭଉଣୀଙ୍କ ସହିତ ମାତ୍ର ଦୁଇ ଜଣ ରହନ୍ତି । ସେମାନଙ୍କୁ ତା'ଙ୍କ ଘରେ ଗୋଟିଏ ରାତିର ଆଶ୍ରୟ ଦେବା ପାଇଁ ରାଜା ଅନୁରୋଧ କଲେ । ଅତିଥି ଜାଣି ସେହି ଘରେ ରାଜା ଆଶ୍ରିତ ହେଲେ । ରାତିର ଭୋଜନ ପରେ ଯେ ଯାହାର କକ୍ଷରେ ଶୟନ ବ୍ୟବସ୍ଥା ହେଲା ଓ ବିଶ୍ରାମ ନେଲେ ।

ସେ'ପଟେ ଯମରାଜଙ୍କ ଦରବାରରେ ଅନ୍ଧ ମୃତ୍ୟୁବରଣ ପ୍ରସଙ୍ଗରେ ଘମାଘୋଟ ଆଲୋଚନା ଚାଲିଛି । ମୃତ୍ୟୁର କାରଣ ରାଜା, ନା ରୋଷେଇଆ ନା ଦାୟିତ୍ୱରେ ଥିବା ମନ୍ତ୍ରୀ, ନା ବିଷଧର ସାପ । କାହାକୁ ପାପରେ ଅଭିଯୁକ୍ତ କରାଯିବ ? ନିର୍ଣ୍ଣୟ ହୋଇପାରୁ ନାହିଁ । ବିଷୟ ଅମୀମାଂସିତ । ଗମ୍ଭୀର !

ଏ ପଟର କଥା । ରାଜାଙ୍କୁ ରାତି ସାରା ନିଦ ହୋଇନାହିଁ । ଖାଲି ବିଛଣାରେ ପଡି ଶୋଇ ରହିଥା'ନ୍ତି । ପାହାନ୍ତା ପ୍ରହରରୁ ଝିଅଟି ଉଠି ନିଜର ନିତ୍ୟ କର୍ମ ସାରି ପୂଜାପାଠ ଅନ୍ତେ ଜପରେ ବସି ଧ୍ୟାନରେ ଜାଣିଲେ, ଯମରାଜଙ୍କ ଦରବାରରେ ଅନ୍ଧ ମୃତ୍ୟୁ ଘଟଣା ସମ୍ବନ୍ଧୀୟ ଆଲୋଚନା । ଅକସ୍ମାତ୍ ସେହି ଝିଅଙ୍କ ପାଟିରୁ ବାହାରି ପଡିଲା, କ୍ଷୀରି ଖାଇ ଶହେ ଅନ୍ଧଙ୍କର ମୃତ୍ୟୁ ଆହା ! ସତରେ ଏ ଅପରାଧ କାହାର ? ରାଜାଙ୍କ କାନରେ ଏ କଥା ପଡିଗଲା । କୌତୁହଳ ବଢିଲା । ଏହି କଥା ଏ ଝିଅ କିପରି ଜାଣିଲା । ଠିକ ଏହି ସମୟରେ ଭାଇ ଆସି ଭଉଣୀକୁ ମନେ ପକାଇଛନ୍ତି ଯେ, ତୁମ୍ଭଙ୍କୁ କଣ ଜଣା ପଡୁନାହିଁ ଜଣେ ଅତିଥି ପର। ଘରେ ଅଛନ୍ତି । ତା'ଙ୍କ ସକାଳ ଜଳଯୋଗରେ କିଛି ଖାଦ୍ୟ ପ୍ରସ୍ତୁତ କର । କିଛି ଖାଦ୍ୟ ନଖାଇ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରୁ ସେ ଫେରିଯିବା କଣ ଠିକ ହେବ ? ଯାଅ ଶୀଘ୍ର ଯାହା ଅଛି କିଛି ବ୍ୟବସ୍ଥା କର ।

ଫେରିବା କଥା ଶୁଣି ରାଜାଙ୍କର ଉଦ୍‌ବେଗ ବଢିଗଲା । ସେ' ନିଶ୍ଚିତ ଜାଣି ପାରିଥିଲେ ଯେ, ଏହି ଝିଅ ପାଖରେ କିଛି ଅଲୌକିକ ଶକ୍ତି ରହିଛି । ମୋର ସମସ୍ୟାର କିଛି ସମାଧାନ ଏଇଠି ନିଶ୍ଚୟ ମିଳିବ । ଏହି ମନ ଭାବନାରେ, ତା'ଙ୍କ ଘରେ ଆଉ ଗୋଟିଏ ରାତିର ଆଶ୍ରୟ ପାଇଁ ସେମାନଙ୍କ ନିକଟରେ ରାଜା ଅନୁରୋଧ କଲେ । ରାଜାଙ୍କ ଏହି କଥା ଭାଇକୁ ଭାରି ଅଡୁଆ ଲାଗିବା ସହିତ, ବଢିଲା ଭଉଣୀକୁ ନେଇ ଲୋକଟି ଉପରେ ମନରେ ସନ୍ଦେହ ବଢିଲା । କିନ୍ତୁ କରିବ କ'ଣ ? ବାଧ୍ୟ ହୋଇ ହଁ ଭରିଲା ସତ, ମାତ୍ର ମନ ମାନି ନଥାଏ । ଘାଣ୍ଟି ଗୋଳେଇ ହୋଇ ସ୍ଥିର କଲା, ଏ କଥା ଗାଁର ଲୋକଙ୍କୁ ଜଣାଇ ଦେବା ଠିକ ହେବ । ଦେଖିଲା, ଗାଁ'ର ଚଉପାଢ଼ିରେ କିଛି ଲୋକ ବସିଛନ୍ତି । ସେମାନଙ୍କ ପାଖକୁ ଯାଇ ଲୋକଟିର ତାଙ୍କ ଘରେ ଆଉ ଗୋଟିଏ ରାତିର ରହଣି ନେଇ ଅନୁରୋଧ କଥା କହିଲା । ହଁ ବୋଲି ଅନୁମତି ଦେଲି ସିନା କାଳେ କିଛି ଅଘଟଣ ଘଟିବ ସେ ନେଇ ମୋତେ ଭୟ ଲାଗିଛି । ଲୋକମାନେ କଥାଟିକୁ ଗୁରୁତର ଭାବି କହିଲେ, ଠିକ ଅଛି ତୁମେ କିଛି ଭୟ କର ନାହିଁ । ଆମ୍ଭେମାନେ ସମସ୍ତେ ଆଜି ସାରା ରାତି ଜଗି ରହିବା । ଆମ ଗାଁର ମର୍ଯ୍ୟାଦାର କଥା । ସେ ଅଜଣା ଲୋକଟି ଆସି ଏତେ କଥା କରି ଦେଇ ଚାଲିଯିବ, ଆମେ ତାକୁ ଛାଡିଦେବା । ପୁଣି ସମସ୍ତେ ରାଗିଯାଇ ଭାଇକୁ ଆକଟ କରି କହିଲେ, ଗତକାଲି ସେ ଅପରିଚିତ ଲୋକଙ୍କୁ କାହିଁକି ଘରେ ରାତିରେ ରଖିଥିଲ ? ସେଇଠି ହିଁ ତୁମର ଭୁଲ ରହିଲା । ଏ ଲୋକଟି ନିଃସନ୍ଦେହରେ ଏପରି କେତେ ମନ୍ଦ କର୍ମ କରିଥିବେ । ଏହିପରି କିଏ କ'ଣ କଡେ କେତେ ଯେ ଉଦ୍ଭଟ କଥା ବାହାରିଲା ତାର ହିସାବ ନାହିଁ । ଶେଷ ନିଷ୍ପତ୍ତି ହେଲା ଯେ, ଆଜି ଆମ୍ଭମାନଙ୍କ ହାବୁଡରେ ପଡିଛି, ଏ ଦୁଷ୍ଟକୁ ସବୁ ଅସୁଲରେ ଆଛାକରି ପାନେ ଦେବା । ଜଗି ବସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଲେ ।

ହଠାତ ଯମ ଦରବାରରେ ସହସା ସ୍ୱର ଉଠିଲ ମହାରାଜ ! ଶହେ ଅନ୍ଧ ମୃତ୍ୟୁ ସମସ୍ୟାର ସମାଧାନ ମିଳିଗଲା । ଏଥିନେଇ ଉପୁଜିଥିବା ପାପକୁ ସେହି ଝିଅର ଗାଁ' ଚଉପାଢ଼ି ଉପରେ ବର୍ତ୍ତମାନ ବସି, ଯେଉଁମାନେ ରାଜାଙ୍କର ନିନ୍ଦା ଗାନ କରି ମିଥ୍ୟାରୋପ କରୁଛନ୍ତି, ସେମାନଙ୍କ ହିସାବ ତାଲିକାରେ ଏହି ପାପକର୍ମକୁ ଯୋଡି ଦିଆଯାଉ । ସେ'ହି ନିନ୍ଦୁକମାନେ ଉକ୍ତ ପାପ ସମୂହକୁ ଭୋଗ କରିବେ । ସର୍ବ ସମ୍ମତ ନିଷ୍କର୍ଷ ଏହି ଯେ, ପରନିନ୍ଦାର ପରିଣାମ ପ୍ରମାଦ ହୁଏ । ନିର୍ଣ୍ଣିତ ନିଷ୍ପତ୍ତିରେ ଯମରାଜ ମଧ୍ୟ ମୋହର ସହିତ ଦସ୍ତଖତ ଦେଇଦେଲେ । କଥା ଶେଷ ହେଲା ।

ସାହିତ୍ୟ ସମ୍ପାଦକ ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,

ପାତ୍ରପୁର, ଗଞ୍ଜାମ, ଭ୍ରାମ୍ୟଭାଷ : ୮୭୬୦୦୯୪୯୭୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିଡ଼



ପ୍ରହ୍ଲାଦ ସାହୁ

ସହରଟା ଯାକ ଯେଉଁଆଡକୁ ଚାହିଁଲେ କେବଳ ଜନ ସମାଗମ, ଭିଡ ହିଁ ଭିଡ । ସତେ କି ସହରଟା ଉଠୁଛି ପଡୁଛି । ଗଳି, କନ୍ଦି, ମୋହଲ୍ଲା, ବସ୍ତି ସବୁଠି ଭିଡ ହିଁ ଭିଡ । ଚାରିଆଡେ ଜନ ସମାଗମ । ହବନି, କି କଥା କହୁଛ ମ, ଇଏ ପରା ଦୁର୍ଗା ପୂଜା । ପୁଣି କଲିକତା ଦୁର୍ଗାପୂଜା । ବହୁ ବଜାର, ଶିଆଲଦା, ଶୋନାଗାଛି, ସୁବାସ ବୋଷ ରୋଡ, କାଲିଘାଟି, ବଡ ବଜାର ଏମିତି ସବୁ ବଜାରରେ ମାଆ ଦୁର୍ଗାଙ୍କର ଅପୂର୍ବ ସମାବେଶ । ଭିଡ କଥା ନକହିଲେ ଭଲ ।

ମଣିଷର ଏକ ସ୍ୱଭାବ, ଯେଉଁ ଜିନିଷ ପାଇଁ ତାକୁ ମନା କରାଯାଏ ସେ ସେହି ଜିନିଷ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରେ । ଲୁଚି ଛପି ସେ ତାହାରି ପଛରେ ପଡିଯାଏ । ଯେପର୍ଯ୍ୟନ୍ତ ସେ ଠକି ନଥିବ ସେ ପର୍ଯ୍ୟନ୍ତ ସେ ଛାଡିବ ନାହିଁ । ଛାତ୍ର ଅବସ୍ଥାରେ ଦିମାଗ ବେଶି ଖୁରାପାତି ହୁଏ । ବେଶି ଅନୁସନ୍ଧିତ୍ସୁ ହୋଇଉଠେ । ସମୟ ଜଣାପଡେ ନାହିଁ ମନ ଏବଂ ଦିମାଗ ପୁରା ବିଶ୍ୱ ଭ୍ରମଣ କରିଆସନ୍ତି ।

ସେତେବେଳେ ମୁଁ ଯୁକ୍ତ୨ ଫାଷ୍ଟ ଇୟର ବିଜ୍ଞାନର ଛାତ୍ର । ପିଉସା ପୁଅ ଭାଇ କଲିକତାରେ ରହୁଥିଲେ । ତାଙ୍କରି ଭରସାରେ ମୁଁ ଯାଇ ପହଞ୍ଚି ଥିଲି ସେଠାରେ ବିଶ୍ୱ ପ୍ରସିଦ୍ଧ କଲିକତା ଦୁର୍ଗାପୂଜା ଦେଖିବା ପାଇଁ । ଭଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରେ ସେ ରହୁଥାଏ । ରହିବା, ଖାଇବାର କୌଣସି ଅସୁବିଧା ନଥିଲା । ସାନଭାଇ ମୋତେ ଆଖ ପାଖ ଗଳି, ବସ୍ତି, ରାସ୍ତା-ଘାଟ ଦେଖେଇ ଦେଇଥିଲା ଏବଂ ଏହା ଭିତରେ ବୁଲା ବୁଲି କରିବାକୁ କହି ତା ଡିୟୁଟିରେ ଚାଲିଯାଏ । ବେଶି ଦୂର ନଯିବା ପାଇଁ ତାଗିଦ୍ ବି କରିଯାଏ ।

ପ୍ରତିଦିନ ଭଳି ସେଦିନ କାଳି ଘାଟୀ କାଳୀ ମନ୍ଦିର ବୁଲିବାକୁ ମୁଁ ଯାଇଥାଏ । ମନରେ ଅଫୁରନ୍ତ ଖୁସି । ଭଳିକି ଭଳି ମେଢ, ଗହଳ-ଚହଳ । ପ୍ରବଳ ଭିଡ, ଶୋରିଷ ପକେଇବାକୁ ବି ଜାଗା ନଥାଏ । ମା ଦୁର୍ଗାଙ୍କ ମେଢ ଦେଖିବାକୁ ଯାଇ ଠେଲା ପେଲା ଭିତରେ ଆଗକୁ ଆଗକୁ ପେଲି ହେଇ କିଛି ଦୂର ଚାଲିଗଲି । ଚାଲୁ ଚାଲୁ ପହଞ୍ଚି ଯାଇଥାଏ ଛୋଟି ଗଙ୍ଗା କୂଳରେ । ମୁଖ୍ୟ ଗଙ୍ଗା ସହିତ ସଂଯୋଗ ହୋଇଥିବାରୁ ନାଆଁଟି ତାର ଛୋଟି ଗଙ୍ଗା ।

ଗଙ୍ଗା, କିନ୍ତୁ ମୁଁ ଯାହା ଶୁଣିଥିଲି ଦେଖିଲା ପରେ ବିଶ୍ୱାସ କରି ପାରିଲି ନାହିଁ ଯେ ଇଏ ପ୍ରକୃତରେ ଗଙ୍ଗା ନା ମିଛଟାରେ ଲୋକମାନେ ଏ କେନାଲକୁ ଗଙ୍ଗା କହୁଛନ୍ତି । ଅବଶ୍ୟ ମୋ ଗାଆଁ ଦେଇ ପ୍ରବାହିତ କେନାଲ ଯାହାର ଉତ୍ପତ୍ତିସ୍ଥଳ ହଦଗଡ ଡେମ ତା ଠାରୁ ଏ ଗଙ୍ଗା ବଡ ନୁହେଁ । ଗଙ୍ଗା ପବିତ୍ର, ସ୍ୱଚ୍ଛ, ନିର୍ମଳ କିନ୍ତୁ ସମ୍ପୂର୍ଣ୍ଣ ଅଲଗା ଥିଲା ସେ ଛୋଟି ଗଙ୍ଗା । ଗନ୍ଧରେ ନାକ ଫାଟି ପଡୁଥାଏ । ସହରର ସବୁଯାକ ନାଳ ନର୍ଦ୍ଦମାର ଆଶ୍ରୟ ସ୍ଥଳୀ ସେହି ଗଙ୍ଗା । ସାତ ରଙ୍ଗର ପାଣି ପ୍ରଥମ ଥର ପାଇଁ ଦେଖିବାକୁ ମିଳିଲା ସେଦିନ । ବହିରେ ତ ପଢିଥିଲି ପାଣି ରଙ୍ଗ ହୀନ । କିନ୍ତୁ ଇଏ କଣ, ଏଠି ତ ଭଳି ଭଳି ରଙ୍ଗର ପାଣି । ତା ସହିତ ସବୁଯାକ ଅପରିଷ୍କାରର ଗନ୍ତାଘର ସେ ଗଙ୍ଗା ।

ଭିଡ ସେଠି ବି ଲାଗିଥାଏ । ମା ଦୁର୍ଗାଙ୍କ ମେଢ ପାଇଁ ନୁହେଁ, ମାଆଙ୍କର ପାର୍ଶ୍ୱ ସହାୟିକା ଚାମୁଣ୍ଡା, କାତ୍ୟାୟନୀ, ଖପରଧାରିଣୀ ଇତ୍ୟାଦିଙ୍କ ନାଲି ନେଳି ଲିପଷ୍ଟିକ ସହିତ ପ୍ରସାଧନ ସାମଗ୍ରୀ ବୋଳି ହୋଇ ରୂପର ପସରା ମେଲେଇ ଚାହିଁ ବସିଥିବା ରୂପସୀ ମାନଙ୍କ ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ ସେମାନଙ୍କ ଭିଡ ଭିତରେ ମୁଁ ନିର୍ବାକ୍ ହୋଇଯାଇଥିଲି । ଛୋଟି ଗଙ୍ଗା ନଦୀ ଦେଖିସାରି ଯେବେ ପଛକୁ ଫେରିବା ପାଇଁ ପାଦ ବଢେଇଥିଲି ସେତେବେଳେ ମୋ ପାଦ ଆଉ କେଉଁଠି ପଡିଥିଲା । କେତେଜଣ ମହିଳା ରାସ୍ତା ଦେଖେଇବା ବାହାନାରେ ମୋତେ ସେମାନଙ୍କର ଭିଡ ଭିତରକୁ ଟାଣି ନେଇଥିଲେ । ସେମାନଙ୍କର ଅଦ୍ଭୁତ ଅଙ୍ଗ ଢଙ୍ଗ କାର୍ଯ୍ୟକାରିତା ଏବଂ ବ୍ୟବହାରରେ ମୁଁ ଅତିଶୟ ହୋଇ ପଡିଥାଏ ।

ଗଳି ଭିତରେ ଏକ ଦୋକାନରୁ ଗୋଟିଏ ରାଜୀବ ଗାନ୍ଧୀଙ୍କ ଜୀବନ ଚକ୍ର ଉପରେ ଆଧାରିତ ପୋଷ୍ଟକାର୍ଡ଼ଟିଏ ୧ଟଙ୍କା ଦେଇ ଖର୍ଦି କରିଥିଲି । ସେହି ପୋଷ୍ଟକାର୍ଡ଼ ସହିତ ୨୦ ଟଙ୍କା ମୋ ସାର୍ଟ ଉପର ପକେଟରେ ଥିଲା । ଏକାଥରେ ୩ ଜଣ ମହିଳା ମୋ ପକେଟରେ ହାତ ପୂରେଇ ଖିଚି ନେବାପାଇଁ ଟଣା ଓଟରା କରୁଥାନ୍ତି । ସେମାନଙ୍କ ଦୃଷ୍ଟିରେ ମୋ ପକେଟରେ କିଛି ମୋଟା ପଇସା ନିଶ୍ଚିତ ଅଛି ବୋଲି ସେମାନେ ଭାବି ମୋତେ ଆକ୍ରମଣ କରିଥାନ୍ତି । କିନ୍ତୁ ମୁଁ ତ ବୁଲା ଫକିର । ସେ ସମୟରେ ୨୦ ଟଙ୍କା ୧୯୮୯ ମସିହାର ବହୁତ କିଛି । ମୁଁ ବା କେମିତି ଛାଡିଥାଆନ୍ତି ! ମୁଁ ବି ମୋ ପକେଟକୁ ଜାବୁଡି ଧରିଥାଏ । ଏହା ଭିତରେ ୫/୧୦ ମିନିଟ ଅତିବାହିତ ହୋଇଯାଇଥାଏ । କେହି କେହି ଚାପୁଡା, ଆଉ କିଏ ବିଧା ମାରିବାକୁ ବି ପଛେଇ ନଥିଲେ । ମୁଁ ନିରୂପାୟ । ସେତେବେଳେ ସବୁ ଯାକ ଭୟ ଭ୍ରାନ୍ତି ମନଟାକୁ ଆହୁରି ନର୍ଭସ କରିଦେଉଥାଏ । ସବୁଠୁ ମଜା କଥା ଥିଲା ସେମାନେ ବଙ୍ଗଳାରେ ମୋତେ ଗାଳି ଗୁଲଜ କରୁଥିବା ବେଳେ ମୁଁ ସେମାନଙ୍କୁ ଓଡିଆରେ ଛାଡ ଦୋ, ଆମି ଯିବା, ଆମାର ଭାଇ ମାରବୋ ମୋତେ, ଛାଡ ଦୋ କହି ଚାଲିଥିଲି ।

ବାହାରେ ଯିବା ଆସିବା କରୁଥିବା ଲୋକମାନଙ୍କ ଭିଡ ଧୀରେ ଧୀରେ ବଢିବାକୁ ଲାଗୁଥାଏ । ଦେଖୁଥିବା ଲୋକମାନେ ଭାବୁଥିଲେ ବୋଧହୁଏ ମୁଁ ଚୋରିକରି ପଳେଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲି ସେଥିପାଇଁ ମୋତେ ଅଟକେଇ ଧରି ରଖିଛନ୍ତି । କିନ୍ତୁ କେହି ଜାଣି ପାରୁନଥାନ୍ତି ମୋ ଦୁଃଖ କଥା । ମୁଁ ବୁଝି ପାରୁଥିଲି ସେମାନଙ୍କ କଥା କିନ୍ତୁ ସେମାନେ କେହି ମୋ କଥା ବୁଝି ପାରୁନଥିଲେ । ମୋ ଦୁର୍ଦ୍ଦଶାର ମୂଳକାରଣ ବଙ୍ଗଳା ଭାଷା ।

ହଠାତ୍ ସେହି ଭିଡ ଭିତରୁ କେହି ଜଣେ ମୋତେ ଜୋର କରି ଟାଣି ନେଲେ । ମୋ ପକେଟରୁ ସେମାନଙ୍କ ହାତ ବାହାରି ଯିବା ପରେ ମୁଁ ଏକମୁହାଁ ହୋଇ ମେଢ ପାଖକୁ ଚାଲିଆସିଥିଲି । ତାପରେ ସେହି ବହୁ ବଜାରରେ ଭଡା ଘର ଭିତରକୁ ଅତର୍କିତ ଭାବେ ପଶିଯାଇଥିଲି । ମଣିଷ ବଞ୍ଚିଗଲା । ଆଉ କିଛି ସମୟ ସେଠି ଥିଲେ କଣ ଯେ ହୋଇଥାନ୍ତା ସେଦିନ ମୋର ଅବସ୍ଥା କେବଳ ସେହି ମା ଦୁର୍ଗା ଜାଣନ୍ତି । ବେଳେବେଳେ ଏମିତି ବି ଖୁସି ମିଳେ ।

ନୂଆଦିଲ୍ଲୀ
୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୁମ୍ବନ



ସରୋଜ କୁମାର ସାହୁ

ଛାତ ଉପରୁ ଶୁଖାଇଥିବା ଲୁଗା ଆଣି ଫେରିଲା ଭିତରେ ବର୍ଷା ଯୋଗୁ ଅଧାରୁ ଅଧିକ ଓଦା ହୋଇ ଯାଇଥିଲା ମୀରା । କଅଁଳ ତୂଳାପରି ଗୋରା ତକତକ ତାର ଦେହ ଗୋଟାପଣେ ଥରିବାକୁ ଲାଗିଲା । ହାତେ ଲମ୍ବାର ବହଳ ବେଣୀ ଏକରକମ ଭିଜିଗଲା ଝିପିଝିପି ବର୍ଷାରେ । ସେ ଲୁଗାତକ ଖଟ ଉପରେ ସେମିତି ଫିଙ୍ଗିଦେଇ କବାଟକୁ ଆଉଜେଇ ଦେଲା ଭିତରପଟୁ । ଛାତି ଉପରୁ ଲୁଗା କାଢି ବଦଳିବାକୁ ଯାଇଛି ତ କାହାର ହାତ ସ୍ପର୍ଶରେ ଚମକି ପଡି ସେ ପୁନର୍ବାର ସଜାଡି ନେଲା ନିଜକୁ ହେଲେ ବିଫଳ ହେଲା ।

ପଛପଟକୁ ବୁଲି ଦେଖିବା ଆଗରୁ ସେ ପୁଣି ଥରେ ଭିଡି ଆଣି ପିଠିରେ ଆଙ୍କି ଦେଇଗଲେ ଗୋଟାଏ ଉଷୁମ ଚୁମ୍ବନ ।

ଏଥର ବିରୋଧ କଲାନି ଆଉ । ସେ ଜାଣି ସାରିଥିଲା ଏ ହେଉଛି ସ୍ୱାମୀ ଅଭିଙ୍କର ଚଗଲାମି । ଯାହାଙ୍କ ଚୁମ୍ବନର ସ୍ପର୍ଶ ମତୁଆଲା କରିଦିଏ ତାକୁ । କିଛିକ୍ଷଣ ପାଇଁ ଜଡେଇଗଲା ମୀରା । ବର୍ଷାରେ ଥରି ଉଠୁଥିବା ତାର ଦେହରେ ଏବେ ଖେଳି ଯାଇଥିଲା ବିଜୁଳିସମ ଉଷ୍ମତା ଆଉ ଉତ୍ତେଜନା ଭରା ଆବେଗ ।

- ଆରେ ଛାଡ ମୋତେ ? ଏମିତି କଣ ହେଉଛ ଯେ ? ଘରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତେ ଅଛନ୍ତି ? କିଏ ଯଦି ଏମିତି ଅବସ୍ଥାରେ ଦେଖିଦେବ ନାଁ ?

- ଦେଖୁ ! ଏଥିରେ ଡରିବାର କଣ ଅଛି ? ମୋ ଘର ମୋ ରୁମ ମୋ ସ୍ତ୍ରୀ ।

- ତମେ ବି ନାଁ, ବହୁତ ଦୁଷ୍ଟ ହେଲଣି ଆଜିକାଲି ?

- ଦୁଷ୍ଟାମୀ ଶିଖେଇଛି କିଏ ? ଫାଜିଲ୍ ଓଠ ତମେ.. ଆଉ ତମର ଚେହେରା..

- ଗୋଟାପଣେ ଲାଜରେ ଝାଉଁଳିଗଲା ମୀରା..

ଏତିକିବେଳେ ଅଭି ଚୁପ୍ ନ ରହି ମୀରାକୁ ଛାତି ଉପରକୁ ଭିଡି ଆଣି ଓଠରେ ଓଠ ଲଦି ଆଙ୍କି ଦେଇଗଲେ ଗୋଟାଏ ଚୁମ୍ବନ । ସେ ନିରୀହ ହରିଣୀଟିଏ ପରି ସଂପୂର୍ଣ୍ଣ ସର୍ମପି ଦେଲା ତାକୁ... ।

ସରୋଜ କୁମାର ସାହୁ
ଆଠଗଡ଼ .କଟକ
୯୩୪୮୫୬୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ୍ତ ଶବ



ସତ୍ୟନାରାୟଣ ମିଶ୍ର

ସେକ୍ସ ରେକେଟ୍ କାରବାର ଚଳେଇଛି ବୋଲି କେଉଁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଦିନ ସହର ଉପକଣ୍ଠ ତ୍ରିବେଣୀ ଲଜ୍ କୁ ଆସିଛନ୍ତି ଏସ ପି ଶ୍ରୀକାନ୍ତ ବାବୁ । ରାଣୀ ମହୁମାଛି ସହିତ ଦେହଜୀବୀ ଏବଂ ଗ୍ରାହକଙ୍କୁ ଆରେଷ୍ଟ କରିବା ଲକ୍ଷ୍ୟରେ ଦଳ ବଳ ସହିତ ସେଇଠି ହାଜର୍ । ପୋଲିସ ଆସିଛି ଜାଣି ଭିତତ୍ରସ୍ତ ଭାବେ ପଳାଇବାକୁ ଚେଷ୍ଟିତ ତିନି ତରୁଣୀ ଏବଂ ସେମାନଙ୍କ କାମାତୁର ଗ୍ରାହକ । ହେଲେ, ଖସି ପାରିଲେନି ପୋଲିସ ହାତରୁ । ମୁହଁ ଢାଙ୍କିଥିବା ତିନି ତରୁଣୀଙ୍କୁ ମହିଳା କନେଷ୍ଟବଲ୍ ଜୋର ଜବରଦସ୍ତ ଟାଣିନେବା ବେଳେ ଦୈବାତ୍ ଜଣକ ମୁହଁରୁ ଖସି ପଡ଼ିଲା ଓଢଣୀ, ଆଉ  ତା ଉପରେ ଦୃଷ୍ଟି ପଡିଲା ଏସ ପି ଶ୍ରୀକାନ୍ତ ବାବୁଙ୍କର ।

"ଆରେ ! ଏ' ତ ମୌସୁମୀ !" ସ୍ୱତଃ କହି ଉଠିଲେ,

ମୌସୁମୀ, ତମେ ?

ତରୁଣୀ ପୁନର୍ବାର ମୁହଁକୁ ଲୁଚାଇ କହିଲା, "ନାଇଁ ବାବୁ, ମୁଁ ମୌସୁମୀ ନୁହଁ, ଆପଣ ଭୁଲ୍ ଦେଖୁଛନ୍ତି, କେଉଁ ମୌସୁମୀର ଚେହେରା ମୋ ଚେହେରା ସାଙ୍ଗରେ ମେଳ ଅଛି ବୋଧେ ।"

ସମସ୍ତଙ୍କୁ ଚାଲିଯିବାକୁ ଇସାରା ଦେଇ ତରୁଣୀଟିକୁ ଅଟକାଇ ରଖିଲେ ଶ୍ରୀକାନ୍ତ । ତାକୁ କହିଲେ, "ନା, ତମେ ହି ମୌସୁମୀ, ସେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେହେରା, ସେଇ ଭଙ୍ଗୀ, ସେଇ କଣ୍ଠ ସ୍ୱର !! ମୌସୁମୀ ତମେ । ତମେ ହିଁ ମୋ ପ୍ରଥମ ପ୍ରେମ । ଆଦ୍ୟ ଯୌବନର ଜୀବନ ସାଥି ଗାର୍ଲଫ୍ରେଣ୍ଡ ମୌସୁମୀ...”

ତରୁଣୀ ସତତ ଚେଷ୍ଟା କରୁଥାଏ ଶ୍ରୀକାନ୍ତଙ୍କୁ ଭଣ୍ଡେଇ ଚାଲିଯିବ, ହେଲେ ହାର୍ ମାନିଗଲା ତାଙ୍କ ସେଇ ଆନ୍ଦୋଳିତ ଅନୁସନ୍ଧିତ୍ସୁ କଥା ଓ ଆବେଗ ପାଖରେ । କାରୁଣ୍ୟ ଭାବ ଦେଖି ସତ କହିବାକୁ ବାଧ୍ୟ ହେଇଗଲା ସେ । କାନ୍ଦି କାନ୍ଦି ଭାବୁଛି କହିଦେବ, “ହଁ ମୌସୁମୀ ।” ହେଲେ, ସାହସ ପାଉନି । ଏ ଅବସ୍ଥାରେ କେମିତି ଆଖିରେ ଆଖି ମିଶେଇ କହିବ ମୁଁ ତମ ପ୍ରଥମ ପ୍ରେମ ବୋଲି ? କିପରି କଥା ହେବ ବୋଲି ଲାଜେଇ ହେଇ ଯାଉଥାଏ ବିଚାରି । ଦେହ ରୁ ବହି ଚାଲିଛି ଘମ୍ ଘମ୍ ଝାଳ ।

ହାତ ଧରି ଶ୍ରୀକାନ୍ତ ପଚାରିଲେ, “ମୌସୁମୀ ! ତମେ ଏତେଦିନ ହେଲା ହଠାତ କୁଆଡେ ଗାଏବ୍ ହେଇଥିଲ ? ଆଜି ତମକୁ ଦେଖିଲି ଏମିତି ଏକ ଦୁରବସ୍ଥାରେ । କଣ ପାଇଁ ତମେ ଏମିତି ପରିସ୍ଥିତି ? ଅନ୍ତତଃ, ମୋତେ ଟିକେ ଯୋଗାଯୋଗ କରିବାକୁ ବି ଚେଷ୍ଟା କଲନି ? ?”

ବିକଳ କଣ୍ଠରେ ମୌସୁମୀ କହିଲା, “କେମିତି ଆଉ ତମ ସହିତ ଯୋଗାଯୋଗ ରଖିଥାନ୍ତି ଶ୍ରୀକାନ୍ତ ! ମୁଁ ତ ଗୋଟେ ଶବ । ଜୀଅନ୍ତା ଶବ । ବାସିଫୁଲ ହେଇ କେମିତି ତମ ଭଳି ଦେବତାଙ୍କ ପୂଜାରେ ଲାଗି ଥାଆନ୍ତି ?”

“ବାସିଫୁଲ ? ଜୀଅନ୍ତା ଶବ ! ଏସବୁ କଣ କହିଯାଉଛ ତମେ ? ଏମିତି କହିବା ତାତ୍ପର୍ଯ୍ୟ କଣ ?”

ସେ ଦିନ ମନ୍ଦିର ବେଢାରେ ଜାଗର ଜାଳିବାକୁ ଯାଇ ମହାଦୀପ ଉଠିବା ଆଗରୁ ଭାବିଲି କଳସିଏ ପାଣି ନେଇ ଆସେ । ଝାପ୍ସା ଅନ୍ଧାରୁଆ ଜାଗା ନଳକୁଅ ପାଖରେ ପହଞ୍ଚିବା ମାତ୍ରେ ହଠାତ ଅନୁଭବ କଲି ରାସାୟନିକ ଗନ୍ଧ । ଦୁଇଟି ବଳିଷ୍ଠ ହାତ ମୋ ମୁହଁକୁ ଚାପି ଧରିଲା । ଅଚେତ କରି ଟେକି ନେଲେ ସେମାନେ । ଚେତା ଫେରିବା ପରେ ଆବିଷ୍କାର କଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜକୁ ଏକ ଲଜ୍ କୋଠରୀ ଭିତରେ । ଆଉ, ତା ସହିତ ହରାଇ ସାରିଥିଲି ନାରୀ ଜୀବନର ସର୍ବଶ୍ରେଷ୍ଠ ସମ୍ପଦ କୁମାରୀତ୍ୱକୁ । କିଛି ସମୟ ପରେ ଦେଖିଲି ଲଜ୍ ମାଲିକ ଆସି ମୋ ହାତକୁ ବଢ଼େଇ ଦେଲା ପୁଳାଏ ଶହେ ଟଙ୍କିଆ ନୋଟ୍ । କହିଲା, ଏମିତି ଧଂଧା କରି କରି ତୁ ରାଣୀ ବନି ଯିବୁ । ଏସହରରୁ ଆଉ ଗୋଟେ ସହର ବଦଳି ବଦଳି ଜମେଇ ଦେବୁ ଟଙ୍କାର ପାହାଡ଼ । ଗ୍ରାହକମାନଙ୍କୁ ଶାନ୍ତି ଦେଇ ମାଲାମାଲ୍ ହେଇଯିବୁ ସୁନା ଆଉ ହୀରା ଗହଣାରେ ।”

ତା ବିକଟାଳ ହସ ଆଉ କୁତ୍ସିତ କଥା ଦେଖି ଇଚ୍ଛା ହଉଥିଲା ତା ମୁହଁକୁ ଛେପ ଫିଙ୍ଗିବାକୁ । ସିଦ୍ଧାନ୍ତ ନେଇଥିଲି ବିଷପିଇ ଆତ୍ମହତ୍ୟା କରି ଦେବାକୁ । କିନ୍ତୁ ପରେ ଭାବିଲି ମୁଁ ତ ମରି ସାରିଛି । ଜୀବନ୍ତ ଶବଟିଏ ପାଲଟି ସରିଛି ମୁଁ । ଆଉ ମରିବି କଣ । ଯଦି ଏଇ ଶବ ମାଧ୍ୟମରେ କାହାର ଯୌନ କ୍ଷୁଧା ଦୁରୀଭୂତ ହେଇ ପାରୁଛି ତାହେଲେ ତାହା କ୍ଷୁଧାର୍ତ୍ତକୁ ଅନ୍ନ ଦାନ ଭଳି ପୁଣ୍ୟ ହେବ । ଧର୍ମ ହେବ ମୋର୍ । ସେଇ ଦିନଠୁ ମୁଁ ମୋ ଏଇ ଶବ ଶରୀର ମାଧ୍ୟମରେ ଯୌନ କଙ୍ଗାଳମାନଙ୍କୁ ଆତ୍ମଶାନ୍ତି ପ୍ରଦାନ କରିଚାଲିଛି ସାମାନ୍ୟ ଅର୍ଥ ବିନିମୟରେ ।

ତମେ କହ ଶ୍ରୀକାନ୍ତ ! ଏମିତି ପରିସ୍ଥିତିରେ ଆଉ କେଉଁ ମୁହଁ ନେଇ ତମ ସହିତ ଯୋଗାଯୋଗ ରଖିଥାନ୍ତି ?”

ଶ୍ରୀକାନ୍ତ ନୀରବ । ମନେ ମନେ ଚିନ୍ତା କଲେ ଲଜ୍ ମାଲିକକୁ କଠୋର ଦଣ୍ଡ ବିଧାନ କରିବେ । ମୌସୁମୀକୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବେ । ଏଇଠୁ ଉଦ୍ଧାର କଲାପରେ । ଗୋଟିଏ ପୁତ୍ର ସନ୍ତାନର ଜନକ ତାକୁ ଘରକୁ ତ ନେଇ ପାରିବେନି । ବରଂ ଥଇଥାନର ବ୍ୟବସ୍ଥା କରିଦେବେ ମୌସୁମୀକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗପ ହେଲେ ବି ସତ



ଅମରନାଥ ବାରିକ

ଆମେମାନେ ସମସ୍ତେ ଜାଣିଛନ୍ତି ସୁଖ ଓ ଦୁଃଖକୁ ନେଇ ଜୀବନର ନାଟକ ଆରମ୍ଭ ହୋଇଥାଏ । କିଛି ଯନ୍ତ୍ରଣାକୁ ଭୁଲି ଯାଆନ୍ତି ତ କିଛି ଯନ୍ତ୍ରଣାକୁ ଛାତି ତଳେ ଚାପିରଖନ୍ତି । ଆଉ କିଛି ସ୍ମୃତି ଓ ଅନୁଭୂତି ହୋଇଯାଏ କିନ୍ତୁ ମୁଁ ଜଣେ ଏମିତି ମହିୟସୀ ମହିଳାଙ୍କ ବିଷୟରେ କହୁଛି ଯାହା କେଉଁ ଗ୍ରନ୍ଥ ଉପନ୍ୟାସରେ ନଥିବ ଏବଂ ତାଙ୍କ ପାଖରେ ସଂସାରର ସବୁ ଦୁଃଖ ହାର୍ ମାନିଛି ।

ସାତ ବର୍ଷ ଓ ପାଞ୍ଚ ବର୍ଷ ବୟସର ଦୁଇଟି ଅବୋଧ ଶିଶୁଙ୍କୁ ସମ୍ଭାଳିବା, ତାଙ୍କର ପିନ୍ଧିବା ନାଇବା ଖାଇବା ଏମିତି ଅଳି ଅର୍ଦ୍ଦଳି ସାମନା କରିବା ଓ ତା' ସହିତ ଘରଟା ଯାକର କାମଧନ୍ଦା ସବୁ ନିଜେ କରୁଥାଏ ଅରୁନ୍ଧତୀ ।

ଦୁଃଖ ସହି ନପାରି କେତେବେଳେ କେମିତି ପଡ଼ୋଶୀ ମାନେ ଆସି ସାହାଯ୍ୟ କରିଦିଅନ୍ତି । ନହେଲେ ଅରୁନ୍ଧତୀକୁ ସବୁ କରିବାକୁ ପଡ଼େ । ସୂର୍ଯ୍ୟଙ୍କ ଉଦୟ ହେବା ପୂର୍ବରୁ ଶେଯ ତ୍ୟାଗ କରି ଯାବତୀୟ କାମ ସାରିଥାଏ । ବେଳେବେଳେ ନିଜେ ଭୋକ ଓପାସରେ ରହି ଆଖିର ଲୁହକୁ ପିଇ ରାତି ବିତାଇ ଦିଏ ସିନା, ସେ ପିଲା ଦୁଇଟିଙ୍କୁ କିଛି ଦୁଃଖ ଜାଣିବାକୁ ଦିଏନି । ସେମାନେ ବା କ'ଣ ଜାଣନ୍ତି ଅଭାବ ଅନାଟନର ଅର୍ଥ ! ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଯାହା ହେଉ ବାରିଘରରୁ ଶାଗ ମାରିଚ ଆଣି ଏଣୁ ତେଣୁ କରି ଖୁଆଇ ଦିଏ । ଗାଁକୁ କେହି ଜଣେ ଫେରିବାଲା ଆସିଲେ, ଗାଁ ପିଲାମାନେ ତାଙ୍କ ଘରୁ ପଇସା ଆଣି ଚୁଟୁରୁ ମୁଟୁରୁ ଖାଇଥାନ୍ତି । ସେତେବେଳେ ଏ ଦୁଇଟି ବାଳକ ଅଝଟ କରିଥାନ୍ତି ଅରୁନ୍ଧତୀ ପାଖରେ । ହେଲେ ଟଙ୍କେ ଆଠଣା ସବୁ ପୁରୁଣା ବାକ୍ସ ଆଟାଚି ଚିଣା ପର୍ଯ୍ୟନ୍ତ ଅଣ୍ଡାଳିଥାଏ ଅରୁନ୍ଧତୀ । କାଳେ ବାପା ବୋଉ କିଛି ରଖି ଯାଇଥିବେ । ହେଲେ କିଛି ମିଳେ ନାହିଁ । ସେ ପିଲା ଦୁଇଙ୍କର ବିକଳ ମୁହଁକୁ ଚାହିଁ ଆଖିରୁ ଦୁଇ ଟୋପା ଲୁହ ଝରାଇ ଦିଏ ଅରୁନ୍ଧତୀ ।

ବାପାଙ୍କ ଯିବାର ଛଅ ମାସ ଭିତରେ ମା' ବି ଛାଡ଼ି ଚାଲି ଯାଇଥିଲେ ଆରପାରିକୁ । ମାତ୍ର ଏଗାର ବର୍ଷ ବୟସର କୁନି ଝିଅ ଅରୁନ୍ଧତୀ ଦୁଃଖର ବୋଝକୁ ମୁଣ୍ଡେଇ ଚାଲିଥିଲା । ତା'ର ଛୋଟ ଛୋଟ ଦୁଇ ଭାଇଙ୍କୁ ମଣିଷ କରିବା ପାଇଁ ଆପଣେଇ ନେଲା ଦୁଃଖକୁ । ସପ୍ତମ ଶ୍ରେଣୀରେ ପଢିବା ସମୟରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ତା'ର ପାଠ ପଢ଼ାରେ । ଦୁଇ ଭାଇଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିଲା ଛୋଟ ଏକ ବ୍ୟବସାୟ । ଗାଁ ଠାରୁ ଅଳ୍ପ କିଛି ଦୂରରେ ଥିଲା ଏକ ବଜାର । ସେଠାରୁ କିଛି ସଉଦା ବାକିରେ ଆଣି ବିକ୍ରିକରେ ଗାଁରେ । ସେଥିରୁ କିଛି ଲାଭ ରଖି ବାକି ପଇସା ସୁଝି ଦିଏ । ଏମିତି କରି ସେ ପରିବାର ସମ୍ଭାଳି ଥିଲା । ତା' ସଙ୍ଗେ ସଙ୍ଗେ ପିଲାମାନଙ୍କୁ ପାଠ ପଢ଼ାଇ ଉଚିତ୍ ମାର୍ଗ ଦେଖାଇ ଥିଲା । ତା'ର ଏମିତିକା ସ୍ୱଭାବ ଦେଖି ଗ୍ରାମବାସୀମାନେ ବଡ଼ ଆଦର କରୁଥିଲେ । ବଡ଼ ହେବା ପରେ ପରବର୍ତ୍ତୀ ସମୟରେ, ସେହି ଗାଁର ନିକଟବର୍ତ୍ତୀ ବସ୍ତିରୁ ଆସିଥିଲେ ଜଣେ ଧନି ଲୋକ ଅରୁନ୍ଧତୀକୁ ବୋହୂ କରି ନେବା ପାଇଁ । କାରଣ ତାଙ୍କୁ ଜଣାଥିଲା ଯେ ଅରୁନ୍ଧତୀ ଜଣେ ଝିଅ ନୁହେଁ ସେ ହୀରାଟିଏ । କାହିଁକି ନା ଯାହା ସେ କରି ଦେଖାଇଛି ହୁଏ ତ କେଉଁ ମା' ଏମିତି କରି ପାରିବ ନାହିଁ । ମାଛିକୁ ମ ବୋଲି କେବେ କୁହେ ନାହିଁ । ଚିରା ଫଟା ଅଛି ନାହିଁରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ବିତାଇ, ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ପାରିଛି । ଜୀବନର ପ୍ରକୃତ ଅର୍ଥ କ'ଣ ତାହା ଅରୁନ୍ଧତୀ ଜାଣିଛି । ଦୁଃଖ ଯନ୍ତ୍ରଣା କୋହକୁ ସାମନା କରିପାରିଛି । ଶେଷରେ ଶାଶୂଘରକୁ ଯାଇ ଏହା ପ୍ରମାଣିତ କରି ପାରିଛି କି "ଦୁହିତା ଦୁଇ କୁଳକୁ ହିତା" ।

ସତରେ ଅରୁନ୍ଧତୀର ଏହି ଜୀବନ କାହାଣୀଟି କେଉଁ କାହାଣୀ କି ଗଳ୍ପ ନଥିଲା, ଥିଲା ଏକ ସତ୍ୟ ଘଟଣା, ଯାହାକୁ ଲୋକଲୋଚନକୁ ଆଣିବା କର୍ତ୍ତବ୍ୟ ଭାବିଲି ।

ଗ୍ରା/ପୋ -କୟାଁ, ଭାୟା- ମଙ୍ଗଳପୁର, ଜିଲ୍ଲା- ଯାଜପୁର

ଓଡ଼ିଶା - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅସ୍ଥି ବିସର୍ଜନ



ନିତ୍ୟ ରଞ୍ଜନ ନନ୍ଦ

ଭଲମନ୍ଦେ ସରିଗଲା ଶୁଦ୍ଧିକର୍ମ । ଭାଇଭୋଜନ ପରେ ଝିଅ ଝିଆଣି ବାହୁଡିଲେଣି । ଉଚ୍ଛୁଳୁଥିବା ଘର ଏବେ ଶୁନଶାନ । ପନ୍ଦରଦିନ ଛୁଟି କେମିତି ସରିଲା ଜାଣି ହେଲାନି । କାଲି ଫେରିବା ସୁନିଶ୍ଚିତ । ବୋଉ ଯିବ ସାଙ୍ଗରେ । ବୋଉକୁ ଛାଡିକି ଯିବା ବିପଦ । ତାକୁଇ ଦଉଡିବାକୁ ହବ ବାରବାର । ଛ'ମାସେ ବର୍ଷେ ରହିଗଲେ ପାଖରେ ବୋଉ ଧୀରେ ଧୀରେ ଦେହ ଶୁଆ ହେଇଯିବ । ସେଣିକି ଯେବେ ଚାହିଁବ ଆସିବ ।

ବ୍ୟାଗପତ୍ର ପ୍ୟାକିଙ୍ଗ ସରିଲାଣି । ବୋଉର ସଜସବୁ ଅଲଗା ବ୍ୟାଗରେ । ବୋଉ କହିଲା, ଶୁ'ଣୁ, ଏହ୍ଲାବାଦ ଦେଇ ଟ୍ରେନ ଯିବ । ସାଙ୍ଗରେ ନେଇଯିବା ବାପାଙ୍କ ଅସ୍ଥି । ଏଲ୍ଲାବାଦରେ ଓହ୍ଲେଇ ଅସ୍ଥି ବିସର୍ଜନ କରି ପରଦିନ ଟ୍ରେନ ଧରିବା । ଯିବା ରାସ୍ତାରେ କାମ ସରିଯିବ । ପଛକୁ ନଥିବ । ନା କଣ କହୁଚୁ ?

ସମ୍ବିତ କହିଲା, ଏବେ ସେ କାମ କଣ ଜରୁରୀ ?

- ଦେ'ଖେ ସମ୍ମୁ, ମୁଁ ଥିଲେ ଅସ୍ଥିକୁ ଦେଖି ଥାଆନ୍ତି । ମୁଁ ରହିବିନି । କିଏ ଦେଖିବ ? ଅପନ୍ତରା, ଅପଚରା ହେଇ ପଡିରହିବ । ଥିବ କି ନାଇଁ, ତା' ବି ସନ୍ଦେହ । ମୁଁ ଯାହା କହୁଛି ସେଇଆ କର । କଣ ଆଉଥରେ ଆସିବୁ ଅସ୍ଥି ବିସର୍ଜନ ପାଇଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉର କଥାକୁ କାଟି ପାରିଲାନି ସମ୍ବିତ । ଅଗତ୍ୟା ରାଜି ହେବା ଛଡା ଚାରା ନଥିଲା ତାର ।

ପରଦିନ ସକାଳୁ ଦାଦାଙ୍କ ଘରେ ଚାବି ଦେଇ ବାହାରିଲେ ସମସ୍ତେ ।

ରାଜଧାନୀ ଏକ୍ସପ୍ରେସ । ଭଦ୍ରକ ଛାଡିଲା ଦିନ ଦୁଇରେ । ଯିଏ ଯାହାର ସିଟରେ ବସି ଢୁଳାଉ ଥାଆନ୍ତି । ନାଲି କନାବନ୍ଧା ଅସ୍ଥି କଳଶକୁ କୋଳରେ ଧରି ବସିଥାଏ ବୋଉ । ଜାଗି ରହିଥାଏ ଗୋଟାଦିନ । ରାତିଖିଆ ପରେ ସମ୍ବିତ କହିଲା ବୋଉ, କଳଶକୁ ମୁଣ୍ଡ ପାଖରେ ରଖି ଟିକେ ଶୋଇଯାଆ । କେତେ ସମୟ ଉଜାଗର ରହିବୁ ? ଦେହ ଖରାପ ହବ । ଥ୍ରୀ ଟାୟାରରେ ତଳ ଟାୟାର ବୋଉର । ମଝିରେ କୁନାକୁ ଧରି ଏଲିନା । ସବା ଉପରେ ତାର ।

ଭୋ'ରୁ ଭୋ'ରୁ ଗାଡ଼ି ପହଂଚିଲା ଏହ୍ଲାବାଦରେ । ରହିବ ଏଠି ପନ୍ଦର କୋଡିଏ ମିନିଟ । ସମ୍ବିତ ବୋଉକୁ ଡାକି ଦେଇ ଓହ୍ଲେଇ ଗଲା ତଳକୁ । ଲୋକବି ଯିଏ ଯିମିତି ଓହ୍ଲେଇ ବୁଲିଲେଣି ବାହାରେ । ପାଖ ଷ୍ଟଲରୁ ଚାଆ ପିଉଛନ୍ତି । ସମ୍ବିତ ଚାରିଆଡ଼େ ଅନେଇ କାହାକୁ ଖୋଜୁଥାଏ । ଟିକେ ପରେ ଦୁଇଜଣ ଆସି ପହଁଚିଲେ ତା ପାଖରେ । ଯୁବକଟିଏ ସମ୍ବିତ ବୟସର । ତା ସାଙ୍ଗ ହବକି କଣ । ଭାରି ଅନ୍ତରଙ୍ଗ ଲାଗୁଥାଏ ସମ୍ବିତର । ଆର ଜଣକ ବ୍ରାହ୍ମଣ । ତାଙ୍କ ପୋଷକ ଓ ହାତରେ ପାଣି ନୋଟା ଦେଖି ଯିଏବି କହିବ । ବୋଉ କଳଶକୁ କୋଳେଇ ଓହ୍ଲେଇବାକୁ ଅପେକ୍ଷା କରିଥାଏ । ସମ୍ବିତ ବୋଉ ହାତଧରି ଆଣିଲା ତଳକୁ । ବ୍ରାହ୍ମଣ ହାତରେ ଅସ୍ଥି କଳସ ଟେକି ଦେବାକୁ କହିବାରୁ ବୋଉ କହିଲା, କ'ଣ ବ୍ରାହ୍ମଣ କରିବେ ଅସ୍ଥି ବିସର୍ଜନ ? ଆମେ ସପରିବାରେ ଯିବା ନାଇଁ ଗଙ୍ଗା ଘାଟ ? ନିଜ ହାତରେ କରିବା ନାଇଁ ବିସର୍ଜନ ?

ବ୍ରାହ୍ମଣ ବୁଝେଇଲେ ମାଆ, ତମେ ଜାଣିନକି, ନଅଖିଅ ପଇତାଧାରୀ ଆମେ । ଚୁଟିକୁ ଧରି କହିଲେ, ଏଥିରେ ବିଦ୍ୟମାନ ସ୍ୱୟଂ ଗଙ୍ଗାମାତା । ତମ ହାତରେ ବିସର୍ଜନ ଠାରୁ ଅଧିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପବିତ୍ର ଏବଂ ମୋକ୍ଷପ୍ରାପ୍ତି ଆମ ହାତରେ । ଗୋଟାଗୁଆ ଜଳ ଥୋଇ ପତ୍ରିରେ ବଢ଼େଇଲେ ବୃଦ୍ଧାଙ୍କ ହାତକୁ । କହିଲେ ମୁଣ୍ଡରେ ମାରି ଟେକିଦିଅ ମୋ ହାତକୁ । ତା'ସହ ଅସ୍ଥି କଳସ । ଧରିନିଅ ବିସର୍ଜନ ହେଇଗଲା । ତମେ ଦାୟିତ୍ୱ ମୁକ୍ତ । କାଇଁକି ଏଠି ଦିନଟିଏ ଦବ ? ଫଳ କଣ ଦିଇଟା ଫଳିବ ?

ବୋଉ ଅନେଇଲା ସମୁ ମୁହଁକୁ । ଚାହାଣିରେ ଅସରନ୍ତି ଜିଜ୍ଞାସା । ଇମିତିତ କେବେ ହେଇନି, କି ଶୁଣିନି ଅନ୍ୟ ହାତରେ ଅସ୍ଥି ବିସର୍ଜନ ହବାର ? ସମ୍ବିତ କହିଲା, ବ୍ରାହ୍ମଣଙ୍କ କଥାକୁ ବୋଉ ବିଶ୍ୱାସକୁ ନିଏ । ଭରସା ରଖ । ଆମେ ଏହ୍ଲାବାଦ ଯାକେ ଆସିଲେଣି । ଏଠୁ ଗଙ୍ଗା କେତେ ଦୂରକି ? ଏକା କଥା । ତା ଛଡା, ଟିକେଟ ଆମର ଦିଲ୍ଲୀ ଯାକେ । ଓହ୍ଲେଇଗଲେ ପଇସାତ ଯିବ, କାଲିକୁ ଦିଲ୍ଲୀ ଯିବାର ରିଜର୍ଭେସନ ମିଳିବନି । କିମିତି ଯିବା ? ଟିକେ ଚିନ୍ତାକର ସମସ୍ତଙ୍କ ପାଇଁ । କାଇଁ ଜିଦ ଧରୁଛୁ ? ବାପା କଣ ବୁଝୁ ନଥିବେ ଆମ ପରିସ୍ଥିତିକୁ ? ସମ୍ବିତ୍ ସାଙ୍ଗ କହିଲା, ସେଇଆ କର ମାଉସୀ । ବ୍ରାହ୍ମଣଙ୍କ ହାତରେ ଟେକି ଦେଇ ଅସ୍ଥି ତମେ ନିଶ୍ଚିନ୍ତରେ ଯାଅ । ଡେରି କରନା । ଗାଡ଼ି ଛାଡି ଦବ ।

ବ୍ରାହ୍ମଣ ହାତକୁ ଗୁଆଜଳ ଟେକିଦେଇ ଅସ୍ଥି କଳଶକୁ ମଥାରେ ଛୁଇଁ ବୃଦ୍ଧା ଧରେଇଦେଲେ ବ୍ରାହ୍ମଣଙ୍କୁ । ଆଖିରୁ ନିଗିଡି ପଡିଲା ଦୁଇ ଟୋପା ତତଲା ଲୁହ । ବୃଦ୍ଧା ଫେରିଆସି ଝରକା ଦେଇ ଅନେଇ ରହିଲେ ବାହାରକୁ । ସମୁ ଟଙ୍କା ହଜାରେ ହବ ପକେଟରୁ କାଢି ଧରେଇଲେ ବ୍ରାହ୍ମଣ ଗୋସାଇଁଙ୍କୁ । ସହାସ୍ୟ ପ୍ରସ୍ଥାନ କଲେ ବ୍ରାହ୍ମଣ । ଗାଡ଼ି ଛାଡିଲା । ଝରକାରେ ଉଙ୍କି ବୃଦ୍ଧା ଅନେଇ ଥାଆନ୍ତି । ଅଳ୍ପ ଦୂରତା ଭିତରେ ଦୃଶ୍ୟଟିଏ ଆସିଲା ତାଙ୍କ ନଜରକୁ । ନୋଟାକ ପାଣି ଟ୍ରେନ ଲାଇନରେ ଢାଳିଦେଇ କଣ ଗୋଟେ ଫିଙ୍ଗିବାର ଦିଶିଲା ଟ୍ରେନ ଲାଇନକୁ । ଇସତ ଲାଲ ବୋଲି ଦୃଶ୍ୟ ହେଉଥାଏ ଦୂରରୁ । ବୃଦ୍ଧା ଆଖି ଫେରେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥ'ହେଇ ବସିଲେ । ନିଜ ପ୍ରଶ୍ନ ନିଜ ପ୍ରତି ବାର ବାର -କଣ ଫିଙ୍ଗିଲେ ବ୍ରାହ୍ମଣ ଟ୍ରେନ ଲାଇନକୁ ?

ଦିଲ୍ଲୀ ପହଂଚିବା ପୂର୍ବରୁ ସମ୍ବିତ ଉଠି ସମସ୍ତଙ୍କୁ ରେଡି କଲା । ଦେଖିଲା ବୋଉ ବସି କାନ୍ଦୁଚି । ଲୁହ ସିଙ୍ଗାଣି ଏକାକାର । ବୋଉର ଅବସ୍ଥା ଦେଖି ସମ୍ବିତ ଡରିଗଲା । ପଚାରିଲା କାନ୍ଦୁଛୁ କାଇଁକି ବୋଉ ? ବାପାଙ୍କ କଥା ମନେ ପଡୁଛିକି ? ବୋଉ ଅନେଇଲେ ସୋମୁ ମୁହଁକୁ ଏକ ବେଦନାକ୍ତ ଦୃଷ୍ଟିରେ । କମ୍ପ ଜଡ଼ଜଡ଼ ଭାରି ଗଳାରେ କହିଲେ, ଟିକେ ଆଖି ଲାଗିଯାଇ ଥିଲା । ସ୍ୱପ୍ନରେ ତୋ ବାପା ଆସି କହିଲେ, ମୁଁ'ତ ଥିଲି ଠିକରେ । ସେଠୁ ଆଣି ମୋତେ ଏଠି ଅପନ୍ତରାରେ କାଇଁକି ଫିଙ୍ଗିଲୁ ? ମୁଁ କଣ ଭାରି ଲାଗୁଥିଲି ତୋତେ ? ନିଦ ଭାଙ୍ଗିଗଲା । ଆଉ ଶୋଇନି । କାନ୍ଦୁଚି ବସି । କୋଉଠି ମୋର ଭୁଲ ରହିଲା ? ସୋମୁ, ବାପାଙ୍କ ଅସ୍ଥି ପଡିବତ ଗଙ୍ଗାରେ ? ବ୍ରାହ୍ମଣପୁଅ କ'ଣ ପକେଇ ଦେଲେ ଟ୍ରେନଲାଇନକୁ ? ମୋତେ ଭାରି ଡର ମାଡୁଛି । ସମୁ କହିଲା, ଦେ'ଖ ବୋଉ, ତୋ ଚିନ୍ତା ଭୁତହେଇ ଡରଉଛି ତୋତେ । ଖାଲିଟାରେ ସନ୍ଦେହ କରୁଛୁ । ଆମ କାମ ଆମେ ସାରିଦେଲେ । ବାସ, ଭୁଲିଯା' ତାକୁ । ଟ୍ରେନ ଠିଆ ହେଲା ଦିଲ୍ଲୀ ଷ୍ଟେସନରେ । ଓହ୍ଲେଇଲେ ସମସ୍ତେ । ବୃଦ୍ଧା ବସି ଥାଆନ୍ତି ସିଟରେ ନିର୍ଜୀବପ୍ରାୟ ସ୍ଥାଣୁ ହେଇ... ।

ଡି ଏଲ ଏ-୧୨, ଭି.ଏସ.ଏସ. ନଗର, ଭୁବନେଶ୍ୱର

ମୋ. ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଜୀବନର ସତ୍ୟତା



ବିଜୟ କୁମାର ପରିଡ଼ା

ଏକ ଜଙ୍ଗଲରେ ଏକ ବଡ଼ ସେଓ ଗଛ ଥିଲା । ଗୋଟିଏ ପିଲା ପ୍ରତିଦିନ ସେହି ଗଛରେ ଖେଳିବାକୁ ଆସୁଥିଲା । ବେଳେବେଳେ ସେ ପିଲା ଗଛର ଡାଳରୁ ଝୁଲୁଥିଲା, ବେଳେବେଳେ ଫଳ ତୋଳି ଖାଉଥିଲା, ବେଳେବେଳେ ସେ ଡେଇଁ ପଡୁଥିଲା, ଗଛ ମଧ୍ୟ ସେହି ପିଲା ସହିତ ବହୁତ ଖୁସି ଥିଲା । ଅନେକ ବର୍ଷ ଏହିପରି ବିତିଗଲା ।

ହଠାତ୍ ଦିନେ ପିଲା ସେଇ ସ୍ଥାନକୁ ଆଉ ଆସିଲା ନାହିଁ, ଗଛ ତାଙ୍କୁ ବହୁତ ଅପେକ୍ଷା କଲା କିନ୍ତୁ ସେ ଆସିଲା ନାହିଁ । ଗଛଟି ଦୁଃଖୀ ହୋଇଗଲା ।

କିଛି ବର୍ଷ ପରେ ପିଲାଟି ପୁଣି ଗଛ ପାଖରେ ପହଞ୍ଚିଲା, କିନ୍ତୁ ଏବେ ସେ ଟିକିଏ ବଡ ହୋଇଯାଇଥିଲା । ଗଛ ତାଙ୍କୁ ଦେଖି ବହୁତ ଖୁସି ହେଲା ଏବଂ ତାଙ୍କୁ ତା ସହିତ ଖେଳିବାକୁ କହିଲା ।

କିନ୍ତୁ ପିଲାଟି ଦୁଃଖରେ କହିଲା ଯେ ବର୍ତ୍ତମାନ ସେ ବଡ ହୋଇଗଲାଣି, ଏବେ ସେ ତା ସହ ଖେଳି ପାରିବ ନାହିଁ । ପିଲାଟି କହିଲା, ବର୍ତ୍ତମାନ ମୁଁ ଖେଳନା ସହିତ ଖେଳିବାକୁ ପସନ୍ଦ କରେ, କିନ୍ତୁ ଖେଳନା କିଣିବାକୁ ମୋର ପାଖରେ ଟଙ୍କା ନାହିଁ ।

ଗଛଟି କହିଲା, ଦୁଃଖ କର ନାହିଁ, ତୁମେ ମୋର ଫଳ (ସେଓ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋଳି ସେଗୁଡ଼ିକୁ ବିକ୍ରି କରି ଖେଳନା କିଣ । ପିଲାଟି ଖୁସିରେ ଫଳ (ସେଓ)କୁ ତୋଳି ନେଇଗଲା ବିକ୍ରି କରିବାକୁ, କିନ୍ତୁ ସେ ସେଓ ନେଲାପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଛପାଖକୁ ଫେରି ଆସିଲା ନାହିଁ । ଗଛଟି ବହୁତ ଦୁଃଖି ହୋଇଗଲା ।

ଅନେକ ବର୍ଷ ପରେ ହଠାତ୍ ପିଲାଟି ଫେରି ଆସିଲା, ଗଛଟି ବହୁତ ଖୁସି ହେଲା ଏବଂ ତାକୁ ତା ସହିତ ଖେଳିବାକୁ କହିଲା ।

କିନ୍ତୁ ପିଲାଟି କହିଲା, ସେ ଗଛ ସହିତ ଖେଳି ପାରିବ ନାହିଁ, ବର୍ତ୍ତମାନ ମୋର କିଛି ଟଙ୍କା ଦରକାର କାରଣ ମୋର ପିଲାମାନଙ୍କ ପାଇଁ ଏକ ଘର ନିର୍ମାଣ କରିବାକୁ ପଡିବ ।

ଗଛଟି କହିଲା, ମୋର ଶାଖାଗୁଡ଼ିକ ବହୁତ ଶକ୍ତ, ସେମାନଙ୍କୁ କାଟି ନେଇଯାଅ ଏବଂ ତୁମର ଘର ନିର୍ମାଣ କର । ଏହା ଶୁଣି ପିଲାଟି ଖୁସିରେ ଗଛର ସମସ୍ତ ଶାଖା କାଟି ନେଇଗଲା ।

ସେହି ସମୟରେ ଗଛ ତାଙ୍କୁ ଦେଖି ବହୁତ ଖୁସି ଥିଲା କିନ୍ତୁ ତାପରେ ସେ ଆଉ ଫେରି ଆସିଲା ନାହିଁ । ପୁଣିଥରେ ଗଛଟି ଏକାକୀ ଏବଂ ଦୁଃଖୀ ହୋଇଗଲା ।

ଶେଷରେ ସେଇ ପିଲା ବହୁତ ସମୟ ପରେ ବୃଦ୍ଧାବସ୍ଥାରେ କ୍ଲାନ୍ତ ହୋଇ ସେଇ ଗଛ ପାଖରେ ପହଁଚିଲା ।

ତା'ପରେ ଗଛ ଦୁଃଖରେ କହିଲା, "ବର୍ତ୍ତମାନ ମୋର ଫଳ ନାହିଁ କି କାଠ ମଧ୍ୟ ନାହିଁ, ବର୍ତ୍ତମାନ ତୁମକୁ ସାହାଯ୍ୟ ବି କରିପାରିବି ନାହିଁ ।

ବୃଦ୍ଧ ଜଣକ କହିଲେ, ବର୍ତ୍ତମାନ ତାକୁ ଆଉ କୌଣସି ସାହାଯ୍ୟର ଆବଶ୍ୟକତା ନାହିଁ, ବର୍ତ୍ତମାନ କେବଳ ଗୋଟିଏ ସ୍ଥାନ ଦରକାର ଯେଉଁଠାରେ ସେ ସାରା ଜୀବନ ଆରାମରେ ବଞ୍ଚିପାରିବେ । ଗଛ ତାକୁ ତା ମୂଳରେ ଆଶ୍ରୟ ଦେଲା ଏବଂ ବୃଦ୍ଧ ସେଠାରେ ସବୁଦିନ ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରାମରେ ରହିଲା ।

ଏହି କାହାଣୀରେ ଆମେ ଦେଖୁ ଯେ ପିଲାଟି ସେହି ଗଛ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେହି ପିଲାଟି ସେହି ସେଓ ଗଛକୁ ଆବଶ୍ୟକତା ଅନୁଯାୟୀ ବାରମ୍ବାର ବ୍ୟବହାର କରୁଥିଲା, ଏସବୁ ଜାଣି ମଧ୍ୟ ଗଛ ତାକୁ ନିଃସ୍ୱାର୍ଥପର ଭାବେ ସାହାଯ୍ୟ କରୁଥିଲା ।

ଏହି କାହାଣୀ ଆଜି ଆମ ସମସ୍ତଙ୍କର ...

ବନ୍ଧୁମାନେ ଏହି ବୃକ୍ଷ ପରି ଆମର ପିତାମାତା ଅଟନ୍ତି, ଯେତେବେଳେ ଆମେ ଛୋଟ ଥାଉ, ଆମେ ସେମାନଙ୍କ ସହିତ ଖେଳି ବୁଲି ଅଳି ଅଝଟ କରି ବଡ଼ ହୋଇଥାଉ ଏବଂ ଯେତେବେଳେ ଆମେ ବଡ଼ ହେଇ କୌଣସି ଯୋଗ୍ୟତାରେ ପହଞ୍ଚିଯାଉ ସେତେବେଳେ ଆମେ ସେମାନଙ୍କୁ ଏକାକୀ କରି ଛାଡିଚାଲିଯାଉ ସେମାନଙ୍କୁ ଭୁଲିଯାଉ ଏବଂ ଯେତେବେଳେ କିଛି ଆବଶ୍ୟକ ହୁଏ ସେତେବେଳେ ଆମେ ପୁଣି ଫେରି ଆସୁ । ଆମେ ଆମର ପିତାମାତାଙ୍କୁ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରୁ ହେଲେ ସେମାନେ ମନରେ କିଛି ସଂକୋଚ ନ ରଖି ଆମକୁ ସାହାଯ୍ୟ କରିଥାନ୍ତି । ଧୀରେ ଧୀରେ ଜୀବନ ଏହିପରି ଚାଲିଯାଏ । ଏହା ହେଉଛି ଆମର ଜୀବନର କଠୋର ସତ୍ୟ ।

ଶିକ୍ଷା:- ଆମେ ପିତାମାତାଙ୍କୁ ଗଛ ପରି ସେବା କରିବା ଉଚିତ ଏବଂ କେବଳ ସେମାନଙ୍କଠାରୁ ଲାଭ ଉଠାଇବା ଉଚିତ୍ ନୁହେଁ । କିଛି ଲାଭ ଆମର ବି ତାଙ୍କୁ ଦେବା ଉଚିତ୍ । ପିତାମାତା ହିଁ ଆମ ଜୀବନ୍ତ ଠାକୁର ଆଉ ସବୁ ତ ପଥର ସମାନ ।

ସ୍ଥାନ : ଜଗତପୁର , କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦ୍ଭୁତ ପୁଲକ



ପ୍ରଗନ୍ କୁମାର ପାତ୍ର

ଅବସନ୍ନ ଅପରାହ୍ଣର ହାଲକା ତାପ ପ୍ରଦାନକାରୀ ସେଇ ତିର୍ଯ୍ୟକ୍ କିରଣ, ଧୀର ପବନର ତାଳେ ତରଙ୍ଗାୟିତ ସେହି ଆମ୍ର ବୃକ୍ଷ, ଆଉ ପ୍ୟାରେଡ୍ ର ସାବଧାନ୍ ଭଳି ଥିବା କେତୋଟି ହାତ ଗଣତି ଅମୃତଭଣ୍ଡା ଗଛ । ସତେ ଯେମିତି ସେମାନେ ମୋର ଚିର ଦିନର ବନ୍ଧୁ । ଦିନ ପରେ ଦିନ, ମାସ ପରେ ମାସ ଏମିତି ବିତି ଚାଲିଛି, କିନ୍ତୁ ସେମିତି ଅଛନ୍ତି ସେମାନେ ଠିକ୍ ନିର୍ଜୀବ ଭଳି । ଦୂର ଅସ୍ତଗାମୀ ସୂର୍ଯ୍ୟ ଲାଲ୍ ପେଣ୍ଡୁଟେ ପରି ବାଉଁଶ ବୁଦା ଉହାଡରେ ଲୁଚି ଚାଲିଛି । ନୀଳ ଦିଶୁଥିବା ଆକାଶଟି କ୍ରମେ କିଟ୍ ମିଟ୍ କଳା ଅନ୍ଧାରର କରାୟତ୍ତ ହେବାକୁ ଯାଉଛି । କିନ୍ତୁ କିଛି ଫରକ୍ ପଡୁନି ମୋ ଉପରେ, ସେମିତି ବୁଡି ଯାଇଥାଏ ଭାବନା ରାଇଜରେ । ମନେ ମନେ ଭାବେ ସତରେ ଜୀବନଟା ଠିକ୍ ସକାଳୁ ଉଇଁ ଯାଉ ଥିବା ସୁରୁଜ ପରି । କେତେ ବେଳେ ପୁରା ଉଜ୍ଜ୍ୱଳ ତ ଆଉ କେତେବେଳେ ପୁରା ସତ୍ତାହୀନ । ମସ୍ତିଷ୍କର କେଉଁ ଗୋଟେ ଉହାଡରେ ଆତ୍ମଗୋପନ କରିଥିବା ଅତୀତର ସେଇ ମଧୁର ସ୍ମୃତିକୁ ବି ସାଉଁଟିବାର ମଜା କିଛି ଅଲଗା ।

ଆକାଶରେ ସଂଧ୍ୟା ତାରାର ଅଭ୍ୟୁଦୟ ମଧ୍ୟ ହୋଇ ସାରିଛି । ଧିରେ ଧିରେ ଆକାଶର ତାରା ସଂଖ୍ୟା ମଧ୍ୟ ବଢ଼ିବ ଠିକ୍ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପରି । ମୌସୁମୀର କମନୀୟ ସ୍ପର୍ଶ ସତେ ଯେପରି ସ୍ୱର୍ଗୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଖ ପ୍ରଦାନ କରୁଛି । ବୈଶାଖୀର ରୌଦ୍ର ତାପରେ ଅତିଷ୍ଠ ଜୀବନ ଏଇ ଅମୃତ୍ୟ ତୁଲ୍ୟ ସ୍ପର୍ଶର ପ୍ରତୀକ୍ଷାରେ ଥିଲା । ପାଚେରୀର କିଛି ଦୂରରେ ବହି ଯାଉଥିବା ଛୋଟିଆ ନାଳଟା ବି ଆଜି ଜ୍ୟୋତ୍ସ୍ନା କିରଣରେ ନିଜକୁ ହଜେଇ କୁଳୁକୁଳୁ ନାଦରେ ସଙ୍ଗୀତ ଗାନ କରୁଛି । ବାସ୍ତବରେ ଏଇ ତ ହୃଦୟସ୍ପର୍ଶୀ । ଧିରେ ଧିରେ ପ୍ରକୃତିସ୍ଥ ହେଉଥିବା ମନଟା ପୁଣି ଥରେ ଗୋଟେ ଅଜଣା ଦୁନିଆକୁ ଘୋଷାଡି ହୋଇ ଚାଲିଗଲା । ମାନସ ପଟରେ ନାଚି ଉଠିଲା ସେ ଭରା ସହରୀ ସନ୍ଧ୍ୟାର ମଳିନ ଆଲୁଅ ଆଉ ଆଗରେ ଚାଲି ଯାଉଥିବା ଧଳା ଶାଢ଼ୀ ପିନ୍ଧା ଉଜ୍ଜ୍ୱଳ ଛାୟାମୂର୍ତ୍ତି । ହାତ ମୋର ଧିରେ ଧୀରେ ବଢୁଛି ସେଇ କମନୀୟ ଛାଇକୁ ଧରିବାକୁ । ଏହି କ୍ଷଣିକ ମୁହୂର୍ତ୍ତ ସତେ ମୋର ମନ ଆଉ ପ୍ରାଣରେ ଅପୂର୍ବ ପୂଲକରେ ଭରି ଦେଲା । ସ୍ମୃତିର ପରଦାରେ କେତେ ଯେ ମୁହଁ, କେତେ ଦୃଶ୍ୟ ମୁଭିର ଛବି ଭଳି ଆଗକୁ ବଢ଼ି ଯାଉଥିଲେ , କିନ୍ତୁ ପୃଷ୍ଠଭୂମିରେ ରେ ରହିଲା ଗୋଟେ ସରଳ, ସୁନ୍ଦର, କମନୀୟ ମୁହଁ ............ ।

କେମିତି ସ୍ମୃତିପଟରୁ ଉଭେଇ ଯିବ ସେ ଦିନ ! ସେଇ ଗୋଟିଏ ସ୍ପର୍ଶରେ ମୁଁ ପାଲଟି ଯାଇଥିଲି ସ୍ଥାଣୁ, ଅନବରତ ସଂଚଳିତ ହେଉଥିବା ରକ୍ତ ଯେମିତି କିଛି ସମୟ ପାଇଁ ସ୍ଥିର ହୋଇ ଯାଇଥିଲା, ହୃଦୟର ଗତି ମଧ୍ୟ ବଢ଼ି ଯାଇଥିଲା । କଳ୍ପନାରେ ରଙ୍ଗବେରଙ୍ଗ ପ୍ରଜାପତି ସତେ ଯେମିତି ମୋ ଚାରିପଟେ ମନଖୁସିରେ ଉଡ଼ି ବୁଲୁଛନ୍ତି ବୋଧେ କିଛି ମଧୁର ବାସ ତାଙ୍କୁ ଏଠିକୁ ଟାଣି ଆଣିଛି । ଗୋଟେ ଅଦ୍ଭୂତ ଗୁଞ୍ଜାରଣରେ ପରିବେଶ ଗୁଞ୍ଜରିତ ହେଉଛି । ଆଉ ସାମ୍ନାରେ..........

ଆରେ ଭାଇ ଥାଉ... ସେତିକି ଥାଉ... କହି ଚିତ୍କାର କରି ଉଠିଲା ମୋ ସାଙ୍ଗ ରାକେଶ ।

"କ'ଣ ଭଲ ଲାଗୁନି କି ?" ମୁଁ କହିଲି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆରେ ନାଇଁ ସେକଥା ନୁହେଁ, ମୁଁ କହୁଛି ଅଧିକ ଲେଖିଲେ ଲମ୍ବା(lengthy) ହୋଇଯିବ, ଏତିକି ମୋ କାମ ପାଇଁ ଯଥେଷ୍ଟ ।

"ହଉ ହଉ ବେଶୀ ଭାଷଣ ଆଉ ଦେଏନି, ବହୁତ୍ ଦିନ ପରେ ଆଜି ଦେଖା ଚାଲ୍ ବାହାରେ ଟିକେ ବୁଲା ବୁଲି କରି ଆସିବା, ସେଇ ମଉକାରେ ଆଉ କେତେ ସାଙ୍ଗ ବି ଭେଟ ହୋଇ ଯିବେ । କ'ଣ କହୁଛୁ ?" ମୁଁ କହିଲି ।

"ତେବେ ଡେରି କାହିଁକି ? ଚାଲ୍" ରାକେଶ କହିଲା ।

ଧିରେ ଧିରେ ବାଇକ୍ ଆଗକୁ ବଢୁଥାଏ । ନୀରବତାକୁ ଭଙ୍ଗ କରି ପଚାରିଲି, "ଆଉ ଏବେ ତୁମ ପ୍ରଣୟିନୀଙ୍କ ଖବର କ'ଣ ?"

ଏଭଳି ପ୍ରଶ୍ନରେ ଟିକେ ମାତ୍ର ବିଚଳିତ ନ ହୋଇ କହିଲା, "ସେ ତାଙ୍କ ବାଟରେ ଆଉ ମୁଁ ମୋ ବାଟରେ ।"

ମୁଁ ଆଉ କିଛି କହିବା ଆଗରୁ ସେ ପୁଣି କହିଲା," ଛାଡ୍ ସେକଥା, ଆଉ କିଛି କହ ।"

ମୁଁ ଲକ୍ଷ୍ୟ କରିଥାଏ, ସରସ ଦିଶୁଥିବା ମୁଖମଣ୍ଡଳଟି ହଠାତ୍ ସେଇ ପ୍ରଶ୍ନରେ ବିଷର୍ଣ୍ଣ ଦେଖାଗଲା । ମନରେ ଯେମିତି ଅସଂଖ୍ୟ ପ୍ରଶ୍ନର ଜୁଆର ସବୁ ବାଡେଇ ହେଉଛନ୍ତି । କ'ଣ ଏଇ ବି ରାତି ଅଧରେ ସେଇ ଉଦାସୀ ଶୂନ୍ୟତାକୁ ଅନୁଭବ କରେ ? କଣ ଏଇ ବି ହାତ ବଢ଼ାଏ ଗୋଟେ କାଳ୍ପନିକ ଛାଇକୁ ଛୁଇଁବାକୁ ?

ବାସ୍ତବରେ ଏଇ ତାରୁଣ୍ୟଟା ବି ଗୋଟେ ଆଶ୍ଚର୍ଯ୍ୟମୟ ସମୟ । କେମିତି ଶୟନେ, ସପନେ, ଜାଗରଣେ ପ୍ରତୀୟମାନ ଗୋଟେ ସ୍ୱଚ୍ଛମୂର୍ତ୍ତି ଯିଏ ମନକୁ ଦୋହଲାଇ ଦିଏ ଗୋଟେ ଅଦ୍ଭୁତ କୌତୁହଳରେ । କି ନିଆଁ ଏଥିରେ, ଆପେ ଆପେ ଜଳେଇ ଦିଏ କିନ୍ତୁ ହଜେଇ ଦିଏ ତାକୁ ପ୍ରଶମିତ କରିବାର ଚାବିକାଠିକୁ । କିନ୍ତୁ ଜାଣେନା ସେ କେତେ କେତେ ମନ ଆଉ କେତେ କେତେ ହୃଦୟ ଏଇ ନିଆଁରେ ହୋଇଛନ୍ତି ଛାରଖାର ......

ବୌଦ୍ଧ, ୭୭୬୦୧୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପର୍କ



ସିଦ୍ଧେଶ୍ୱର ତ୍ରିପାଠୀ

ସ୍ୱିଟି ଭାରି ଭଲ ଝିଅଟିଏ । ରୂପ ଆଉ ଗୁଣରେ ସବୁଥିରେ ଆଗରେ । ଏଇ ଏବେ ଏବେ କମ୍ପୁଟର ସାଇନ୍ସରେ ଇଂଜିନିୟରିଂ ପାସ କଲା ପରେ ଦିଲ୍ଲୀରେ ଗୋଟେ ଭଲ କମ୍ପାନୀରେ ଚାକିରୀ ପାଇଯାଇଛି । ମୋଟା ଅଙ୍କର ଦରମା ଆଉ ବିଳାସମୟ ଜୀବନ ସବୁ କିଛି ଠିକଠାକ ଚାଲିଛି । ଏପଟେ ଭୁବନେଶ୍ୱରରେ ମମି ଡାଡି ଆଉ ସାନ ଭାଇ ସୁସିଲ । ମମି ଅଧ୍ୟାପିକା ଆଉ ଡାଡି ଆଡଭୋକେଟ ସାନ ଭାଇଟା ରାଜଧାନୀ କଲେଜରେ ବିଏସି ଫାଷ୍ଟ ଇଅରରେ ପଢୁଛି ।

ଛବିରେ ରଙ୍ଗ ମାଖିଲେ ଚମକିଲା ପରି ସ୍ୱିଟିର ଯୌବନ ମଖା ଦେହଟା ଏବେ ଭାରି ଚମକୁଚି । ଚିକିମିକି ତାରା ମେଳରେ ଜହ୍ନ ବାରି ହୋଇଯାଏ । ସେମିତି ବହୁ ଭିଡ଼ ଭିତରେ ଚମକି ଉଠୁଛି ସେ ! ଫୁଟି ବାସିଲେ ଫୁଲଟିଏ ଭଅଁରକୁ ଖୋଜିଥାଏ ।

ଭଅଁର ବି ଆକର୍ଷିତ ହୋଇଥାଏ ଫୁଲ ଆଡକୁ । ଦୁହେଁ ଯେବେ ଏକାକାର ହୋଇ ଯାଆନ୍ତି । ସବୁ ଲାଜ ଆପେ ଆପେ କେବେଠୁ ଦୁରେଇ ଯାଇଥାଏ ଦୁଇଟି ଦେହ ଆଉ ମନ ଭିତରୁ । ସବୁ ସମୟ ଶ୍ରାବଣ ଆଉ ଫଗୁଣ ପରି ମନେ ହୁଏ । ଆଉ ଅଜଣା ଚରିତ୍ରର ଓଠର ଉଷ୍ମତାରେ ଦେହ ଶିହରି ଉଠେ ଯନ୍ତ୍ରଣା ବି ଭାରି ମିଠା ଲାଗେ ଏଇ ସମୟରେ । ହ୍ୱାଟ୍ସଆପ ଫେସବୁକ୍ ଇଂଷ୍ଟା ଆଉ ଭିଡିଓ କଲ ସବୁଥିରେ ଉଚ୍ଛୁଳି ଉଠେ ସ୍ୱିଟ । ସେଇ ଉଚ୍ଛୁଳା ଯୌବନର ନଈରେ ପହଁରୁ ଥିବା ଚରିତ୍ରଟି ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ନୁହେଁ ସ୍ୱିଟିର ଆପାର୍ଟମେଣ୍ଟ ରେ ରହୁଥିବା ମନୋଜ । ସେବି ଗୋଟେ ପ୍ରାଇଭେଟ ଜବ କରେ ସମୟ ସାଥିରେ ଦୁହିଁଙ୍କ ମିଳାମିଶା ବହୁତ ଆଗକୁ ବଢ଼ିଗଲାଣି । ଦୁହେଁ ଏବେ ଗୋଟିଏ ରୁମରେ ରହୁଛନ୍ତି ।

ପ୍ରଥମେ ଇଶାରା ଦେଇଥିଲା ସ୍ୱିଟି ଆଉ ସେଇ ଇଶାରାକୁ ଠିକ ହୃଦୟଙ୍ଗମ କରି ପାରିଥିଲା ମନୋଜ । ସେବେଠୁ ସବୁ ଏକାକାର ଦୁହେଁ ଏକ ହୋଇ ସାରିଛନ୍ତି । ସକାଳରୁ ସଞ୍ଜ ଆଉ ସଞ୍ଜରୁ ରାତି ଖାଲି ଡିଉଟି ସମୟ ତକ ଛାଡିଦେଲେ ବାକି ସବୁ ମୁହୂର୍ତ୍ତ ଗୁଡା ଭାରି ମିଠା ମିଠା ।

କଥା ବହୁତ ଆଗେଇ ଯାଇଥିଲା ଦୁହେଁ ବିବାହ ନକରି ବି ମାଆବାପା ହୋଇ ସାରିଥିଲେ । ଦୁହିଁଙ୍କ ପରିବାର କିନ୍ତୁ ଏସବୁ ବିଷୟରେ କିଛି ଜାଣି ପାରିନଥିଲେ ସତରେ । କୁନିଝିଅ ଆଲଫା ଏବେ ଯୋଡି ହୋଇଯାଇଥାଏ ଦୁହିଁଙ୍କ ଜୀବନରେ ।

ସମୟ ସାଥିରେ ଋତୁ ବଦଳିଲା ପରି ଏ ସମାଜରେ ଅନେକ କିଛି ବଦଳିଯାଏ । ବଦଳିଯାଏ ମଣିଷର ପ୍ରକୃତି ପରିବେଶ ଆଉ ଦିଶା ହୀନ ହୋଇଯାଏ ଅନେକ ଜୀବନ ।

ସ୍ୱିଟି ଏବେ ଓଡିଶା ଫେରିଛି ତା ଘରକୁ ପୁଣି କୁଆଁରୀ ରୂପରେ । ଘରେ ତାର ବାହାଘର ଠିକ କଲେଣି । ଏଇ ପନ୍ଦର ଦିନ ଭିତରେ ମନୋଜ କିନ୍ତୁ କମ୍ପାନୀରୁ ଛୁଟି ନେଇ ଝିଅର ଯତ୍ନ ନେବାରେ କେବେବି ହେଳା କରିନି ।

ସାତ ଦିନରେ ଫେରି ଆସିବି ଆସିଲେ ଆମେ କୋର୍ଟ ମ୍ୟାରେଜ କରିନେବା ତାପରେ ଝିଅକୁ ନେଇ ତୁମ ଘର ଆଉ ଆମ ଘରକୁ ଯିବା । ସାତ ଦିନଟା ପନ୍ଦର ଦିନ ହେଲାଣି ସ୍ୱିଟିର ମୋବାଇଲ ସୁଇଚ ଅଫ । ବାଧ୍ୟ ହୋଇ ଓଡିଶା ଫେରିଲା ମନୋଜ । ଘରେ ଦୁଇବର୍ଷର କୁନିଝିଅ ଆଲଫାକୁ ଦେଖି ବାପା ବୋଉ ଆଶ୍ଚର୍ଯ୍ୟ । ସବୁ ଘଟଣା ଶୁଣି ସାରିଲା ପରେ ଦୁହିଁଙ୍କ ମନ ଭାରି ଦୁଃଖ । ନାତୁଣୀର ନୀରିହ ଆଖି ଦିଇଟା ଜେଜେ ଜେଜେମାଙ୍କୁ ସ୍ନେହରେ ବାନ୍ଧି ଧରିବାକୁ ଯଥେଷ୍ଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୋଜ ଠିକଣା ଖୋଜି ଝିଅକୁ ଧରି ସ୍ୱିଟିର ଘରେ ପହଁଚିଲା ତାର ସମସ୍ତ ପରିବାରକୁ ସବୁକଥା ଗୋଟି ଗୋଟି କରି କହିଦେଲା । ସ୍ୱିଟି ନୀରବ । ମୁଁ ଜୀବନ ସାରା ନ୍ୟାୟ ପାଇଁ ଲଢେଇ କରୁଛି ବୋଲି ଡିଣ୍ଡିମ ପିଟୁଥିବା ଓକିଲ ବାବୁ ଆଜି ଅନ୍ୟାୟର ପକ୍ଷରେ । ଅନେକ ଛାତ୍ରଛାତ୍ରୀଙ୍କୁ ସଂସ୍କାର ଶିଖାଉଥିବା ଅଧ୍ୟାପିକା ଆଜି ବିଦେଶରେ ଚାକିରି କରୁଥିବା ନୂଆ ବରପାତ୍ର ମୋହରେ ଅନ୍ଧ । ସେ ପିଲାକୁ ନେଇ ତୋ ଘରକୁ ଚାଲିଯା କେତେ ଟଙ୍କା ନେବୁ କହ ।

କୁନିଝିଅ ଆଲଫାର କାନ୍ଦ କାହାର ହୃଦୟକୁ ଭେଦି ପାରୁନଥିଲା । ସାମୁହିକ ସ୍ୱରର ନିର୍ଯ୍ୟାସ ଥିଲା ଏଠିକି ଆଉ କେବେ ଆସିବନି । ଆଉ ଥାନା କୋର୍ଟ କଚେରୀ ମିଡ଼ିଆ କଥା ସ୍ୱପ୍ନରେ ବି ଭାବିବୁନି । ନହେଲେ ତମ ବାପଝିଅଙ୍କୁ ବାଟରୁ ହଟେଇବାକୁ ଏ ରାଜଧାନୀରେ ଗୁଣ୍ଡା ମାନଙ୍କର ଅଭାବ ନାହିଁ ।

ମନୋଜ ପାଦତଳୁ ମାଟି ଖସି ପଡୁଥିଲା ସତେ ଯେମିତି ଆକାଶଟା ଛିଡି ପଡୁଥିଲା ତା ମୁଣ୍ଡ ଉପରେ । ସ୍ୱିଟି ଆଉ ଅତୀତର ପ୍ରେମ ଉପହାର ଦେଉଥିବା ସ୍ୱିଟି ହୋଇ ନଥିଲା । ବିବାହ ନକରିବି ବିଶ୍ୱାସର ସୁହାଗ ସିନ୍ଦୁର ଆଉ ଝଟକୁ ନଥିଲା ତା ସିଂଥିରେ । ଅଂତଫାଡ଼ି ଜନ୍ମ ଦେଇଥିବା ନିଜ ଜୀବନଠୁ ବେଶି ଭଲ ପାଉଥିବା ଝିଅର କାନ୍ଦ କୋଳେଇ ନେବାର ଇଶାରା ଆଜି ଏ ସମାଜକୁ ଉପହାସ କରୁଥିଲା ସତରେ । ମୁଁ ସିନା ପର ହୋଇଗଲି ଆଉ ଆମ ଆଲଫା ମନୋଜର ଏଇ ଶେଷ ପଦକ କଥା ଶୁଣି ଚିହିଁକି ଉଠିଥିଲା ସ୍ୱିଟି ନିଅ ତାକୁ କୋଉ ଅନାଥ ଆଶ୍ରମରେ ଛାଡ଼ିଦେବ ନହେଲେ ନଈକି ପୋଖରୀକୁ ପକେଇଦବ ।


ଆଲଫାକୁ ସାଥିରେ ଧରି ଘରକୁ ଫେରୁଥିଲା ମନୋଜ ସମୟ ସାଥିରେ ବଦଳି ସାରିଥିଲା ଅନେକ ସମ୍ପର୍କର ସଂଜ୍ଞା ପ୍ରକୃତି ଆଉ ପରିସର ।

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆବର୍ତ୍ତମାନ



ପଦ୍ମାଳୟା ପାଢ଼ୀ

ଦୁଇ ବର୍ଷ ଧରି କୋମାରେ ରହିବା ପରେ ପରିଶେଷରେ ବୋଉର ଚେତା ଫେରିଥିଲା ଓ ଧୀରେ ଧୀରେ ଉଠି ବସିଥିଲା ସେ । ଏଇଟା ଚମତ୍କାର ଥିଲା କି ଭଗବାନଙ୍କ ଖେଳ ମୁଁ ଜାଣିନାହିଁ । କାଲି ପରି ଲାଗୁଛି ପରା । କିଛି ନାହିଁ ହଠାତ ବୋଉ ଛିଡା ହୋଇଥିଲା ତ ଦେଖିଲା ବେଳକୁ ଗଛ କାଟିଲା ଭଳି ତଳେ ପଡିଗଲା ତ ଗଲା ଆଉ ଚେତା ନାହିଁ । ହସ୍ପିଟାଲ ନେଇ ସବୁ ପରୀକ୍ଷା ନିରୀକ୍ଷା କଲାପରେ ଯେତେବେଳେ ଡାକ୍ତର କହିଲେ ଯେ ଭିତରେ ଗୋଟିଏ ସ୍ନାୟୁ ଅଚଳ ହୋଇ ଯାଇଛି ଏବଂ କେବେ ତାହା ପୁଣିଥରେ କାର୍ଯ୍ୟକ୍ଷମ ହେବ କହି ହେବନାହିଁ ସେତେବେଳେ ଯାଇ ଜଣା ପଡିଲା ବୋଉ କେବେ କୋମାରୁ ଫେରିବ କେବଳ ଭଗବାନ ହିଁ ଜାଣନ୍ତି ସିନା ଡାକ୍ତର ମାନେ ଜାଣି ନାହାନ୍ତି । ହୁଏତ ଦିନେ ଦୁଇ ଦିନ ଲାଗି ପାରେ କିମ୍ବା ଦୁଇ ବର୍ଷ କିମ୍ବା ମୋଟେ ନୁହେଁ । ତେଣୁ ଗୋଟିଏ ସପ୍ତାହ ପରେ ବୋଉକୁ କୋମା ୱାର୍ଡକୁ ନେଇଗଲେ ଏବଂ ସେଇଠି ହିଁ ନର୍ସଟିଏ ରହି ବୋଉ ର ଅଚେତ ଅବସ୍ଥାରେ ଯାହା ଯାହା ସେବା ଶୁଶ୍ରୁଷା ଦରକାର କରୁଥାଏ ।

ଆମେ ପିଲା ଥିଲା ବେଳେ ବାପା ଚାଲିଗଲେ ଓ ତାଙ୍କ ଚାକିରୀ ବୋଉକୁ ମିଳିଲା । ବୋଉ ତାର କର୍ତ୍ତବ୍ୟ ସମ୍ପାଦନ କରିବା ସହ ବାପାଙ୍କ ଦାୟିତ୍ୱ ବି ସମ୍ଭାଳିବାକୁ ବାଧ୍ୟ ହୋଇଥିଲା । ଅନୁକମ୍ପା ମୂଳକ ଚାକିରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖଣ୍ଡିଏ ପାଇ ବାପ ଛେଉଣ୍ଡ ପିଲାଙ୍କୁ ସମ୍ଭାଳିବାରେ ଏକୁଟିଆ ନାରୀ ଜଣକ କେବେ ବି ଅବହେଳା କରିନାହିଁ । ସମସ୍ତଙ୍କୁ ଶିକ୍ଷିତ କରାଇ ଆତ୍ମ ନିର୍ଭରଶୀଳ କରାଇ ପାରିଥିଲା ମୋ ବୋଉ । ବୋଉ ରିଟାୟାର ହେଲା ବେଳକୁ ଆମେ ସମସ୍ତେ ଚାକିରିଆ । ମୁଁ ବ୍ୟାଙ୍କରେ, ସାନ ଭଉଣୀ ରିନି ଗୋଟେ ସ୍କୁଲରେ ଚାକିରୀ ପାଇଗଲା । ଆଉ ରହିଲା ଭାଇ ଦେବ ଓ ସେ ବି କମର୍ସ ପଢ଼ି ଓଡିଶାରେ ଗୋଟେ ଫାର୍ମରେ ରହିବାକୁ ପସନ୍ଦ କଲା । ଏବେ ବୋଉର ଚିନ୍ତା ଥିଲା ଆମ ବାହାଘର କରାଇବ ଆଉ ତା ପୂର୍ବରୁ ହିଁ ବୋଉର ଏପରି ଅବସ୍ଥା ହେଲା । ବୋଉର ଏମିତି ଅବସ୍ଥା ପରେ ଘରର ଶାନ୍ତି ଶୃଙ୍ଖଳା ଇତସ୍ତତଃ ହୋଇ ଖିନ ଖରାପ ହୋଇଗଲା ଆମର ଜୀବନଚର୍ଯ୍ୟା ।

ନିଜକୁ କେମିତି କଣ କରି ସମ୍ଭାଳି ନେଇଥିଲୁ ଆମେ । ଯାହା ହେଲେବି ଆମର ମୁଣ୍ଡକୁ ହାତ ପାଇ ଗଲାଣି ଏବଂ ଆମେ ଯେ ଯାହା ମର୍ଜିର ମାଲିକ । ଆମକୁ କହିବାକୁ କେହି ନାହିଁ । ତିନି ଭାଇ ଭଉଣୀ ପାଳି କରି ବୋଉକୁ ହସ୍ପିଟାଲ ଦେଖିବାକୁ ଯାଉ । ଘରକୁ ଫେରିଲା ପରେ ଯେ ଯାହାର ରୁମରେ । ଠାକୁର ପୂଜା ରୋଷେଇବାସ ପ୍ରାୟ ଢ଼ଙ୍ଗରେ ହୁଏନି କହିଲେ ଚଳେ । ଠାକୁରଙ୍କ ଘରେ ଶୁଖିଲା ଫୁଲ ମୂର୍ତ୍ତି ଗୁଡିକରେ ଚନ୍ଦନ ଛିଟା ସେମିତି ଲାଗି ରହିଥାଏ । ଯଦି କାହାର ମନେ ପଡ଼ିଯାଏ ସେ ଯାଇ ଆଳତିଟା ଦୁଇ ଚାରି ଥର ବୁଲେଇ ଆଣେ । ରନ୍ଧା ବଢ଼ା କଥା ନକହିବା ଭଲ । ବାସନ୍ତୀ ବୋଲି କାମବାଲୀଟିଏ ଥାଏ ଝାଡୁପୋଛା କରି ପରିବାପତ୍ର କାଟିଦେଇ ଚାଲିଯାଏ । ମୁଁ ନହେଲେ ରିନି ଯାଇ ଯାହିତାହି କଣ ଦି'ଟା ରୋଷେଇ କରିଦେଉ ଓ ତିନି ଜଣ ତାକୁ ହିଁ ଖାଇ ଚାଲି ଯାଉ ଆମର ଗନ୍ତବ୍ୟ ପଥରେ । ସନ୍ଧ୍ୟାରେ ବୋଉକୁ ହସ୍ପିଟାଲ ଯାଇ ଦେଖିସାରି ଫେରିଲା ରାସ୍ତାରେ କଣ ଟିକିଏ ଖାଇ ରାତି ପାଇଁ ପାର୍ସଲ ନେଇ ଆସିଲେ କାମ ଶେଷ ।

ଏଇ ଦୁଇ ବର୍ଷ ମଧ୍ୟରେ ଆମ ମାନଙ୍କ ଜୀବନରେ ନୂତନ ଆଗନ୍ତୁକ ମାନଙ୍କର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗମନ ହୋଇ ସାରିଥିଲା । ମୋର ସବୁଠାରୁ ବଡ଼ ସାହାରା ଥିଲେ ସିଦ୍ଧାନ୍ତ ଏବଂ ରିନି ଲଳିତକୁ ତଥା ଦେବ ସୁମିତ୍ରାକୁ ଜୀବନ ସାଥି ରୂପେ ଗ୍ରହଣ କରିବା ପାଇଁ ନିର୍ଣ୍ଣୟ ନେଇ ସାରିଥିଲା । ସିଦ୍ଧାନ୍ତଙ୍କ ସହିତ ମୁଁ ବିବାହକୁ ନେଇ କୌଣସି ନିଷ୍ପତି ନେଇ ନଥିଲି । ଗୋଟେ ବାକ୍ୟରେ କହିଲେ ମୋ ବୋଉ ହିଁ ମୋ ମୁଣ୍ଡରେ ବସା ବାନ୍ଧି ରହିଥିଲା । ତା ଛଡା ଆଉ କାହାରି ବିଷୟରେ ମୁଁ ଭାବିନାହିଁ । ହଁ ମୋର ଏବେ ଟିକିଏ ଲେଖା ଲେଖି ଆଡକୁ ମନଟା ଢ଼ଳିବାରେ ଲାଗିଥିଲା । ବହି କେତୋଟି ଲେଖିଥିଲି ଓ ଅନଲାଇନରେ ବି ଲେଖାଲେଖି ଚାଲିଥିଲା । ଏପରି କରିବା ପଛରେ ମୋର ଗୋଟେ ଉଦ୍ଦେଶ୍ୟ ମୋର ଏକାକୀତ୍ୱକୁ ଭୁଲିଯିବି । ବୋଉ ରହିଲା କୋମାରେ ବାପା ବି ନାହାନ୍ତି । ଭାଇ ଭଉଣୀ ଯିଏ ଯାହାର ଭାବି ପତି ଓ ପତ୍ନୀ ମାନଙ୍କ ସହିତ ଫୋନରେ ବ୍ୟସ୍ତ ରହୁଛନ୍ତି । କଥାବାର୍ତ୍ତା ଓ ଚାଟିଙ୍ଗରୁ ସେମାନଙ୍କୁ ଫୁରୁସତ କାହିଁ ଯେ ବଡ଼ ଭଉଣୀ ବିଷୟରେ ଭାବିବେ ? ସୁତରାଂ ଅଫିସରୁ ଫେରିବା ପରେ ସାହିତ୍ୟ ହିଁ ମୋର ଏକମାତ୍ର ପ୍ରେରଣା ଓ ସାଥି ।

ହଠାତ ଦିନେ ଦେବ କହିଲା ।

- ନାନୀ ମୁଁ ଗୋଟେ କଥା କହିଥାନ୍ତି । ଦେଖ ବୋଉ ତ ଭଲ ହେଉନି । ନା ସେ ଭଲ ହେଉଛି ନା ମୁକ୍ତି ପାଉଛି ! ମୁଁ ଆଉ କେତେଦିନ ଅପେକ୍ଷା କରିବି କହିଲୁ । ମୁଁ ଆଶ୍ଚର୍ଯ୍ୟ ହେଲି କାହାକୁ ଅପେକ୍ଷା କରିବା କଥା ସେ କହୁଛି ? ଦେବ ପୁଣି କହିଥିଲା ।

- ନାନୀ ଦେଖ ବୁଲେଇ ବଙ୍କେଇ କହିବାକୁ ମୁଁ ପସନ୍ଦ କରେ ନାହିଁ । ସୁମିତ୍ରାର ଘର ଲୋକ ମୋ ପାଇଁ ଆଉ କେତେ ଦିନ ଜଗି ବସିଥିବେ ? ତାଙ୍କ ଝିଅ ପାଇଁ ସେମାନେ ଆଉ କୋଉଠି ପ୍ରସ୍ତାବ ଦେଖିବେ ନା । ନା ମୁଁ ବିସ୍ମିତ ହୋଇ ପାରୁଥିଲି ନା ରାଗି ପାରୁଥିଲି । ସଙ୍ଗେ ସଙ୍ଗେ ରିନି ଯୋଡ଼ିଲା ।

- ହଁ ନାନୀ ମୋର ବି ସେଇ ସମସ୍ୟା । ଲଳିତଙ୍କ ଘରେ ବି ସେଇ କଥା କହୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ବି ଅନ୍ୟ ଆଡେ ଝିଅ ଦେଖିବେ ବୋଲି କହିଲେଣି ଲୋ କହି ରିନି କାନ୍ଦ କାନ୍ଦ ହୋଇଗଲା । ଆହୁରି ବି କହିଲା ଭଗବାନ ନ କରନ୍ତୁ ଯଦି ବୋଉର କିଛି ହୋଇଯାଏ ତେବେ ପୁରା ଗୋଟାଏ ବର୍ଷ ମାରା ହୋଇଯିବ ନା ।

ଆଉ ରହିଲି ମୁଁ । ସିଦ୍ଧାନ୍ତ ମୋତେ ବହୁତ ମାନସିକ ସାହାରା ଦେଇଛନ୍ତି । କେବେ ବି ବିବାହ ପ୍ରସ୍ତାବ ଦେଇନାହାନ୍ତି ହେଲେ କଣ ସିଏ ବି ଏମିତି ବ୍ୟସ୍ତ ହେଉଥିବେ ମୋ ପାଇଁ? ସେଦିନ ବହୁତ କାନ୍ଦ ଲାଗିଲା ମୋତେ । କାହିଁକି ନା ଅନାଥ ଅନାଥ ଲାଗିଲା । ମୋତେ ଲାଗିଲା ବୋଉ ବଞ୍ଚି ଥାଇ ବି ମୃତ ପ୍ରାୟ । ମୋ ମନର ଦ୍ୱନ୍ଦ୍ୱ କାହାକୁ କହିବି ଆଉ ? ମୋ ମନରେ ସିଦ୍ଧାନ୍ତଙ୍କୁ ନେଇ ପ୍ରବଳ ଦ୍ୱନ୍ଦ୍ୱ । ବହୁତ ଭଲ ପାଏ ତାଙ୍କୁ ମାତ୍ର ସିଦ୍ଧାନ୍ତଙ୍କୁ ବିବାହ କଲେ ମୁଁ ସୁଖୀ ହୋଇ ପାରିବି ନାହିଁ ଯାହା ମୁଁ ଭଲ ରୂପେ ଜାଣିଥିଲି । ତାଙ୍କର ଶଯ୍ୟାଶାୟୀ ପିତା, ପାଗଳ ସାନ ଭାଇ, ଛାଡ଼ପତ୍ର ପରେ ଘରେ ଆସି ରହୁଥିବା ତାଙ୍କ ବଡ଼ ଭଉଣୀ ଓ ତାଙ୍କର ଦୁଇ ଝିଅଙ୍କ ଦାୟିତ୍ତ୍ୱ ସିଦ୍ଧାନ୍ତଙ୍କୁ ବିବାହ ବିଷୟରେ ବୀତସ୍ପୃହ କରାଉ ଥିବ ନିଶ୍ଚୟ । ମୁଁ ବି ସ୍ୱପ୍ନର ଦୁନିଆରେ ରହି ସ୍ୱପ୍ନର ବୀଜ ବୁଣି କୌଣସି ଭୂଲ ନିଷ୍ପତ୍ତି ନେବାକୁ ଚାହୁଁ ନଥିଲି । ମୋର ଗୋଟିଏ ଭୂଲ ନିଷ୍ପତ୍ତି ଯୋଗୁଁ ମୁଁ ତ ସାରା ଜୀବନ ଜଳି ଜଳି ପୋଡି ମରିବି ତା ସହିତ ସିଦ୍ଧାନ୍ତଙ୍କ ପରିବାର ମଧ୍ୟ ଘାଣ୍ଟି ହେବ । ସିଦ୍ଧାନ୍ତଙ୍କର ସଂଘର୍ଷମୟ ଜୀବନରେ ମୁଁ ପ୍ରବେଶ କରି କେବେ ବି ମୋ ପାଇଁ ସୁଖ ସାଉଁଟି ପାରି ନଥାନ୍ତି । ସେଥିପାଇଁ ତାଙ୍କ ପ୍ରତି କୌଣସି ଦୁର୍ବଳତାକୁ ମନ ଭିତରେ ସ୍ଥାନ ଦେଉ ନଥିଲି ଓ ଆଉ କାହାକୁ ବାହା ହେବାର ବି ଯୋଜନା ନଥିଲା ମୋର ।

ଦୀର୍ଘ ଦୁଇ ବର୍ଷ ପରେ ସବୁ ପ୍ରକାର ଧର୍ମ ସଙ୍କଟରୁ ଆମକୁ ମୁକ୍ତ କରି ବୋଉ ଦିନେ ଉଠି ବସିଥିଲା । ଦୁଇ ଦିନ ପରୀକ୍ଷା ନିରୀକ୍ଷା କଲା ପରେ ଡାକ୍ତର ବୋଉକୁ ବିପଦ ମୁକ୍ତ ଘୋଷଣା କରି ଛାଡିଦେଲେ ଘରକୁ । ସେଥିପାଇଁ ଆମେ ଭାଗ୍ୟବାନ କି ଆମ ବୋଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗ୍ୟହୀନା ଆମେ ଜାଣିନାହୁଁ । ବୋଉ ଭଲ ହୋଇ ଘରକୁ ଆସିଲା ପରେ ଘର ଲୋକଙ୍କ ଜୀବନଚର୍ଯ୍ୟାରେ ଆମୁଳଚୁଳ ପରିବର୍ତ୍ତନ ପୁଣି ଥରେ ଆସିଥିଲା ଯାହା ଆମକୁ ବହୁତ ଅସୁବିଧାରେ ପକାଇଥିଲା । ଏବେ ବୋଉ ତା ନିଜର କୌଣସି କାର୍ଯ୍ୟ କରିବା ଅବସ୍ଥାରେ ନଥିଲା । ତା ପାଇଁ ବାସନ୍ତୀକୁ ଅଧିକା ପଇସା ଦେଇ ରଖିବାକୁ ପଡିଥିଲା । ଧୀରେ ଧୀରେ ବୋଉ ଆମକୁ ଠାକୁର ପୂଜାଠୁ ଆରମ୍ଭ କରି ରୋଷେଇବାସ ଆଦି ଛୋଟ ଛୋଟ କାମ ଗୁଡିକ ତାର ଇଚ୍ଛା ଅନୁଯାୟୀ ବତାଇବାକୁ ଆରମ୍ଭ କଲା ଯେମିତି ସେ ଭଲ ଥିଲାବେଳେ ହେଉଥିଲା । ବୋଉ ଭାବୁଥିଲା ଯେ ତା ବିନା ଖିନଖରାପ ହୋଇ ଯାଇଥିବା ତାର ଉଜୁଡା ସଂସାର ତଥା ତାର ପିଲା ମାନଙ୍କୁ ସେ ପୁଣି ଫେରି ଆସି ରାତାରାତି ସଜାଡି ଦେବ ବୋଲି ।

କିନ୍ତୁ ଫଳ ହେଲା ଓଲଟା । ରିନି, ଦେବ ଓ ବାସନ୍ତୀ ମଧ୍ୟ ବୋଉର ଖନେଇ ଖନେଇ କହୁଥିବା କଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ନଥିଲେ । ମୁଁ ନିଜକୁ ସେମାନଙ୍କ ଠାରୁ ଭଲ ବୋଲି କହୁନାହିଁ କିନ୍ତୁ ମୋତେ ବି ବେଳେ ବେଳେ ଅତିଷ୍ଠ ଲାଗେ ଯେ ବୋଉ ସବୁ ଜିନିଷ ପୂର୍ବ ଭଳି ହୋଇଯାଉ ବୋଲି ଚାହୁଁଛି ଯାହା କେବେ ବି ହେବନାହିଁ । ଏ ଘରର ଢ଼ାଞ୍ଚା ସେଇଦିନ ଠାରୁ ହିଁ ବିଗିଡି ଯାଇଥିଲା ଯେଉଁଦିନ ବୋଉ କୋମାକୁ ଚାଲି ଯାଇଥିଲା ।

ବୋଉ ଘରକୁ ଫେରିବା ପରେ ରିନି ଓ ଦେବ ସେମାନଙ୍କର ଭାବି ପତି ଓ ପତ୍ନୀ ସହିତ ସନ୍ଧ୍ୟା ସମୟରେ ଫୋନରେ କଥା ହୋଇ ପାରୁନଥିଲେ କାହିଁକି ନା ବୋଉ ସେମାନଙ୍କୁ ସବୁବେଳେ ଆସି ପାଖରେ ବସି ରହିବା ପାଇଁ ଡାକୁଥିଲା । କୋମାରୁ ଫେରିବା ପରେ ବୋଉ ବହୁତ ଡରି ଯାଇଥିଲା କି କଣ । ହଠାତ କାଳେ କଣ ହୋଇଯିବ ବୋଲି ଭାବୁଥିଲା । ସବୁବେଳେ ବୋଉ ସହିତ ରହିବାକୁ ରିନି ଓ ଦେବ କୁଣ୍ଠାବୋଧ କରୁଥିଲେ । ମୋ ଭାଇ ଭଉଣୀଙ୍କୁ ଦୋଷ ଦେଇ ମୁଁ କଣ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ଚାହୁଁଛି କି ? ମୋଟେ ନୁହେଁ । ମୁଁ ବି ସିଦ୍ଧାନ୍ତଙ୍କ ସହ ଫୋନରେ କଥା ହୁଏ କିନ୍ତୁ ମୁଁ ବୋଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ବସି ତାଙ୍କ ସହ କଥା ନହୋଇ ପାରିଲେ ସେ ଯେ ମୋ ଠାରୁ ଦୁରେଇ ଯିବେ ଏ ଆଶଙ୍କା ମୋର ନଥାଏ । ସେତିକି ବିଶ୍ୱାସ ମୋର ତାଙ୍କ ଉପରେ ଅଛି । ଦୁରେଇ ଗଲେ ବି କାହାର କିଛି ଲାଭ ବା କ୍ଷତି ନାହିଁ କାରଣ ଆମେ ବିବାହ କରିବାର ଯୋଜନା କରିନାହୁଁ । ଆମେ ଦୁହେଁ କିଛି ନ ହୋଇ ପାରିଲେ ବି ଭଲ ବନ୍ଧୁ ହିସାବରେ ରହି ପାରିଛୁ । ନା ମୋ ଉପରେ ତାଙ୍କର କିଛି ଅଧିକାର ନା ତାଙ୍କ ଉପରେ ମୋର । ଅଧିକାର ରହିଲେ କବଜା ହୁଏ ଏବଂ କବଜା ରହିଲେ ଚଢ଼ଉ କରାଯାଏ । ତେଣୁ ଆମେ ଦୁହେଁ ଏବେ ମୁକ୍ତ ଆକାଶର ବିହଙ୍ଗ ।

ରିନିର ଭାବି ପତି ଲଳିତ ଏବଂ ଦେବର ଭାବି ପତ୍ନୀ ସୁମିତ୍ରା ଥରେ ଦୁଇ ଥର ଆମ ଘରକୁ ଆସି ବୋଉକୁ ଦେଖି ସାରି ଗଲେଣି । ମୁହଁରେ ସେମାନଙ୍କର ବ୍ୟସ୍ତତା ଦେଖି ମୁଁ ସ୍ୱଷ୍ଟ ରୂପେ ଜାଣି ପାରୁଛି ଯେ ବୋଉ ହସ୍ପିଟାଲରୁ ସିଧା ଶ୍ମଶାନ ଚାଲି ଯାଇଥିଲେ ହୁଏତ ସେମାନେ ବେଶୀ ଆଶ୍ୱସ୍ତ ହୋଇଥାନ୍ତେ । ଏବେ ବୋଉ ଆସି ଦରମରା ହୋଇ ଘରେ ପଡିଛି ।  ନା ମରୁଛି ନା ବଞ୍ଚୁଛି ତେଣୁ ତାଙ୍କର ବାହାଘରଟା ବି ସେମିତି ଶୂନ୍ୟେ ଶୂନ୍ୟେ ଝୁଲି ରହିଛି ।

ଏବେ ତ ବାହାଘର ପ୍ରସଙ୍ଗ ଉଠାଇ ହେବନାହିଁ କାରଣ ବୋଉ ଅଳ୍ପ ଦିନ ହେଲା କୋମାରୁ ଉଠିଛି । ଏଣେ ଯଦି ବୋଉର କିଛି ହୋଇଯାଏ ତେବେ ପୁରା ବର୍ଷେ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଶୁଭ କାର୍ଯ୍ୟ ବନ୍ଦ । ଲଳିତ ଆମର ଭାଇ ଭଉଣୀଙ୍କ ସାମ୍ନାରେ କହି ଉଠିଲା ଯେ ବୋଉର ଯଦି କିଛି ହୋଇଯାଏ ତେବେ ଓଡ଼ିଆ ପାଞ୍ଜିରେ ସିନା ଶୁଭକାର୍ଯ୍ୟ ନିଷେଧ କିନ୍ତୁ ଅନ୍ୟ କେଉଁ ପାଞ୍ଜିରେ ପୁଣି ତାହା ସମ୍ଭବପର ହେଉଛି । ଲଳିତ ଯାହା କହିବ ଏଡ଼େ ପାଟିରେ କହିବ ଯେ ସାହିର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଶୁଭିବ । ସେ ଦାଣ୍ଡ ଘରେ କହୁଥାଏ ଏବଂ ତାହା ପଢ଼ା ଘର ପର୍ଯ୍ୟନ୍ତ ଯଦି ଶୁଣାଗଲା ତେବେ ପାଖ ରୁମ ଯୋଉଠି ବୋଉ ଶୋଇଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେଠାରେ ଶୁଭିବା କିଛି ଅସମ୍ଭବ ନୁହଁ ।

ବୋଉ ଭଲରେ କଥା କହି ପାରୁନଥାଏ । ଖାଲି ଖଟ ବାଡାରେ ତକିଆକୁ ଆଉଜି ବସି ଆମକୁ ତା ପାଖରେ ବସିବାକୁ କହୁଥାଏ । ଯେଉଁଦିନ ରିନି ଲଳିତକୁ ନେଇ ବୋଉ ସହ ଭେଟ କରାଇଲା ବୋଉ କିଛି କହି ନଥିଲା ବରଂ ମୋତେ ହାତ ଠାରି ପାଖରେ ବସିବା ପାଇଁ ଡାକିଥିଲା । ବୋଉ କେଉଁ ଉଦ୍ଦେଶ୍ୟରେ ଏହା କରିଥିଲା ତାହା ଏବେ ମୁଁ ବୁଝୁଛି । ବୋଉ ପରୋକ୍ଷରେ ରିନିକୁ ଜଣାଇ ଥିଲା ଯେ ତାର ବଡ଼ ଝିଅ ଏ ପର୍ଯ୍ୟନ୍ତ ଅବିବାହିତା ରହିଛି । ରିନି ମୁହଁର ଭାବ ଗୋଟିଏ ଘାଇଲା ବାଘୁଣୀ ପରି ହୋଇ ଯାଇଥିଲା ଯାହା ମୋ ଆଖିରୁ ବାଦ ଯାଇ ନଥିଲା । ମଣିଷ ମାତ୍ରକେ ସ୍ୱାର୍ଥପର । ସୁତରାଂ ରିନି ବା ସେଥିରୁ ବାଦ ଯାଆନ୍ତା କିପରି !! କିନ୍ତୁ ବୋଉ ବି ବୁଝିବା କଥା ଯେଉଁ ଘରେ ବଡ଼ ଝିଅ ବିବାହ କରି ଘର ସଂସାର କରିବାକୁ ଅନିଚ୍ଛୁକ ସେଠାରେ ସାନ ଭାଇ ଭଉଣୀ ମାନେ କଣ ସାରା ଜୀବନ ତାକୁ ଅପେକ୍ଷା କରି ବସିଥିବେ କି ?

ସେଦିନ କିନ୍ତୁ ମୋତେ ବହୁତ କାନ୍ଦ ଲାଗିଥିଲା । କାହିଁକି ଜାଣେନି । ସିଦ୍ଧାନ୍ତ ମୋତେ ଭଲ ଲାଗନ୍ତି କିନ୍ତୁ ତାଙ୍କ ସହିତ ଘର ସଂସାର କରି ସମସ୍ୟାର ଅଥଳ ଗର୍ଭରେ ବୁଡି ବୁଡି ବାହାରେ ହସ ଫୁଟାଇବାର କଳା ମୋତେ ଜଣା ନଥିଲା । ଆଉ ଯାହାକୁ ଜାଣିଛି ତା ସହିତ ଯଦି ସଂସାର ଗଢ଼ି ନ ପାରିଲି ଆଉ ଜଣେ ଅଜଣା ବ୍ୟକ୍ତି ସହିତ କିପରି ସାରା ଜୀବନ ପାଇଁ ଛନ୍ଦି ହୋଇ ରହିବି । ସୁତରାଂ ଅବିବାହିତ ରହିବା ହିଁ ମୋ ପକ୍ଷରେ ଶ୍ରେୟସ୍କର ଥିଲା । ଦୁଃଖ ଲାଗୁଥିଲା ବୋଉ ପାଇଁ ଯେ କି ଏପରି ଅବସ୍ଥାରେ ବି ମୋ କଥା ଭାବୁଛି ହେଲେ ତାର ଏ ଅବସ୍ଥାରେ ମୁଁ କୌଣସି ବିଷୟରେ କହି ତାର ଟେନସନ ବଢ଼ାଇବାକୁ ଚାହୁଁ ନଥିଲି ।

ବୋଉ ଘରକୁ ଆସିଲା ପରେ ମାତ୍ର ଦୁଇ ସପ୍ତାହ ଆମ ସହିତ କଟାଇଥିଲା । ବୋଧେ ସେ ତାର ପିଲାମାନଙ୍କୁ ଅସହାୟ ଅବସ୍ଥାରେ ଛାଡି ଚାଲିଯିବାକୁ ଚାହୁଁନଥିଲା । ତେଣୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଞ୍ଚିବାର ମୋହ ଯୋଗୁଁ କୋମାରୁ ବାହାରି ଚାଲି ଆସିଲା ସିନା କିନ୍ତୁ ଆସିଲା ପରେ ଅଳ୍ପ କେତେ ଦିନ ରହି ଦେଖିଲା ଯେ ତା ବିନା ତା ପିଲାମାନେ ନିଜେ ନିଜର ରାସ୍ତା ବାଛି ବଞ୍ଚିବାର କଳା ଶିଖି ଗଲେଣି । ବରଂ ସେ ନିଜେ ଏବେ ଅନ୍ୟ ମାନଙ୍କର ମୁଣ୍ଡ ବଥାର କାରଣ ହେଉଛି । ତେଣୁ ଏଠାରେ ତାର ରହିବାର ଆବଶ୍ୟକତା ଆଉ ନାହିଁ । ଦିନେ ରାତିରେ ଖାଇପିଇ ଶୋଇଥିଲା ଏବଂ ତହିଁ ପରଦିନ ଆଉ ଉଠି ନଥିଲା ।

ବୋଉ ସମସ୍ତଙ୍କ ରାସ୍ତାରୁ ଅଚିରେ ହଟି ଯାଇଥିଲା । ବୋଉର ସତ୍କାର କାର୍ଯ୍ୟ ସବୁ ସରିବା ପରେ ରିନି ଓ ଦେବ ଅନ୍ୟ କେଉଁ ପାଞ୍ଜିକୁ ଅନୁସରଣ କରି ବିବାହ କଲେ ମୂର୍ତ୍ତିକିୟା ଦୋଷ ଲାଗିବ ନାହିଁ ବୋଲି ନିଜ ନିଜର ଭାବି ଜୀବନସାଥି ମାନଙ୍କ ସହିତ ବିଚାର ବିମର୍ଷ ଚଳାଇ ଥିଲେ । ସିଦ୍ଧାନ୍ତ ଏବଂ ମୁଁ ଦୁଇଟି ସମାନ୍ତରାଳ ରେଖା ଭଳି ଚାଲିଥିଲୁ ଓ ନିୟମିତ ସେ ମୋତେ କେମିତି ମାନସିକ ଭରସାମ୍ୟ ରଖିହେବ କିପରି ଧର୍ଯ୍ୟ ଧରି ବୋଉର ଦୁଃଖ କୁ ସମ୍ଭାଳି ହେବ ଇତ୍ୟାଦି ଗୁଡ଼ାଏ ଉପଦେଶ ଦେଇ ଚାଲିଥିଲେ । ମୁଁ ଧୀରେ ଧୀରେ ଅନୁଭବିର ନଜରରେ ହୃଦୟଙ୍ଗମ କରୁଥିଲି ଯେ ସଂସାର ଏମିତି ଚାଲିଛି ଓ ଚାଲୁଥିବ । କାହାରି ଅବର୍ତ୍ତମାନରେ କେହି ଭାସି ଯାଆନ୍ତି ନାହିଁ ।

ପୋଷ୍ଟାଲ ଆସିଷ୍ଟାଣ୍ଟ, ବ୍ରହ୍ମପୁର
ଫୋନ : ୯୪୩୭୩୭୫୫୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ଶିବ ନାରାୟଣ ଦାଶ

(ଭୂମିକା: କବିତାଟିରେ ବର୍ଣ୍ଣିତ ଘଟଣା ପ୍ରବାହ ୧୯୭୭ ମସିହାରୁ ୧୯୭୯ ମସିହାର ସମୟ କାଳ ଭିତରେ ପର୍ଯ୍ୟବସିତ । ସେତେବେଳେ ମୁଁ ରେଭେନ୍ସା ମହାବିଦ୍ୟାଳୟର ଇଣ୍ଟରମିଡିଏଟ ସାଇନ୍ସର ଛାତ୍ର ଓ ସେଠିକାର ପଶ୍ଚିମ ଛାତ୍ରାବାସ ଥିଲା ମୋର ବାସସ୍ଥାନ । କୈଶୋରରୁ ଅତିକ୍ରାନ୍ତ ହୋଇ ଆଦ୍ୟ ତାରୁଣ୍ୟରେ ପାଦ ଦେଉଥିବା ଜୀବନର ସେହି ସ୍ୱପ୍ନିଳ ଦିନ ଗୁଡିକରେ ପ୍ରେମ ଓ ଭଲ ପାଇବାର ମୁହୂର୍ତ୍ତମାନ ଥିଲା ପ୍ରତିଟି କଲେଜ ଛାତ୍ର ପାଇଁ ଏକ ବହୁ ଇପ୍ସିତ ଦୁର୍ଲଭ ସମ୍ପଦ ଏବଂ ଏକାନ୍ତ କାମ୍ୟ । ହୋଇପାରେ ତାହା ଏକ ଅପରିପକ୍ୱ ବୟସର ଭାବପ୍ରବଣତା, କିନ୍ତୁ ଆର୍ଥିକ ବା ସାମାଜିକ ପ୍ରତିଷ୍ଠାର ମାନଦଣ୍ଡରେ ମପା ନ ହେଉଥିବା ଦୁଇ ଅନାବିଳ ହୃଦୟର ସେହି ଭାବ ବିନିମୟ ଥିଲା ଅତ୍ୟନ୍ତ ସ୍ୱାଭାବିକ, ସହଜ ଏବଂ ପ୍ରଥମ ପ୍ରେମର ସେହି ସ୍ମୃତି ରହୁଥିଲା ସମଗ୍ର ଜୀବନ ପାଇଁ ଚିର ସବୁଜ ଓ ପ୍ରାଣବନ୍ତ ।

ଆଜି ଦୀର୍ଘ ୪୫ ବର୍ଷ ପରେ, ଅବସର ଜୀବନରେ ଆଦ୍ୟ କଲେଜ ସମୟର ସେହି ପ୍ରେମ ବା ହୃଦୟର ଆକର୍ଷଣ ଅଥବା ମନ ଦିଆ-ନିଆର ଅମୁଲ୍ୟ ସ୍ମୃତିକୁ ରୋମନ୍ଥନ କରି ରୋମାଂଚିତ ହେବା ବାସ୍ତବିକ ଏକ ଅପୂର୍ବ ଅନୁଭୂତି ଏବଂ ସେହି ଏକାନ୍ତ ଅଭିବ୍ୟକ୍ତିରୁ କବିତା "ପ୍ରଥମ ପ୍ରେମ"ର ରୂପାୟନ । କବିତାଟିରେ ରେଭେନ୍ଶା ମହାବିଦ୍ୟାଳୟ ଓ ତାର ଆଖ ପାଖ ସ୍ଥାନ ଏବଂ କଟକ ସହରର ବିଭିନ୍ନ ଉପକଣ୍ଠରେ ପ୍ରେମ ଓ ମିଳନର ମୁହୂର୍ତ୍ତ ମାନଙ୍କର ବର୍ଣ୍ଣନାହିଁ ପ୍ରଧାନ, ଯାହାଥିଲା ସେହି ବିଗତ ଦିନଗୁଡ଼ିକରେ ଅତ୍ୟନ୍ତ ମହାର୍ଘ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହୂର୍ତ୍ତ । କବିତାଟି ପଢି ଯଦି କେହି ଆପଣା ଜୀବନର ସମାନ ବା ଆଂଶିକ ପ୍ରତିଫଳନ ଖୋଜିପାଏ, ତେବେ ଜୀବନର ପ୍ରଥମ ପ୍ରେମକୁ ସଠିକ ଭାବେ ଚିତ୍ରଣ କରି ପାରିଛି ବୋଲି ବୁଝିବି । )

(୧)

ଦେଖା ହୋଇଥିଲା ତୁମ ସାଥେ ଯେବେ ମହାନଦୀ ତୁଠ କୂଳେ,
ଅବା କେବେ ପୁଣି ଗୋଧୂଳି ବେଳାରେ କାଠଯୋଡ଼ି ପୋଲ ତଳେ ।
ଆମେ ବସୁଥିଲେ ନଦୀଘାଟେ ଆଉ ବରଗଛ ଛାଇ ତଳେ,
ସଞ୍ଜ ନଇଁଲେ ଫୁଲଭରା ଯେତେ କୃଷ୍ଣଚୂଡ଼ାର ମୂଳେ ।
ବେଳଗଡାଣିଆ ଛାଇ ଲେଉଟିଲେ ଆମେ ବସୁଥିଲେ ଯାଇ,
ନଈପଠା ବାଲି ଶେଜକୁ ଆଦରି ଯୋଡ଼ା ଯୋଡି ଦୁହେଁ ହୋଇ ।

ସ୍ୱପନେ ଭିଜାଇ ନୟନ ତୁମର ନଦୀର ଜଳକୁ ଚାହିଁ
ରହୁଥିଲେ ତୁମେ, ତୁମରି ରୂପକୁ ଦେଖୁଥାଏ ଖାଲି ମୁହିଁ ।
ତୁମେ ବି ନିରବ, ମୁଁ ବି ନିରବ ମୁହଁ ଖୋଲିନାହୁଁ କେହି,
ନୀରବତା ଆମ କହିଯାଉଥାଏ କେତେ କଥା ରହି ରହି ।
ତୁମ ଆଖି ତଳେ ଢେଉ ଭାଙ୍ଗେ ଯେବେ କେତେ ଅସୁମାରୀ ଆଶା,
ଆଖିର କଜ୍ଜ୍ୱଳ ଧାରେ ପଢୁଥାଏ ପ୍ରେମର ମଧୁର ଭାଷା ।
କହିନାହୁଁ କେବେ ଏକେ ଅପରକୁ ପ୍ରେମ ପ୍ରଣୟର କଥା,
ହୃଦୟର ଯେତେ ଦରଦ, ଆବେଗ, ସ୍ନେହଭରା ବ୍ୟାକୁଳତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେବେବି ଭାବିଛି ପଚାରି ବସିବି "ମୋତେ କିବା ଭଲପାଅ",
ନଈର ବାଲିରେ ଗାର କାଟି ତୁମେ ମୋ ନାମଟି ଲେଖୁଥାଅ ।
ଆଖି ମିଳିଗଲେ ଆଖିରେ ତୁମରି, ତୁମେ ଆନମନା ହୋଇ,
ବାଲିକୁ ସାଉଁଟି ଲିଭାଇ ବସିଲେ ନାମଟି ତ ଯାଏ ରହି ।
ସରମେ ଝାଉଁଳି ଘୁଂଚି ବସ ଯେବେ ମୋ ଠାରୁ ଦୁରେଇ ଯାଇ,
ପବନ ଉଡାଇ ଲୁଗା-କାନି  ତୁମ ମୋ ଦେହକୁ ଯାଏ ଛୁଇଁ ।

(୨)

କେବେ ଖରାବେଳେ ସାଙ୍ଗସାଥି ମେଳେ ଲିମ୍ବ ଦେବଦାରୁ ତଳେ,
ବହି ହାତେ ନେଇ ତୁମେ ବସିଥାଅ କଲେଜ ପ୍ରାଙ୍ଗଣ ପରେ ।
ଦିଗହଜା ତୁମ ଆଖି ଖୋଜୁଥାଏ ସପନରେ ଭାସି ଭାସି,
ଚାଲିଗଲେ ଅବା ମୁହିଁ ସେ ବାଟରେ ଅକାରଣେ ଦିଅ ହସି ।
ଆଉ କେବେ ପୁଣି ଏକା ଆସୁଥିଲେ ମୁହାଁମୁହିଁ ଯେବେ ହୁଅ,
ଗୋଟାପଣ ଲାଜେ ତୁମ ଦେହ-ମୁହଁ ଠିଆହୋଇ ତୁମେ ରୁହ ।
ବାଟ ଛାଡି ଦେଇ ତୁମକୁ ସହଳେ ମୁଁ ଯେବେ ଆଗେଇ ଯାଏ,
ବାଙ୍କ ଚାହାଁଣୀରେ ପଛକୁ ଅନାଇ ମୋତେ ତୁମେ ଦେଖୁଥାଅ ।

ବିଜୁଳି ଚମକି ଘଡଘଡି ମାରି ବରଷା ଢାଳଇ ଯେବେ,
କଲେଜ ଫେରନ୍ତା ଲେଉଟାଣି ପଥେ ଦେଖିଛି ତୁମକୁ ତେବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମରି ଶ୍ରେଣୀର ବାରଣ୍ଡାରେ ଏକା ତୁମେ ହୋଇଥାଅ ଠିଆ,
ଅସହାୟ ଆଖି ଖୋଜି ବୁଲୁଥାଏ କିଏ ହେବ ଅବା ସାହା ।
ମୁଁ ଯେବେ ପଚାରେ ଛାଡ଼ିଦେବି ଘରେ ଈଷତ ସରମି ହସ,
ନାହିଁ ନାହିଁ କହି ତୁମ ଅଜାଣତେ ମୋ ଛତା ତଳକୁ ଆସ ।

ଛତା ତଳେ ଆମେ ଚାଲିଥାଉ ଦୁହେଁ ମେଘରେ ଆକାଶ ଭରା,
ତୁମ ମୁହଁ ସାରା ବରଷାର ଛିଟା ଭରା ଶ୍ରାବଣର ଧାରା ।
ପବନ ଖେଳଇ ତୁମରି ସାଥିରେ ଉଡାଇ ପଣତ କାନି,
ନରମ ନୟନ ପତାରେ ପଡଇ ଅସଜଡ଼ା କେଶ ପୁଣି ।
ବହି ଭରା ହାତ ଛାତିରେ ଜାବୁଡି ମୋ ମୁହଁକୁ ତୁମେ ଚାହଁ,
ଫୁଙ୍କିଦେବି ବୋଲି ଅଲରା ବାଳକୁ ଆକୁଳେ ଅନାଇ ରୁହ ।

(୩)

କେବେ ପୁଣି ତୁମେ ଜିଦ କରି ବସ ସହର ବୁଲିବା ପାଇଁ,
କଲେଜ ଛକରୁ ଉଠିପଡୁଥିଲେ ରିକ୍ସାରେ ଆମେ ଯାଇ ।
ରାଣୀହାଟ ହୋଇ ମଙ୍ଗଳାବାଗରୁ ବକ୍ସି ବଜାର ଡେଇଁ,
ଚଣ୍ଡୀ ମନ୍ଦିର, ଅଲିଶା ବଜାର, ପୋଲିସ କଲୋନୀ ଛୁଇଁ ।
ଦିନ ଦ୍ୱିପ୍ରହରେ ଫେରୁଥିଲେ ଯାଇ ତୁଳସୀପୁରର ବାଟେ,
ମହାନଦୀ କୂଳ, ବାରବାଟୀ ଗଡ଼, ଗଡ଼-ଗଡିଆର ଘାଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖରା ନଇଁ ଯେବେ ହୋଇଆସୁଥିଲା ଛାଇ ଲେଉଟାଣି ବେଳ,

ନଈକୂଳେ ବସି ଅଯୁତ ସ୍ୱପ୍ନ କରୁଥିଲେ ଆମେ ଠୁଳ ।

ଉଚ୍ଛୁର ହୋଇଲେ ଡାକୁଥିଲି ଯେବେ ଘରକୁ ଫେରିବା ପାଇଁ,

ରାଣ ଦେଇ ମୋତେ ଅଟକାଉଥିଲ - "ଆଉ ଟିକେ ବସ" କହି ।

ଫେରିବାର ବେଳେ ପଚାର ଶେଷରେ - "କେବେ ହେବ କାଲି ଦେଖା" ?

ମୁଁ କିଛି କହିବା ଆଗୁଁ ଟାଣିଦିଅ ସମୟର ସୀମାରେଖା ।

ତୁମ କଥା ଭାବି ବାଟ ସରି ଆସେ, ଆସିଯାଏ ତୁମ ଘର,

ସହଳ ଓହ୍ଲାଇ ରିକ୍ସାରୁ ତୁମେ ଭିତରେ ପ୍ରବେଶ କର ।

ତୁମକୁ ବିଦାୟି ଲେଉଟେ ମୁଁ ଯେବେ ବସାକୁ ଫେରିବା ପାଇଁ,

ଅଧା ଖୋଲା ଘର ଝରକାର ଫାଙ୍କୁ ତୁମେ ରହିଥାଅ ଚାହିଁ ।

ଉଦବେଗ ଭରା ଠାର ଇଶାରାରେ କହିଦିଅ ପୁଣି ସତେ,

"ଦେଖି ଚାହିଁ ଯିବ - ବେଳ କାଳ ଏବେ ଭରସା ପାଉନି ମୋତେ" ।

ତୁମ କଥା ମାନି ସହଳ ସହଳ ବଢାଏ ଆଗକୁ ପାଦ,

ଭାବି ଭାବି ତୁମ ସେନେହ ଚାହାଣି କେବେ ସରିଯାଏ ବାଟ ।

(୪)

ତୁମରି ଅଗଣା ବଗିଚାରେ ଯେବେ ରଜନୀଗନ୍ଧା ଫୁଟେ,

ଜାଣେନା କାହିଁକି ମୋ ଆଖି ତୁମକୁ ଏତେ ବେଶୀ ଖୋଜି ଉଠେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣେନା କାହିଁକି ମୋ ମନ ଆକାଶେ ସ୍ୱପ୍ନ ଉଅଁଇ ଏତେ,
ଚତ୍ୱରେ ତୁମ ମଲ୍ଲି ସୁରଭି ଚହଟାଇ ଯେବେ ଛୁଟେ ।
ମୋର ଅଜାଣତେ କେତେବେଳେ ତୁମେ ପାଶେ ଆସି ଠିଆ ହୁଅ,
ହାତେ ମୋ ଧରାଇ ଶୁଭ୍ର ସ୍ତବକ ମୋ ମୁହଁକୁ ଚାହିଁ ରୁହ ।
ପଚାରିବା ଆଗୁ ମୁଁ କିଛି ତୁମକୁ ପଛ ବୁଲି ଘୁଂଚି ଆସ,
"ଲଗାଇଦେବ କି କବରୀରେ" କୁହ - "ହାତ ପାଉନାହିଁ ଦେଖ" ।

ପୂର୍ଣ୍ଣମୀ ଜହ୍ନ ଘଡ଼ିମାରି ଯେବେ ଆକାଶେ ଉଠଇ ଉଇଁ,
ଅଳିକର ତୁମେ ମହାନଦୀ ଜଳେ ଜ୍ୟୋତ୍ସ୍ନା ବିହାର ପାଇଁ ।
ସୁଲୁସୁଲୁ ବାଆ ଜହ୍ନ ଆଲୁଅରେ ନାଆ ଯାଉଥିଲେ ଭାସି,
ତୁମେ ଗଣୁଥାଅ ଆକାଶରେ ତାରା ମୋ କୋଳରେ ମଥା ରଖି ।
ଉଆଁସ ରାତିର ଘନ ଅନ୍ଧାର ତୁମେ ପାରନାହିଁ ସହି,
କଥା ଗପି ଗପି ସାଥିରେ ମୋହର ରାତି ଆମ ଯାଏ ପାହି ।

ପୂଜା-ପାରବଣ ଦିନେ ତୁମେ ପୁଣି ପିନ୍ଧିଥାଅ ପାଟ ଶାଢ଼ୀ,
କଲେଜ ତରୁଣ ନୟନ ତୁମକୁ ଦୂରୁଁ ଯାଉଥାନ୍ତି ପଢି ।
ତୁମେ କିନ୍ତୁ ମୋତେ ଖୋଜି ବୁଲୁଥାଅ ଅଧୀର ଆବେଗେ ଚାହିଁ,
ଦେଖା ହୋଇଗଲେ ପଚାରି ପକାଅ ଭଲ ଦିଶୁଛ କି ନାହିଁ ।
ମୁଁ କିଛି ନ କହି ପଣତଟି ତୁମ ଜୁଡ଼ାରେ ଥାପିଲେ ଆଣି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଜ ଲାଜ ହୋଇ ତଳକୁ ଅନାଅ ଅଙ୍ଗୁଳିରେ ଗାର ଟାଣି ।

(୫)

ଶାରଦ ଆକାଶେ ଚାନ୍ଦ ଉଇଁ ଯେବେ ଜୋଛନା ଜୁଆର ଛୁଟେ,
ମହାନଦୀ କୂଳ ବାଲି ପଠା ପରେ କାଶତଣ୍ଡୀ ଫୁଲ ଫୁଟେ ।
ଆଶ୍ୱିନର ମଧୁ ମନ୍ଦ ମଳୟ ଢେଉ ଲହରାଇ ଗଲେ,
ତୁମେ ଖୁସି ହୁଅ "ଦେବୀ ଦଶଭୁଜା" ଆସିବାର ବେଳ ହେଲେ ।
ସଜବାଜ ହୋଇ ତୁମେ ଆସ ଧାଇଁ ହାତ ଧରି ଟାଣ ମୋର,
କଟକୀ ମାଣିଆବନ୍ଧ ପିନ୍ଧିଥାଅ ପାଦରେ ପାଉଞ୍ଜି ଘେର ।
ଗଭାରେ ସଜାଇ କଣ୍ଠ ଯାଏ ଲମ୍ବି ଶୁଭ୍ର ଗଜରା ହାର,
ଆୟତ ନୟନେ କଥା କହୁଥାଏ କଜ୍ୱଳର ସରୁ ଗାର ।
ଚାହିଁଦେଇ ଯେବେ ତୁମକୁ ମୁଁ ଥରେ ନଜର ହଟେନା ମୋର,
ରୁଣୁଝୁଣୁ କରି ନାଲି-ନେଳି ଚୁଡ଼ି ମୋତେ ସଚେତିତ କର ।

ସଞ୍ଜ ନଇଁଲେ ବୁଲି ଯାଉଥିଲେ ପୂଜା ମଣ୍ଡପକୁ ଆମେ,
ଦଶହରା ମେଢ଼ ଘୁରି ଘୁରି କେବେ ଥକୁତ ନଥିଲ ତୁମେ ।
ପୂଜା ବଜାରରେ ଝଲସା ଆଲୁଅ ଆହୁରି ଲୋକଙ୍କ ଭିଡ,
ତା ଭିତରେ କିନ୍ତୁ ଦେବୀଟିଏ ପରି ତୁମେ ବାରି ହୋଇ ପଡ ।
ବିଜୟା-ଦଶମୀ ଭସାଣି ସରିଲେ କୁଆଁର ପୁନେଇ ଆସେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଜ ଲାଜ ତୁମ କପୋଳରେ ପୁଣି ସରମ ଭଉଁରୀ ଦିଶେ ।

କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ, ବାଲିଯାତରାର ମେଳା,
ମୋ ସାଥିରେ ତୁମେ ବୁଲି ବାହାରିଲେ ଜଣାପଡେନାହିଁ ବେଳା ।
କଦଳୀ ପଟୁଆ ବୋଇତ ଭସାଇ ଗଡ଼ଗଡ଼ିଆର ଘାଟେ,
ତୁମେ ଚାହିଁରୁହ ମହାନଦୀ ଜଳେ ସଞ୍ଜ ନଉଁଥାଏ ଯେବେ ।
ଯେତେ ଦେଖିଥିଲେ ତୁମକୁ ଆଗରୁ ସେଦିନର କଥା ଆଉ,
ମନେହୁଏ ସତେ ତୁମେ ଓଡ଼ିଆଣୀ ରୂପସୀ ସାଧବ-ବୋହୁ ।

(୬)

କଲେଜରେ ଭେଟ ତୁମ ସାଥେ ନିତି କେମିତି ଯେ ବେଳ ଗଡେ,
ରବିବାର ହେଲେ ତୁମ କଥା ମୋର ଏତେ ବେଶୀ ମନେପଡେ ।
ଏକା ଏକା ଘରେ ସମୟ କଟେନା ଚଞ୍ଚଳ ହୁଏ ମନ,
ଭସାଣିଆ ତୁମ ନରମ ଚାହାଣି ଅଥୟ କରଇ ପ୍ରାଣ ।
ବାରବାର ଯାଇ ଦୁଆର ମୁଁ ଖୋଲେ ଆସିଛ କି ତୁମେ ଭାବି,
ଅବା ବାତାୟନ ପାଖେ ବସି ଖୋଜେ ଦୂର ପଥେ ତୁମ ଛବି ।
ସୂର୍ଯ୍ୟ ଢଳଇ ତୁମ ବାଟ ଚାହିଁ ସଞ୍ଜ ନୁଅଇଁ ଯେବେ,
ଆକାଶରେ ଜହ୍ନ ଉଇଁ ଆସି ଦିଶେ ତୁମ ଚାନ୍ଦ ମୁହଁ ତେବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖରାଦିନ ଛୁଟି ନିକଟ ହୋଇଲେ ଘର ବୁଲିଯିବା ପାଇଁ,

ମୁଁ ଯେବେ ବାହାରେ ବାପା ବୋଉ ତେଣେ ରହିଥିବେ ବାଟ ଚାହିଁ -

ଲିଭିଯାଏ ତୁମ ଅଧରରୁ ହସ, ଦେହ-ମୁହଁ ଯାଏ ଶୁଖି,

କୋହଭରା ଛାତି, ଲୁହରେ ଜକେଇ ଢଳ ଢଳ ହୁଏ ଆଖି ।

ବାଦାମବାଡିରୁ ବସ ଧରି ମୁହିଁ ଘରମୁହାଁ ହେଲାବେଳେ,

ତଳେ ଥାଇ ତୁମେ ଅଳି କରି କୁହ - "ସହଳ ଫେରିବ ଗଲେ" ।

"ଜାଣେନା କିପରି ଏଇ କେତେ ଦିନ କଟିବ ତୁମକୁ ଛାଡି,

କେନ୍ଦୁଝର ଗଡେ ତୁମେ ଗଲେ ଚାଲି, କଟକେ ରହିବି ପଡି" ।

ଦିନ ଗଡିଯାଏ, ଛୁଟି ସରିଯାଏ, କଲେଜ ଖୋଲିବା ପାଇଁ,

ଆନମନା ହୋଇ ତୁମେ ବସିଥାଅ ମୋ ଫେରିବା ପଥ ଚାହିଁ ।

ଦେଖା ହୋଇଗଲେ ତର ସହେନାହିଁ କେତେ କଥା କହିଯାଅ,

ତୁମେ ଓଡ଼ିଆଣୀ କଟକୀ ତରୁଣୀ, ତୁଳସୀପୁରର ଝିଅ ।

(୭)

ଆଜି ଜୀବନର ଅପରାହ୍ନରେ ଚାଳିଶି ବର୍ଷ ପରେ,

ପଛକୁ ଚାହିଁ ମୁଁ ଖୋଜି ବସେ ଯେବେ ସେ ବିଗତ ସ୍ମୃତି ଥରେ ।

ତାରୁଣ୍ୟର ସେ ଆଦ୍ୟ ମହକ ପ୍ରେମର ଫଲ୍ଗୁ ଧାରା,

ରହି ରହି ମୋତେ ଶିହରୀତ କରେ ପ୍ରୀତି ରୋମାଞ୍ଚ ଭରା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଆମକୁ ଅଲଗା କଲେ ବି ଏକେ ଅପରରର ଠାରୁ,
ଏବେବି ହୃଦୟେ ସାଇତି ରଖିଛି ତୁମକୁ ଥାଇ ମୁଁ ଦୂରୁଁ ।
ମୋ ଘର ସଂସାରେ ବନ୍ଧା ମୁଁ ପଡିଛି ତୁମେ ଆଉ କାହା ବୋହୂ,
ଭଲ ପାଉଥିଲେ ଦୁହେଁ ଯେ ଦୁହିଁଙ୍କୁ, ପ୍ରେମ ଆମ ଜିଇଁ ରହୁ ।

ବୟସର ସାଥେ ଆସି ଆମେ ଆଜି ଯେଉଁଠି ହୋଇଛୁ ଠିଆ,
ମୋ ଚଷମା ଫାଂକେ ଆଂକୁଛି ମୁଁ ବସି ତୁମ ରୂପ ମନଛୁଆଁ ।
ଲାବଣ୍ୟ ତୁମର ଝଳି ଉଠୁଥିବ ସମୟର ସୀମା ଛୁଇଁ,
କିଶୋରୀ ନୟନ ହୋଇ ଉଠିଥିବ ପ୍ରଖର ଦୀପ୍ତିମୟୀ ।
ମଥାର ଗହନ କେଶରେ ତୁମର ଶୁଭ୍ର-ପଟଳ ଝରା,
ରୂପର ଗରିମା କରିଥିବ ପୁଣି ସଂଭ୍ରମ ମନୋହରା ।


ତୁମେ ଅଛ କେଉଁ ଦୂର ବିଦେଶରେ ମୁଁ ଦେଶେ ସାଗର ତୀରେ,
ମନ ଦିଆ-ନିଆ ଆମ ପ୍ରଣୟର ମନେପଡେ ବାରେ ବାରେ ।
ନଥିଲା ତ ସେଠି ଚାହିଁବା ପାଇବା ଅବା କିଛି ପ୍ରତିଆଶା,
ଭଲପାଇବାଟା ଥିଲା ଏକାନ୍ତ ପ୍ରେମ ଥିଲା ପରିଭାଷା ।
ଆମରି "ପ୍ରଥମ ପ୍ରେମ"ର ସୁବାସ ହୃଦୟେ ସାଇତା ନିତି,
ନଥିଲା ତ ଯେଣୁ ସେଠି କେବେ ଦିନେ ମିଳନର ପ୍ରତିଶୃତି ।

ଇମେଲ୍ : dasshibanarayan61@gmail.com, ଭ୍ରାମ୍ୟଭାଷ: ୯୯୯୦୭୪୭୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମୃତ ଆତ୍ମା



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ହେ ମୋର ପ୍ରବୁଦ୍ଧ ଆତ୍ମା ଶାଶ୍ୱତ ଅନନ୍ତ !
ଅନ୍ତରେ ମୋ' ନିତ୍ୟ ବିରାଜିତ, ହେ ପରମ ସତ୍ୟ !
ଜନ୍ମଜନ୍ମାନ୍ତରେ ମୋର ଜଡଦେହ କରି ଆଲିଙ୍ଗନ;
ମୋ' ଜୀବନ ମରଣର ସାକ୍ଷୀ,
ନିଦ୍ରିତ ତନୁକୁ ମୋର କରି  ଜାଗରିତ,
ଦିବ୍ୟ କରୁଣାରେ ବାରେ କରି ଅଭିଷିକ୍ତ,
ତୁମରି ଦର୍ଶନ ଆଶେ ଶକତି ଆହରି,
ଜୀବନର ଚଲାପଥେ ଚାଲୁଚାଲୁ ନପଡ଼େ ମୁଁ ଥକି ।

ଅସ୍ମିତା ଓ ଅହମିକା ଅହିତ ଅସ୍ତିତ୍ୱ,
କାମନାରେ କଳୁଷିତ ପ୍ରାଣର ପାଶବଶକ୍ତି,
ଆସକ୍ତିର ଆବର୍ଜନା ଯେତେ,
ବିସର୍ଜନ-ବୈରାଗ୍ୟ-ବହ୍ନିରେ
ଏ ଦେହର ଅରଣ୍ୟରେ ଜଳିପୋଡ଼ିଯାଉ,
ଭାଗବତ ଆଲୋକ ପ୍ଲାବନେ
ନଗ୍ନ ଚେତନା ମୋର ହେଉ ପଲ୍ଲବିତ,
ତୁମରି ସାନିଧ୍ୟମଗ୍ନ ତୃପ୍ତ ମାନସ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦରେ ହେଉ ଉଲ୍ଲସିତ  !

ଅନନ୍ତ ଜୀବନପଥେ ପ୍ରେମାନନ୍ଦେ ବିମୋହିତ ପ୍ରାଣ,
ପବିତ୍ର ଏ ଦେହ ହେଉ ଆତ୍ମାର ବିଭୁତି,
ତୁମରି ମହିମା-ମୁଗ୍ଧ ବିଦଗ୍ଧ ପରାଣ,
ହେଉ ସ୍ନିଗ୍ଧ ସମର୍ପିତ ପୁଷ୍ପ ହୃଦୟର ।
ପ୍ରେମମୟ ପରମ ପୁରୁଷ  !
ତୁମରି କରୁଣାଘନ ଦିବ୍ୟ ପରଶରେ,
ଖୋଲିଯାଉ ଚେତନାର ଗର୍ଭଗୃହ ଦ୍ୱାର ।

ତୁମରି ସେ ହିରଣ୍ମୟ ଜ୍ୟୋତି ପ୍ରକାଶରେ,
ଦିବ୍ୟଆନନ୍ଦର ଉତ୍ସ ଝରିପଡ଼ୁ ବିଶ୍ୱର ଉରସେ,
ଅଚେତନ ଅଜ୍ଞାନ ଅଂଧାରୁ
ଝଲିଉଠୁ ପ୍ରଜ୍ଞାମୟୀ ଉଷା ଅରୁଣିମା,
ତୁମର ଏ ପିଣ୍ଡ ବ୍ରହ୍ମାଣ୍ଡରେ
ହେ ମୋର ଅମୃତ ଆତ୍ମା  !
ସତ୍ୟ ଶିବ ସୁନ୍ଦରର ହେଉ ଅବଭାସ,
ପୂର୍ଣ୍ଣ କରି ଅପୂର୍ଣ୍ଣ ଏ ଧୂସର ଧରଣୀ,
ଅବତରି ଆସୁ ଥରେ ମହାନନ୍ଦ ଭୂମା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଚିଠି



ଦୁଷ୍ମନ୍ତ ବେହେରା

ଫରଦ କହୁଛି ମୋ ଶେଷ ପୃଷ୍ଠା
ମନ ଅକ୍ଷର କହେ ଝାପ୍ସା
ହେବାକୁ ମୋର ଅଳପ ବାକି
ପଢିଲେ ଝରେ ଶ୍ରାବଣ ଏଇ !!

ମନ ପକ୍ଷୀ ତୁମ ପ୍ରେମ ଝୁରେ
ହୃଦୟ ରଖିଛି ସାଇତି ଲଫାପା
ପୁରୁଣା ହେଲାଣି ସନ୍ତକ ତୁମର
ଲିଭି ନାହିଁ ହୃଦୟରୁ ସ୍ମୃତି ଦାଗ !!

ପ୍ରେମ ଝରକା ଏପାଖେ ଚାହିଁଛି
ଆସିବ ତୁମେ ପ୍ରେମ ପରଶ ନେଇ
ମିଛରେ କହି ମନକୁ ବୁଝେଇଲ
ସମୟ ଶେଷ ରେ ଇତି ଲେଖି !!

ମୁଁ ଏଠି ଦିନର ଅପେକ୍ଷାରେ
ସମୟ ବିତେ ତୁମେ ଗଲାପରେ
ଶେଷ ଚିଠି କୁ ଧରି କହେ
ଜୀବନ ସରେ ଶେଷ ବାଟକୁ ଚାହିଁ !!

ପ୍ରେମ ପ୍ରକୃତି ର ଦାନ ଚିଠି ଆଜି
ଅଛି କାଲି ଚିରି ଯିବ ରହିଥିବ
ତୁମ ପ୍ରେମ ଦାଗ ବେଳ ଥିଲେ
ଖୋଲି ପଢିବ ଶେଷ ଚିଠି !!

ରାତି ର ତାତି ରେ ଦେହ ତାତେ
ଯଉବନ କହେ କାକର ଛୁଇଁ
ଆସିବ ଥରେ ପ୍ରିୟା ସାଥି
ହୋଇ ପଢିବା ଶେଷ ଚିଠି !!

ତୁମ ବାଟର ମନ ସାକ୍ଷୀ
ଏଇ ଇଏତ ଶେଷ ଚିଠି.......

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ : ୬୩୭୯୯୯୬୯୯୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନ ସମୁଦ୍ର



ସୁନନ୍ଦା ମହାନ୍ତି

ଜୀବନ ସମୁଦ୍ର ଢେଉ ସବୁ
ମନ କୂଳେ ପିଟେ ମଥା
ନୀଳ ନାଲି ନେଳି ସବୁଜ ହଳଦିଆ
ହୃଦୟେ ଦିଅଇ ବ୍ୟଥା
କେବେ କେଉଁ ଢେଉ ଅଧିର ଆବେଗେ
କହେ କାନେ କାନେ କଥା
କେବେ କାମନା ବାସନା ରହିତ ଢେଉ
ନୁଆଁଇ ନିଜର ମଥା
କେତେ ସ୍ୱପ୍ନ ଭୟପୂର୍ଣ୍ଣ କେବେ ମିଠା ସ୍ୱପ୍ନ
ଦେଖି ଲେଖା ଜୀବନ କବିତା
କେତେ ଯେ କାହାଣୀ ବୁଢ଼ୀ ଅସୁରୁଣୀ କି
ସୁନାଗଉଣୀ ରୂପେ ସାଇତା
ଢେଉର ଫେନିଳ ଫେଣ ସାତ୍ୱିକ କେତେ
କହିଦିଏ ଜୀବନ ରଫଖାତା
କେତେ ସେ ଉଜାଣୀ କେତେ ଭସାମେଘ
ଦିଗବାରେଣିରେ ପିଟି ମଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ସମୁଦ୍ର କୂଳେ କୂଳେ କେତେ ନାଟ

ଢେଉରେ ମାଦକତା

ଘୁ ଘୁ ଶବ୍ଦେ ମାଡ଼ିଆସୁଥାଏ ସମ୍ପଦ ବିପଦ

ଆହ୍ଲାଦର ଭିତ୍ତିପ୍ରସ୍ତର ଗୁଣବତ୍ତା

ନୋଳିଆଭାଇ, ନାଉରୀକେହି ଭଉଁରୀ ପହଁରୀ

ବ୍ୟସ୍ତତା ବହୁଳତା

କେବେ କୁନି କୁନି କଙ୍କଡା ଶାମୁକା ବାଲିଗିରିଡା

ସାଜନ୍ତି ହୋଇ ନଚିକେତା

ଓଁର ନିନାଦେ ପରମବ୍ରହ୍ମ ନାଦେ ମହମହ

ମଣିଷ ଜୀବନ କୌଶଳ ଗାଥା ।

ସାକ୍ଷୀଗୋପାଳ

ପୁରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୂଳ ସୁଧ



ଅଲେଖ ମେହେର

ଅପମାନିତ ହୋଇ ଅରି ଯହିଁ ବସେ ମଉନେ,
ପ୍ରଳୟ ବତାସ କାୟାରେ ତା'ର ଖେଳେ ବହନେ ।
ଏସନକ ଋଣ ଅଟଇ ଅପମାନର ଶସ୍ୟ ,
ସମୂଳସୁଧରେ ଫେରାଏ ଶତ୍ରୁ ଦିନେ ଅବଶ୍ୟ ।
ଅହି ନକୁଳର ସମ୍ପର୍କ ଯେହ୍ୱା ରସା ବିଦିତ,
ଶତଗୁଣା ବଳି ତା'ଠାରୁ କ୍ରୋଧ ଦେହେ ସଞ୍ଚିତ ।
କାଳକୁ ନିରେଖି ରୁହଇ ହୃଦେ ଧରି ଜ୍ୱଳନ,
କାଳର ଆୟତ୍ତେ ଫେରାଏ ଦୀର୍ଘ କାଳ ସ୍ୱପନ ।
ଇନ୍ଦ୍ରପ୍ରସ୍ଥ ଇନ୍ଦ୍ରଜାଲରେ ତଳେ ପଡିଲେ ମାନୀ,
ପାଞ୍ଚାଳୀ ବିଦ୍ରୁପ ସ୍ୱରରୁ ହୃଦେ ଧରିଲା ଧୁନି ।
ପରିଣାମ ମହାଭାରତ ଯୁଦ୍ଧ ହେଲା ସମ୍ଭୂତ,
ରୁଧିରର ନଦୀ ବହିଲା ହେଲେ ନିର୍ଦ୍ଦୋଷି ହତ ।
ପିତୃ ଅପମାନେ ଶୃଙ୍ଗୀର ଶାପେ ପରୀକ୍ଷ ନାଶ,
ବିପଦ ବରଇ ମଣିଷ କ୍ରୋଧ କରିଲେ ବଶ ।
ଏକ ବାସ ମଧ୍ୟେ ପାଚେରୀ ଉଠେ ମନାନ୍ତରରୁ,
ମତାନ୍ତର ଦୂର ଉତ୍ତମ ପ୍ରାଜ୍ଞ ବିତରଣରୁ ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାତୁଧାନ ପ୍ରବୃତ୍ତି ଛାଡି ଯେହୁ ବିତରେ ପ୍ରେମ,

ନର ଭିତରେ ସେ ଦେବତା ଦାନ କରେ ସମ୍ଭ୍ରମ ।

ସ୍ନେହ ଭାବ ମୈତ୍ରୀ ପୀୟୁଷ ନଦ ଝରଇ ଯହିଁ,

ଚଉବର୍ଗ ଫଳ ପ୍ରାପତ ଆପେ ମିଳଇ ତହିଁ ।

ସୋହେଲା, ବରଗଡ଼

ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ମନ୍ତ୍ର



ମନୋରଞ୍ଜନ
ସୁରୁଜାଳ

କିଛି କଥା ରହିଅଛି ସମୟ ଗର୍ଭରେ ,
କିଛି ଗାଥା ହଜିଅଛି ସମୟ ସୁଅରେ ।
ସମୟ ହିଁ ମୂଲ୍ୟବାନ ଜୀବନ ସ୍ରୋତରେ ,
ସମୟକୁ ହେଜି ଦେଖ ଜୀବନ ପୋଥିରେ ।

ରହସ୍ୟର ବେଳାଭୂମି ଏହି ରଙ୍ଗମଞ୍ଚ ,
ଦୁଃଖ ସୁଖ କୂଳ ଛୁଏଁ ନୁହେଁ ଅପହଞ୍ଚ ।
ହନ୍ତସନ୍ତ କରୁଥିବ ପଚିଶ ଓ ପାଞ୍ଚ,
ପ୍ରାରବ୍ଧ କ୍ରିୟମାଣଟି ଜୀବଧର୍ମ ପେଞ୍ଚ ।

ମାୟାର ପ୍ରଲେପ ଏଠି ବିଷୟାର ବିଷ,
ଛଡେଇ ନେଇଛି ମୁଖୁ ଖିଲିଖିଲି ହସ ।
ମାୟା ଚେର ଅନ୍ତକକୁ କରିଛି ବିବଶ,
ଜୀବନ ରହସ୍ୟ ଖେଳ ପ୍ରତ୍ୟୁଷ ପ୍ରଦୋଷ ।

ହସ୍ତେ କିବା ହସ୍ତୀ ବାଜୀ ଆତ୍ମୀୟ ସ୍ୱଜନ,
ସ୍ଥାବର ସମ୍ପତ୍ତି ଯେତେ ସ୍ୱର୍ଣ୍ଣ ରୌପ୍ୟ ଧନ ।
ଯିବେ କି ଆପଣା ସଙ୍ଗେ ଯେମିତି ରାଜନ,
ଶୂନ୍ୟ ଘଟ ଶୂନ୍ୟ ହସ୍ତ ସ୍କନ୍ଦର ଯେସନ ।

ଦୁଇ ଦିନ ଖେଳ ଘର ତୁଚ୍ଛ ଅହମିକା,
କୀର୍ତ୍ତିସ୍ତମ୍ଭ ଜୀବେ ଦୟା ଶାନ୍ତିର ପତାକା ।
କି ହେବ ଦାମ୍ଭିକପଣ କ୍ଷମା ତୁଳେ ଏକା,
ସତ୍ୟପଥ ଅନୁସରି ସରାଅ ନଟିକା ।

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନମାମୁଁ



ପ୍ରକାଶ କୁମାର ଚାନ୍ଦ

ମାଆ କୋଳେ ଥାଇ ଦେଖୁଥିଲି ମୁହିଁ
ଜହ୍ନମାମୁଁ ପରା ତତେ
ମାମୁଁ ବୋଲି ତତେ ଡାକିବା ପାଇଁକି
ମାଆ କହୁଥିଲା ମତେ ।।

ରାଗିଲେ ରୁଷିଲେ ଅଝଟ ହୋଇଲେ
ତୋ ଆଡେ ଆଙ୍ଗୁଠି ଠାରି
ଆ ଜହ୍ନମାମୁଁ ସରଗଶଶୀ ତୁ
ମୋଧନ ସାଥେ ଯା, ଖେଳି ।।

ଦୂର ଆକାଶର ସରଗ ରାଇଜେ
ଅଟେ ମାମୁଁ ତୁମ ଘର
ଇଚ୍ଛା ହୁଏ ମାମୁଁ ବୁଲି ଆସନ୍ତେକି
ଯାଇ ସେ ସରଗପୁର ।।

ଅଜା ଆଇ ସାଥେ ଖେଳନ୍ତି ବୁଲନ୍ତି
ମାଇଁ ଯେ ପାଅନ୍ତେ ଭଲ
ଦୁଧ ଭାତ ମତେ ଖୁଆଇ ଦିଅନ୍ତେ
କୋଳେ ନେଇ କରି ଗେଲ ।।

ରକେଟେରେ ଚଢି ବିଲ ବଣ ଡେଇଁ
ଯିବି ମାମୁଁ ତୁମ ଗାଆଁ
ମନ ଦେଇ ପାଠ ପଢିଲେ ମୁଁ ଯିବି
କହୁଥିଲା ମତେ ମାଆ ।।

ଜୟପୁର ଶାସନ ପିପିଲି-ପୁରୀ
ମୋ-୯୮୫୩୩୫୪୯୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଉଥରେ ଫେରି ଆସନ୍ତାନି



ନୀଳମଣି ଚାନ୍ଦ

ଆଉଥରେ ଫେରି ଆସନ୍ତାନି
ସବୁ ଚାଲିଯାଇଥିବା ଦିନ
ସାଙ୍ଗମାନଙ୍କ ସାଙ୍ଗରେ
ମୁଁ ପୁଣି ଆରମ୍ଭ କରନ୍ତି
କଙ୍କିଧରା, ନଈପହଁରା
ବାଲିଘର, ଠିଆପୁଚି
ବୋହୂବୋହୂକା, ଭାତଡାଲି ରନ୍ଧା
ବର ଓହଳରେ
ବେଶ୍ ଡେରିଯାଏ ଦୋଳିଖେଳ ।

ରହିଥାନ୍ତି ଭୁଲାପଣରେ
ନିଜର ଭୁଲଭଟକାକୁ
ଆଉ ଘଟିବାକୁ ଦିଅନ୍ତିନି
କହନ୍ତି ଆ ସୁଖ ଆ'
କହନ୍ତି ଯାରେ ଦୁଃଖ ଯା"
ଦୀପାବଳିର ଆଲୁଅରେ
ଅନ୍ଧାର ସାଥୀରେ ମିତ ବସି ଯା'ରେ ଯା
ମନେରଖ ଆଉ କେବେ
ଆସିବାର ନା ଗନ୍ଧ ଧରିବୁନି ।

ମୋ ଅତୀତ
ବର୍ତ୍ତମାନର ଆଇନାରେ
ନିଜ ମୁହଁକୁ ଦେଖୁଥାଉ
ରଙ୍ଗ ମାଖି ଦିଶୁ ଖୁବ୍ ସୁନ୍ଦର
ଅନ୍ତତଃ ଏତେକ ବି କହୁ
ଏବେ ଦୁଃଖର ସମୟ ନୁହେଁ
ସୁଖର
ଆନନ୍ଦର
ଜାଗିବାର
ଭାବିବାର
ମୋଠାରୁ ଦୂରରେ ଥିବା ମୋ କୈଶୋରର ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହିଁକି ଯିବି ମୁଁ ଦୂର ମନ୍ଦିର



ତେଜସ୍ୱିନୀ ପଧାନ

କାହିଁକି ଯିବି ମୁଁ ଦୂର ମନ୍ଦିରକୁ
କି କରିବି ଆଉ ପୂଜା,
ମନ ମନ୍ଦିରରେ ନିରେଖି ଦେଖୁଛି
ବିଜେଛନ୍ତି ମା' ଦଶଭୂଜା ।୦ ।

ସେହ୍ନ ଶରଧାକୁ ଏକାଠି ଯୋଡ଼ି ମୁଁ
ଦେଇଛି ମୋ ହୃଦୟରେ ସ୍ଥାନ
କାମକ୍ରୋଧ ଷଡ଼ରିପୁକୁ ଶୁଆଇ
କରିଛି ମୁଁ ଉଚ୍ଚ ସିଂହାସନ ।୧ ।

ଆତ୍ମବଳେ ନୀତି ମୁଁ ଆହ୍ୱାନ କରୁଛି
ବିଜେକର ମା' ବୀଜ ମନ୍ତ୍ରେ,
ପ୍ରାଣରେ ପ୍ରାଣରେ ଅନୁଭବେ ତାକୁ
କିପରି ଜାଣି ହେବ ମୋ ତନ୍ତ୍ରେ ।୨ ।

ତାଙ୍କ ରୂପ ଦେଖୁଛି ଶିଶୁର ହସରେ
ମାନବର ମିଠା ସୁରେ,
ତରୁରେ ତରୁରେ ଫୁଲରେ ଫୁଲରେ
ତାଙ୍କ ମମତା ମଧୁ ଝୁରେ ।୩ ।

ପାଖରେ ପ୍ରାଣରେ ଆଉ ଚେତନାରେ
ପ୍ରୀତିର ମନ୍ତ୍ର ଶୁଣୁଛି କାନେ କାନେ
କାହିଁକି ଖୋଜିବି ମନ୍ଦିରେ ମନ୍ଦିରେ
କସ୍ତୁରୀ ମୃଗ ସମାନେ ।୪ ।

କାମଠଣା(ସୁବାଷ ପଡ଼ା)
କଳାହାଣ୍ଡି
ଦୂର ଭାଷ-୮୯୧୭୨୫୭୦୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଳାପ



ଅଚ୍ୟୁତାନନ୍ଦ ଭୁଏ

ସମସ୍ତଙ୍କ ପାଇଁ ଏକ
ପଥ ହେବ ଲୋଡା,
ଜୀବନ ଛାଡି ଚାଲିଗଲେ
ବୋଲିବେଟି ମଡା ।

ଅଢେଇ ଦିନ ଅତିଥି
ସାଜି ମହୀ ତଳେ,
ଛଅ ଖଣ୍ଡ କାଠେ ସଜା
ସବାରୀର କୋଳେ ।

ଚାଲିଯିବୁ ଶ୍ମଶାନକୁ
ଦେଇ ଶୋକ-ଧନ,
ପଞ୍ଚମହା ଭୂତେ ପୁନଃ
ହୋଇ ଯିବୁ ଲୀନ ।

ପ୍ରଧାନ ଶିକ୍ଷକ
ସରକରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଗୋଲାମାଳ, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତାରେ ଦେଲି କହି



ଶିଶିର କୁମାର ପଣ୍ଡା

ଭାଷଣବାଜିରେ ଦକ୍ଷତା ନାହିଁ ମୋ
କବିତା ଲେଖଇ ଯାହା
ନିରବ ସାଧନା  କରେ ମୁଁ ବସିକି
ଲୋଡ଼େ ନାହିଁ ବାହା ବାହା  ।

ଅଶୀ ମସିହାରୁ କବିତା ଲେଖୁଛି
ସମୟ ସୁବିଧା ଦେଖି
ଭାବର ବିଛା ମୋ ମୁଣ୍ଡ କାମୁଡ଼ିଲେ
କାଗଜରେ ଦିଏ ଲେଖି  ।

ଲେଖାରେ କିଏସେ ଉଠିଲା ପଡ଼ିଲା
ସେଥିକୁ ନଜର ନାହିଁ
ନଥାଏ ମନରେ ଈର୍ଷା କି ଅସୂୟା
ସତରେ କାହାରି ପାଇଁ  ।

ସକାଳରୁ କରେ ଯୋଗ ପ୍ରାଣାୟାମ
ତା' ପରେ ଶବଦ ଖେଳ
ନିଜର କାମରେ ବୁଡ଼ିଥାଏ ବୋଲି
ଜଣା ପଡ଼େନାହିଁ ବେଳ  ।

ଏହିପରି ଚାଲେ ଜୀବନ ଜୀବିକା
ହୋଇ ସଦା ସନ୍ତୁଳିତ
ଭାଙ୍ଗିପଡ଼େ ନାହିଁ ମନଟା ଦୁଃଖରେ
ଆନନ୍ଦେ ହୁଏନା ପ୍ରୀତ  ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଚିତ୍ରା



ନିରଞ୍ଜନ ସାହୁ

କେବେକେବେ ତୁମେ ଆପଣାର ଲାଗ
କେବେ ତ ଅପରିଚିତା
କେବେକେବେ ତୁମେ ଭାରି ନିରିମାଖୀ
କେବେ ଗୋ ଅପରାଜିତା ।

କେବେ ସାଜିଥାଅ ସାଧବବୋହୂ ଗୋ
କେବେ ଲାଜକୁଳୀ ଲତା
କେବେ ସାଜ ପୁଣି ଅଭିମାନିନୀ ଗୋ
କେବେ ଲାଗ ପତିବ୍ରତା
କେବେକେବେ ତୁମେ ବିଦୂଷୀ ସାଜ ତ
କେବେ ଗୋ ଉଦଣ୍ଡିସୀତା ।

କେବେ ସାଜିଥାଅ ପ୍ରଣୟିନୀ ତୁମେ
କେବେ ସାଜ ମୋର ହିତା
କେବେ ସାଜ ପୁଣି ମଧୁର ଭାରତୀ
କେବେ କାଟ ମୋତେ ଚିତା
କେବେ କେବେ ତୁମେ ମାୟାହରିଣୀ ଗୋ
କେବେ ମୋ ହୃଦୟ ଗୀତା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୩
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନେ ପଡୁଛି ମୋ ଗାଁ



ଭାଗବତ ପ୍ରଧାନ

ବରଷା ରାଣୀର ଭିଜା ଓଢ଼ଣୀ ରେ
ଉତ୍‌ଫୁଲିତ ମାଟି ମା'
ମନେ ପଡୁଛି ମୋ ଗାଁ...
ସାରୁ ବୁଦା ମୂଳେ ବେଙ୍ଗୁଲି ରାଣୀର
କେଁ କଟର ରାହା
ମନେ ପଡୁଛି ମୋ ଗାଁ.....(୧)
ମୋ ଗାଁ ପୋଖରୀ ପରିପୂର୍ଣ୍ଣ ହୋଇ
ତୋଳଇ ଢେଉ ତରଙ୍ଗ
ପୂରୁବ ଆକାଶେ ଇନ୍ଦ୍ରଧନୁ ହସେ
ଭରିଦେଇ ସପ୍ତରଙ୍ଗ
ଚାଳ ଓଳି ପାଣି ଭିଜା ମାଟି ବାସ୍ନା
କେତେ ମନଲୋଭା ଆହା
ମନେ ପଡୁଛି ମୋ ଗାଁ....(୨)
ଢେଉ ଦେଖି ମନେ ସାହସ ବାନ୍ଧଇ
ବସାରେ ବାଇଚଢେଇ
ହମ୍ବା ହମ୍ବା ରଡି ବଉଳା ବାଛୁରୀ
ଡାକୁଥାଏ ରହି ରହି
ନିଶିଥିନୀ ଧାରେ ଝିଙ୍କାରି ଝଙ୍କାର
ଶ୍ରୁତି ମଧୁର କି ଆହା
ମନେ ପଡୁଛି ମୋ ଗାଁ....(୩)
ବାଉଁଶ ତଲାରି ମୁଣ୍ଡରେ ମୁଣ୍ଡେଇ
ଶସ୍ୟ କ୍ଷେତରେ ମୁଲିଆ
ଘନକୁ ଦେଖିଣ ଘର୍ମ କୁ ଭୁଲନ୍ତି
ଭୁଲିଯାଆନ୍ତି ହାଲିଆ
ସବୁଜ ବନାନୀ ମଞ୍ଜୁଳା ଧରଣୀ
କି ସୁନ୍ଦର ଦିଶେ ଆହା
ମନେ ପଡୁଛି ମୋ ଗାଁ...(୪)
ବହି ଖାତା ଚିରି ଓଳି ପାଣି ଧାରେ
କାଗଜ ଡଙ୍ଗା ଭସାଇ
କେତେ ବାଟ ଯିବ ଡଙ୍ଗାଟି ମୋହର
ଦୂରେ ଶିଶୁ ଚାହିଁଥାଇ
ବଢି ପାଣି ମାଛ ଆମ୍ବ ଗୋଟା ମଜା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହୁଁ ତୁ ପାଇବୁ ଆହା
ମନେ ପଡୁଛି ମୋ ଗାଁ....(୫)
ଆଷାଢ଼ ଅନୂଢା ପ୍ରିୟା ର ଆଖିରେ
ଭରିଛି ନୂଆ ଚାହାଣି
ମୁରୁକି ମୁରୁକି ହସନ୍ତି ସଧିରେ
ମୋ ଗାଁ ର ତରୁଣୀ
ରଜ ଦୋଳି ଗୀତ ସବାରି ପାଲିଙ୍କି
ମଧୁର ସେ ସ୍ମୃତି ଆହା
ମନେ ପଡୁଛି ମୋ ଗାଁ....(୬)
ପ୍ରକୃତି ର କୋଳେ ବରଷା ରାଣୀର
ଦେଖି କମନୀୟ ରୂପ
ଉଲ୍ଲସିତ ସର୍ବେ ପ୍ରାଣୀ ଜଗତ
ସରାଗେ କରିଣ ନୃତ୍ୟ
ମଙ୍ଗଳମୟୀ ଶସ୍ୟସଂପଦା
ପ୍ରାଣୀ ଚିତ୍ତ ଚୋରା ଆହା
ମନେ ପଡୁଛି ମୋ ଗାଁ..
ମନେ ପଡୁଛି ମୋ ଗାଁ....(୭) ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ, ସଂସ୍କୃତ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର ।
ମୋ -୭୭୩୫୨୭୩୫୪୨ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶ୍ରେଷ୍ଠ ଦକ୍ଷିଣା



ଗୁପ୍ତେଶ୍ୱର ଚାନ୍ଦ

ପାଠ ପଢ଼ି ଶେଷେ ପିଲାଏ
ତେଜି ଗୁରୁ ଆଶ୍ରମ ।
ବାହୁଡ଼ି ଆସନ୍ତି ଆପଣା
ବାସେ ମାନି ନିୟମ ।।
ପରମ୍ପରା ଗୁରୁ କୁଳର
ସାରି ବିଦ୍ୟାଧ୍ୟୟନ ।
ବିଧେୟ ଗୁରୁ ଙ୍କୁ ଦକ୍ଷିଣା
କରିବାର ପ୍ରଦାନ ।।
ଏଣୁ ଶିଷ୍ୟ ଗୁରୁ ଇଚ୍ଛାକୁ
ଦେଇଣ ସନମାନ ।
ତୋଷିଥାନ୍ତି ଯେଝା ଶକତି
ମତେ ଗୁରୁ ଙ୍କ ମନ ।।
ଶିକ୍ଷା ଗୁରୁ ଦୀକ୍ଷା ଗୁରୁ ଙ୍କ
କଥା ଅଟଇ ଭିନ୍ନ ।
ପ୍ରଥମ ଗୁରୁ ଙ୍କ ବିଷୟ
ଚିତ୍ତେ ନାହିଁ ସ୍ମରଣ ।।

କଥା କହିବାକୁ ଶିଖାଇ
ଥିଲେ ପରା ଜନନୀ ।
ପିଅର ସେବା ଯତ୍ନ କରି
ବଢ଼ାଇ ଛନ୍ତି ପୁଣି ।।
ତାଙ୍କ ପଦାମ୍ବୁଜେ ବାର୍ଦ୍ଧକ୍ୟ
କାଳେ ସମର୍ପି ସେବା ।
ଉତ୍ତମ ସେ ଗୁରୁ ଦକ୍ଷିଣା
ଶ୍ରଦ୍ଧା ମନରେ ଦେବା ।।
ଧରିତ୍ରୀ ମାଆର କୋଳରେ
ଖେଳି ହୋଇଛୁ ବଡ଼ ।
ତା'ପାଣି ପବନେ ବିକଶି
ଅଛି ଜୀବନ-କନ୍ଦ ।।
ତାଙ୍କ ଅନ୍ନ ଜଳେ ଆମେରେ
ହୋଇ ପ୍ରତିପାଳିତ ।
ଫଳମୂଳ କରି ଆହାର
ପ୍ରେମେ ଗାଇଛୁ ଗୀତ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ନଦ ନଦୀ ଝରଣା
 ତରୁ ଲତାରେ ଝୁଲି ।
ନାଚି କୁଦି କେତେ ଆନନ୍ଦେ
 ଆମେ ଖେଳିଛୁ ଦୋଳି ।।
ଅନୁପମ ଦାନ ତାହାର
 କିଏ ପାରିବ ଭୁଲି ?
ଦେବାନି କି ତା'ର ଦକ୍ଷିଣା
 ମେଲି ହାତ ପାପୁଲି ।।
ଗଛ ଲଗାଇବା ସରବେ
 ନେବା ତାହାରି ଯତ୍ନ ।
ପର ଉପକାର କରିବା
 ତେବେ ଲଭିବା ରତ୍ନ ।।
ଅନ୍ଧ ଛୋଟା ମୁକ ବଧିର
 ଜନେ କଲେ ଟି ଦାନ ।
ଦୟା କରିବେ ଦୟାମୟ
 ପ୍ରଭୁ ଯଦୁନନ୍ଦନ ।।
ଜଗତ ର ଗୁରୁ କେଶବ
 ସେ ଶ୍ରୀ ମନ୍ ନାରାୟଣ ।
ତୋଷ ହେବେ ଗୁରୁ ଦକ୍ଷିଣା
 ହୋଇବଟି ସଂପୂର୍ଣ୍ଣ ।।

ଗ୍ରାମ/ପୋଷ୍ଟ-ସମାସିଂହା;
ଜିଲ୍ଲା-ଝାରସୁଗୁଡା;ମୋ.୭୬୮୩୮୪୧୦୭୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେମୟ



ଜୟନ୍ତ କୁମାର ମଲ୍ଲିକ

ମୋ ପ୍ରେମ ବଗିଚାରେ
ତମେ ଅଟ ଗୋଲାପ
ମିଠା ମିଠା ଲାଗେ ପ୍ରିୟା
ତମ ପ୍ରୀତି ଆଳାପ ।

ତମ ଆଖିର ଚାହାଣୀ
ଲେଖେ ନୂଆ କାହାଣୀ
ମନତଳେ ମହକାଏ
କାମନାର ରାଗିଣୀ ।

ଅନ୍ଧାରୀ ମନରେ ମୋର
ତମେ ଆଶା ଆଲୋକ
ଛାତିତଳ ହୃଦୟରେ
ଭାବମୟ ପୁଲକ ।

ତମ ହସ ବୁଣିଦିଏ
ବିଶ୍ୱାସର ସୁଗନ୍ଧ
ଚେତନାର ଚାନ୍ଦତୋଳେ
ପ୍ରଣୟର ପ୍ରବନ୍ଧ ।

ତମେ ଅତି ଆପଣାର
ନାହିଁ ତମ ତୁଳନା
ତମ ଭଲ ପାଇବାର
ନାହିଁ ଜମା ଛଳନା ।

ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଦିନିଆ ବର୍ଷା



ଡଃ ମାଙ୍ଗଳିକା ମହାପାତ୍ର

ବେଳେ ବେଳେ ଭାବେ
ଯଦି ଏ ବର୍ଷାରେ ତୁମେ
ମୋ ପାଖରେ ଥାଆନ୍ତ...
ମିଶିକି ବର୍ଷାରେ ଭିଜିଥାନ୍ତେ
ମୌସୁମୀର ଭରପୁର ମଜା ନେଇଥାନ୍ତେ..

ଓଦା ଲୁଗାରେ ଘରକୁ ନ ଫେରି
ବାଟରେ ଲୁଗା ଶୁଖେଇଥାନ୍ତେ..
ନୀଳ ଆକାଶର ବାଦଲଭରା ମେଘକୁ
ମନଭରି ଉପଭୋଗ କରିଥାନ୍ତେ...

ପତ୍ରରୁ ଝରିପଡୁଥିବା ବିନ୍ଦୁ ବିନ୍ଦୁ ଜଳକୁ
ହାତ ପାପୁଲିରେ କୋଳେଇ ନେଇଥାନ୍ତେ
ଛତାର ଆବଶ୍ୟକତାକୁ
ମନେ ବି ପକେଇ ନଥାନ୍ତେ...

ସଦ୍ୟ ସ୍ନାତା ଘାସ ବୁଦାରେ
ଲାଲ୍ ଟୁକୁ ଟୁକୁ ସାଧବ ବୋହୂକୁ
ମନଦେଇ ଖୋଜିଥାଆନ୍ତେ....
ସତରେ କେତେ ମଜା ଲାଗିଥାନ୍ତା
ଯଦି ଏଇ ବର୍ଷାରେ କେବେ
ଆମର ଦେଖା ହେଇଥାଆନ୍ତା...

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଣେ ଯଦି ଆସନ୍ତା



ସିଦ୍ଧେଶ୍ୱର ତ୍ରିପାଠୀ

ଏଘର ସବୁ ଚିକି ଚିକି ଦିଶନ୍ତା ସତରେ
ଜାମା ପଟା ପରିଷ୍କାର ରହନ୍ତେ
ଇସ୍ତ୍ରୀ ଦିଆ ଆଟାଚି ଭିତରେ ।

ମହ ମହ ବାସି ଉଠନ୍ତା
ରୋଷେଇ ଘର
ଦିନ ଠାରୁ ରାତି
ଲାଗନ୍ତାବି ଆହୁରି ସୁନ୍ଦର ।

ଚଉରା ମୂଳେ ସଞ୍ଜ ସକାଳେ
ଦୀପ ଉଠନ୍ତା ଜଳି
ବୁଢା ବୁଢ଼ୀଙ୍କ ସେବା କରିସେ
ଦିନ ବିତାନ୍ତା ହସି ଖେଳି ।

ଦେହ ଠୁ ମନ ଏଇ ଜୀବନ
ସବୁ ଯାଆନ୍ତା ମିଶି
ନୂଆ ଅତିଥି ଆସିଲା ପରେ
ସର୍ବେ ହୁଅନ୍ତି ଖୁସି ।

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବତାର ଭାଷା



ଆଶୁତୋଷ
ମେହେର

ଶବଦ କି ଦେବ ପ୍ରେମିକ ମନର ପ୍ରେମର ପରିଭାଷା
ହୃଦୟ ତଳର ବେଦନାରେ ଭରା ଭିଜା ମନ ତଳେ ଆଶା ।
ପ୍ରେମଭାବ ସିଏ ପଞ୍ଜୁରୀ ଭିତରୁ ଉଡିଗଲା ପକ୍ଷୀଡେଣା
ଦେଖି ଅଦେଖା ଯେ ହୃଦୟ ଭିତରେ ଶୁଣିବାକୁ ନାହିଁ ମନା । ।

ଫୁଲର ମହକ ହୃଦୟ ପରତେ, ଭାଷା ପଡିଯାଏ ଊଣା
ମଳୟ ଦେହରେ ଲେସି ହୋଇ ସିଏ, ମନ କରେ ଆନମନା ।
ଜଳବିନ୍ଦୁ କଣା ସପ୍ତରଙ୍ଗେ ଭରା ପଡେ ନାହିଁ କେଭେ ଧରା
ଆଲୁଅ ଧାରୁଟେ ବିଚ୍ଛୁରଣ କରେ ପ୍ରେମ ଆହ୍ଲାଦେ ଭରା । ।

ଆଖିର ଚାହାଣୀ କେଉଁ ଭାଷା କହେ, ମରମକୁ ଦିଏ ହାଣି,
ଲୁହ ଦୁଇ ବୁନ୍ଦା ଉପନ୍ୟାସ ହୁଏ ମନ ମନ୍ଥି ଦିଏ ଛାଣି ।
ସେଇ କାହାଣୀ ଯେ ଲେଖା ହୁଏ ନାହିଁ, ଅଲେଖା ପ୍ରେମର ଗପ,
ଦିଶେ ନାହିଁ ଯମା ତଥାପି ବଖାଣେ ଛାଡି ଦେଇ ମନେ ଛାପ । ।

ଭାଷା ଠାରୁ ବେଶୀ ଭବ ଯେ ବଖାଣେ କଥା ଠାରୁ ବେଶୀ କାମ,
କହି ବି ଆକୁହା ବେଶୀ କହିଦିଏ ନୀରବତା ତା'ରି ନାମ । ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ, ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଲ୍ୟ କାଳ



ରୋହିତ
ପଟ୍ଟନାୟକ

ବାଲ୍ୟ ସମୟ କେତେ ଲାଳସା
ମିଛ ଅଭିନୟ କରି ତାମସା
ସବୁ କାର୍ଯ ପାଇଁ ହୁଏ ହତାଶ ।

କୁଆଡେ ଗଲା ସେ ପ୍ରାଚୀର ପସରା
ଗାଁ ଦାଣ୍ଡର ସାପୁଆ କେଳା ନାଗଟି
ମନେ ପଡେ ତାର ମିଛୁଆ ବେପାର ।

ଆହୁରି ଅଛି ସେ ଭାଗବତ ପୁରାଣ
ନୀତି ସଞ୍ଜ ସକାଳ କରେ ଜଣାଣ
ମନେ ପଡିଲେ ଘାରି ହେଉଛି ପରାଣ ।

କୁକୁଡ଼ା ଡାକରେ ହୁଏ ସକାଳ
କେଁକଟର ବେଙ୍ଗ ବେଙ୍ଗୁଲିର ମେଳ
ଗାଈଗୋରୁଙ୍କ ମେଳ ଜଣାଇ ଦିଏ ଯେ ଗୋଧୁଳି ବେଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆହା ମନେ ପଡେ ସେହି ଖରା ବେଲ
ପିଲାଠୁ ବୁଢ଼ାଙ୍କ ତାସପତି ଖେଳର ମେଲ
ସୂର୍ଯ୍ୟଙ୍କ ପ୍ରଖର କିରଣ ନ ହୁଏ କାଲ ।

ଆମ୍ବ ବଗିଚାର ପକ୍ଷୀ ରାବ ଜଣାଇ ଦିଏ ଅଛନ୍ତି ମାଲିକ
ଲାଳସା ମୁହଁର ଥପ ଥପ ମଣିଷ ହୁଏ ବିକଳ
ଯୋଜନା ବନେଇ ଆମ୍ବ କିଆଇରେ ହୁଏ ସଫଳ ।

ବସନ୍ତ ଋତୁର ଋତୁରାଜ କରେ ମନ ଆକୃଷ୍ଟ
ପ୍ରେମିକ ପ୍ରେମିକା ର ସ୍ଥାନ ରହିଥାଏ ନିର୍ଦ୍ଧିଷ୍ଟ
ବସନ୍ତ ପବନେ ଭାସିଯାଆନ୍ତି ପ୍ରେମିଯୁଗଲ, ପୁଣି ଅନିଷ୍ଟ ।

ଗାଁ ଦାଣ୍ଡ ମୁହାଣରେ ପ୍ରେମୀ ଯୁଗଳଙ୍କ ଭୂମିଷ୍ଟ
ଗାଁ ମୁଖିଆର ହୁଏ ଆଇନ ବଳିଷ୍ଟ
ଶେଷରେ କରନ୍ତି ବିବାହ ପ୍ରେମ ହୁଏ ଶ୍ରେଷ୍ଠ ।

ମନେ ପଡେ ସେ ଗାଧୁଆ ବେଳ
ପୋଖରୀ ଭିତରେ ସଞ୍ଜ ଠୁ ସକାଳ
ଆତ୍ମାକୁ ଭେଦନ କରେ ଗାଁ ପୋଖରୀ ଜଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାତି ଭେଦର ହୁଏ  ପାଳନ

ମଣିଷ ମନରେ ଅଛି ଗଠନ

ଛି ଛି ସେ ହରିଜନ ।

ହେଲେ ଲାଳସା ବୃନ୍ଦାବନ ଆମେ ଜଣାଣ

ହରିଜନଙ୍କ ସହିତ ଆମର ମରଣ

ଶେଷରେ ଗାଁ ମଶାଣିରେ ଏକାଠି ଯାଏ ପରାଣ  ।

ଟିକେ ମନେ ପଡିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବା ସହଜ



ନିକୁଞ୍ଜ କୁମାର ଘୋଷ

ମାଗଣା ଦରବ ସବୁଠି ଆଦର
ଭଲ ହେଉ ଅବା ଭେଲ
ବିଚାରିବା ପାଇଁ ସମୟ ବା କାହିଁ
ସଭିଏଁ କରନ୍ତି ଗେହ୍ଲ ।।

ଉପଦେଶ ଦେବା ମହତ କରମ
ସଭିଙ୍କୁ ଅଟଇ ଜ୍ଞାତ
ସେହି ଉପଦେଶ ନିଜେ ନ ମାନିଲେ
ହେବ ସିନା ଅପଦସ୍ତ ।।

ପରକୁ ତାଚ୍ଛଲ୍ୟ କରିବା ସହଜ
ଦୋଷ ଦୃବଳତା ଧରି
ନିଜ ଦୋଷ ଧରି ସୁଧାରିବା କଷ୍ଟ
କଥା କହୁ ବଡ କରି ।।

ଚାଲୁଣି ପରିକା ଜନ କୁହେ ଛୁଞ୍ଚି
ତୋର ଅଛି ଗୋଟେ କଣା
ନିଜ କଣା ସବୁ ଭୁଲିଛି ଚାଲୁଣି
ଜାଣି ଶୁଣି ସେ ଅଜଣା ।।

ସଭା ସମିତିରେ ପ୍ରବଚନ ଶୁଭେ
ସମାଜ କଲ୍ୟାଣ ପାଇଁ
ନିଜେ ନ ମାନିଲେ ନୀତିବାଣୀ ସବୁ
ପ୍ରବଚନେ ଲାଭ ନାହିଁ ।।

ଭାଷାର ଅଶୁଦ୍ଧ କେତେ କଷ୍ଟ ଦିଏ
କହିବା ଲୋକ କି ଜାଣେ
ନିଜ ଭାଷା କଷ୍ଟ ସେଦିନ ବୁଝିବ
ଅନ୍ୟଠାରୁ ଯେବେ ଶୁଣେ ।।

କହିବା ସହଜ ବଡିଆମି ପଣେ
ପରକୁ ହେଯିଣ ତୁଚ୍ଛ
ଶ୍ରେଷ୍ଠ ଜୀବେ ନର ସାର୍ଥକ ଜନମେ
କରିଯାଅ କର୍ମ ସ୍ୱଚ୍ଛ ।।

ସା-ମାଧବପୁର ପୋ-ଲକ୍ଷ୍ମଣନାଥ ଥାନା-ଜଳେଶ୍ୱର
ଜିଲ୍ଲା-ବାଲେଶ୍ୱର ଓଡିଶା । ୭୫୬୦୩୨.
ମୋ: ୮୧୪୪୮୫୧୦୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧର୍ମଛଡ଼ା ହେତୁବାଦୀ



ଦୀନବନ୍ଧୁ ବେଜ

ନାସ୍ତିକ ବାଦର ଅନେକ ଊର୍ଦ୍ଧରେ
ଚିନ୍ତା ଚେତନା ତାଙ୍କର ,
ନଦେଖିଲେ କିଛି ବେନି ନୟନରେ
ଶୂନ୍ୟ ବିଶ୍ୱାସର ଘର ।

ଚୁଟି ଫରଫର ବଡ଼ ମୁଣ୍ଡ ଭିତରେ
ଅବାସ୍ତବ ଚିନ୍ତା ଭରି,
ଆସ୍ଥା ପରମ୍ପରାକୁ ଧୂଳିସମ ପ୍ରାୟ
ଉଡ଼ାନ୍ତି ଫୁ ଫୁ କରି ।

କହିଥାଆନ୍ତି ସିଏ ଘଟିବାର ଥିଲା
ଏହି ଘଟଣା ଘଟିଲା,
ଭାବନି ବିଚିତ୍ର କିଛି ହୋଇଗଲା
ଲାଗୁଛି ମିଛରେ ପାଲା ।

ପୁରୁଷା ପୁରୁଷ ଘଟଣାବଳୀର
ମାନେଥାଏ କିଛି ନାହିଁ,
ଏଣୁ ଶ୍ରାଦ୍ଧରେ ବିଲେଇ ବେକରେ
ଘଣ୍ଟି ବାନ୍ଧୁ ଅଛ ଭାଇ ।

ମିଛ ପାଳନର ବଗ ଉପବାସ
ମନ କିନ୍ତୁ ଐସୁରିକ,
କଥନି ଗୋଟିଏ କାମର ଅଲଗା
ରଖ ପେଟୁଏ ଭୋକ ।

କି ପାଇଁ କାହାକୁ ନିତିନିୟମରେ
ବାନ୍ଧିକି ରଖିବ ବାବୁ,
ଆପଣା ଇଚ୍ଛାରେ ନିତି ପାଳୁଥାଅ
ହେତୁ ସ୍ୱତନ୍ତ୍ର ରହିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମଧାରୀଙ୍କ ହୃଦୟ କଷ୍ଟ ନଦିଅ
    ଧର୍ମ ନମାନ କିଛିନାହିଁ,
ଅନ୍ୟ ଭାବନାକୁ ସମ୍ମାନ ଜଣାଅ
    ମନେ ଭାଇଚାରା ଥୋଇ ।

ନହେଲେ ପାଷାଣ୍ଡ ଧର୍ମଛଡ଼ା ହେତୁ
    ତ୍ରାହି ମିଳିବନି ତୁମକୁ,
ତୁମ୍ଭେ ସବୁ ଚାରି ପଞ୍ଜିକାରୁ ଯିବ
    ନିଶ୍ଚେ ନିନ୍ଦିବ କପାଳକୁ ।

ମାଲାକାନଗିରି, ଓଡ଼ିଶା
ସ୍ଥାୟୀ ଠିକଣା
ବାସୁଦେବପୁର, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୁହେଁ ମୁଁ କବୟିତ୍ରୀ



ପ୍ରିୟଦର୍ଶିନୀ
ମହାପାତ୍ର

ନୁହେଁ ମୁଁ କାବ୍ୟର କବୟତ୍ରୀ କି ନୁହେଁ ମୁଁ କାହାଣୀର ଲେଖିକା,

ମନର ଅକୁହା ବେଦନା ବୁଝି ଆଖିର ସାଇତା କୋହକୁ

ପଢ଼ି ପାରୁଥିବା ମୁଁ ପାଠିକା ।

ନୁହେଁ ମୁଁ ଲେଖିକା...

ନୁହେଁ ମୁଁ ଲେଖିକା...

ବର୍ଷଣ ରାତ୍ରିର ଭିଜାଭିଜା ବର୍ଷାରେ ବହି ଆସୁଥିବା ଅଶ୍ରୁର ମୁଁ ନାୟିକା

ଭାବନା ରାଇଜରେ ଘୁରି ବୁଲୁଥିବା ନିର୍ଜୀବ ଶବ୍ଦମାନଙ୍କ ଦେହରେ

ପ୍ରାଣ ଭରୁଥିବା ମୁଁ ଏକ ପ୍ରେମିକା ।

ନୁହେଁ ମୁଁ ଲେଖିକା

ନୁହେଁ ମୁଁ ଲେଖିକା...

ପ୍ରିୟଦର୍ଶିନୀ ମହାପାତ୍ର (ଅଳକା)

ରାଜସୁନାଖଳା, ନୟାଗଡ଼, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛେ କାହିଁକି ଗର୍ବ କରିବି ?



ଅନନ୍ତ କୁମାର

ମାଟିର ଶରୀର ମାଟିରେ ମିଶିବ
ଲାଗିଲେ ଏ ଦେହେ ନିଆଁ,
ମିଛେ କାହିଁକି ଗର୍ବ କରିବି ମୁହିଁ
ଛାଡିବି ଦିନେ ଦୁନିଆ,

ଛଅ ଖଣ୍ଡ କାଠରେ ଜଳିବ ଦେହ
ଦେଖୁଥିବେ ସାହି ଭାଇ
ଅଙ୍ଗାର ପାଉଁଶ ମୁଠେ ଧରି ହାତେ,
ଆସିବେ ଆତ୍ମୀୟ ନେଇ ,

ଯେତେ ଅରଜି ଥିବୁ ଟଙ୍କା ପଇସା
ଯିବ ନାହିଁ କେବେ ତ ସାଥେ
ଗର୍ବ ଅହଂକାର ପୋଡି ଯିବ ତର
କୋକେଇରେ ଶୋଇବୁ ଯେବେ,

ଜୀଇଁଥିଲା ବେଳେ ଖାଲି ପକାନ୍ତି ରଡି
ସବୁ ମୋର ମୋର
ପ୍ରାଣ ଗଲା ପରେ ଥରେ ଏ ଶରୀରରୁ
ସବୁ ହୁଏ ପର,

ମିଛ, ମରିଚିକା ଏ ସଂସାର
ଦେଖିବାକୁ ଚକ ଚକ
ଗର୍ବ ଅହଂକାର ସବୁ ଏଠି
ଦିଶେ ପରା ଜଳ ଜଳ .

ଲୋଭ ମୋହ ମାୟା ସବୁ ତୁଟିବ
ଉଡିଗଲେ କ୍ଷଣିକ ପ୍ରାଣ
ମିଛେ କାହିଁକି କରିବି ଗରବ
ସଭିଏଁ ଏଠି ସାତପର,

ତିହିଡି,ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋକକୁ ମୁଦା ଆଖି



କୃଷ୍ଣପ୍ରିୟା
ପଟ୍ଟନାୟକ

ପାହାଡ଼ ଶିଖରୁ
ସୁରୁଯ ଢଳିଲେ
ଓହ୍ଲାଇ ଆସେ ଅନ୍ଧାର,
ଅନ୍ଧର ଜୀବନେ
ସପନ କି ଆସେ
ଅନ୍ଧାରି ଜୀବନ ସାର ॥
ଲଉଡ଼ି ହଜେଇ
ଅନ୍ଧ କରେ ଦୋଷ
ଛୁଇଁବା ଦୋଷ ଆରେକ,
ଆଖି ଥିବା ଲୋକ
ଦିବାନ୍ଧ ବୋଲାଏ
କରଇ ଭୁଲ ଅନେକ ॥
ହଜିଲେ ମିଳଇ
ମିଳିଲେ ହଜଇ
ଅନ୍ତର ର ମାପ କାଠି,
ପ୍ରତି ମୁହୂର୍ତ ରେ
ହଜାଉ ଲଉଡ଼ି
ଆମେ ଯେତେ ଅନ୍ଧ ଏଠି ॥

କେଉଁ ବାଟେ ଗଲେ
ତମେ ଦେଖା ହେବ
ସେ ବାଟ କୁ ଖୋଜୁ ଥାଏ,
ତମକୁ ନ ଚିହ୍ନି
ବାଟ ମୁଁ ହରାଏ
ଅବାଟ ରେ ଝୁଣ୍ଟୁ ଥାଏ ॥
ଆଲୋକ ଉତ୍ସ କୁ
ଆଖି ମୁଦି ଦେଲେ
ଘୋଟଇ ଅନ୍ଧାର ଘୋର,
ପଛେଇ ଚାଲିଲେ
ପାଦ ଟଳ ମଳ
ମିଳଇ କି ତୁମ ଘର ?
ଆହା !ମିଳଇ କି ତୁମ ଘର ? ? ?

ଏମ୍/୧୪୯, ବରମୁଣ୍ଡା ହାଉସିଙ୍ଗ ବୋର୍ଡ କଲୋନୀ,
ମୋ: ୯୩୩୮୨୩୧୦୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ଆଖି



ସତ୍ୟବ୍ରତ ବାରିକ

ଫଗୁଣର  ରଙ୍ଗରେ ଭିଜେ ଏହି ଆଖି
ମନ ମନ୍ଦିରରେ ହୃଦୟ ଯେ ରହେ ସାକ୍ଷୀ  !

ଆଖି ଝରକାରେ ଜହ୍ନର ମିଠାମିଠା ନିରବତା,
ଶ୍ରାବଣର ବରଷାରେ ରାତିର ଗୁମ୍ ସୁମ୍ ଶୂନ୍ୟତା  !

ଝରଣାର ସୌନ୍ଦର୍ଯ୍ୟରେ ମୁଗ୍ଧ ଏ ପିପାସୀ ଆଖି,
ଫୁଲର ବଗିଚାରେ ଆନମନା - ବିଭୋର ହୁଏ ପ୍ରଜାପତି  !

ପାହାଡ଼ର ଛାତିରେ ପକ୍ଷୀର ଆକ୍ତାମାକ୍ତା ରାବ,
ମାଟିର ମହକରେ ଭରିଯାଏ ବଉଦର  ସ୍ୱଭାବ  !

ବୈଶାଖୀ ତାତିରେ ପବନର  ଗର୍ଜନ,
ଶୋଷିଲା ବୃକ୍ଷ ଲତାର ଦକ୍ ଦକ୍ ଜୀବନ  !

ଇନ୍ଦ୍ରଧନୁ ତୂଳୀରେ ଆକାଶର ଚିତ୍ରପଟ ରଙ୍ଗୀନ ,
ବିଜୁଳିର ଚମକରେ  ପୃଥିବୀର ବଢିଯାଏ ସ୍ପନ୍ଦନ  !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲିଉଠେ ନଦୀ ଦରିଆରେ ମିଳନ ଆବେଗେ

ଉତ୍ତାଳ ଜୁଆର ନୂଆ ବାଟ ଖୋଜେ ସରାଗେ !

ବସନ୍ତ ମଳୟରେ ଆନନ୍ଦର ଭରପୁର ଲହରୀ,

ଯୌବନ ଛୁଇଁଲେ କାକ'ବି ଲାଗିଥାଏ ଅପରୂପା ସୁନ୍ଦରୀ !


ସଂପର୍କ:୯୮୭୧୬୨୦୯୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତ୍ୱ



ମଧୁସ୍ମିତା ସାହୁ

ଅମୂଲ୍ୟ ଭାବ ବନ୍ଧନ,
ନିଶ୍ୱାସ ପରି ବିଶ୍ୱାସ,
ଅତୁଟ ଡୋରରେ ବନ୍ଧା,
ଗଢି ଦେବା ଇତିହାସ ।।

ସଂପର୍କ ଅତି ତୀକ୍ଷଣ,
ବଞ୍ଚିବା ନେଇ ହରଷ,
ହୁଏ ନାହିଁ ସେ ଖଣ୍ଡନ,
କରି ଜୀବନ ସରସ ।।

ପ୍ରେରଣାରେ ଗଢିଉଠେ,
ମୁକ୍ତ ଆକାଶେ ବିହଙ୍ଗ,
ଉଲ୍ଲାସିତଖୁସୀ ମନ,
ଇନ୍ଦ୍ରଧନୁ ସପ୍ତରଙ୍ଗ ।।

ନିବିଡ଼ର ଗଭୀରତା,
ପ୍ରାଣ ଜଗତର ସିନ୍ଧୁ,
ହୋଇଯାଏ ଆନନ୍ଦିତ,
ମିଳିବ ପ୍ରକୃତ ବନ୍ଧୁ ।।

ଅନ୍ୟାନ୍ୟ ସଂପର୍କ ରୁହେ,
ଆରାଧ୍ୟ କରେ ତର୍ପଣ,
ମିଳିଥାଏ ସଫଳତା,
ବନ୍ଧୁ ହୃଦୟେ ଦର୍ପଣ ।।

ପରାକାଷ୍ଠା ନିଷ୍ଠାପର,
ସୁଦୃଢ ପ୍ରେମ ଶାଶ୍ୱତ,
ଅମଳିନ ଗ୍ରନ୍ଥାଗାର,
ବନ୍ଧୁର ଅନୁପ୍ରାଣିତ ।।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର,
ଜିଲ୍ଲା-ଗଞ୍ଜାମ, ଓଡ଼ିଶା, ମୋ-୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାବାତ୍ୟା



ସୁବ୍ରତ କୁମାର
ପ୍ରଧାନ

ଯାଇଛି ସେଦିନ ରହିଅଛି ଚିହ୍ନ
ବାଇଶି ବରଷ ତଳର କଥା
ଭୁଲିନି ଏ ଜାତି ପ୍ରକୃତି ର ଦାଉ
ଭାବିଲେ ଛାତିରେ ପଶେ ଛନକା ।

ଦିନ ରାତି ବହି ଅଣଚାଶ ବାଆ
ବାଦଲ ଫାଟିଲା ବରଷା ଧାରା
ଧ୍ୱଂସର ତାଣ୍ଡବ ପ୍ରଳୟ ଜଳରେ
କିଏ କାହିଁ ଗଲେ ନାହିଁ ଆସରା ।

ମହାପ୍ରଳୟର ଭୟଙ୍କର ରୂପ
କରାଳ ଗତିରେ ଆସିଲା ମାଡ଼ି
ଧନ ଜୀବନକୁ ଅଚିରେ ନାଶିଲା
ମାଆ କୋଳୁ ପୁଅ ଯାଇଛି ଛାଡ଼ି ।

କେତେ ପରିବାର ହୋଇଛି ନିଶ୍ଚିହ୍ନ
ଅନାଥଙ୍କ ଶୁଭେ ଆର୍ତ୍ତ ଚିତ୍କାର
କୁଢ଼ କୁଢ଼ ଶବ ପଶୁ ପକ୍ଷୀ ମାନେ
ଲାଗୁଥିଲା ଯେହ୍ନେ ଶ୍ମଶାନ ପୁର ।

ବାତ୍ୟା ପର ସ୍ଥିତି କି ଦାରୁଣ ବ୍ୟଥା
କୋହରେ ହୃଦୟ ଯାଇଛି ଫାଟି
ପେଟ ଭୋକ ପାଇଁ ପଶୁ ସାଥେ ନର
ଅଇଁଠା ପତର ଖାଇଛି ଚାଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତି ଆଗରେ ଅସହାୟ ସର୍ବେ
ମହାବାତ୍ୟା ଦେଲା ବିଷମ ଶିକ୍ଷା
ବିଜ୍ଞାନ ସୂଚନା ନିୟମ ପାଳିଲେ
ମହାପ୍ରଳୟରୁ ମିଳିବ ରକ୍ଷା ।

ଗଛ ଲତା ରୋପି ପ୍ରକୃତି ହିତରେ
ସୁନ୍ଦର କରିବା ଧରଣୀ ଭୂଇଁ
ବିଭୁ କୃପା ବଳେ ବନ୍ୟା ବାତ୍ୟା କେତେ
ମଥାନତ ହେବେ ପାଦକୁ ଛୁଇଁ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୭୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃଖ ପିଇ ଯିଏ ହସିବା ଶିଖିଛି



ନିରୁପମା ପାଣି

ଦୁଃଖ ପିଇ ଯିଏ ହସିବା ଶିଖିଛି
ତାକୁ ଡରାଇବ କିଏ
କପଟି ଲମ୍ପଟି ଦିନେ ବଦଳିବେ
ଅଭିନୟ କରେ ଯିଏ !!

ଜନମ କୃପଣ ଦେଖାଏ ତା ଦାନ
ଆଶା ତାର ବଢ଼ିଗଲେ
ସଦା ଖୋଜୁଥାଏ ଆନ ମନେ ଜାଗା
କେମିତି ପାଇବ ଭଲେ !!

ମୁହେଁ ରଙ୍ଗ ମାଖି କରେ ଅଭିନୟ
ଅନ୍ତରରେ ଛୁରୀ ରଖି
ଭୁଲି ଯାଇଥାଏ ଅତୀତ ତାହାର
ରହିଯିବ ହୋଇ ସାକ୍ଷୀ !!

ଦେହରେ ବୋଳିଲେ ଯେତେ ଗଙ୍ଗା ଜଳ
ଘୁଷୁରି ଗାଈ ନୋହିବ
ସ୍ୱାର୍ଥପର ଯିଏ ଦିନେ ନା ଦିନେ ସେ
ଥରୁଟେ ଧରା ପଡିବ !!

ସ୍ୱାଭିମାନହୀନ ମଣିଷ ଜନମ
ପଶୁଠାରୁ ଅଟେ ହୀନ
ସିଏ କି ବୁଝିବ ଯିଏ ଆତ୍ମସ୍ୱାର୍ଥୀ
ନଥାଏ ବିବେକ ଜ୍ଞାନ !!

ମରିକି ମର୍ଯ୍ୟାଦା ଅମର କରଇ
ସତ୍ୟ ଆଚରଣେ ଥିଲେ
କର୍ମବଚନରେ ସଦା ସ୍ଥିର ରହି
ଦୁଃଖକୁ ସୁଖ ମଣିଲେ !!


ଯଶ ରହିଥିବ କାଳକାଳ ଲାଗି
ଏ ସଂସାର ଝୁରିହେବ
ତା କର୍ମ ସୁମରି ଭଗାରି ହେଲେ ବି
ଗୁଣଗାନ କରୁଥିବ !!

ଚାନ୍ଦବାଲି, ଭଦ୍ରକ
ମୋ-୬୩୭୨୧୩୦୬୦୦୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେହୀ ପଦପଲ୍ଲବମୁଦାରଂ



ବୈଦ୍ୟନାଥ ପଣ୍ଡା

ଯେଉଁ ପାଦୁ ଜନ୍ମ ଜାହ୍ନବୀ ହୋଇଛି
ଯେଉଁ ପାଦୁ ପୁଣି ଶୁଦ୍ର ଜନମିଛି
ସେ ପାଦକୁ ମତେ ଦିଅ
ମୁକତି ଲଭିବି ତ୍ରିତାପ ହାରିବି
ମିଛେ ମୁଁ ଯାହା ମରୁଛି
ଯେଉଁ ପାଦୁ ଜନ୍ମ.................. ।।

ଅତଳ ବିତଳ ରସାତଳ ପୁଣି
ଖୋଜେ ଅନନ୍ତ ଆକାଶେ
ପାଇବାକୁ ଟିକେ ସେହି ପଦରଜ
ପୂଜୁଛି ନିତି ହରଷେ
ଦୁଃଖ ବଢିଯାଏ ସଂସାର ଭାବରେ
ତୁମ ଭାବ ମୁଁ ଖୋଜୁଛି
ଯେଉଁ ପାଦୁ ଜନ୍ମ......,.......... ।।

ଯେଉଁ ପାଦ ବାଜି ଅହଲ୍ୟା ତରିଲା
ଯେଉଁ ପାଦ ଧ୍ୟାଇ ଧ୍ରୁବ ନିସ୍ତରିଲା
ସେହି ପଦରଜ ମିଳିବକି ମତେ
ଯାହାକୁ ନିତି ଭାବୁଛି
ଯେଉଁ ପାଦୁ ଜନ୍ମ..................,... ।।

ଅବଦଲ ପୁର, ଯାଜପୁର
ଦୂରଭାଷ : ୯୪୩୯୮୫୪୧୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳିଆ ମୋର ସବୁକିଛି



ଦିବାକର ନାୟକ

କାଳିଆରେ  !
ମୋର କରମରେ ମୋର ଧରମରେ
ସବୁଥିରେ ଅଛୁ ତୁ'
ମୋର ଭରମରେ ମୋର ମରମରେ
ସବୁବେଳେ ଅଛୁ ତୁ'
ତୋତେ ଭୁଲିବାକୁ ଚାହିଁଲେ ବି କ୍ଷଣେ
ଭୁଲି କି ପାରିବି ମୁଁ'(୦)

ଅନଳରେ ତୁ' ଅନିଳରେ ତୁ'
ସୁନୀଳ ଆକାଶେ ତୁ'
ମରତରେ ତୁ' ମରୁତରେ ତୁ'
ମଧୁ ମହକରେ ତୁ'

ମୋର ଅନୁରାଗେ ସେନେହ ସରାଗେ
ମାନସ ସରଗେ ତୁ'..
ତୋତେ ଭୁଲିବାକୁ ଚାହିଁଲେ ବି କ୍ଷଣେ
ଭୁଲି କି ପାରିବି ମୁଁ' (୧)

ଶାଗ ପଖାଳରେ ସଂଜ ସକାଳରେ
କାଳ ଅକାଳରେ ତୁ'
ମୋର ନିଃଶ୍ୱାସରେ ମୋର ପ୍ରଶ୍ୱାସରେ
ମୋର ବିଶ୍ୱାସରେ ତୁ'

ମୋ ଭିତରେ ତୁ' ତୋ ଭିତରେ ମୁଁ'
ଚିନ୍ତା ଚେତନାରେ ତୁ'
ତୋତେ ଭୁଲିବାକୁ ଚାହିଁଲେ ବି କ୍ଷଣେ
ଭୁଲି କି ପାରିବି ମୁଁ' (୨)
(ଆକାଶବାଣୀ, ଜୟପୁରରେ ପ୍ରଚାରିତ)

ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଏକା ତୁମର



ଆଦରମଣି ପ୍ରଧାନ

ମୁଁ ଏକ ନିଡ଼ ହରା ପକ୍ଷୀ
ତୁମ ହୃଦ ପଞ୍ଜୁରୀରେ
ମୁଁ ଏକ ପଥ ହରା ନଦୀ
ତୁମ ଶକ୍ତ ସାହାରାରେ,,,,, ।

ମୁଁ ଏକ ରଙ୍ଗ ବୋଳା ପୁଷ୍ପ
ତୁମ ମନ ଉଦ୍ୟାନରେ
ମୁଁ ଏକ ଶ୍ରାବଣୀର ଧାରା
ତୁମ ପ୍ରେମ ନୟନରେ,,,,, ।

ମୁଁ ଏକ ରୂପାଦେହୀ ଚାନ୍ଦ
ତୁମ ଜୀବନ ସନ୍ଧ୍ୟାରେ
ମୁଁ ଏକ ସାଗର ସାଉଁଟା ଶାମୁକା
ତୁମ ପ୍ରେମର ବକ୍ଷରେ,,,, ।

ମୁଁ ଏକ ସବୁଜ ଅରଣ୍ୟ
ତୁମ  ଅଭୁଲା ସ୍ମୃତିରେ
ମୁଁ ଏକ ଧୂମକେତୁ
ତୁମ ଆଶା ଦିଗବଳୟରେ,,, ।

ମୁଁ ହେବି ଏକାନ୍ତ ତୁମର
ଯଦି ତୁମେ ମୋତେ ଚାହିଁପାର
ମୁଁ ହେବି ଏକାନ୍ତ ମୃତ୍ୟୁର
ଯଦି ମୋତେ ଧୋକା ଦେଇପାର,,, ।

ଚାନ୍ଦବାଲି, ଭଦ୍ରକ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସତ୍ତା



ବାଲାଜୀ ସେଠୀ

ତୁମେ ଶୁଣ କି ନ ଶୁଣ
ମୋର କିନ୍ତୁ ତୁମକୁ ଅନେକ କିଛି କହିବାର ଅଛି,,,
ତୁମେ କିଛି କୁହ କି ନ କୁହ
ମୋର କିନ୍ତୁ ତମ ନୀରବତାର ଶବ୍ଦ ଶୁଣିବାର ଅଛି,,,
ତୁମେ ଆଖି ବନ୍ଦ କର କି ଖୋଲା ରଖ
ମୋର କିନ୍ତୁ ମନଭରି ତୁମକୁ ଦେଖିବାର ଅଛି,,,,
ତୁମେ ଶୋଇ ଥାଅ କି ଚେଇଁ ଥାଅ
ମୋର କିନ୍ତୁ ସ୍ୱପ୍ନ ସଜାଡ଼ିବାର ଅଛି,,,
ତୁମେ ସତ କୁହ କି ମିଛ
ମୋର କିନ୍ତୁ "ତୁମେ" ରେ ହିଁ ବିଶ୍ୱାସ ଅଛି,,,
ତୁମେ ପ୍ରେମ କର କି ଛଳନା
ମୋର କିନ୍ତୁ ନିଃସର୍ତ୍ତ ଭଲପାଇବାର ଅଛି,,,
ତୁମେ ଚାଲୁଥାଅ କି ଥକ୍କିପଡ଼
ମୋର କିନ୍ତୁ ତୁମ ସାଙ୍ଗରେ ଚାଲିବାର ଅଛି,,,
ତୁମେ ଖୁସିରେ ଥାଅ କି ଦୁଃଖରେ
ମୋର କିନ୍ତୁ ତୁମକୁ ଅନୁରାଗ ପରଷିବାର ଅଛି,,,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ହସୁଥାଅ କି କାନ୍ଦୁଥାଅ
ମୋର କିନ୍ତୁ ତୁମ ଆଖିର ଲୁହ ପୋଛିବାର ଅଛି,,,
ତୁମେ ଏକମତ ହୁଅ କି ମତାନ୍ତର ହୁଅ
ମୋର କିନ୍ତୁ ହୃଦୟର କଥା କହିବାର ଅଛି,,,
ତୁମେ ଅଭିଯୋଗ କର କି ଅଭିମାନ କର
ମୋର କିନ୍ତୁ ତୁମକୁ ମନେଇବାର ଅଛି,,,
ତୁମେ ବ୍ୟାକୁଳ ହୁଅ କି ବାହାନା କର
ମୋର କିନ୍ତୁ ତୁମ ହୃଦୟରେ ନିଡ଼ଟିଏ ବାନ୍ଧିବାରଅଛି,,,
ତୁମେ ଆସ କି ନ ଆସ
ମୋର କିନ୍ତୁ ସାରା ଜୀବନ ତୁମକୁ ପ୍ରତୀକ୍ଷା କରିବାର ଅଛି,,,
ତୁମେ ପ୍ରୀତି ହୁଅ କି ପ୍ରକୃତି
ମୁଁ କିନ୍ତୁ ମୋ ହୃଦୟରେ ଦେବୀଟିଏ ସ୍ଥାପନା କରିଛି,,,
ତୁମେ ପାଖରେ ଥାଅ କି ଦୂରରେ
ମୁଁ କିନ୍ତୁ ମୋ ହୃଦୟରେ କେବଳ ତୁମ "ସତ୍ତା" କୁ ଉଜ୍ଜୀବିତ ରଖିଛି,,,,

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାଲି ଗୋଲାପ



ଚିନ୍ମୟ ପଟ୍ଟନାୟକ

କୋମଳ ପାଖୁଡା ଗୋଲାପଟି ସିଏ
ଦେହଟା ତାର କଣ୍ଟା ଭରା,
ଆହା କି ସୁନ୍ଦର ନାଲି ଗୁଲୁଗୁଲୁ
ଦିଶୁଥାଏ ମନୋହରା ।

ଗୋଲାପ କଣ୍ଟା ଫୁଟିଗଲେ ହାତେ
ରକ୍ତ ଝରେ ଧାର ଧାର,
ନାଲି, ହଳଦିଆ ବଗିଚାରେ ଫୁଟେ
ଗୋଲାପ ଯେ କେତେ ପ୍ରକାର ।

ରୂପରେ ତାହାର ଆକର୍ଷିତ ହେଇ
ପ୍ରେମିକଟିଏ ଧାଇଁକି ଆସେ,
କଅଁଳିଆ ଖରା ପଡିଲେ ତା' ଦେହେ
ମେନକା, ରୂପସୀ ପରି ଦିଶେ ।

ମନର ମୋହକୁ ଆନ୍ଦୋଳିତ କରେ
ପ୍ରେମର ପ୍ରତିକ ସାଜି,
ରଙ୍ଗ, ରୂପ ତାର ଝଲସି ଉଠଇ
ଯେବେ ପ୍ରେମିକ ହୁଅଇ ରାଜି ।

ସବୁ ଫୁଲ ମଧ୍ୟେ ରାଣୀ ସାଜେ
ସେଇ ନାଲି ରଙ୍ଗର ଫୁଲ,
ଆଉ କେଉଁ ଫୁଲ ଦେଇକି ପାରିବ ଯେ
ଏହି ନାଲି ଗୋଲାପ ଫୁଲର ମୂଲ ।

ଗ୍ରାମ - ନିଳାବାଡ଼ି, ବ୍ଲକ - ବନ୍ଧୁଗାଁ
ଜିଲ୍ଲା - କୋରାପୁଟ
ଦୂରଭାଷ - ୯୬୯୨୯୪୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭାବ



ବିନୟାନନ୍ଦ ବସ୍ରସ୍ୟ

ମଣିଷ ଥିଲେ ତ ମଣିଷ ସାଙ୍ଗରେ କରିବ ମଧୁର ଭାବ,
ମଣିଷ ସାଙ୍ଗରେ ଲୋକ କଣ କେବେ କରିବ ସଙ୍ଗତ ଲାଭ,
ଲୋକ ପୋକ ପ୍ରାୟ ଏଠି,
ମଣିଷ ଖୋଜିବା ବଡ଼କାମ ପରା ଲୋକ ଅଛନ୍ତି ସବୁଠି ।

ସବୁଆଡେମିଛ, ବାହାନା
ବାଜିରେ ଢମ, ଆତ୍ମଘୋଷ ଚାଲେ,
ସତ କହିଦେଲେ ଶତ୍ରୁ ବଢିଯାନ୍ତି ଲୋକ କି ବୁଝିବେ ଭଲେ,
ମଣିଷ ସିନା ବୁଝିବ,
ସତ ମିଛ କଣ ଭଲମନ୍ଦ ଅବା ବିବେକ ଯାହାର ଥିବ ।

ନିରୁତା ପ୍ରେମର ସଂଜ୍ଞା କେ ବୁଝିଛି ସ୍ୱାର୍ଥପର ସବୁ ପ୍ରାଣ,
ଜ୍ୱଳନ ପ୍ରେମରେ ପ୍ରତାରଣା ଥାଏ ଆପଣା ପର ସମାନ,
କେହି ନୁହନ୍ତି କାହାର,
ତଥାପି ମଣିଷ ସହି ସହି ବଞ୍ଚେ ପାଇ କେତେ ହତାଦର ।

ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାନ୍ତି ରାତ୍ରୀର ଭିଜା କାକରର ଘାସଫୁଲ ମୁଁ



ତାରା ପ୍ରସାଦ ଜେନା

ପାହାନ୍ତି ରାତ୍ରୀର ଭିଜା କାକରର
ଘାସ ଫୁଲ ମୁଁ ଯେ.....
ସକାଳୁ ଉଠୁଚି ଚେଇଁ
ସୁନେଲି ବେଶରେ ଉଷା ପରଶରେ
ଦିବାକର ତୁମେ.....
ଆଉ ଡେରି କର ନାହିଁ ।୦ ।

ମୋ ମନ ବାସନ୍ତୀ କରୁଛି ଆରତି
ବୁଝିଲନି ତୁମେ ଦିବାକର
ନିଦାଘ ଖରାରେ ଜଳାଇ ମାରିଲେ
ଜଳିବନି କେବେ ପ୍ରାଣ ମୋର,
ନପାଇଲେ ନାହିଁ ତୁମରି ଭରସା
ଦୂରେ ଥିବି ପଛେ.....
ତୁମରି ଆଗମେ ମୁହିଁ ।୧ ।

ପଦ୍ମିନୀ ବଧୂର ସୋହାଗ ମଧୁର
ଖୋଲ ପାଖୁଡ଼ାର ଅଙ୍ଗରାଗ
ମୋର ତ ଭାବନା ଅସହ୍ୟ ବେଦନା
ଅଛି ସବୁବେଳେ ଖାଲି ଭୋଗ,
ସରେନା ମୋ ଦିନ, ଟାପରା କଲାଣି
ସାଧବବୋହୂଟି.....
ମୋର ହତଶିରୀ ଚାହିଁ ।୨ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପୂଜ୍ୟ ବାପାଙ୍କ ପରିଚୟ



ପଙ୍କଜ କୁମାର
ମଙ୍ଗଳ

ଯନ୍ତ୍ରଣା ଦେଖିଛି ହେଲେ ଦେଖିନି ଲୁହ,
ହସ ବାଣ୍ଟୁଥାଅ ଲୁଚାଇ କୋହ ।
ଏତେ ହତଭାଗା ମୁଁ ବୁଝିପାରେ ନାହିଁ,
ରାଗରେ ବି ଥାଏ ବାପାଙ୍କ ସ୍ନେହ ।

ମାଗିବା ପୂର୍ବରୁ ମୋତେ ସବୁ ଦେଇଥାଅ,
ଜୀବନରେ କର୍ମର ମହତ୍ୱ ବୁଝାଅ ।
ବାଟଭୁଲି କେବେ ଅବାଟରେ ଗଲେ,
ସାରଥି ସାଜି ମୋ ବାଟ କଢ଼ାଅ ।

ନୁହେଁ ଜ୍ଞାନୀ ଅବା ମୋଠାରେ ନାହିଁ ଗୁଣ,
କେମିତି କରିବି କିଞ୍ଚିତ ଶବ୍ଦରେ ବାପାଙ୍କ ଚରିତ୍ର ଚିତ୍ରଣ ।
ବାପା ତମେ ମୋପାଇଁ ଚିର ଆଦର୍ଶ ସକଳ ତିର୍ଥ ତୁମ ଚରଣ,
ଏତିକି ଆଶିଷ ଦେଉଥାଅ ମୋତେ
ବାଟଇ ସାଜେ ମୁଁ ଜୀବନ ପଥରେ ଦେଖି ତୁମ ପାଦ ଚିହ୍ନ ।

ଯନ୍ତ୍ରଣା ଦେଖିଛି ହେଲେ ଦେଖିନି ଲୁହ,
ହସ ବାଣ୍ଟୁଥାଅ ଲୁଚାଇ କୋହ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଦୂରଭାଷ- ୭୭୪୯୯୩୬୭୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ୍ଭ ମହାନତା ବଜାୟ ରହୁ



କୁନା ସେଠୀ

ଆଦର୍ଶ ବ୍ୟକ୍ତିତ୍ୱ ଆଦର୍ଶ ମଣିଷ
ଆଦର୍ଶ ତୁମରି ପଣ
ଆଦର୍ଶର ବାର୍ତ୍ତା ଦେଇ ଜାଣ ତୁମେ
ଆଦର୍ଶ ତୁମରି ଗୁଣ ।

ଶିକ୍ଷା ଯେ ତୁମର ଦୀକ୍ଷା ସହ ଗଢ଼ା
ଶିକ୍ଷାରେ ପଣ୍ଡିତ ଜଣେ
ଶିକ୍ଷା ଦେଇଛି ଯେ ନମ୍ରତା ତୁମ୍ଭଙ୍କୁ
ଶିକ୍ଷା ହିଁ ଆଲୋକ ବୁଣେ ।

ସରଳତା ତୁମ ବାଣୀ ଯେ ପ୍ରକାଶେ
ସରଳ ଯେ ତୁମ କାମ
ସରଳତା ତୁମ ପୋଷାକ ବଖାଣେ
ସରଳତା ତୁମ ନାମ ।

ମଣିଷ ଜୀବନେ ମଣିଷ କରମ
ମଣିଷ ଠାଣିରେ ତୁମ
ମଣିଷ କରିଛ କେତେ ଯେ ଜନକୁ
ମଣିଷର ଦେଇ ନାମ ।

ଭଲ ପ୍ରଶାସକ ଗୋଷ୍ଠୀ ଶିକ୍ଷାପାଇଁ
ଭଲ ଶିକ୍ଷକ ଯେ ତୁମେ
ଭଲରେ ଭଲରେ ସମସ୍ୟା ଦୁରେଇ
ଭଲ ପାଅ ଶିକ୍ଷା ନାମେ ।

ଶିକ୍ଷକ କରମ ତୁମରି ଧରମ
ଶିକ୍ଷକ ଜୀବନ ତୁମ
ଶିକ୍ଷକ ଭାବରେ ମଣିଷ ଗଢ଼ିଛ
ଶିକ୍ଷକଙ୍କୁ ଦେଇ କାମ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାସନ ଠାରୁ ଯେ ଉପଦେଶ ତୁମ
ଶାସନ ଭଳିଆ ଲାଗେ
ଶାସନ ଭିତରେ ନିଜେ ରହି ତୁମେ
ଶାସନ କରିନ କେବେ ।

ଅମୃତ ଦେଇଛି ବାଣୀ ଯେ ତୁମର
ଅମୃତ ସନ୍ଧାନ ଧାରେ
ଅମୃତ ବରଷି ଆଶ୍ୱାସନା ଦେଇ
ଅମୃତ ଆଣିଛି କରେ ।

ଝୁରନ୍ତି ଶିକ୍ଷକ ଝୁରନ୍ତି ପାଠକ
ଝୁରନ୍ତି ଯେ ବନ୍ଧୁ ତୁମ
ଝୁରେ ବିଦ୍ୟାଳୟ ତୁମ କାର୍ଯ୍ୟାଳୟ
ଝୁରେ ପରା ମନ ଆମ ।

ତୁମ କାର୍ଯ୍ୟଧାରା ଅନ୍ୟଠୁ ଅଲଗା
ତୁମ ଚିନ୍ତା ଭିନ୍ନ ଅଟେ
ତୁମରି ଭାବନା ଶିକ୍ଷାର ଉନ୍ନତି
ତୁମ ଦ୍ୱାରା ଭୟ ତୁଟେ ।

ସାହାସ ଶକତି ତୁମ ପିତୃଭକ୍ତି
ସାହାସର ନାମ ଦିଏ
ସାହାସ ବଳରେ ଶିକ୍ଷାଅଧିକାରୀ
ସାହାସର ନାମ ନିଏ ।

ଗଂଜାମ ଜାଣିଛି ଗଂଜାମ ଶୁଣିଛି
ଗଞ୍ଜାମରେ ତୁମ ନାମ
ଗଂଜାମ ବାହାରେ ଓଡିଶା ବି ଜାଣେ
ଗଞ୍ଜାମରେ ତୁମ କାମ ।

ପ୍ରଶଂସା କରିଲେ କମ ପଡ଼ିଯାଏ
ପ୍ରଶଂସାର ଅଧିକାରୀ
ପ୍ରଶଂସା ପାଇବା ତୁମ ଅଧିକାର
ପ୍ରଶଂସା କରମ ବରି ।

ଭେଟିଛି ତୁମ୍ଭକୁ ଅନେକ ସମୟ
ଭେଟିଛି ମୁଁ ବିଦ୍ୟାଳୟେ
ଭେଟିଛି ସଭାରେ ଭାଷଣ ଦେବାରେ
ଭେଟିଛି ମୁଁ କାର୍ଯ୍ୟାଳୟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମଠୁ ଶିଖିଛି ପର୍ବତର ଧୈର୍ଯ୍ୟ
ତୁମଠୁ ଶିଖିଛି ହସ
ତୁମଠୁ ଶିଖିଛି କଠୋରତା ପଣ
ତୁମଠୁ ଶିଖିଛି ବେଶ ।

ତୁମ ଉଦାରତା ତୁମ ମହାନତା
ତୁମ ସମାଧାନ ଗୁଣ
ତୁମରି ସାହିତ୍ୟ ତୁମର ମେଳାପୀ
ତୁମରି ସାଧୁତା ପୁଣ ।

ଘେନିବ ପ୍ରଣାମ ଜ୍ଞାନର ସାରଥୀ
ଘେନିବ ହେ ସ୍ନେହ ମୋର
ଘେନିବ ଏ ଲେଖା ମୋହରି ହାତରୁ
ଘେନିବ ମୋ ନମସ୍କାର ।

ରାମ କୃଷ୍ଣ ବେନି ନାମ ନେଇ ତୁମେ
ରାମ ହୋଇ ରହିଥାଅ
ରାମଙ୍କ ଭଳିଆ ସବୁରି ହୃଦୟେ
ରାମ ଭଳି ବଞ୍ଚିଥାଅ ।

ଭୁତସରସିଙ୍ଗି, ପୁରୁଷୋତ୍ତମପୁର,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଧ୍ୟା ସପନ



ଭବାନୀ ଶଙ୍କର ଦାଶ

ଭ୍ରମଣ କଲି ଆନନ୍ଦ ବନେ,

ଅସୁମାରୀ ଭାବ ଭରି

ଆନନ୍ଦ ବନେ ଦେଖି ଶେଫାଳୀ,

ଦେଲି ନିଜକୁ ମୁଁ ପାସୋରି ।

ବନର ଶୋଭା କି ମନଲୋଭା,

ନୟନ ମୋ ହୁଏ ହଇଚଇ

ମନେ ସୁଗନ୍ଧ ଭରେ ଅବିରତ,

ଚଉଦିଗ ମୋର ଦିଏ ମହକଇ ।

ବନେ ଶୁଭଇ କଳ କଳ ନାଦ,

ଦେହେ ଲାଗଇ ଧିରଗତି ପବନର

କୋକିଳର ରାବ ଶୁଭେ ମୋତେ,

ସତେ ଲାଗେ ସ୍ୱର ସଙ୍ଗୀତର ।

ଗଲି ଲୁଚିଲୁଚି ପାଦ ଛାପିଛାପି ,

ଦେଖିଲି ଏ ଜୀବନ ମୋ ତୁଛ

ମୟୂର ଯୁଗଳ ନୃତ୍ୟରତ ଥାନ୍ତି,

ଆନନ୍ଦେ ଟେକି ତାଙ୍କ ପୁଛ ।

ଆଳସ ସନ୍ଧ୍ୟାର ସପନ ରାଇଜ,

ହୋଇଥାନ୍ତା ମୋର କି ସତ

ଆନନ୍ଦ ବନେ ବୁଲିଥାନ୍ତି ମୁଁ ସଦା,

ଟେକି ମୋ ମଥାକୁ ଶତଶତ ।

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ

ଓଡ଼ିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କରିବାନି ଆତ୍ମହତ୍ୟା



ନରେନ୍ଦ୍ର ପ୍ରସାଦ
ବେହେରା

ଆତ୍ମହତ୍ୟା ଏକ ମହାପାପ ବୋଲି
ସମସ୍ତେ ଆମେ ଜାଣନ୍ତି
ତଥାପି ମଣିଷ ଜାଣିଶୁଣି କାହିଁ
ଏମିତି ଭୁଲ୍ କରନ୍ତି ।୧ ।

ସାମାନ୍ୟ କଥାରେ ବିବାଦ ଜନ୍ମିଲେ
ସଙ୍ଗେ ସଙ୍ଗେ ପଦକ୍ଷେପ
ଶିକ୍ଷିତ ବେକାର ଘରର ଘରଣୀ
କରିଥାନ୍ତି ଅନୁତାପ ।୨ ।

ଦୈନିକ ସମାଜେ ଘଟୁଅଛି ଜାଣ
ଏଭଳି କେତେ ଘଟଣା
କହିଦେଲେ ପଦେ ଟାଣକରି କଥା
ନିଜକୁ ମିଳେ ଯନ୍ତ୍ରଣା ।୩ ।

କିଏ ଯେ କହିବ ପରିବାର ମଧ୍ୟେ
ଏମିତି ନାହିଁ ଘଟଣା
ଶୁଣିଲେ କେଉଁଠି ପଢିଲେ ପେପର
ମୁଣ୍ଡ ହୋଇଯାଏ ଟିଣା ।୪ ।

ସ୍ୱାମୀ ସ୍ତ୍ରୀ ମଧ୍ୟେ କଳହ ରହିଛି
ଏକଥା ନାହିଁ ଅଛପା
ଉଗ୍ରଚଣ୍ଡୀ ସ୍ତିରୀ ମାନେନି କାହାକୁ
ସାହସ ବଢାଏ ବୋପା ।୫ ।

ପ୍ରେମିକ ପ୍ରେମିକା ହୋଇଲେ ବିଚ୍ଛେଦ
କରନ୍ତି ମନେ ସନ୍ତାପ
ଜୀବନର ଲକ୍ଷ୍ୟ ହାସଲ ପୂର୍ବରୁ
କରିଥାନ୍ତି ମହାପାପ ।୬ ।

ଆକଟ ବଢିଲେ ଅଘଟଣ ଘଟେ
ଅସମ୍ଭାଳ ହୁଏ ମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହ ବନ୍ଧନରେ ବାନ୍ଧିହେଲେ ଥରେ
ବିଚ୍ଛେଦରେ ଅପମାନ ।୭ ।

ଆତ୍ମହତ୍ୟା ପାଇଁ ବିଭିନ୍ନ ପ୍ରକାର
ପଥକୁ ଲୋଡନ୍ତି ନର
ବୁଝନ୍ତି କେହି କାହାରି କଥାକୁ
କରନ୍ତି ନାହିଁ ବିଚାର ।୮ ।

ସଂସାର ଭିତରେ କରିଥିଲେ ଘର
ସମସ୍ୟା ନିଶ୍ଚେ ରହିବ
କାପୁରୁଷ ପରି ଆତ୍ମହତ୍ୟା କରି
କାହିଁକି ପାପ ଅର୍ଜିବ ।୯ ।

ସମୟର ଗତି ଜୀବନ ପଥରେ
କେହି ତ ନୁହେଁ କାହାର
ଆତ୍ମହତ୍ୟା ଭଳି ମହାନ ପାପକୁ
କରିଦେବା ଆଜି ପର ।୧୦ ।

ଯେତେ ଝଡଝଞ୍ଜା ଆସୁ ଏ ଜୀବନେ
ନେବାନି କେବେ ନିଷ୍ପତ୍ତି
ସମାଜରେ ଥିବା ଏଭଳି ବ୍ୟାଧିକୁ
ଦୂରେଇ ଦେବା ଝଟତି ।୧୧ ।

ସୁଖ ଦୁଃଖ ହସ ଖୁସିରେ ରହିବା
ସମାଜକୁ ଦେବା ବାର୍ତ୍ତା
ବିଧାତାଙ୍କ ସୃଷ୍ଟି ଏ ପୈତୃକ ପ୍ରାଣ
ଗଢ଼ିଛନ୍ତି ସୃଷ୍ଟିକର୍ତ୍ତା ।୧୨ ।

କୌଣସି ସ୍ଥିତିରେ ସମ୍ମୁଖୀନ ହେଲେ
ସମ୍ଭାଳିବା ମେରୁପରି
ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି
ସମସ୍ତେ ଦେବା ପାଶୋରି ।୧୩ ।

କରିବାନି ଆମ୍ଭେ ଆତ୍ମହତ୍ୟା କେବେ
ଜୀବନ ଦେଇଛି ବିହି
ଅମୂଲ୍ୟ ସମ୍ପଦ ଜୀବନଟା ଏହି
ସମସ୍ତଙ୍କୁ ଦେବା କହି ।।୧୪ ।।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ- ମୋ ଅନୁଷ୍ଠାନ,
ଆଳଦା, ଖଇରା, ବାଲେଶ୍ବର,
ମୋ- ୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶୋକରହିତ ଲୋକଟିଏ



ସଞ୍ଜୀବ କୁମାର
ଦାସ

ନା ମୁଁ ' ଚଣ୍ଡାଶୋକ' ନାଁ ମୁଁ 'ଧର୍ମାଶୋକ'
ନା ମୁଁ ଶୋକ ଅଗ୍ନିରେ ଅର୍ଦ୍ଧଦଗ୍ଧ ପ୍ରଳାପିତ ଦ୍ୱିପଦ
ନା ମୁଁ ରଣଭୂମିରୁ ଛତ୍ରଭଙ୍ଗ ପରାହତ ବିଳାପିତ ପରାସ୍ତ ସୈନିକ ।
ନା ମୁଁ ଅସିରେ ମୋ ଶରୀରକୁ  କ୍ଷତ ବିକ୍ଷତ କରିଥିବା
ମାନସିକ ରୋଗଗ୍ରସ୍ତ ଅବାଧ୍ୟ ମଣିଷ ।
ବରଂ ମୁଁ ସବୁ ଅଣାୟତ୍ତକୁ ପଛେ ଛାଡ଼ି ସନ୍ତର୍ପଣରେ ଆଗକୁ
ବଢିବାର ସଂକଳ୍ପରେ ଅଜେୟ ଯୋଦ୍ଧାଟିଏ,
ପଣ ଯା'ର ଅନ୍ତରର ନିର୍ଦ୍ଦମନ ଅହଂକାରକୁ ଟାଣି, ଓଟାରି ଫିଙ୍ଗିବାର
ପ୍ରୟାସରେ  ସଂସାରର ଚିକିନିଖି ହଁ ଆଉ ନାଁ ମାନଙ୍କୁ ସଙ୍ଗୋଳିବାର
ନିଷ୍ଠାପର ନିବେଦନ ।
ମୋ ଅଦମ୍ୟ ଆବେଗକୁ ବୁଝି ପାରୁଥିବା ହେ ମୋର ସ୍ୱଦେଶବାସୀ  !
ଅପରାହତ ସୈନିକର ଯାଚନା ମାତ୍ର :
କହିଦିଅ ଏ  ଯାବତ ଲେଖା ଯୋଖାକୁ ମାର୍ଜିତ କରିବାର ପନ୍ଥା  ।

ମର୍କତନଗର
କଟକ-୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିଟିଏ ମୁଁ କବି ଟିଏ



ବାସନ୍ତୀ ଲତା ଜେନା

କବିଟିଏ ମୁଁ କବିଟିଏ
କଳ୍ପନା ରାଇଜେ ବାସ୍ତବତା ଖୋଜେ
କବିତାରେ କିଛି ଲେଖି ଦିଏ
କବିଟିଏ ମୁଁ....... ।୧।

ନୀରବରେ ଯେବେ ବସି ଥାଏ
ମନ କୁଞ୍ଜବନେ ଶବ୍ଦ ମାଳି ସବୁ
ଆଖି ଆଗେ ମୋର ନଚି ଯାଏ
କବିଟିଏ ମୁଁ..... ।୨।

କାଗଜ କଲମ ପାଖେ ଥାଏ
ଶବ୍ଦ ବଗିଚାରୁ ଶବ୍ଦ ଖୋଜି ଆଣି
କାଗଜ ପୃଷ୍ଠାରେ ଲେଖି ଦିଏ
କବିଟିଏ ମୁଁ....... ।୩।

ପ୍ରକୃତି ରାଣୀକୁ ଦେଖୁ ଥାଏ
ଐଶ୍ୱର୍ଯ୍ୟ ସଂପୂର୍ଣ୍ଣ ଧରଣୀ ରାଣୀର
ଚରଣ ବନ୍ଦନ କରୁ ଥାଏ
କବିଟିଏ ମୁଁ....... ।୪।

ପାହାଡ଼େ ଫୁଟାଏ ପଦ୍ମ ଫୁଲ
ମରୁଭୂମି ପ୍ରାନ୍ତେ ସବୁଜିମା ଭରେ
ମଉଳା କୁସୁମେ ପ୍ରାଣ ଦିଏ
କବିଟିଏ ମୁଁ......... ।୫।

ସଂସ୍କୃତି ସଂସ୍କାର ପରମ୍ପରା
ସମାଜ ଦର୍ପଣ କବି ହୋଇ ଥାଏ
ବିପ୍ଳବର ଅଗ୍ନି ଶିଖାଟିଏ
କବିଟିଏ ମୁଁ....... ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସୁମତୀ କୋଳେ ଚାରାଟିଏ
ନୂତନ ସୃଷ୍ଟିକୁ ଆହ୍ୱାନ କରଇ
କବିତାରେ ପ୍ରାଣ ଛିଞ୍ଚି ଦିଏ
କବିଟିଏ ମୁଁ....... ।୭।

ନିଜ ଲେଖା ନିଜେ ପଢୁ ଥାଏ
ହିରା ନୀଳା ମୋତି ପାଇବା ଭଳି ଗୋ
ମନେ ମନେ ଖୁସି ହେଉ ଥାଏ
କବିଟିଏ ମୁଁ........ ।୮।

କୁସଂସ୍କାର ବିପ୍ଳବର ସ୍ୱର
ସମାଜ ପ୍ରଗତି ଆଣିବା ପାଇଁ କି
କବି ଧରିଛି ଲେଖନୀଟିଏ
କବିଟିଏ ମୁଁ......... ।୯।

ସମାଜ ଦରଦୀ ବନ୍ଧୁଟିଏ
ଦୁଃଖ ଯନ୍ତ୍ରଣାକୁ ନିଜେ ପିଇ ଦେଇ
ସମାଜ ସେବାରେ ଲାଗି ଥାଏ
କବିଟିଏ ମୁଁ...... ।୧୦।

ରାଜନୀତି କଥା ଲେଖୁ ଥାଏ
ସତ କଥା ଲେଖି ଆକ୍ରୋଶ ଶିକାର
ବିପଦକୁ ଡାକି ଆଣି ଥାଏ
କବିଟିଏ ମୁଁ....... ।୧୧।

ଜୀଇଁ ଥିବି ମୁହିଁ ଯେତେ ଦିନ
କବିତା ମୋ ପ୍ରୀୟ ସାଥି ସହଚର
ତା ସାଥିରେ ଅଛି ଭାବଟିଏ
କବିଟିଏ ମୁଁ......... ।୧୨।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
୮୭୬୮୭୫୫୯୭୯

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବଦଳି ଯାଇଛି ଗାଆଁର ଚିତ୍ର



ପ୍ରଦୀପ୍ତ କୁମାର ଦାସ

ବଦଳି ଯାଇଛି ଗାଆଁର ଚିତ୍ର
ଶତ୍ରୁ ପାଲଟିଛି ପରମ ମିତ୍ର...
ଭାଗବତ ଟୁଙ୍ଗି ଯାଇଛି ଭାଙ୍ଗି
ଗଙ୍ଗା ମାଉସୀଟା ହୋଇଛି ଗାଙ୍ଗି...
ଧାନ ବିଲରେ ତ ବିଲୁଆ ଡିଏଁ
ସ୍ୱାଭିମାନୀ ଏଠି ଦୁଃଖରେ ଜୀଏଁ...
ମହରଗ ଏଠି ହୋଇଛି ହସ
ଦୁର୍ନୀତି ସଭିଙ୍କୁ କରିଛି ବଶ...
ହିଂସାଦ୍ୱେଷ ଏଠି ମେଲିଛି କାୟା
ଅଧିକାଂଶ ମିଛ ମାୟାରେ ବାୟା.
ନଈବଢ଼ି ପରି ବଢ଼ି ସମ୍ପତ୍ତି
ଆଣିଅଛି ଡ଼ାକି ନାନା ବିପତ୍ତି...
ପ୍ରଗତିକୁ ଭୁଲି ଯୁବକ ଦଳ
ନିଶାକୁ ଆଦରି ହୁନ୍ତି ଦୁର୍ବଳ...
କୁଜି ନେତାଙ୍କର ବଢ଼ିଛି ଭାଉ
ଗରୀବ କପାଳେ ଉଡ଼ନ୍ତି କାଉ...

ରାଜନୀତି ଗିଳେ ସବୁ ନୀତିକୁ
ଅନୁମତି ମିଳେ ଚୋରା ପ୍ରୀତିକୁ...
ମୂକ ପାଲଟନ୍ତି ଗାଆଁ ମୂରବୀ
କିଛି ନାରୀ ବନିଯାନ୍ତି ଭୈରବୀ...
ଗଢ଼ି ଉଠେ ଏଠି ଅସଂଖ୍ୟ ସଂଘ
ବଦଳିଛି ଝିଅ ବୋହୂଙ୍କ ଢଙ୍ଗ...
ବାରି ହୋଇଯାଏ ସ୍ୱାର୍ଥର ଗନ୍ଧ
କାମନାରେ ସର୍ବେ ହୁଅନ୍ତି ଅନ୍ଧ...
ଦିନରେ ବୁଲନ୍ତି ଶୃଗାଳ ଦଳ
ଭୋକିଲା ପେଟରେ ହଳକୁ ହଳ...
ରଡ଼ି ଛାଡେ ଏଠି ଅଙ୍ଗନଵାଡ଼ି
ଗାଆଁ ମୁଣ୍ଡେ ଲାଗେଏଲ୍.ପି.ଜି ଗାଡ଼ି..
ଆଶା ଦିଦି ବୁଲି ଘରକୁ ଘର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଖିଥାନ୍ତି ଲୋକଙ୍କର ଖବର...

ଘର କାନ୍ଥେ ବାଜେ ଦାମିକା ଟି.ଭି.

କାହା ଘରେ ଆଉ ନଜଳେ ଡ଼ିବି..

ମୋବାଇଲ୍ ସାଥେ ବିତେତ ରାତି

ଅନୁଭବି ହୁଏ ଦୁଃଖର ତାତି...

ସକଳ ବର୍ଣ୍ଣିବା ନୁହେଁ ସମ୍ଭବ

ରହିଲା ଲେଖାରେ କିଛି ଅଭାବ ।

କଣ୍ଟାବଣିଆ, ଯାଜପୁର ମୋ - ୮୫୯୪୮୮୫୮୯୮

 Magazine Downloaded from www.aahwaan.com

# ଠାକୁର ଲୋକ



ଆଶୁତୋଷ ମିଶ୍ର

ସଂକଳ୍ପ ନେଲଣି

ନୂତନବର୍ଷରେ କଣ କରିବ

କାହାର ଦାନା ମାରିବ

କାହା କାନ୍ଧରେ ଗୋଡ଼ ଦେଇ ଚଢିବ

ଅବା ଆସ୍ତେ କିନା ଠେଲିଦେବ

ନଇଁ ପଡ଼ିଥିବା ବେଳେ

ଓଃ ହୋ

କ୍ଷମା କ୍ଷମା

ତମେ ଭଦ୍ର ଲୋକ

ଏମିତି ଅଶ୍ଳୀଳ ପ୍ରଶ୍ନ ପାଇଁ ପାଦ ଧରୁଛି

ତୁମେ ବହି ଗଦା ସାରିଛ

ପେନ ରିଫିଲ ବି ସରିଛି ବସ୍ତାଏ କି ଅଧ ବସ୍ତାଏ

ତେଣୁ ତମେ ଆପଣ ଠାକୁର ଲୋକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ଅଫିଶ ର ଆସବାବ ପତ୍ର ଆପଣଙ୍କ ଘରେ ?

ହେତ

ଭାଙ୍ଗି ରୁଜି ଗଲାଣି ବୋଲି ସଜାଡ଼ିବାକୁ ଆଣିଥିବେ ନିଷ୍ଚିତ

ତେବେ ବେଶ ନୂଆ ଦିଶୁଛି

ଅବିଶ୍ୱାସ ପାଇଁ କ୍ଷମା

ବାରଂବାର ଭୁଲି ଯାଉଛି

ତମେ ଆପଣ ଠାକୁର ଲୋକ....

ଗ୍ରା /ପୋ - ଦାନଗଦୀ

ଜିଲ୍ଲା - ଯାଜପୁର

ଫୋନ : ୭୦୦୮୦୩୩୦୫୩୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏମିତି ଆମ ଗାଆଁ



ସରୋଜ କୁମାର ସାହୁ

ଏଇଠି ଅଛି ବଣ ପାହାଡ
ଏଇଠି ଭରା ନଈ
ଚାଳ ଛପର ମାଟି ଝାଟିରେ
ଚଳନ୍ତି କେତେ ଭାଇ ।
ରାଗ କି ଇର୍ଷା ନ ରଖି ମନେ
ନିତି ହୁଅନ୍ତି ଏକ
ଚାଷ ବଣିଜ କରନ୍ତି ମିଶି
ମାଗନ୍ତି ନାହିଁ ଭିକ ।
ରଙ୍ଗ ବେରଙ୍ଗୀ ଫୁଲ ବଗିଚା
ଭ୍ରମର ମନ ମୋହେ
କୋଇଲି ଗୀତ ନଈର ସ୍ରୋତ
ସାରା ବରଷ ବହେ ।
ଅଜାଡେ ମେଘ ବରଷା ପାଣି
ସଭିଁଙ୍କ ମନ ଜାଣି
ଜାତି ଜାତିକା ଫଳ ଫସଲ
ରହିଛି କେତେ ପୁଣି ।
ଦୂର ପାହାଡ ଦିଶେ ସୁନ୍ଦର
ଏଠାରୁ ଦେଲେ ଚାହିଁ
ଖୋଜିବ ଯିଏ ଯେଉଁ ଦରବ
ପାଇବ ନିଶ୍ଚେ ତହିଁ ।
ଗାଧୁଆ ତୁଠେ ହୁଅନ୍ତି ଭେଟ
ପଡୋଶୀ ଝିଅ ବୋହୂ
ଘର ବାହାର ଗପ ଜମାନ୍ତି
ସତେକି ମିଠା ମହୁ ।
ଗାଆଁ ପାହାଡ ବଣକୁ ଲାଗି
ରହିଛି କେତେ ବାଟ
ପଶୁ ପକ୍ଷୀର ଆଶ୍ରୟ ଏହି
ନାହିଁ ଯାହା ଖାଲି ଓଟ ।
ଦୁଃଖ ଯନ୍ତ୍ରଣା ନିଅନ୍ତି ହରି
ଗ୍ରାମେ ପୂଜିତ ମାଆ
ସ୍ୱଚ୍ଛ ନିରିମଳ ସବୁଜ ଭରା
ଏମିତି ଆମ ଗାଆଁ ।

ଆଠଗଡ଼. କଟକ ୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ପଲ୍ଲବିନୀ ପଟେଲ

ବିଶ୍ୱାସର ବଟବୃକ୍ଷଟିଏ ତୁମେ
ଆଶା ଭରସାର ପ୍ରତୀକ
ସୁନେଲୀ ସ୍ୱପ୍ନର ପଥିକ ତୁମେ
ସବୁ କାର୍ଯ୍ୟରେ ଥାଅ ନ୍ୟସ୍ତ...
ହାତଧରି ତୁମେ ରାହା ଦେଖାଇଛ
ଗଢ଼ିଛ ପ୍ରେମର ମହଲ
ନିରବେ ରହି ସବୁ ସହିଅଛ
ନିଜେ ହୋଇ କଲବଲ...
ଜୀବନେ ତୁମର କେତେ ଯେ ସଂଘର୍ଷ
ତଥାପି ମୁହଁରେ ହସ
ତ୍ୟାଗ, ସମର୍ପଣ, ଦୟା, କ୍ଷମା ଭାବ
ସଭିଙ୍କୁ କରିଛ ବଶ...
ସୃଷ୍ଟିର ସ୍ରଷ୍ଟା ଗଢ଼ିଛି ତୁମକୁ
କେଉଁ ନିହାଣରେ ସତେ
ଗ୍ରାସିନାହିଁ କେବେ ସ୍ୱାର୍ଥ ଅହଂକାର
ଦେଖି ଗର୍ବଲାଗେ ମୋତେ...

ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ଗଛଟିଏ



ସାଇ ପ୍ରସାଦ ସାହୁ

ଜୀବନର ଅନ୍ୟନାମ ବୋଲି ମତେ

କହନ୍ତି ପରା ଲୋକ,

ଅମ୍ଳଜାନ ଦେଇ ଅଙ୍ଗାର ନିଅଇ

ଜୀବଙ୍କୁ ଦିଅଇ ସୁଖ ।

ମୋର ଡାଳ, ଫଳ, ଲୋକଙ୍କ ହିତରେ

ସଦାବେଳେ ଆସୁଥାଏ,

ଜୀବନ ବଞ୍ଚାଇବାକୁ ଏକ ରାସ୍ତା

ସବୁବେଳେ ଦେଉଥାଏ ।

ମୋ ଦେହରେ ନାନା ପକ୍ଷୀ ଆସି

କରନ୍ତି ନିଜର ଘର,

ଏଥିରେ ମୋର ଦୁଃଖ ଜମା ନାହିଁ

କାହାକୁ ନ କରେ ପର ।

ରାସ୍ତାର ବାଟୋଇ ଆସି ଠିଆ ହୁଏ

ଦେଖେ ଯେବେ ମୋର ଛାଇ,

ଶୀତଳ ପବନ ପରଷଇ ମୁହିଁ

ଖୁସିରେ ବିଭୋର ହୋଇ ।

ସିନ୍ଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କ୍ଷୁଧାର ଜ୍ୱାଳା



ଅମୃତନାରାୟଣ ଶତପଥୀ

କ୍ଷୁଧାର ଜ୍ୱାଳା ସଂସାରରେ ଅଟେ ସବୁଠୁ ବିଷମ ହାଏ,
ଏହି ଜ୍ୱାଳାରେ ମନୁଷ୍ୟ ନିଜର ବୁଦ୍ଧି ବିବେକ ହରାଏ ।(୧)

ଖାଇବାକୁ ଦାନା, ପିନ୍ଧିବାକୁ କନା, ରହିବା ଯାଗା ନପାଇ,
ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ମଣିଷ ଅପରାଧୀ ଯାଏ ହୋଇ ।(୨)

ଭୋକ ବିକଳରେ ପାପ ପୁଣ୍ୟ ସବୁ ମନ ମଧ୍ୟରୁ ହେଜିଦେଇ,
ନାନା ଅପରାଧେ ଲିପ୍ତ ରହେ ଅବା ପୁଣି ସେ ଭିକ୍ଷା ମାଗଇ ।(୩)

ଭିକ୍ଷା ମାଗିଦେଇ କ୍ଷୁଧାର ଜ୍ୱାଳାକୁ ଶାନ୍ତ କରିଦେବା ପରେ,
ପ୍ରକୃତି ନେଇ କାର୍ଯ୍ୟ କରେ ଅବା ଅପରାଧ ହାତ ଧରେ ।(୪)

ଅପରାଧୀ ଥରେ ହୋଇଗଲାପରେ ସମାଜରୁ ମୁହଁ ଲୁଚାଏ,
ସାଥି ପାଇବାକୁ ଅନ୍ୟ ବୁଭୁକ୍ଷୁଙ୍କୁ ଅପରାଧ ଜାଲେ ଫସାଏ ।(୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜର ଅପରାଧେ ଅନେକାଂଶ କ୍ଷୁଧା ଜ୍ୱାଳା ଅଟେ ଦାୟୀ,
ରାଜାଠାରୁ ରଙ୍କ କ୍ଷୁଧାର ଜ୍ୱାଳାରୁ ବର୍ତ୍ତି ନପାରନ୍ତି କେହି ।(୬)

ସଭିଏଁ ସଂସାରେ କର ପରିଶ୍ରମ କ୍ଷୁଧା ଜ୍ୱାଳା କର ଦୂର,
କ୍ଷୁଧା ମେଣ୍ଟିଗଲେ ବିଷମ ପୃଥିବୀ ଲାଗଇ ସରଗପୁର । (୭)

ଭୋଜିଟିକୁ ଗଲେ ଲୋକଦେଖାଣିଆ କର ନାହିଁ ଖାଦ୍ୟ ନଷ୍ଟ,
ସପ୍ତାହରେ ଥରେ ଉପବାସ କର ଜାଣିବାକୁ କ୍ଷୁଧା କଷ୍ଟ ।(୮)

ପଥର ମୂର୍ତ୍ତିରେ ଠାକୁର ନଥାନ୍ତି ଥାଆନ୍ତି ଦୁଃଖୀର ମନେ,
ଅନ୍ନ ଦାନ କର ଦୁଃଖୀ ସେବା କର ମହାନ ହୋଇବ ଦିନେ(୯)

କ୍ଷୁଧାର ଜ୍ୱାଳାକୁ ବୁଝ ହେ ସଭିଏଁ ବୁଝି ବୁଭୁକ୍ଷୁର କଷ୍ଟ ।
ନହେଲେ ସୁନ୍ଦର ମନୁଷ୍ୟ ଜୀବନ ହୋଇଯିବ ଆମ ନଷ୍ଟ ।(୧୦)

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧରଣୀ ରାଣୀ



ଡଃ ମନୋରଞ୍ଜନ ବିଷୋୟୀ

ଏ ଧରଣୀ ରାଣୀ
ଦିନେ ହସୁଥିଲା
ଭରା ଯୌବନରେ
ଭରି ରହିଥିଲା ।
କିନ୍ତୁ ନିଜ ଖୁସି ଲାଗି
ଏ ଦୁର୍ଦ୍ଧଷ ମାନବ
ତା' ପୃଷ୍ଠକୁ ଛେଚି କଚି
ବିଦୀର୍ଣ୍ଣ କରିଲା ।
କାଲି ଥିଲା ଏଠି
ସୁବାସର କ୍ଷେତ
ଆଜି କିନ୍ତୁ
ମଢ଼ାର ଦୁର୍ଗନ୍ଧରେ ଭରିଗଲା
ତା' ଶ୍ୟାମଳ ବକ୍ଷକୁ ତାଡ଼ି ଆଣି
ଏ ମାନବ କଞ୍ଜା ଖାଇଲା
ବୋମା ଓ ବନ୍ଧୁକ ମାଡ଼ରେ
ଛେଚି ଛେଚି ତାକୁ
ଚୂନା କରିଦେଲା ।
ତଥାପି ଧରଣୀରାଣୀ
ମାନବ ବିଜୟବାଣୀ
କାନ୍ଦି କାନ୍ଦି ଘୋଷୁଥିଲା ।
କାରଣ ସେ ପରା
ଆମ ମାଆ ଥିଲା
ଏ କଥା ମାନବ
କେମିତି ଭୁଲିଗଲା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୦୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହ୍ନି



ପ୍ରହ୍ଲାଦ ସାହୁ

ତୁମକୁ ଖୋଜେ ମୁଁ କବିତାରେ
ପୁଣି କେବେ କବି ପଣରେ
ବାସ୍ ପାର୍ଥକ୍ୟ ଏତିକି ମାତ୍ର
ତୁମେ ବହ୍ନି, ମୁଁ ତୁମ ସାଥୀ
ତୁମେ ମୋ ସାଥେ ଥାଅ
ମେଘୁଆ ରାତିରେ ପୁଣି
କେବେ ନିଦୁଆ ଆଖିରେ । ।

ତୁମକୁ ଖୋଜେ ମୁଁ ସପନରେ
ପୁଣି କେବେ ବାସ୍ତବତାରେ
ବାସ୍ ତଫାତ ଏତିକି ମାତ୍ର
ତୁମେ ପୃଷ୍ଠା, ମୁଁ ତୁମ ସ୍ରଷ୍ଟା
ତୁମେ ମୋ ପାଖେ ଅଛ
ଶୀତଳ ରାତିରେ ପୁଣି
କେବେ କମ୍ବଳ ଭିତରେ । ।

ତୁମକୁ ଦେଖେ ମୁଁ ଆଲୋକରେ
ପୁଣି କେବେ ଅନ୍ଧକାରରେ
ବାସ୍ ଅଡୁଆ ଏତିକି ମାତ୍ର
ତୁମେ ଜ୍ୟୋତି, ମୁଁ ମୂଢ଼ ମତି
ତୁମେ ମୋ ସଙ୍ଗେ ଥାଅ
ଆଲୋକ ରଶ୍ମିରେ ପୁଣି
କେବେ ଆଛନ୍ନ ଅନ୍ଧାରେ । ।

ତୁମକୁ ପଢେ ମୁଁ ଗୋଧୂଳିରେ
ପୁଣି କେବେ ପ୍ରାତଃ ମୂହୁର୍ତ୍ତରେ
ବାସ୍ ଫରକ ଏତିକି ମାତ୍ର
ତୁମେ ଦିବ୍ୟ, ମୁଁ ତୁମ ପ୍ରୀୟ
ତୁମେ ମୋ ମଧ୍ୟେ ଅଛ
ମସ୍ତିଷ୍କ ଗୁହାରେ ପୁଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ରକତ ପ୍ରବାହେ । ।

ତୁମଠୁଁ ଶିଖେ ମୁଁ ଅଜ୍ଞାତରେ

ପୁଣି କେବେ ଜ୍ଞାତସାରରେ

ବାସ୍ ସଠିକ ଏତିକି ମାତ୍ର

ତୁମେ ଜ୍ଞାନ, ମୁଁ ତୁମ ମାନ

ତୁମେ ମୋ ହୃଦ ରତ୍ନ

ହୃଦୟର ସ୍ପନ୍ଦନ ପୁଣି

କେବେ ଜୀବନ ତନ୍ତ୍ରରେ । ।

କେବେ ବଞ୍ଚିବା ମନ୍ତ୍ରରେ । ।

ନୂଆଦିଲ୍ଲୀ

୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଲ ଆମେ ବାହାହେବା ଆଉଥରେ



ଡା ନୀଳମାଧବ କର

ଦେଖ ମେଘ ଉଠିଛି

ପଶ୍ଚିମରେ

ଜହ୍ନ ଲୁଚି ଲୁଚି ଦେଖୁଛି

କଇଁ ଫୁଲ ସରମରେ

ଓଦା ହେଇଯାଇଛି

ଚାଲ ଆମେ ବାହାହେବା

ଆଉଥରେ

ତମେ ଆଉ ମୁଁ

ତମେ - ମୋ ସ୍ତ୍ରୀ

ମୁଁ - ତମ ସ୍ୱାମୀ

ଚାଲ ଆମେ

ଆଉଥରେ ରଙ୍ଗ ଲଗେଇବା

ମନରେ

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷକ ଜୀବନ, ତ୍ୟାଗର ଜୀବନ



ରାଧାମୋହନ ପୂଜାହାରୀ

ମୁଁ ଶିକ୍ଷକ
ମୋ ଜୀବନ, ତ୍ୟାଗର ଜୀବନ ।
ହଁ, ମୁଁ ତ୍ୟାଗ କରିଛି ମୋ ଶ୍ରେଣୀ ଗୃହକୁ,
ତଦାରଖ କରୁଛି ମଧ୍ୟାହ୍ନ ଭୋଜନର ପ୍ରସ୍ତୁତି,
ବ୍ୟସ୍ତ ଅଛି ମଧ୍ୟାହ୍ନ ଭୋଜନର ମାନ ପରଖିବାରେ । (୧)

ମୁଁ ତ୍ୟାଗ କରିଛି ମୋ ବିଷୟକୁ,
ବ୍ୟସ୍ତ ଅଛି ଭୋଜନ ବିତରଣର ତଥ୍ୟ ପ୍ରସ୍ତୁତ କରିବାରେ,
ରୋଷେଇ ଗୃହରେ ମହଜୁଦ୍
ରୋଷେଇ ସାମଗ୍ରୀର ଖବର ନେବାରେ । (୨)

ମୁଁ ତ୍ୟାଗ କରିଛି ମୋ କର୍ତ୍ତବ୍ୟକୁ,
ରୋଷେଇ ଗୃହରେ ସିଲିଣ୍ଡର ନାହିଁ,
ତେଲ, ଲୁଣ, ଆଳୁ ନାହିଁ,
ମଗ୍ନ ଅଛି ଏ ସବୁର ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ । (୩)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ତ୍ୟାଗ କରିଛି ପିଲାଙ୍କ ପ୍ରତି ଥିବା ମୋ ଉତ୍ତରଦାୟିତ୍ୱ କୁ,
ଜାଣେନି ପିଲାଏ ମୋ ବିଷୟ ବୁଝିବାରେ କେତେ ସକ୍ଷମ ?
ବ୍ୟସ୍ତ ଅଛି କିନ୍ତୁ ଅଣ୍ଡା ଖାଇବା ପାଇଁ ସହମତି ପ୍ରକାଶ କରିଥିବା
ପିଲାଙ୍କ ହିସାବ ରଖିବାରେ । (୪)

ମୁଁ ତ୍ୟାଗ କରିଛି ଶିକ୍ଷାର ମୂଲ୍ୟବୋଧକୁ,
ଆଖି ଲାଖି ରହୁଛି ଅଧିକାରୀଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ହ୍ୱାଟ୍‌ସଆପ୍ ମେସେଜ୍ ଉପରେ,
ବ୍ୟସ୍ତ ଅଛି ନବନିଯୁକ୍ତ ଶିକ୍ଷକ ଓ ଖାଲି ପଡ଼ିଥିବା ପଦବୀର
ତଥ୍ୟ ପୂରଣ କରିବାରେ । (୫)

ମୁଁ ତ୍ୟାଗ କରିଛି ମୋ ଶିକ୍ଷକ ହେବାର ନୈତିକତାକୁ,
ପିଲାଙ୍କ ପାଠପଢ଼ା ଯାହା ହେଉ ନା କାହିଁକି !
ମୁଁ କିନ୍ତୁ ବ୍ୟସ୍ତ ଅଛି ସ୍କୁଲ୍‌ର ଚାକଚକ୍ୟ ଓ
ସୌନ୍ଦର୍ଯ୍ୟକରଣ ପ୍ରତି ଧ୍ୟାନ ଦେବାରେ । (୬)

ମୁଁ ତ୍ୟାଗ କରିଛି ଶିକ୍ଷାର ମାନକୁ,
ଭୁଲିଯାଇଛି ଗାନ୍ଧୀଜୀ କହିଥିବା
ଶିଶୁର ସାମଗ୍ରିକ ବିକାଶ କଥା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟସ୍ତ ଅଛି କିନ୍ତୁ ଅସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ
ଯେଣତେଣ ସମ୍ପୂର୍ଣ୍ଣ କରିବାରେ । (୭)

ମୁଁ ଶିକ୍ଷକ
ମୁଁ ଆଜି ତ୍ୟାଗ କରିଛି ମୋ ମଣିଷପଣିଆକୁ,
ଚାପଗ୍ରସ୍ତ ଓ ଭୟଭୀତ ହୋଇ ମାରିଦେଇଛି
ନିଜେ ନିଜ ଅନ୍ତରର ବିବେକକୁ,
ଦେଶର ଭବିଷ୍ୟତ ମାନଙ୍କର ଭବିଷ୍ୟତକୁ
ଗଢ଼ି ତୋଳିବାର ଶପଥ ନେଇ
ଲୁଚକାଳି ଖେଳି ଚାଲିଛି ସେମାନଙ୍କ ଜୀବନ ସହିତ । (୮)

ହଁ, ମୁଁ ଶିକ୍ଷକ
ଆଜି ସୁଖକୁ ବି ତ୍ୟାଗିଛି, ଦୁଃଖକୁ ବି ତ୍ୟାଗିଛି,
ସ୍କୁଲ୍‌ର ଯାବତୀୟ ବୋଝକୁ ଘରକୁ ନେଇଆସି
ନଷ୍ଟ କରିଚାଲିଛି ଘରର ପରିବେଶକୁ,
ପାରିବାରିକ ସୁଖ ଠୁ ବହୁତ ଦୂରରେ ମୁଁ,
ସର୍ବସ୍ୱ ତ୍ୟାଗ କରିବାର ଦୁଃଖକୁ ବି
ତ୍ୟାଗ କରିଛି ମୁଁ । (୯)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଶିକ୍ଷକ

ହଁ, ମୋ ଜୀବନ, ତ୍ୟାଗର ଜୀବନ ।

ତ୍ୟାଗ କରିବାର ଆନନ୍ଦକୁ ମୁଁ ଉପଲବ୍ଧି କରୁଛି

ରାତ୍ରିର ନିର୍ଜନ ଅନ୍ଧାରୁଆ କୋଠରୀ ଭିତରେ,

ଆଖିର ଲୁହ ଶୁଖିଯାଇଛି, ସତ !

କିନ୍ତୁ ସମ୍ଭାଳି ପାରୁନି ମୋ ହୃଦୟର କୋହକୁ,

ହୃଦୟ ଫାଟି ପିଚ୍‌କାରୀ ମାରିଲା ଭଳି କୋହ

ବାହାରି ଆସୁଛି ମୋ ପ୍ରାଣ ଭିତରୁ

ଓ ସାବାସୀ ଉପରେ ସାବାସୀ ଦେଇଚାଲିଛି,

ମୋତେ ମୋ ତ୍ୟାଗ ପାଇଁ... (୧୦)

ରାଧାମୋହନ ପୂଜାହାରୀ

ବୀରମହାରାଜପୁର (ସୁବର୍ଣ୍ଣପୁର)

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭକ୍ତ ଓ ଭଗବାନ



ଦଣ୍ଡାସି ପ୍ରଧାନ

ସେ ଛିଣ୍ଡାଇ ପାରେ ସବୁ ସରହଦ ସୃଷ୍ଟିର,
ପଲକ ପଡିବା ଆଗରୁ ,
ମୋ ପାଇଁ ସବୁ ବେଳେ ।
ତା'ର ଆଶ୍ରିତ ପ୍ରାଣ ଭିତରେ ଫୁଟିଥିବା-
ଭକ୍ତି ଆନନ୍ଦ ଫୁଲକୁ ଟିକିଏ ସାମାନ୍ୟ ମାତ୍ର /
ଆଘାତ ଲାଗିଲେ, ତା' ସରଳିଆ ହୃଦୟଟି --
ପାଣି ପରି ତରଳି ଯାଏ  ନିମିଷକରେ  ।
ଭକ୍ତ ମନ ବେଦନାର ବହଳ ସାନ୍ଦ୍ରତାକୁ-
ସମର୍ପଣର ବସ୍ତୁତ୍ୱକୁ ;
ତା'ର ମୋର ସମ୍ପର୍କର ଗମ୍ଭୀର ଗଭୀରତାକୁ
ତା' ବ୍ୟତୀତ
ଅନ୍ୟ କେହି ପାରନ୍ତି ନାହିଁ ବୁଝି,
ବିସ୍ତାର ପରେ ବି  ।
ଅନନ୍ୟ ଭକ୍ତି ଅସମୟରେ ମଧ୍ୟ ,
ତା'କୁ ବିଭସ୍ର କରିପାରେ କ୍ଷଣିକରେ  !
ସେ ଅସରଳ ହେଲେହେଁ ,
କେମିତି ସରଳ ହୋଇଯାଏ ମୁଁ ବି ଜାଣିନାହିଁ  ।
ମୋ ପାଇଁ ସବୁ ଅଜାଡି ଦେବା/

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ଖୋଲା ହାତକୁ ଜାଣି ପାରି-
ମୁଁ କିଛି ମାଗି ପାରେନାହିଁ, ପାଟି ଖୋଲି ।
ଖାଲି ଜଳଜଳ ଅନେଇ ରହିଥାଏ ,
ଅପଲକ ନୟନରେ
ଆଖିରେ ଆଖିକୁ ମିଶାଇ ।
ମୋର ସବୁ ଗୁଣ ତା'ର ନିକପଟ ଭାବ ଓ ମନ
ନିକଟରେ ବାନ୍ଧି ହୋଇଯାଏ ।
ସେ ଓ ମୁଁ ଅଭିନ୍ନ, ବୋଧହୁଏ ସେ ଜାଣିପାରିଛି ।
ସେ ହାତ ପସାରି କେତେ କୋଳକୁ ଡାକେ
ପରନ୍ତୁ ମୁଁ ଭାବରେ ଭୁଲି ଯାଏ ନିଜକୁ -
ସେମିତି ସେ'ଠି ଠିଆ ରହିଥାଏ ଦୂରେଇ ।
କେବେ ବି ସେ ମୋତେ ବାଧ୍ୟ କରେନାହିଁ ;
ମୋର ଇଛାକୁ ଅସମ୍ମାନ କରି ।
କାରଣ ମୋର ଭକ୍ତ ହିଁ ମୋତେ ଚିହ୍ନାଏ ଜଗତରେ...;
ଜଗନ୍ନାଥ ବୋଲି !
ଏମିତରେ ହିଁ ଆମେ ଦୁହେଁ--
ଅନନ୍ତ ଖୁସିପାଇ ଚାଲିଛନ୍ତି ଯୁଗେଯୁଗେ ।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ : ୮୭୬୦୯୯୪୯୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମିଆଁ



ସୁନୀଲ କୁମାର ଅଗସ୍ତି

ସେ ଗୁଟେ ସମିଆଁ
କେନ୍ ପାସ୍ ଆର୍
କେନ୍ ଫେଲ୍
କେନ୍ ଭୁଖେ ଶୁଷେ ଆର୍
କେନ୍ ପେଟ୍ ପୁରତୁନ୍
ବାଁତି ଉଛାଲ୍,
କେନ୍ ଅଁନ୍ଧାରେ
କେନ୍ ଉଜାଲେ
କେନ୍ ଧାଙ୍ଗରୀ
କେନ୍ ଅବଗା ବୁଢ଼ୀ
କେନ୍ ଧଙ୍ଗରା
କେନ୍ ଅବଗା ବୁଢା
ସମିଆଁର୍ ଝରନ୍ ଆଏ କାଏଁ ଇଟା ?

ସେ ଗୁଟେ ସମିଆଁ
କେନ୍ ଠାନେ ଜନମ୍
ଆର୍ କେନ୍ ଠାନେ ମରନ୍,
ସମିଆଁ ବାଏ ବିଚ୍ଛୋ କାଏଁ ?
ତଲ୍ ଉପର୍ ଛାଏଁ ଛଏଁରା
ହରମିସା ବଦଲି ଯାଉଛେ ଯେ ?
ସମିଆଁ ନି' ବଦଲି ଗଲେ ତମେ ମତେ
କେନ୍ କିସମେ ଚିନ୍‌ହି ପାରବ ? ଆର୍
ମୁଁଇଁ ତମକେ କେନ୍ କିସମେ
ଚିନ୍‌ହି ପାରମି ଯେ ?

ଟିଟିଲାଗଡ, ବଲାଙ୍ଗୀର
ମୋ/୯୪୩୭୭ ୧୦୮୮୭

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କନ୍ତର୍



ବିଶ୍ୱନାଥ ଭୁଏ

ମଜ୍'ବୁରୀ ଥି ପଡ଼ିକରି ପଇସା ପତର୍ ଉଧାର୍ ଆନ୍'ବାର୍ କେ ପଡ଼୍'ସି । ଲୋକ୍ ତ ଶୋଚ୍ ଶୋଚ୍ ଆଉ ପଇସା ପତର୍ ଉଧାର୍ ନେ ଦିଅନ୍, କନ୍ତରିଆ ପଇସା ଦେସନ୍ । ଥରେ ମଦନ୍ ର ମାଁ ଟେ କେଥି'ନି ଗୁଲ୍'ଗୁଲା ହେଇକରି କାନ୍ଦି କାନ୍ଦି ଭାବୁଥିସି । କନ୍ତର୍ ବାର ହଜାର୍ ଟଁକା ହେଲାନ । ଉଧାର୍ ଆନିଥିଲା ଛ' ହଜାର୍ ଟଁକା । ଯେତେ ପଇସା ଦେଲେ ଭି କନ୍ତର୍ ନେ କମ୍ ହେବାର୍ । ଘାଏ ଅଧେ କହି ଦେଖ୍'ଲା ମୂଲ୍ ପଇସା ସାଂଗେ ଆଉ ଦୁଇ ହଜାର୍ ଦେଇ ପାର୍'ମି ବଲି । ହେଲେ ପଇସା ଦେଲା ଲୋକ୍ ହଁ ବଏଲେ ତ ? ବିଚ୍'ରି ନେ ଖାଇ କରି ଦିନ୍ ଭଏର୍ କାମ୍ କରି କରି କନ୍ତର୍ ଦେଉଛେ । ଛୁଆ ମାନେ ଭି ଭୁକେ ଇଆଡ୍ ସେଆଡ୍ ହେଇଯଉଛନ୍ । ଆଉ କେତେ ସହେବା ? ଭାବି ଭାବି କରି ମଦନ୍ ର ମାଁ ସବୁଦିନର୍ ଲାଗି ଶୁଇ ପଡ଼୍'ସି । ସତ୍ କହେବାର୍ କେ ଗଲେ ଯେନ୍ ମାନେ ଭି କନ୍ତର୍ ନେଉଛନ୍ ପହେଲା ଲୋକଙ୍କର୍ ଅବସ୍ଥା କେ ଦେଖିକରି ନେବାର୍ କଥା । ଗରିବ୍ ଲୁକର୍ ନୁ ମନ୍ ମାନି କନ୍ତର୍ ନେ ନେବାର୍ କଥା । ହଁ ବିପଦ୍ ସମିଆଁ କେ ସାହାଯ୍ୟ କର୍'ଲେ ଭଲ୍ । ହେଲେ ଯେତେତେ କନ୍ତର୍ ନେବାର୍ ଟା ଭଲ୍ ନୁହେ । ଏନ୍ତା କର୍'ଲେ ଇ ସମାଜ୍ ଥି ମନବିକତା ବଲି ଯେନ୍ ଟା ଅଛେ ସେଟା ଦିନୁ ଦିନ୍'କେ ଲୁକି ଯିବା ।

କେଶାଇପାଲି, ଭଟଲି, ଜିଲ୍ଲା - ବରଗଡ଼, ମୋ - ୯୬୬୮୮୭୮୫୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁରୁଖ୍



ସତ୍ୟ ନାରାୟଣ ମିଶ୍ର

"ବାପା ! ଦେଖ ଦେଖ ମୋର୍ ମାର୍କ ସିଟ୍ ଦେଖ, ମତେ ୯୦ ପରସେଣ୍ଟ ମାର୍କ ମିଲିଛେ, ଇସ୍କୁଲ ଥି ମୁଇ ସବସେ ଅଧିକା ମାର୍କ ରଖିଲି ବୋଲି ସାର୍ ମାନେ ବଡା ଉସତ୍ । ମିଠା ପୁଡ଼ିଆ ବି ଦେଲେ, ଖ ଗୁଟେ ଆଁ କର" । ଇଂତା କହିକରି ତାର ବା କେ ମିଠା ଟେ ଖୁଆଲା ବେଲେ ବୁଲୁ ର୍ ମା ଆସି କରି କହେଲା " ଦେଖୁଁ ତ, ଦେଖୁଁ ତ ତୋର ମାର୍କ ସିଟ ! !

ବୁଲୁ ଛିକିଲେଇ କରି କହେଲା "ତୁଇ କାଁହି ପଢି ଜାନୁବୁ ଗୋ, ମୁରୁଖ ଟେ ତୁଇ । ଯା ଯା ଇ ମିଠା ଗୁଟେ ନେ ଖା ଆରୁ ରାନ୍ଧି ଯା ନ" । ତାର ମା ହଁ ହଁ ବୋଲି ମିଠା ଟେ ଧରିକରି ଭାଗଲା ରନ୍ଧା ଘର୍କେ ।

ବୁଲୁକେ ଡାକି କରି ତାର ବା କହେଲେ "ବାବୁ, ତୋର ମା ମୁରୁଖ ବଏଲୁ ଠିକ୍ କଥା, ସେ ଇଂଲିଶ ହେଡେ ଭଲ କରି ନାଇଁ ପଢି ପାରେ, ହେଲେ, ସେ ମୁରୁଖ ବୋଲି ତ ମୋର୍ ବିହାର୍ ବଛରେ ଉତରୁ ମୋର୍ ମନା କରବା ପରେ ବି ତତେ ଜନମ୍ ଦେମି କହେଲା । କଷା ପିତା ସବୁ କେ ଅ କରସି, ହେଲେ ତତେ ଭଲସେ ଜନମ୍ ନେବୁ ବୋଲି କେତେ ଉସ ପତର୍ ଖାଇଛେ । ତୋର ଗୁହେ ମୁତେ ଲଟ ପଟ ହେଇ କରି ତତେ ସୁଖା କପଡା ଉଢେଇ କରି ସୁଇଛେ । ତୁଇ ଜରେ ତପେ ପଡିଗଲେ ରାତି ରାତି ଉସନିଦ୍ରା ରହିକରି ତତେ ଯତ୍ନ ନେଇଛେ । ତୁଇ ଜେନ୍ ଜେନ୍ ଖାନା କେ ଭଲ ପାଏସୁ ସବୁ ଯାକ ବନେଇ ବନେଇ ଖୁଏଇଛେ । ତୋର୍ ମଂଗଲ୍ ମାନସିକ୍ କରି କେତେ କେତେ ଉପାସ କରିଛେ । ସେ ମୁରୁଖ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ସିନା ଏତେ ସବୁ କାମ କରି ପାର୍ଲା, ନ ହେଲେ ....

"ଥାଉ ବା ଥାଉ ଗୋ, ଆରୁ କିଛି ନାଇଁ କହ ନ, ମୁଇ ବୁଝି ଗଲି ତମେ ଯାହା କହୁଛ" । ଇଂତା କହି କରି କାନ୍ଦ୍ କାନ୍ଦ୍ ମୁହେଁ ରନ୍ଧା ଘର୍କେ ରପଟି ଗଲା, ବୁଲୁ । ତାର ମାର୍ ସାମନେ ହାତ୍ ଜୁରି କରି କହେଲା "ମା ଗୋ ! ତୁଇ ମତେ ମାଫ୍ କରିଦେ । ମୁଇ ତତେ ମୁରୁଖ ବୋଲି ଅପମାନ୍ କରିଦେଲି ଗୋ । ବୁଲୁର୍ ମା ବୁଲୁକେ ଅଙ୍ଗା କରି ଧରଲା ଆରୁ କହେଲା "ତୁଇ ମତେ କେତେବେଲେ କାଁ ବଏଲୁ ?

ମୁଇ ତୋର କଥା କେ ନାଇଁ ଖିଜି ବେଟା । ତୋର ୯୦ ପରସେଣ୍ଟ ମାର୍କ କଥା ସୁନି କରି ମୁଇ ତ ବଡା ଉସତ୍ । ହେଦେ ତୋର ଲାଗି ଖିରି ବନାଲି ନ । ବସ୍, ଖାଇନେ ବେଟା ନେ" । ବୁଲୁ ର୍ ବା ଭାବୁଥେ ଧଏଁ ନ୍ ଗୋ ଘରମନୀ ସର୍ବ୍ ସହନୀ । ଧଏନ୍ ତୋର ମମତା କେ ।

ସତ୍ୟନାରାୟଣ ମିଶ୍ର ସିଂଧେକେଲା ବଲାଙ୍ଗୀର


ମୋ : ୯୪୮୩୬୦୪୯୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦିର୍ଣ୍ଣ ବ୍ୟବସ୍ଥା



ଆୟୁଷ ବଢ଼ାଇ

କଳିଯୁଗର, ଆଷାଢ ଦିନର ଅକାଳ ବର୍ଷା ଦିନ: ରବିବାର ଦିନେ ବେଳବୁଡ଼ା ସମୀଆ ଥି ୬ କି ସାଢ଼େ ୬ ସମିୟା ହେଇଥିବା କେନ..., ଟିକେ ଟିକେ ଅନ୍ଧାରେ ବାଏଠା ର ଉଜାଳା ଥି ବିକାଶ ଆଉ ଚିନ୍ମୟ ପୁରା ରାଜନୀତି ଚର୍ଚ୍ଚା ଜୋରସୋରରେ କରୁଥିଲେ । ଦେଖୁନ ଦେଖୁନ କଳା କଳା ମେଘ୍ ପିଟି ହେଇକରି ଝିପ୍ ଝିପ୍ ବର୍ଷା ହେବାର କେ ଲାଗିଲା । ଆଉ କାଣା..... ଦୁହି କକା ପୁତୁରା ପିଆଜ ସର ସର୍ ପକଡି ଆଉ ତାର ସାଙ୍ଗେ ଗରମ ଗରମ ଚାହା କପେ କପେ, ମୁଢ଼ି ସଙ୍ଗେ: କୁକୁଡ଼ା ମାଂସ ଖାଏଲା ଲେଖେ ପକଡି କେ ଘିଚି ଘିଚି ଖାଉ ଥିଲେ, ଆଉ ନିଜର ଘର ଚଉଖୁଟ ରାଜନୀତି କଥା ନୁ ଧରି କରି ଆମେରିକା ର ବାଇଡେନ୍ କଣା କରୁଛେ ସେ ତକର ଚର୍ଚ୍ଚା କରୁଥିଲେ ।

କେ ଗୁଟେ ସତ୍ କହିଥିଲା ଯେ : ଯାହାର କିଛି କାମଧାମ ନାଇ ଥିସି ସେ ସଂସାର ଜାକିର ଖାଲି ରାଜନୀତି କଥା ଲାଗୁ ଥିଶି ଯାହାର କି କିଛି ମୂଲ୍ୟ ନାଇ ଥିସୀ । କିନ୍ତୁ ଇଟା ବି ସତ ଆଏ ଯେ, ଯେନ୍ କଥା ମାନେ ଚର୍ଚ୍ଚା ହେସି, ସେ ସବୁ ସତ୍ ନାଇ ହେଲେ ଭି କେତେଟା ଟପିକ ପୁରାପୁରି ଯୁକ୍ତିଯୁକ୍ତ ଆଏ ।

ଚିନ୍ମୟ ବୟସଥି ବିକାଶ ନୁ ବଡ ଆଏ । ପହିଲା କଥା ଚିନ୍ମୟ ଆରମ୍ଭ କଲା ତାର ପଛେ ପଛେ.... ବିକାଶ ଆଉ ଚିନ୍ମୟ ପୁରା ରାଜନୀତି ଭିତରେ ଢୁକି ଗଲେ ଆଉ ତାଙ୍କରି ରାଜନୀତି ଚର୍ଚ୍ଚାକରି ବସିଲେ । ବର୍ଷା ବି ଟିକେ ଜୋର୍ ଜୋର୍ ନେ ହେଲା । ଟିକେ ସମୀୟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲାପରେ, ହଠାତ୍ ଶହେ ସ୍ପିଡ୍ ଥି ଦଉଡ଼ି ଦଉଡ଼ି ଅଚିହ୍ନା ଲୋକଟେ ଆସିଲା, ପୁରା ବର୍ଷାନେ ଭିଜି ଯାଇଥିଲା । ବାରଣ୍ଡା ନିକେ ଆସିକରି ରୁମାଲେ ମୁହୁ ପୁଛି ହେଲା ଆଉ ଦୁହିଁଲୁକର ଆଡ଼େ ଦେଖିଲା ଆଉ କିଛି ନାଇ କହିଲା । ଗରମ ଗରମ ଚାହା ଆଉ ପକଡି ମଜାନେ ମସଗୁଲ ବିକାଶ ଆଉ ଚିନ୍ମୟ ପୁରା ନିଜର କଥାଥି ମାତି ଯାଇଥିଲେ, ସେଦୁହେଁ ଲୋକଟେ ଆସିଲା ବଲିବି ନାଇ ଜାନିପାରଲେ । ଘାଏ ଦୁହିଙ୍କର କଥାବାର୍ତ୍ତାକେ ଶୁଣିକରି ଆଉ ସମ୍ମିତ (ଅଚିହ୍ନା ଲୋକ) ରହି ନାଇ ପାରଲା ଆଉ ଚଳଲା ଗାଡ଼ିନେ ଚଢ଼ିଗଲା ଆଉ ସମ୍ମିତବି ସେମାନଙ୍କର ସାଙ୍ଗେ ରାଜନୀତି କଥା ଲାଗବସିଲା ।

ବିକାଶଟା ଟିକେ ପଢ଼ାଲେଖା ଲୋକ ତ ହେଥିର୍ ଲାଗି ଟିକେ ତାର କଥାକେ ଚିନ୍ମୟ ଟିକେ ବିଶ୍ୱାସ କରିନେସି ।

କାଲିର ଖବର କାଗଜ ପଢ଼ିଲୁ କିନି କକା, ପଧାନର ମଝିଆ ପିଲା ବିଷ ପିଇ ଦେଇଛେ, ସରକାର ପରେ ଫେର ଘାଏ ପଧାନର ମଝିଆ ପିଲାକେ ଚାକିରି ନି ଦେଲା; ଅଭିଷେକ (ପଧାନର ମଝିଆ ପିଲା) ଛୁଆ ଦିନୁ ପୁରା ହୀରା ଲେଖେ ଚମକୁ ଥିଲା । ପିଲାଟା ଏତେ ପଢୁଥିଲା ଯେ ନି କହି ହଏ । ସବୁ କ୍ଲାସଥି ଫାଷ୍ଟ ହେଉଥିଲା । କଲେଜ ନେ ବି ଟପ୍ କରିଥିଲା ଆଉ ସ୍କୋଲାର୍ଶିପ ପାଇକରି ଆଗକେ ପଢୁଥିଲା । ଭଲ ପଢୁଚେ ଛୁଆଟା ବଲି ପଧାନ.... ଅଭିଷେକର ଆଡ଼ମିଶନ ଗୁଟେ ଭଲ ବିଶ୍ୱବିଦ୍ୟାଳୟ ନେ କରିଦେଲା । ଇନୁବି ପୁରା ଫାଷ୍ଟ କ୍ଲାସ ମାର୍କ ରଖିକରି ପାସ କଲା ଆଉ ସରକାରୀ ମାଷ୍ଟର ହେବାର ଇଚ୍ଛା ନେଇକରି ପଢିଲା । କିନ୍ତୁ ଯେତେ ବେଳେ ତାହକେ ଚାକିରିଟେ ମିଳିବାର ଦିନ ଆଇଲା.... ସେଟା ମିଳି ନାଇପାରିଲା । ହେଲେ ଶେଷ କେ କିଛି ବୁଝିସୁଝି ନେଇ ପାରିଲା ଆଉ ବିଷ ପିଇ ଆତ୍ମହତ୍ୟା କାରବାର ଲେଖେ କାମ କରିଲା । ଆଉ କଣା ହେଲେ କରିଥିତା ପୁଆନ ପିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟା, ମା ବୁଆ ର ପଇସା ଥି ତ ସବୁ ଦିନ ଚଲି ନେଇ ହୁଏ । କେଭେ ନା କେବେତ ନିଜର ଗୁଡେ ଠିଆ ହେବାର କେ ପଡ଼ିବା ।

ଇ ଘଟଣା ନେ କାହାର ଦୋଷ ଅଛେ ଯେ ତ.... କେ ଜାଣେ କକା, ସରକାର ଜେନ ସବୁନେ ଆରକ୍ଷଣ ରଖି ଦେଇଛେ ତାହାର ଲାଗି ଉଚିତ୍ ମୁନୁଷ୍ କେ ସେ ସବୁନି ମିଳିବାର । ଯେତେ ପାଠ ପଢ଼ିଥିଲେ ବି ଉଚିତ୍ କ୍ୟାଣ୍ଡିଡେଟ୍ ମାନକେ ସରକାରୀ ଚାକିରି ନି ମିଳିକରି କମ ପଢାଲେଖା କରିଥିବାର ମାନକୁ ମିଳିଯାଏସି । ମୁଇ ଏନୁ ଇଟା ନି କହେବର୍ ଯେ ଯେନ ମାନେ ସରକାରୀ ସୁବିଧାନୁ ଆଜି ତକ୍ ବଞ୍ଚିତ ଅଛନ ତାହାକୁ ଟିକେ ସାହାଯ୍ୟ କାରବାର ଲାଗି କିନ୍ତଇ ଆରକ୍ଷଣ ଲାଗି ବାକି ମାନଙ୍କୁ କାହିଁ ଅନଦେଖା କରା ଯାଉଚେ ? ଯଦି ସମକୁ ସମାନ ଭାବରେ ଅଧିକାର ଦେଇଛେ ସମ୍ବିଧାନ, ତ କାହିଁଲାଜେ ସମସ୍ତଙ୍କୁ ସମାନ ଭାବରେ ଚାକିରି ନୀ ଦେବାର ସରକାର ?

ମଝି ମଝି ନେ ଚିନ୍ମୟ ଆଉ ସମ୍ବିତ ହଁ ହଁ ମାରୁଥିଲେ ।......

ଜାଣିଛୁ କକା, ଆମ୍ବେଦକର୍ ସିନା ନିଜର ଜାତିର ଉନ୍ନତି ପାଇଁ ଦଶ ବର୍ଷ ଲାଗି ସଂରକ୍ଷଣ ଆଇନ୍ କରେଇଥିଲେ । ଆଉ ଆମ୍ବେଦକର ଆଜ୍ଞା କହିଥିଲେ ଯେ ଯେବେବି ସମ୍ବିଧାନର ସବୁ ଠାନୁ ବଡ ପୋଷ୍ଟ ନେ ଗୋଟେ ଜନଜାତିଟେ ବସିବା ସେତେ ବେଳକେ ସଭେ ସମାନ ହେଇଯିବେ କିନ୍ତୁ, ହେଲେ ସବୁ ସରକାର ସେ' ନିୟମର ତ' ଖାଲି ରିନୁଏଲ୍ କରି କରି ନିଜର ଭୋଟ ବାକ୍ସ ଭର୍ତ୍ତି କରି କରି ନେତା ମନ୍ତ୍ରୀ ହେଉଛନ୍ ଆଉ ଆମକୁ ଭକୁଆ ବନାଉଛନ୍ ।

ଦୋଷ ହେଲେ କହାକେ ଦେବୁ କକା.........ଯେତେ ପଢିଲେ ବି, କି ଆଇ.ଏ.ସ୍ ହେଲେ ବି ନେତା ମାନଙ୍କର ପଛେ ପଛେ ନାଚିବାର୍ କେ ପଡବା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାର ଟିକେ ଭାବିବାର କଥା ଏତାର ବିଷୟରେ, ହେଲେ ସରକାରର ହେଲେ କାଣା ପଡ଼ିଛେ ତାର ତ..... ଲୋକ ମାନକୁ ଭକୁଆ ବନାବର୍ ନୁ ଉତ୍ସ୍ତାର ନେଇ ନ । ସବୁଥି ରାଜନୀତି ସେଟା ଫେର ମହପୁରୁ କେ କେନ୍ ପୁଝାରୀ କାରବାର ନୁ ଧରିକରି ମୁନୁଷ ମରି କରି ତାର ବାରପତର ସର୍ବାର ତକ୍ ।

ଅଭିଷେକ କେ ବୁର୍ଲା ହସ୍ପିଟାଲ ନେ ଭର୍ତି କରିଥିଲେ ଆଛେନ୍ ପରେ ଟିକେ ଟିକେ ଭଲ ପରିସ୍ଥିତି କେ ଆଇଲା ନ । ଡାକ୍ତର ଆଜ୍ଞା ଦୁଇ-ତିନ ଦିନ ପରେ ଡିଶ୍ଚାର୍ଜ୍ କରିଦେବେ କହୁଥିଲେ । ଏଣ୍ଟା ଘଟଣା କେ ଦେଖିକରି ଆଗାମୀ ପିଢ଼ିର ଛୁଆ ମାନେ କଣା ଶିଖିବେରେ ଭଗବାନ ! ......

ସବୁ ଦିଗକେ ବିଚାର କଲେ କିନି କକା ..... ଇଥି ଆମର ଦୋଷ ଅଛେ, ଯେତେ ବେଳେ ଗୁଟେ ଭଲ ନେତା କେ ବାଛିବାର ସମୀୟ୍ ଆଇସି ପାଞ୍ଚ ବଚର୍ କେ ଥରେ ସେତେ ବେଳେ ଆମେ କେନସି ପ୍ରଲୋଭନର ଶିକାର ହୋଇ କରି ଗଣତନ୍ତ୍ରକେ ବିଦୀନ କାରବାର ଲାଗି କୌଣସି କାମ କାରବାର ଟା ଆମର ଭବିଷ୍ୟ ଗଣତନ୍ତ୍ର ଲାଗି ବିପଦ ଆଏ । ଅଲଗା ଅଲଗା ସ୍ରୋତ ର ଜଣା ପଡସି ଯେ ଇନ୍ତା ଇଏନ୍ତା ବି ହେଉଛି ଯେ, କେତେଟେ ମାନେ ପାଞ୍ଚଶହ ଟଙ୍ଗା ଆଉ କୁକୁଡ଼ା ମାଂସ ଟିକେ ପଛେ ଯାଇକରି ଯାହାତାହା ଲେଖେ ରାଜନୀତିଆ ଲୋକ ମାନଙ୍କୁ ଭୋଟ ଦେଇ ଦେଶନ ଆଉ ଆଏବା ପାଞ୍ଚ ବରଷ ତକ୍ ବେଡ଼ା ବନୁ ଥିସନ୍ । ଯେତେ ବେଳେ ସେହି ନିରୀହ ଲୁକର କାମ ଟେ ପଡସି କେତେ ଗୋଡ ଧରା ଲାଗସି ନେତା ମାଙ୍କର । ହେଥିର ଲାଗି କେ ଗୋଟେ କହିଥିଲା ଯେ "ନେତା....... ସିର୍ଫେ ନେତା, କୁଛ ନେହି ଦେତା" । ଲୋକମାନଙ୍କୁ ହିଁ ସଚେତନ ହେବାର କେ ପଡ଼ିବା ଆଉ ନିଜେ ଶିକ୍ଷିତ ହେଇକରି ଅନ୍ୟ ମାନକେ ସଚେତନ କାରବାରକେ ପଡ଼ିବା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭରଦର୍ ରାଜନୀତି ଚର୍ଚ୍ଚା କରୁଥିବାର ସାମୀୟା ନେ ବିକାଶ ର କାକି ଡାକିଲେ ଖାଏବ

ଆସ ..... ଯହ ରାଏତ ହେଲା ନ..........

ସ୍ନାତକ ୨ୟ ବର୍ଷ ( ବାଣିଜ୍ୟ ବିଭାଗ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଅମୃତ ବିହାର

ମେଲ୍- ayushbadhai191@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାର୍ତ୍ତିକ ମହାତ୍ମ୍ୟ



ସାଇପ୍ରସାଦ ସାହୁ

ଓଡିଶାର ପର୍ବପର୍ବାଣୀ ସମ୍ବନ୍ଧରେ କୁହାଯାଇଥାଏ, “ବାର ମାସରେ ତେର ପର୍ବ” । ଅର୍ଥାତ୍ ବର୍ଷକର ବିଭିନ୍ନ ସମୟରେ ଓଡିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡିଶାର ସଂପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସମ୍ପନ୍ନ ଓ ମହତ୍ୱପୂର୍ଣ୍ଣ । ହିନ୍ଦୁ ଶାସ୍ତ୍ରମତ ଅନୁସାରେ କାର୍ତ୍ତିକ ମାସକୁ ବାର ମାସ ଭିତରେ ଶ୍ରେଷ୍ଠ ଧର୍ମ ମାସ ଭାବେ ବିବେଚନା କରାଯାଏ । କାର୍ତ୍ତିକ ମାସକୁ ମହା କାର୍ତ୍ତିକ ମାସ ବୋଲି ମଧ୍ୟ କୁହାଯାଏ । କାର୍ତ୍ତିକ ଏକ ପବିତ୍ର ମାସ । ଏହି ମାସରେ କେତେକ ପର୍ବ; ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନଦା ତ୍ରୟୋଦଶୀ ବା ଧନ୍ ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ କାଳୀ ପୂଜା, ଗିରିଗୋବର୍ଦ୍ଧନ ପୂଜା, ଭ୍ରାତୃ ଦ୍ୱିତୀୟା, ନାଗ ଚତୁର୍ଥୀ, ଅଁଳା ନବମୀ, ରାସ ପର୍ବ, ମହାଦେବଙ୍କର ପ୍ରଧାନ ପର୍ବ ବଡ଼ ଓଷା ଏବଂ କାର୍ତ୍ତିକେୟଙ୍କ ପୂଜା ପଡୁଥିବାରୁ ଏହି ମାସଟିକୁ ସମସ୍ତେ ଧର୍ମ ମାସ କହିଥାନ୍ତି । ବର୍ଷର ବାର ମାସ ମଧ୍ୟରୁ ଯେଉଁ ଚାରିଟି ପବିତ୍ର ମାସ ଭାବେ ପ୍ରସିଦ୍ଧ; ସେଥି ମଧ୍ୟରୁ କାର୍ତ୍ତିକ ଅନ୍ୟତମ । ଏହି ଚାରିମାସ ହେଉଛି, ଆ-କା-ମା-ବୈ; ଅର୍ଥାତ୍ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ । ବର୍ଷର ଏହି ଚାରି ମାସ ପୁଣ୍ୟ ଅର୍ଜନ ଓ ପୁଣ୍ୟ ସଂଚୟ ପାଇଁ ପ୍ରକୃଷ୍ଟ । କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜ୍ୟର ଏକ ପ୍ରମୁଖ ପର୍ବ । କୁମାର ପୂର୍ଣ୍ଣିମୀର ପରଦିନ ଠାରୁ କାର୍ତ୍ତିକ ଆରମ୍ଭ ହୋଇଥାଏ । ଏହି ମାସରେ ଆବାଳବୃଦ୍ଧବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବ ଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । କାର୍ତ୍ତିକ ଅମାବାସ୍ୟାକୁ ଦୀପାବଳି ଅମାବାସ୍ୟା ବୋଲି କୁହାଯାଏ । ସେହିଦିନ ଘରକୁ ଆଲୋକ ମାଳାରେ ଓ ଦୀପର ଆଲୋକରେ ସଜେଇ ମହାଶକ୍ତିଙ୍କର ପୂଜା ଆରାଧନା ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । କେବଳ ସେତିକି ନୁହେଁ, କାଉଁରିଆ କାଠିରେ ନିଆଁ ଲଗାଯାଇ ବଡବଡୁଆଙ୍କୁ ଡାକନ୍ତି ଓ ଶ୍ରାଦ୍ଧ ମଧ୍ୟ କରନ୍ତି ।

ଓଡ଼ିଆ ପଦ୍ମପୁରାଣରେ କାର୍ତ୍ତିକ ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା ହୋଇଥିବା ବେଳେ ସ୍କନ୍ଦ ପୁରାଣରେ ଉଲ୍ଲେଖିତ କାର୍ତ୍ତିକ ମାହାତ୍ମ୍ୟ ପ୍ରସଙ୍ଗରେ ଅବତାରଣାର ଆବଶ୍ୟକ ମନେ ହୁଏ । ବ୍ରହ୍ମା ନାରଦଙ୍କୁ କହିଛନ୍ତି; ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତା ମାନଙ୍କ ମଧ୍ୟରେ ବିଷ୍ଣୁ, ତୀର୍ଥମାନଙ୍କ ମଧ୍ୟରେ ଗଙ୍ଗା, ଯୁଗ ମାନଙ୍କ ମଧ୍ୟରେ ସତ୍ୟଯୁଗ, ଶାସ୍ତ୍ର ମାନଙ୍କ ମଧ୍ୟରେ ବେଦ, ଦାନମାନଙ୍କ ମଧ୍ୟରେ ଅନ୍ନଦାନ ଏବଂ ସୁଖ ମାନଙ୍କ ମଧ୍ୟରେ ପତ୍ନୀସୁଖ ଶ୍ରେଷ୍ଠ ଅଟେ । କିନ୍ତୁ ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ମାସ ମାନଙ୍କ ମଧ୍ୟରେ ମାର୍ଗଶୀର ମାସକୁ ଶ୍ରେଷ୍ଠ ବୋଲି କହିଛନ୍ତି । ଯାହା ହେଉନା କାହିଁକି କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ସଦା ପ୍ରିୟ । କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଯେଉଁ ପୁଣ୍ୟ କାର୍ଯ୍ୟ କରାଯାଇଥାଏ, ତାହାର କୌଣସି କ୍ଷୟ ନାହିଁ । ଏହି ମାସରେ ଦେବତାମାନେ ମନୁଷ୍ୟଙ୍କର ନିକଟତର ହୁଅନ୍ତି । ତେଣୁ ଏହି ମାସରେ ବ୍ରତ, ଦାନ, ସ୍ନାନ ଇତ୍ୟାଦି ଦ୍ୱାରା ବିଷ୍ଣୁଙ୍କର ଆରାଧନା ଫଳଦାୟକ ଅଟେ । ଅନ୍ୟ ଦୃଷ୍ଟିକୋଣରୁ ମଧ୍ୟ ଦେଖିବାକୁ ଗଲେ କାର୍ତ୍ତିକ ମାସର ଅନେକ କିଛି ଗୁରୁତ୍ୱ ଅଛି । ଏହି ମାସରେ ବିଶେଷତଃ ଶ୍ରୀରାଧା ଓ ଶ୍ରୀଦାମୋଦରଙ୍କର ପୂଜା ଓ ଉପାସନା କରିବାର ବିଧେୟ ରହିଛି । ତୁଳସୀ ଅଥବା ଅଁଳା ବୃକ୍ଷ ତଳେ ସୂର୍ଯ୍ୟମଣ୍ଡଳକୁ ଦୃଷ୍ଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ସୂର୍ଯ୍ୟରୂପୀ ନାରାୟଣଙ୍କୁ ପୂଜା କରିବା ଉଚିତ । କୁହାଯାଏ ସମସ୍ତ ଦେବାଦେବୀ ଅପ୍ରତ୍ୟକ୍ଷ, କିନ୍ତୁ ଭଗବାନ ସୂର୍ଯ୍ୟ କାଳର କାଳ ଅଟନ୍ତି । ପିପ୍ପଳ ବା ଅଶ୍ୱତ୍ ବୃକ୍ଷ ଭଗବାନ ବିଷ୍ଣୁଙ୍କର, ବଟ ବୃକ୍ଷ ଶଙ୍କରଙ୍କ ଏବଂ ପଳାସ ବୃକ୍ଷ ବ୍ରହ୍ମାଙ୍କର ସ୍ୱରୂପ ଥିବାରୁ ପୂଜ୍ୟ ଅଟନ୍ତି । କାର୍ତ୍ତିକ ଶୁକ୍ଳ ନବମୀ ଦିନ ଅଁଳା ନବମୀ ନାମରେ ପରିଚିତ । ବୃକ୍ଷ ପୂଜା ଭାରତରେ ଦ୍ରାବିଡ଼ ସଭ୍ୟତାରୁ ଆରମ୍ଭ ହୋଇଛି । ଆଧୁନିକ ଯୁଗରେ ମଧ୍ୟ ଦୁବ, ବରକୋଳି ପତ୍ର ଠାରୁ ଆରମ୍ଭ କରି ଦ୍ରୁମ ପର୍ଯ୍ୟନ୍ତ ପୂଜା କରାଯାଉଛି । ଦୂବ, ବରକୋଳି ପତ୍ର, କାଚନ, ତୁଳସୀ, ଦୟଣା, ନିମ୍ବ, ଅଁଳା, ବର , ଅଶ୍ୱତ୍ଥ, ବାଉଁଶ, ଆମ୍ବ, କଦଳୀ ଗଛ ଏହି ସବୁ ଆମର ପୂଜା ପାର୍ବଣରେ ଲାଗିଥାଏ । ଏହି ଦିନ ଅଁଳା ବୃକ୍ଷର ପୂଜା ଓ ଉପାସନା କରାଯାଏ । ବିଷ୍ଣୁଙ୍କର ମନ୍ଦିରରେ ରାଧାପାଦ ମଧ୍ୟ ଦର୍ଶନ ହୁଏ । କାର୍ତ୍ତିକ ମାସରେ ଜୀବ ହିଂସା, ମଦ୍ୟପାନ, ଅଗମ୍ୟାଗମନ, ଚୋରି ଓ ବିଶ୍ୱାସଘାତ ଏହି ପାଞ୍ଚଟି ନର୍କର ଦ୍ୱାର ହୋଇଥିବାରୁ ଏହାକୁ ତ୍ୟାଗ କରିବା ବାଞ୍ଛନୀୟ ।

ଗାଁ ଗଣ୍ଡାରେ ପ୍ରାୟ ସମସ୍ତ ମନ୍ଦିରରେ ଉଭୟ କାର୍ତ୍ତିକ ମାହାତ୍ମ୍ୟ ପଢୁଥିବା ଲୋକ ଓ ଶୁଣୁଥିବା ବ୍ୟକ୍ତି ମନ୍ଦିରରେ ଅରୁଆ ଅନ୍ନ ସେବନ କରନ୍ତି । ବିଧବାମାନେ ଏଇ ମାସରେ ରାଧାଦାମୋଦର ଉପାସନା ଓ ବ୍ରତ କରିଥାନ୍ତି । ବିଶେଷ କରି ପୁରୀରେ ହବିଷ କରିବା ପାଇଁ ଭିଡ ହୋଇଥାଏ । ଯେଉଁ ବିଧବା ସ୍ତ୍ରୀ ଲୋକ ପୁରୀ ଆସିପାରନ୍ତି ନାହିଁ, ସେମାନେ ଘରେ ରହି ହବିଷ୍ୟ ରାନ୍ଧି ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି । ହବିଷ୍ୟାନ୍ନ ଠାକୁରଙ୍କ ଠାରେ ସମର୍ପଣ କଲା ପରେ ନିଜେ ଏହାକୁ ସେବନ କରନ୍ତି । ହବିଷ୍ୟ ବ୍ରତ ପାଳନ କରୁଥିବା ବିଧବାମାନଙ୍କୁ ହବିଷ୍ୟାଳି କୁହାଯାଏ । ସେମାନେ ପ୍ରାତଃ ସ୍ନାନ କରି ଦେବଦର୍ଶନ କରନ୍ତି, ଦୀପ ଦାନ କରନ୍ତି ଓ ରାଧାଙ୍କୁ ସ୍ମରଣ କରିଥାନ୍ତି । କାର୍ତ୍ତିକ ମାହାତ୍ମ୍ୟ ମଧ୍ୟ ପଢ଼ନ୍ତି । କାର୍ତ୍ତିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣିମା ଦିନ ନଦୀ, ସମୁଦ୍ର କିମ୍ବା ଜଳାଶୟରେ ଡଙ୍ଗା ଭସାନ୍ତି । ପୁରୀରେ ଥିବା ହବିଷ୍ୟାଳିମାନେ ପୂର୍ଣ୍ଣିମା ପରଦିନ ଭୋଗ ତୁଳସୀ ଆଦି ଧରି ଘରକୁ ଫେରିଆସନ୍ତି । ଏହି କାର୍ତ୍ତିକ ମାସରେ ମହାଦେବଙ୍କର ବଡ଼ ଓଷା ବ୍ରତ ହୋଇଥାଏ । ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ମାନଙ୍କରେ କାର୍ତ୍ତିକ ପୂର୍ଣ୍ଣିମୀର ମଜା ନିଆରା । କେହି କେହି ପାଞ୍ଚ ଦିନ କିମ୍ବା ମାସ ସାରା ଚଉଁରାରେ ପଞ୍ଚମୁରୁଜ ହାତରେ ପ୍ରସ୍ତୁତ କରି ବିଭିନ୍ନ କୋଠି କରନ୍ତି । ମାସ ଆରମ୍ଭରୁ ଚଉଁରା ପାଖରେ ଆକାଶ ଦୀପ ଜଳାଯାଏ । ବାଉଁଶର ଶୀର୍ଷରେ ହାଣ୍ଡି ଭିତରେ ଦୀପ ଜାଳୁଥାଏ । ଏ ଦୃଶ୍ୟ ଖୁବ୍ ମନୋରମ । ପୂର୍ଣ୍ଣିମୀ ଦିନ ରାତିର ଶେଷ ପ୍ରହରରେ ସମସ୍ତେ ନିକଟବର୍ତ୍ତୀ ନଦୀ, ସମୁଦ୍ର, ଜଳାଶୟ, ପୋଖରୀ ମାନଙ୍କରେ କଦଳୀ ପଟୁଆ, ସୋଲର ସୁସଜ୍ଜିତ ଡଙ୍ଗାମାନ ଭସାଇଥାନ୍ତି ।

ଡଙ୍ଗାରେ ପାନ, ଗୁଆ, ଦୀପ ଜଳାଇ ପିତୃପୁରୁଷଙ୍କୁ ବନ୍ଦାପନା କରି ଡଙ୍ଗାଟିକୁ ଭସାଇ ଦିଅନ୍ତି । ଗାଁ ମାନଙ୍କରେ ଏଇ ପର୍ବଟି ଖୁବ୍ ଆନନ୍ଦ ଓ ଉଲ୍ଲାସ ଦେଇଥାଏ । ପାହାନ୍ତିଆ ପ୍ରହରରେ ଗାଁ ଦାଣ୍ଡ ଶଙ୍ଖ , ହୁଳହୁଳି ନାଦରେ କମ୍ପିଉଠେ ।

"ଆ-କା-ମା-ବୈ, ପାନ ଗୁଆ ଥୋଇ ।

ପାନ ଗୁଆ ତୋର, ମାସକ ଧରମ ମୋର ।"

ଡଙ୍ଗା ଭସା ପର୍ବ ଭାରତର ବିଭିନ୍ନ ସ୍ଥାନରେ ପାଳନ କରାଯାଏ । ପିଲାମାନେ ଏହି ଦିନ କାଗଜ କିମ୍ବା କଦଳୀ ବାହୁଙ୍ଗାରେ ଡଙ୍ଗା ତିଆରି କରି ପାଣିରେ ଭସାନ୍ତି । ମନ ଆନନ୍ଦରେ ଗୀତ ଗାନ କରନ୍ତି; "ଯା ଯା ରେ ଭାସି କାଗଜ ଡଙ୍ଗାଟି ଭାସି ଯା" । କାଗଜ ଡଙ୍ଗା ଭାସେ, ପବନରେ ପାଣି ଭିତରେ କିଛି ସମୟ ଘୁରିବୁଲେ ଓ ତା'ପରେ ଧୀରେ ଧୀରେ ପାଣିରେ ବୁଡିଯାଏ । ଗଡିଆ ଓ ପୋଖରୀମାନଙ୍କରେ ମଧ୍ୟ ବୋଇତ ଭସାଣି ହୁଏ । ଏହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମର ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ଜୀବିତ ରଖେ । ଉତ୍କଳ ଅର୍ଥାତ୍ ଉତ୍କୃଷ୍ଟ କଳା, ସଂସ୍କୃତି ଓ ସମ୍ପନ୍ନତାର ଭୂମି । ସମଗ୍ର ବିଶ୍ୱରେ ଏହି ଭୂମି ଥିଲା ଖୁବ୍ ସମ୍ପନ୍ନ । ଓଡ଼ିଆ ସାଧବପୁଅମାନେ ଏହି ଭୂମିକୁ ଆପଣାର ପରିଶ୍ରମ ଓ ସାଧନା ବଳରେ କରିଥିଲେ ସମୃଦ୍ଧ । ସେଥିପାଇଁ କାର୍ତ୍ତିକମାସ ଓଡ଼ିଆଙ୍କ ପାଇଁ ମହାନ ଓ ମହାତ୍ମ୍ୟ ବହନ କରିଥାଏ । କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଆମର ଐତିହ୍ୟ ବିଷୟରେ ମନେ ପକାଇଦିଏ ।

ଏତତ୍ ବ୍ୟତୀତ ସମୁଦ୍ରକୂଳ ଏବଂ ପ୍ରାଚୀନ ବନ୍ଦରମାନଙ୍କରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ଓଡ଼ିଶାର ସାଧବମାନେ ଏହି କାର୍ତ୍ତିକ ପୂର୍ଣ୍ଣିମୀ ତିଥିରେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦୀପପୁଞ୍ଜକୁ ବୋଇତ ନେଇ ଯାତ୍ରା କରୁଥିଲେ । ସାଧବମାନେ ଏହି ନୈବାଣିଜ୍ୟ କରି ଦେଶ ବିଦେଶରେ ଓଡ଼ିଶାର ଖ୍ୟାତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ କିଛି ପଦାର୍ଥ ସହିତ ଅର୍ଥ ଉପାର୍ଜନ କରୁଥିଲେ । ତେଣୁ ତାଙ୍କର ପୂର୍ବ ପୁରୁଷଙ୍କ ସ୍ମୃତି ରକ୍ଷା କରିବା ପାଇଁ ଓଡ଼ିଆମାନେ ବୋଇତ ବନ୍ଦାଣ ପର୍ବ ପାଳି ଆସୁଛନ୍ତି । ଓଡ଼ିଶାର ପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କାର୍ତ୍ତିକେୟଙ୍କର ମୂର୍ତ୍ତି ମେଢ଼ କରି ମହାଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଆଧୁନିକ ଯୁଗରେ ଆଜିର ପିଲାମାନେ ଆମ ରୀତି, ନୀତି, ସଂସ୍କୃତି ଓ ପରମ୍ପରାକୁ ମାନିବାକୁ ଏତେ ପସନ୍ଦ କରୁନାହାନ୍ତି । ତେଣୁ ଧିରେ ଧିରେ ଏହା କାଳଗର୍ଭରେ ଲୀନ ହୋଇଯିବ । କାରଣ ଗ୍ରାମାଞ୍ଚଳରେ ଲୋକ ସଂଖ୍ୟା କମିବାରେ ଲାଗିଛି । ଯେଉଁମାନେ ଅଛନ୍ତି ସେମାନେ ସହରୀ ଜୀବନଯାପନକୁ ଆପଣେଇବାକୁ ବସିଲେଣି । ଆମେ ଯଦି ଆମର ପର୍ବପର୍ବାଣି, ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ତେବେ ଏହାର ପ୍ରଭାବ ନିଶ୍ଚୟ ଅନ୍ୟମାନଙ୍କ ଉପରେ ପଡ଼ିବ ।

ସିନ୍ଧେକେଲା, ବଲାଙ୍ଗୀର,

ଭ୍ରାମ୍ୟଭାଷ – ୯୯୩୭୦୩୪୭୪୨ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୈତ୍ୟ ଜଳନ୍ଧର ଜନ୍ମବୃତ୍ତାନ୍ତ



କିଷାନ ମହାକୁର

ପଦ୍ମପୁରାଣ ଅନ୍ତର୍ଗତ କାର୍ତ୍ତିକ ମାହାତ୍ମ୍ୟର କଥା ।

ରାଜା ପୃଥୁଙ୍କୁ, ଦେବର୍ଷି ନାରଦ ତୁଳସୀ ମହିମା ଶୁଣାଉଥାଆନ୍ତି । ପୃଥୁ ସେହି ଦିବ୍ୟ ଗୁଳ୍ମର କଥା କହୁକହୁ କହିଲେ, ଏହି ବୃକ୍ଷ ଜଳନ୍ଧର ଦୈତ୍ୟର ପତ୍ନୀ ବୃନ୍ଦାବତୀର ଆତ୍ମାରୁ ସୃଷ୍ଟି ହୋଇଛି । ପୃଥୁ ଏହାଶୁଣି କୃତ୍ୟକୃତ୍ୟ ହୋଇ କହିଲେ, ମୁନିବର ! ମୋତେ ଆପଣ ସେହି ଦୈତ୍ୟରାଜ ଜଳନ୍ଧର ଓ ସତୀ ବୃନ୍ଦାବତୀଙ୍କ ଗାଥା ଶୁଣାନ୍ତୁ । ତହୁଁ ନାରଦ ପୃଥୁଙ୍କୁ ପ୍ରଥମେ ଦୈତ୍ୟ ଜଳନ୍ଧରର ଜନ୍ମ ବୃତ୍ତାନ୍ତ କଥା ଶୁଣାଇଲେ ।

ଏକଦା ସୁରପତି ଇନ୍ଦ୍ର ବହୁ ଧନରତ୍ନ ସହ ଦେବ ଗୁରୁ ବୃହସ୍ପତିଙ୍କୁ ସାଥ କରି ଭଗବାନ ଶଙ୍କରଙ୍କ ଦର୍ଶନ ଅଭିଳାଷ ନେଇ କୈଳାଶରେ ପହଞ୍ଚିଲେ । ଦେବରାଜ ଅଳକାନନ୍ଦା ନଦୀ ପାର୍ଶ୍ୱର ଶିବପୁରୀ କୈଳାଶର ଶାନ୍ତ କାନ୍ତ ଶୋଭାରାଶି ଦେଖି ପ୍ରୀତ ହେଲେ । ସେ ଦେଖିଲେ, ସହସ୍ର ସହସ୍ର ତପଚାରି ଶିବଙ୍କ ଚରଣରେ ଧ୍ୟାନ ଲଗାଇ, ତପଶ୍ଚରଣରେ ରତ ଅଛନ୍ତି, ସେଠାରେ ସମସ୍ତ ହିଂସ୍ର ଜନ୍ତୁ ହିଂସା ପରିହାର ପୂର୍ବକ ସ୍ୱଚ୍ଛନ୍ଦରେ ବିଚରଣ କରୁଛନ୍ତି । ଶିବପୁରୀର ଐଶ୍ୱର୍ଯ୍ୟ ଦେଖି ଇନ୍ଦ୍ର ଭାବିଲେ ଏହି ଈଶ୍ୱର ସମ୍ପଦର ମୂଲସହ ତୁଲ ପାଇଁ ତ୍ରିପୁରରେ କୌଣସି ସମ୍ପଦ ନାହିଁ । ଏହା ଭାବିଭାବି ମଘବା ଯାଇ ଶିବ ପୁରୀର ସିଂହଦ୍ୱାରରେ ପହଞ୍ଚିଗଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହାଯୋଗୀ ଶିବ ଧନଗର୍ବରେ ମତ୍ତ ହୋଇ ଇନ୍ଦ୍ର ଆସିଛନ୍ତି ଜାଣି, ତାଙ୍କ ଗର୍ବ ଗଞ୍ଜନ ପାଇଁ ଜଣେ ଛଦ୍ମବେଶୀ ବୃଦ୍ଧ ରୂପରେ ଆସି, ଦ୍ୱାର ଦେଶରେ ବସିଗଲେ । ଇନ୍ଦ୍ର ସେହି ଶୀର୍ଣ୍ଣକାୟ, ଦୀନ ହୀନ ବୃଦ୍ଧଙ୍କୁ ଦେଖି କହିଲେ, ତୁ ଏଠି ବସିଛୁ କାହିଁକି । ତୁ କିଏ ? ଜଣେ ଭିକ୍ଷୁକ ନାଁ ଏହି ଶିବପୁରବାସୀ ଜଣେ ଦରିଦ୍ର । ତୁ ଯଦି ଶିବଗଣ ମଧ୍ୟରୁ କେହି, ତେବେ କହ ଶଙ୍କର କାହାନ୍ତି ? ମୁଁ ଅମରପୁରୀର ରାଜା ଇନ୍ଦ୍ର । ଶଙ୍କର ଗୌରୀଙ୍କ ଦର୍ଶନ ଅଭିଳାଷ ନେଇ ଆସିଛି । ବୃଦ୍ଧ କିଛି ନକହି ମୃଦୁହାସ୍ୟ କରି ଚୁପ ରହିବାରୁ ଇନ୍ଦ୍ର କହିଲେ ତୁ ବଧିର ନାଁ କ'ଣ ? ଉତ୍ତର ଦେଉନାହୁଁ କାହିଁକି ? ଆରେ ତୋର ଏଡ଼େ ଗର୍ବ, ମୁଁ ସୁରପତି ପଚାରୁଛି ତୁ କିଛି ଉତ୍ତର ଦେଉନାହୁଁ । ଏହା ଶୁଣି ବୃଦ୍ଧରୂପୀ ଶଙ୍କର ଇନ୍ଦ୍ରଙ୍କୁ ରୁଦ୍ର ରୂପହୋଇ ଚାହିଁଲେ, ତାଙ୍କ ଦୁଇନୟନ କ୍ରୋଧରେ ଜଳି ଉଠୁଥାଏ । ଏହାଦେଖି ଶଚିପତି କ୍ରୋଧଭର ହୋଇ ଶିବଙ୍କୁ ତାଙ୍କ ବଜ୍ରରେ ପ୍ରହାର କଲେ ।

କୁଳିଶ ଶବ୍ଦରେ ତ୍ରିପୁର କମ୍ପି ଉଠିଲା । ମାତ୍ର ସେ ବଜ୍ର ପ୍ରହାର ଶିବଙ୍କ ଶରୀର ଭେଦ ନ କରି ପାରି ଭୂମିରେ ପଡ଼ିଲା । ଶିବଙ୍କ କଣ୍ଠ କୃଷ୍ଣ ବର୍ଣ୍ଣ ହୋଇଗଲା ଏବଂ ବଜ୍ରରୁ ପ୍ରଚଣ୍ଡ ତେଜାଗ୍ନି ନିର୍ଗତ ହୋଇ ଚତୁର୍ଦ୍ଦିଗକୁ ବ୍ୟାପୀଗଲା । ଏହି ସମୟରେ ବୃଦ୍ଧ ବେଶଧାରୀ ଶଙ୍କର ରୁଦ୍ରରୂପ ଧରି ପ୍ରକଟ ହୋଇ ବାସବଙ୍କୁ କୋପଦୃଷ୍ଟିରେ ଚାହିଁଲେ । ଶିବଙ୍କ ଉଗ୍ର ରୂପ ଦେଖି, ଇନ୍ଦ୍ର ଭୟରେ ଗୁରୁ ବୃହସ୍ପତିଙ୍କ ପଛ ଆଡ଼କୁ ଯାଇ ଲୁଚିଗଲେ ।

ବୃହସ୍ପତି ଇନ୍ଦ୍ରଙ୍କ ରକ୍ଷାର୍ଥେ ଶିବଙ୍କୁ ଆକୁଳ ମିନତି କରି କହିଲେ, ହେ ତ୍ରିପୁରାରୀ ! ହେ ଜଗତାଧିପ ! ଇନ୍ଦ୍ର ତୁମ୍ଭଙ୍କୁ ବୁଝି ନପାରି ଦ୍ରୋହ କରିଛନ୍ତି । ତୁମ୍ଭ ମହିମା ଇନ୍ଦ୍ର କାହୁଁ ବା ବୁଝି ପାରିବ ।

ତୋ'ର ମହିମା ଅଗୋଚର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହୁଁ ଜାଣିବ ପୁରନ୍ଦର ॥

ହେ ତ୍ରିପୁରାରୀ, ଆପଣ ଏବେ ଶଚୀପତିଙ୍କୁ ରକ୍ଷା କରନ୍ତୁ । ହେ ଶରଣରକ୍ଷଣ, ଶରଣାଗତଙ୍କୁ ଆପଣ ନରଖିଲେ ଆଉ କିଏ ବା ରକ୍ଷା କରିବ? ବୃହସ୍ପତି ଅନେକ ସ୍ତୁତି କରିବାରୁ ରୁଦ୍ର ଶାନ୍ତ ହେଲେ । ଇନ୍ଦ୍ର ଶିବଙ୍କ ଚରଣରେ ଶରଣ ଭିକ୍ଷା କଲେ ଏବଂ ଶିବ ତାଙ୍କୁ କ୍ଷମା କରିଦେଲେ । ଇନ୍ଦ୍ର ବୃହସ୍ପତିଙ୍କୁ ଘେନି ସ୍ୱର୍ଲୋକ ଅଭିମୁଖେ ପ୍ରସ୍ଥାନ କଲେ ।

ଏଣେ ବଜ୍ରାଘାତରେ ଶିବଙ୍କ ଦେହରୁ ଯେଉଁ ଅଗ୍ନି ନିର୍ଗତ ହୋଇଥିଲା ତାହା ସମସ୍ତ ଭୂମଣ୍ଡଳ ଏବଂ ନଭୋମଣ୍ଡଳକୁ ଦହନ କରିବାରେ ଲାଗିଲା । ଶିବ ଏହା ଦେଖି ସେ ଅଗ୍ନିକୁ ତାଙ୍କ ବାମହସ୍ତରେ ଆଣି ଗଙ୍ଗାସାଗର ଠାରେ ସମୁଦ୍ରରେ ପକାଇ ଦେଲେ । ସେହି ରୁଦ୍ରାଗ୍ନି ସମୁଦ୍ର ଜଳରେ ପଡ଼ିଲାରୁ, ତହିଁରୁ ଦିବ୍ୟ ଶିଶୁଟିଏ ଜନ୍ମ ନେଲା ।

ଜନ୍ମ ହେବା ମାତ୍ରେ ହିଁ ଶିଶୁଟି ଘୋର ରାବ କରି କାନ୍ଦିବାକୁ ଲାଗିଲା । କ୍ରନ୍ଦନ ଧ୍ୱନୀରେ ତିନି ପୁର ଥରହର ହେବାକୁ ଲାଗିଲା । ସେ ଶବ୍ଦରେ ଜଳଧି ଉତ୍ତାଳ ତରଙ୍ଗାୟିତ ହୋଇ ଆନ୍ଦୋଳିତ ହେବାକୁ ଲାଗଲା । ଜଳରାଜା ବରୁଣ ଏହା ଜାଣି ଆସି ସେ ବାଳକଟି ପାଖରେ ପହଞ୍ଚିଲେ । ଦିବ୍ୟ ସୁନ୍ଦର ସେ ବାଳକର ଜ୍ୟୋତି ସୂର୍ଯ୍ୟସମ ଝଟକୁଥାଏ । ସିନ୍ଧୁରାଜ ପିଲାଟିକୁ କୋଳରେ ଧରି ବୋଧ କରିବାରେ ଲାଗିଲେ, ମାତ୍ର ପିଲାଟିର କ୍ରନ୍ଦନ କୌଣସି ମତେ ବନ୍ଦ ହେଉନଥାଏ ।

ଏଣେ ଜୀବଜନ୍ତୁମାନେ ସେ ପ୍ରବଳଶବ୍ଦ ଶୁଣି ତ୍ରସ୍ତ ହେଲେଣି । ବ୍ରହ୍ମା ମରାଳବାହନରେ ବ୍ରହ୍ମଲୋକରୁ ଆସି ସେଠାରେ ପହଞ୍ଚିଲେ । ସିନ୍ଧୁ ରାଜା ବ୍ରହ୍ମାଙ୍କୁ ଦେଖି ପ୍ରଣାମକଲେ । ଶିଶୁଟିକୁ ସିନ୍ଧୁରାଜ ବ୍ରହ୍ମାଙ୍କ କୋଳରେ ଦେଇ କହିଲେ, "ଇଏ ହେଉଛି ମୋର ପୁଅ, ଏ ଶିଶୁଟି ଜନ୍ମରୁ ହିଁ କ୍ରନ୍ଦନକରି ଚାଲିଛି, ଶତ ଚେଷ୍ଟା ସତ୍ତ୍ୱେ ମୁଁ ତାକୁ ଶାନ୍ତ କରି ପାରିଲି ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣ ଏହାକୁ ନେଇ ଶାନ୍ତ କରନ୍ତୁ । ସିନ୍ଧୁରାଜଙ୍କ ନିବେଦନକ୍ରମେ ବ୍ରହ୍ମା ସେହି ପୁଅଟିକୁ ତୋଳିଧରି କହିଲେ, କ୍ରୋଧ ଶାନ୍ତକର ବତ୍ସ, କ୍ରୋଧ ଶାନ୍ତ କର, ତୁମେ ଯୁବାବସ୍ଥାକୁ ଫେରି ଆସ । ସଂସାରର ସବୁ ଲୋକେ ତୁମକୁ ପୂଜା କରିବେ । ତୁମେ ଚକ୍ରବର୍ତ୍ତୀ ମହାରାଜା ବୋଲାଇବ । ତୁମକୁ ଜିଣିବା ପାଇଁ ଏ ସଂସାରରେ କେହି ବି ସମର୍ଥ ହେବନାହିଁ" । ବ୍ରହ୍ମା ଏହା କହିବାରୁ କ୍ରନ୍ଦନ ବନ୍ଦ କରି ପୁଅଟି ଗୋଟିଏ ଦିବ୍ୟ ସୁନ୍ଦର ଯୁବକ ରୂପେ ଦଣ୍ଡାୟମାନ ହେଲା । ଯୁବକଟି ବେଦପତି ବ୍ରହ୍ମାଙ୍କୁ ଆଭୁମ ପ୍ରଣାମ କରି କହିଲା, "ହେ ବ୍ରହ୍ମଦେବ ! ଆପଣ ମୋତେ ରାଜା କଲେ, ଏକ ଉପଯୁକ୍ତ ମନ୍ତ୍ରୀ ବିନା ମୁଁ କିପରି ରାଜ କାର୍ଯ୍ୟ କରିବି । ସାହାଯ୍ୟ ପାଇଁ ମୋତେ ଉପଯୁକ୍ତ ମନ୍ତ୍ରୀ ଜଣେ ଦିଅନ୍ତୁ" । ବ୍ରହ୍ମା ଭୃଗୁ ନନ୍ଦନ ଶୁକ୍ରଙ୍କୁ ଡାକି କହିଲେ, ଆପଣ ଏହାଙ୍କ ସାଥେ ମନ୍ତ୍ରୀପଣେ ରହି ଏହାଙ୍କୁ ସାହାଯ୍ୟ କରନ୍ତୁ । ଶିବଙ୍କ ତେଜାଗ୍ନି ମଧ୍ୟରୁ ସାଗରରେ ଜନ୍ମିତ, ସେହି ଶିଶୁଟିର ନାମ ଜଳନ୍ଧର, ଜଳରୁ ଜାତ ହୋଇଥିବାରୁ ତାର ନାମ ବେଦପତି ବ୍ରହ୍ମା ରଖିଥିଲେ ଜଳନ୍ଧର । ମହାଦେବ ଦାସ କୃତ କାର୍ତ୍ତିକ ମାହାତ୍ମ୍ୟରେ ବ୍ରହ୍ମା ଉବାଚରେ କୁହାଯାଇଛି :-

ଜଳୁ ଯେ ହେଲୁ ଅବତାର ।
ନାମ ତୋ ହେଉ ଜଳନ୍ଧର ॥

କିଷାନ ମହାକୁର
ନୂଆଁପାଲି, ବୀରମହାରାଜପୁର, ସୋନପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଧ୍ୟାତ୍ମିକ ବୈଧବ୍ୟ



ବିଜୟ କୁମାର ସାହୁ

ଈଶ୍ୱର ଉପଲବଧି କିପରି ହେବ – ଯା ବିଷୟରେ ଭାରତୀୟ ଦର୍ଶନ ଶାସ୍ତ୍ର ଅନେକ ବିଚାର ମନୁଷ୍ୟ ସମାଜ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଭଗବାନଙ୍କ ଅସ୍ତିତ୍ୱ, ତାଙ୍କର ରୂପ, ତାଙ୍କର ଲୀଳା, ତାଙ୍କୁ ପାଇବାର ବାଟ ସବୁକିଛି ପ୍ରାଞ୍ଜଳ ଭାବରେ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଅଛି । ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରଜ୍ଞା ଋଷିମାନେ ଅଙ୍ଗେ ଯାହା ନିଭାଇଛନ୍ତି ତାହା ଶିଷ୍ୟ ପରମ୍ପରାନୁସାରେ କ୍ରମଶଃ ପ୍ରବହମାନ ହୋଇଛି ସୃଷ୍ଟି ଆରମ୍ଭରୁ ଏ ଯାବତ । ସୃଷ୍ଟି, ସୃଷ୍ଟିର ବିଲୟ ସୃଷ୍ଟିର ପ୍ରକାଶ ସମଗ୍ର ଭୂମଣ୍ଡଳ ଏବଂ ଅନ୍ତରିକ୍ଷ ପର୍ଯ୍ୟନ୍ତ ଅସୀମ ଜ୍ଞାନର ଦ୍ରଷ୍ଟା ପ୍ରଜ୍ଞା ଋଷିମାନେ । ଉପନିଷଦରେ ବର୍ଣ୍ଣନା କରାଯାଇଛି ଈଶ୍ୱର ବା ବ୍ରହ୍ମ ଯେତେବେଳେ ଚିନ୍ତାକଲେ ମୁଁ ଏକରୁ ବହୁ ହେବି ସେହି ଚିନ୍ତନରୁ ସମଗ୍ର ଜଗତ ଉଦ୍ଭବ । ଏକ ଶ୍ୟାମ ବହୁଧା ଭବତି । ଆତ୍ମା କ୍ରିଡନେ ନରହରି । ........ ସେହି ଈଶ୍ୱରଙ୍କୁ କିଏ କିଭଳି ଭାବରେ  ନିଜ ନିଜ ଜ୍ଞାନରେ, ଭକ୍ତିରେ, କର୍ମରେ, ଯୋଗରେ ଆତ୍ମସ୍ଥ କରିଛନ୍ତି ତାହାର ଭୂୟସୀ ପ୍ରମାଣ ମିଳେ ବେଦ, ବେଦାନ୍ତ, ଉପନିଷଦ ପୁରାଣ ଶାସ୍ତ୍ର ମାନଙ୍କରେ ।

ସେହି ଈଶ୍ୱରଙ୍କୁ ନିର୍ଗୁଣ ନିରାକାରବାଦୀ ମାନେ ନିରାକାର, ନିରଞ୍ଜନ, ଅଲେଖ, ଅରୂପ, ନିଶବ୍ଦ ଆଦି ରୂପରେ କଳ୍ପନା କରିଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଳେ ସାକାରବାଦୀ ମାନେ ସଦ୍‌ଗୁଣ, ସଚ୍ଚିଦାନନ୍ଦ, ରୁପବନ୍ତ ବୋଲି ପ୍ରକାଶ କରିଛନ୍ତି ।

ଭାଗବତରେ କୁହାଯାଇଛି –

ଗଗନ ସମୀରଣ ଜ୍ୟୋତି ।

ଯେ ଅବା ସଲିଳ ଧରିତ୍ରୀ ॥

ନଦୀ ସରିତ ତରୁ ଗଣ ।

ପର୍ବତ ସ୍ଥାବର ଜଙ୍ଗମ ॥

ଏସବୁ କୃଷ୍ଣଙ୍କ ଶରୀର ।

ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର ॥

ଅନାଦି ପୁରୁଷ ଅନନ୍ତ ।

ଯେମନ୍ତେ ସୃଜିଲା ଜଗତ ॥

ନିର୍ଲେପ ପ୍ରଭୁ ଭଗବାନ ।

ମାୟାର ପରମ କାରଣ ॥

ସଂସାରେ କ୍ରିଡା ଇଛା କରି ।

ଭାବେ ଈଶ୍ୱର ରୂପ ଧରି ॥

ସନ୍ଥ ତୁଳସୀଦାସ ମାନସରେ କହିଲେ ସୀୟାରାମ ମୟ ସବ ଜଗଜାନି କରହୁଁ ପ୍ରଣାମ ଜୋରି ଯୁଗପାନି । ମୋ ରାମ ସଗୁଣ ସାକାର ଓ ସେ ପୁଣି ନିର୍ଗୁଣ ନିରାକାର ଅଟନ୍ତି । ସଗୁଣ ଓ ନିର୍ଗୁଣ ମଧ୍ୟରେ ତୁଳସୀ କୌଣସି ପ୍ରଭେଦ ବିଚାର କରିନାହାନ୍ତି । ଆମେ ଓଡିଆମାନେ ଜଗନ୍ନାଥଙ୍କୁ ସତ୍ୟ ଶିବ ସୁନ୍ଦର ନିର୍ବିକଳ୍ପ ଅଚିନ୍ତନୀୟ ଭାବରେ ସ୍ୱୀକାର କରୁଥିବା ବେଳେ ତାଙ୍କୁ ଆମ ଘରର ମୁରବୀ ଅତି ଆପଣାର ବନ୍ଧୁ ବୋଲି ମଧ୍ୟ ସ୍ୱୀକାର କରିବାରେ ଦ୍ୱିଧା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରକାଶ କରୁନାହୁଁ ବରଂ ତାଙ୍କ ଶ୍ରୀଚରଣେ ଭକ୍ତି ଅର୍ଘ୍ୟ ପ୍ରଦାନ କରୁ । ତାଙ୍କୁ ମଧ୍ୟ ଗାଳି ଦେବାରେ ଆନନ୍ଦ ଉପଲବଧି କରୁ । ପୁଣି କୋଟି ଓଡିଆର ମଉଡ ମଣି ଦୁନିଆ ଆଗରେ ପରିଚିତ କରିଥାଉ । ଯେତେ ସବୁ ଦେବାଦେବୀ ଅଛନ୍ତି ସମସ୍ତଙ୍କର କେହି ନା କେହି ପ୍ରେମାନୁରାଗୀ ଭକ୍ତ ଅଛନ୍ତି । ସେମାନେ କୌଣସି ନା କୌଣସି ଦେବାଦେବୀଙ୍କର ଉପାସନା କରିଥାନ୍ତି । ଯେପରି ଅନ୍ନରୁ ଅନେକ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ତାକୁ ବିଭିନ୍ନ ନାମରେ ନାମିତ କରାଯାଇଥାଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନର ସ୍ୱାଦ ବି ବିଭିନ୍ନ ପ୍ରକାର ହୋଇଥାଏ କିନ୍ତୁ ତତ୍ତ୍ୱତଃ ଅନ୍ନ ହିଁ ମୌଳିକ ଉପାଦାନ । ସ୍ୱର୍ଣ୍ଣରୁ ଅନେକ ନାମ ଓ ରୂପରେ ଅଳଙ୍କାରମାନ ଗଢା ଯାଉଥିବା ବେଳେ ସ୍ୱର୍ଣ୍ଣ ହିଁ ମୂଳ ଉପାଦାନ ସେହିପରି ଏ ସଚରାଚର ବ୍ରହ୍ମାଣ୍ଡରେ ଈଶ୍ୱର ଅନେକ ରୂପରେ ବିଦ୍ୟମାନ । କାହା ପାଇଁ ସେ ହୁଏତ ନିର୍ଗୁଣ କାହାପାଇଁ ହୁଏତ ସଗୁଣ । ମଣିଷର ଚିନ୍ତା ଓ ଚେତନାର ବିଭେଦତା ଯୋଗୁଁ ଈଶ୍ୱରଙ୍କୁ କିଏ କିପରି ଭାବରେ ସ୍ୱୀକାର କରିବ ତାହା ସେ ନିର୍ଦ୍ଧାରଣ କରିଥାଏ । ଗୁରୁ ହିଁ ପଥପ୍ରଦର୍ଶକ ।

-୨-

ବର୍ତ୍ତମାନ ଏ ଅଧମର ଶୀର୍ଷକ 'ଆଧ୍ୟାତ୍ମିକ ବୈଧବ୍ୟ' ଉପରେ କିଞ୍ଚିତ ଆଲୋଚନା କରିବାର ପ୍ରଚେଷ୍ଟା କରିବି । ହୁଏତ ଏହା ବିଜ୍ଞ ଜନମାନଙ୍କୁ କେମିତି ଆତ୍ମସନ୍ତୋଷ ପ୍ରଦାନ କରିବ ଜାଣେନା ତଥାପି ନିଜକୁ ନିଜେ ସାନ୍ତ୍ୱନା ଦେବାର ଏହା ହେଉଛି ଏକ ପ୍ରୟାସ । ଏକଦା ମୀରାବାଈ କହିଥିଲେ – ମୁଁ ଜାଣିଛି ଏ ବିଶ୍ୱ ବ୍ରହ୍ମାଣ୍ଡରେ ଏକମାତ୍ର ଜଣେ ସ୍ୱାମୀ ସେ ମୋର ଗିରିଧର ଗୋପାଳ ଶ୍ରୀକୃଷ୍ଣ । ବାକି ସମସ୍ତେ ନାରୀ । ଭାଗବତରେ କୁହାଯାଇଛି –

ସେ ଗୁରୁ ବାକ୍ୟ ପରିମାଣି ।

ଏ ଘରେ ମୁଁ ଦୋଚାରୂଣୀ ॥

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିୟ ଆନନ୍ଦ ସୁଖଦାତା ।

ମୁଁ କିମ୍ପା ଛାଡି ନିଜ ଭର୍ତ୍ତା ॥

ତୁଚ୍ଛ ପୁରୁଷ ସଙ୍ଗେ ରମି ।

ମୁହିଁ ହୋଇଲି ପଥଶ୍ରମୀ ॥

ଆହୁରି କୁହାଯାଇଛି

ଜୀବର ଅଳପ ଶକତି ।

ଶତେ ଯୁବତୀ ଏକ ପତି ॥

ଜୀବକୁ ନାରୀ ବୋଲି କୁହାଯାଇଛି ଏବଂ ସର୍ବମୟ ସର୍ବକର୍ତ୍ତା ଈଶ୍ୱରଙ୍କୁ ପତି ଭାବରେ ସ୍ୱୀକାର କରିବାରେ ଆପତ୍ତି ନାହିଁ । ଗୋପୀମାନେ ଭଗବାନଙ୍କୁ ନିବେଦନ କରିଛନ୍ତି ହେ ପୁରୁଷ ଶିରୋମଣି ! ହେ ଆମର ପ୍ରେମପୂର୍ଣ୍ଣ ହୃଦୟର ସ୍ୱାମୀ ବୋଲି । ପ୍ରଭୁ ରାଘବେନ୍ଦ୍ର ସରକାରଙ୍କର ନୀଳ ଜୀମୂତ ରୂପକୁ ସନ୍ଦର୍ଶନ କରି ଷୋଳ ହଜାର ମୁନି ଋଷି ଭକ୍ତି ନିବେଦନ କରି କହିଲେ ହେ ରାମ ! ଆମ ସମସ୍ତଙ୍କୁ ତୁମେ ନାରୀ କରିଦେଇ ପ୍ରେମ ପ୍ରଦାନ କର । ପ୍ରଭୁ ଶ୍ରୀରାମ ପରବର୍ତ୍ତୀ ଅବତାରରେ ସେମାନଙ୍କ ଇଚ୍ଛାକୁ ପୂର୍ଣ୍ଣ କରିଥିଲେ ।

ଷୋଳ ସହସ୍ର ଗୋପ ନାରୀ ।

ମୋତେ ବରିଲେ ତପ କରି ॥

ମୁଁ ତାଙ୍କ ପୁରାଇବି ଆଶ ।

ସେ ମୋର ଭକତ ବିଶ୍ୱାସ ॥

ପ୍ରକୃତରେ ଈଶ୍ୱର ହିଁ ଆମ ସମସ୍ତଙ୍କର ବାସ୍ତବ ବିଶ୍ୱାସ ଓ ବାସ୍ତବ ସମ୍ପଦ । ସ୍ୱାମୀ ଶିବାନନ୍ଦ କହନ୍ତି – Your Treasure is God. ମୀରାବାଈ ହେଉ କି ଗୋପୀମାନେ ହେଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କର ଭଗବାନଙ୍କ ପ୍ରତି ଯେଉଁ ଅତୁଟ ଭକ୍ତି ଓ ସମର୍ପିତ ଭାବନା ସେଥିପାଇଁ ସେମାନଙ୍କୁ ଭାରତୀୟ ଦର୍ଶନ ଶାସ୍ତ୍ର ଊର୍ଦ୍ଧ୍ୱରେ ରଖିଛନ୍ତି । ଅବଶ୍ୟ ଶାସ୍ତ୍ରରେ ପ୍ରଭୁଙ୍କୁ କିଏ କେଉଁ ଭାବରେ ଗ୍ରହଣ କରିନେଇଛି ତାହାର ଉଦାହରଣ ମିଳିଥାଏ । ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ, ସନ୍ନ୍ୟାସ ଯୋଗ, ପାତଞ୍ଜଳିଙ୍କର ଅଷ୍ଟାଙ୍ଗ ଯୋଗ ଏବଂ ତନ୍ତ୍ରଯୋଗ ଏପରି ବହୁବିଧ ଉପାସନା ପଦ୍ଧତି ଦେଖିବାକୁ ମିଳିଥାଏ । କିନ୍ତୁ ସବୁଠାରୁ ପ୍ରଭୁଙ୍କୁ ଆଶ୍ରିତ ହୋଇ ସେ ମୋର ସ୍ୱାମୀ ଏହି ଅନାବିଳ ଚିନ୍ତନ ଓ ସେଥିରେ ରମଣ କରିବାର ପ୍ରଚେଷ୍ଟା ହେଉଛି ଦିବ୍ୟ ଆହ୍ୱାନ ଓ ପ୍ରଭୁଙ୍କ ପ୍ରତି ଦିବ୍ୟ ସମ୍ଭାଷଣ । କୁହାଯାଇପାରେ କୌଣସି ଭକ୍ତ ବା ଜ୍ଞାନୀ କିମ୍ବା ଈଶ୍ୱର ଅନୁଗାମୀ କାୟ ମନୋବାକ୍ୟରେ ଈଶ୍ୱରଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ରକୁ ଜାବୁଡି ଧରି ସେଥିରେ ଯଦି ରମଣ କରେ ସେତେବେଳେ ସେହି ଚରିତ୍ରର ତାଦାତ୍ମ୍ୟ ଭାବ ଯୋଗୁଁ ଭଗବାନଙ୍କୁ ତାଙ୍କୁ ସେହିଭଳି ଦୃଷ୍ଟିଗୋଚର ହୁଅନ୍ତି । ଗୀତାରେ ବର୍ଣ୍ଣନା କରାଯାଇଛି :

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈଇବ ଭଯାମ୍ୟହଂ ।

ଯିଏ ଯେଉଁ ପ୍ରକାରରେ ମୋ ପାଖକୁ ଆସେ ମୁଁ ସେହି ପ୍ରକାରରେ ତା ପାଖରେ ପହଞ୍ଚେ । ମୋ ପାଖକୁ ଆସିବାର ପଥ ଅନେକ ଥିଲେ ବି ପରିଶେଷରେ ମୋ ଠାରେ ସମସ୍ତେ ସମାହିତ ହୁଅନ୍ତି । ସମତ୍ୱ ଯୋଗରେ ଈଶ୍ୱର ସମରସ ଓ ନିର୍ବିବାଦୀୟ । ଚାରିଜଣ ଅନ୍ଧ ଗୋଟିଏ ହସ୍ତିକୁ ବର୍ଣ୍ଣନା କରିବାକୁ ଯାଇ ଯେପରି ଭାବରେ ପ୍ରତ୍ୟେକ ନିଜ ନିଜ ଅନୁଭୂତିରୁ ହସ୍ତିର ରୂପ ବର୍ଣ୍ଣନା କରିବାରେ ଅସମର୍ଥ ହେଲେ ସେହିପରି ଅଖଣ୍ଡ ଅବିନାଶୀ ବ୍ରହ୍ମଙ୍କୁ ସ୍ୱ ସ୍ୱ ଅନୁଭୂତି ନେଇ ପ୍ରକାଶ କରିବାରେ ଜୀବ ଅସମର୍ଥ କାରଣ ସେ ହେଉଛନ୍ତି ସ୍ୱୟଂ ପ୍ରକାଶ , ଆଦି ଓ ମୂଳ କାରଣ । ସେ ପୂର୍ଣ୍ଣ ।

ଓଁ ପୂର୍ଣ୍ଣମଦ ପୂର୍ଣ୍ଣମିଦଙ୍ ପୂର୍ଣ୍ଣାତ ପୂର୍ଣ୍ଣମୁଦଚ୍ୟୁତେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ ॥

କିନ୍ତୁ ଅଖଣ୍ଡ ଅବିନାଶୀ ପୂର୍ଣ୍ଣବ୍ରହ୍ମଙ୍କୁ ଭକ୍ତ ଯୋଗୀ ମୁନି ଋଷିମାନଙ୍କର ବୋଧ ଈଶ୍ୱରଙ୍କୁ ସାକାର ବା ସଗୁଣ ଭାବରେ ପ୍ରତିପାଦିତ କରିଥାଏ । ଜଣେ ସନ୍ଥ କହିଛନ୍ତି ହେ ମାନବ ! ତୁମ ଈଶ୍ୱର ଅବିକଳ ତୁମ୍ଭର ଭାବନା ବା ଚିନ୍ତନ ପରି ସାକାର ବା ନିରାକାର ହୋଇପାରନ୍ତି ତଥାପି ଈଶ୍ୱର ଯେପରି ହୁଅନ୍ତୁ ନା କାହିଁକି ସେ ଆମର ଅତି ଆପଣାର ଆଉ ତାଙ୍କଠାରୁ ବିମୁଖ ହେବା ଅନୁଚିତ ।

-୩-

ଖାସ ଏଇଥିପାଇଁ ଆମ ମାନଙ୍କୁ ଦୁବଘାସ ପରି ସରଳ ହେବାକୁ ପଡିବ । ଅହଂକାରରୁ ବିମୁକ୍ତ ହେବାକୁ ହେବ । ଘୋର ବନ୍ୟା ଜଳରେ ମହାମହା ଦ୍ରୁମ ଧ୍ୱଂସବିଧ୍ୱଂସ ହୋଇ ଯାଇଥାନ୍ତି ଅଥଚ ଦୁବଘାସର କିଛି ବି କ୍ଷତି ହୋଇନଥାଏ କାରଣ ସେ ବିନମ୍ର । ବିନମ୍ରତା ଓ ପ୍ରଭୁଙ୍କ ପ୍ରତି ଅକୃତିମ ପ୍ରେମ ହେଉଛି ତାଙ୍କୁ ପାଇବାର ବଡ ସରଳ ସୁଗମ ପଥ । ଏକଦା ନିର୍ବାସିତା ସୀତା ବାଲ୍ମୀକି ଆଶ୍ରମରେ ଜୀବନ ଅତିବାହିତ କରୁଥିବା ସମୟରେ ପ୍ରଭୁ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ତାଙ୍କର ପ୍ରେମ ତାଙ୍କର ଅନୁରାଗ ନିବେଦନ କରିବାକୁ ଯାଇ କହିଲେ :

"ଜୀବନେ  ନ ପାରିଲେ ଅବା ମରଣେ,

ସେବିକା କରିଦେବ ପ୍ରଭୁ ଶ୍ରୀଚରଣେ ।

ମୋ ତନୁ ଦଗ୍ଧ ହେଲେ ଦେବଟି ଖାର,

କରାଇ ଦେବ ତାକୁ ପାଦପେ ସାର ।

ସେ କାଷ୍ଠ ଦେଇ ଦେବ ବର୍ଦ୍ଧକୀ ହସ୍ତେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଇ ଦେବ ପ୍ରଭୁ ପାଦୁକା ମତେ ।

ଗୋପୀମାନେ କହିଲେ –

ଆଉ କି ଗୋପପୁର ଯିବୁ ।

ପତି ତନୟ ଆବୋରିବୁ ॥

ଆମ୍ଭର ତେଣେ ନାହିଁ ଆଶା ।

ତୋ ନାମ କରିଛୁ ଭରସା ।

ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣ ବ୍ରଜ – ଗୀତା

ଜଣେ ସନ୍ଥ ଥିଲେ । ସେ ହେଉଛନ୍ତି ଧନୀ ଧରମଦାସ । ସେ ତାଙ୍କର ରଚନାରେ ଐଶ୍ୱରୀୟ ପ୍ରେମ ଓ ଜୀବନ ଦର୍ଶନର ଗୂଢ଼ତତ୍ତ୍ୱକୁ ସାଙ୍କେତିକ ଭାଷାରେ ପରିପ୍ରକାଶ କରିଛନ୍ତି । ସେହିଭଳି ଗୋଟିଏ ଦୋହା ହେଉଛି –

ଅମୃତ ବାକେ ପାସ ରୁଚେଇ ନହିଁ ରାଣ୍ଡକୋ ।

ସ୍ୱାନ କୋ ୟହୀ ସ୍ୱଭାବ ଗହେ ନିଜ ହାଡ କୋ ।

ରାଣ୍ଡ ଶବ୍ଦର ଅର୍ଥ ବିଧବା । ଧରମଦାସ ବର୍ଣ୍ଣନା କରି କହୁଛନ୍ତି ଯିଏ ପରମାତ୍ମାଙ୍କ ସହ ସମ୍ବନ୍ଧ ସ୍ଥାପନ କରିନାହିଁ ସେ ସମସ୍ତେ ରାଣ୍ଡ ଅର୍ଥାତ ବିଧବା । ସନ୍ଥ କବୀର ବି କହିଲେ ମେଁ ତୋ ରାମକା ଦୁଲହନିୟା । ମୁଁ ତ ରାମଙ୍କ ପତ୍ନୀ । ମୋର ବିବାହ ରାମଙ୍କ ସହିତ ହୋଇସାରିଛି । ରାମ ଯା ହୃଦୟରେ ନାହିଁ ସେମାନେ ସମସ୍ତେ ବିଧବା । ଆଧ୍ୟାତ୍ମିକ ଜଗତରେ ଜୀବ ହେଉଛି ନାରୀ ଏବଂ ଈଶ୍ୱର ହେଉଛନ୍ତି ପୁରୁଷ । ଚଉରାଶି ଯୋନି ଭ୍ରମଣ କରିବା ପରେ ଯାଇ ମଣିଷ ଜନ୍ମ ପ୍ରାପ୍ତ ହୋଇଛେ । ଏହି ଚଉରାଶି ଲକ୍ଷ ଯୋନିରେ ଭ୍ରମଣ କରି କରି ଜୀବ ବୈଧବ୍ୟ ଯନ୍ତ୍ରଣା ଭୋଗ କରିଆସୁଅଛି । ବର୍ତ୍ତମାନ ଭଗବାନ ଏକ ସଂପୂର୍ଣ୍ଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁଯୋଗ ପ୍ରଦାନ କରିଛନ୍ତି ମଣିଷ ଜନ୍ମ ପ୍ରଦାନ କରି । ଏହି ମନୁଷ୍ୟ ଜନ୍ମରେ ମନୁଷ୍ୟ ଇହ ଓ ପରଲୋକ ପାଇଁ ପଥ ସୃଷ୍ଟି କରିବ । ପୂଣ୍ୟ କର୍ମ କଲେ ସ୍ୱର୍ଗ ଲାଭ ପାପ କର୍ମ କଲେ ନରକ ପ୍ରାପ୍ତ । ସ୍ୱର୍ଗ ଓ ନରକକୁ ବି ଅତିକ୍ରମ କରିବାକୁ ପଡିବ ।

ଯଦଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ।

ଏହା ହେଲେ ଯାଇ ଜୀବର ବୈଧବ୍ୟ ଯନ୍ତ୍ରଣା ଉପସମ ହୋଇପାରିବ ।

ଜୟ ଜଗନ୍ନାଥସ୍ୱାମୀ ନୟନ ପଥଗାମୀ ଭବତୁମେ ।

ବିଜିଗୋଳ

ମୋ – ୮୭୭୩୦୪୮୭୨୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜାତୀୟ କବି - ବୀରକିଶୋର



ଅକ୍ଷୟ କୁମାର
ରାଉତ

ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଂଚୁଥାଏ । ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶାସନର ଡୋରୀ । ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି । ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା । ଇଂରେଜ ମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ । ଏହି ସମୟରେ ହରିହରପୁର(ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ । ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ । ଏହି ଗାଁର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୭ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରବିଶୋର । ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ ।

ଗାଁର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର । ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ । ପରବର୍ତୀ କାଳରେ ସେ ସ୍କୁଲର ନାମ ‘ଭକ୍ତ ମଧୁ ବିଦ୍ୟାପୀଠ’ ନାମରେ ନାମିତ ହେଲା । ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ । ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ବଡ କବି ହେବ । ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍‌ସା କଲେଜରେ ପାଠ ପଢିଲେ । ମେସ୍‌ରେ କବି ନାରାୟଣ ମୋହନ ଦେ'ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଷୋହଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ । ମହାତ୍ମାଗାନ୍ଧୀ ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି । କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧୀନ ଭାରତବର୍ଷ ପାଇଁ ଛଟପଟ ହେଉଥାଏ । ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ ଚାକିରୀ କରିବ । ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡିରେ ମାସିକ ୫୫ଟଙ୍କା ଦରମାରେ ଚାକିରୀ କଲେ । ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି । ସେ ସମୟରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି, ସେମାନଙ୍କୁ 'ବାନରସେନା' କୁହାଯାଏ । ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଆନାବାଗ ହତ୍ୟାକାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା । ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ୍ୟ କରିଥିଲା । ତାଙ୍କର ଏହି କବିତା ଗୁଡିକ କଟକର "ମୁକୁର ପ୍ରେସ"ରେ "ମୋହନବଂଶୀ" ନାମରେ ପ୍ରକାଶ ପାଇଲା । ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା । ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା । ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇ ଯାଇଥିଲା । ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫା ପତ୍ରରେ ଲେଖିଲେ 'ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା'

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଯଦି ବଂଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି ।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଂଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ବାନରସେନାଙ୍କ ମନୋବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁଥିଲେ । ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ-

ସାଜିଲେ ପିଲାଏ ବାନରସେନା
ବାହାରିଲେ ଧରି ତ୍ରିରଙ୍ଗାବାନା
ଖାଇଲେ ଗୋଇଠା ବେତ ପାହାର
ଦେଖିଲେ ସହିବ ଛାତି କାହାର
ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା' ଠାରୁ ବଳି । ।

୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ "ଆଇନ ଅମାନ୍ୟ" ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା । ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ । ସତ୍ୟାଗ୍ରହୀମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଇ କୂଳରୁ ଇଂଚୁଡି ବାହାରିଲେ । ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ" ଗୀତ ବୋଲି ବୋଲି ସତ୍ୟାଗ୍ରହୀମାନେ ଚାଲିଲେ । ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣମରା କାର୍ଯ୍ୟ ଆରମ୍ଭ କରିଦେଲେ । ଏହି ସମୟରେ ବୀରକିଶୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ । ଛଦ୍ମନାମରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ' ବହିଟିର ଦାମ୍ ଥିଲା ଏକ ଅଣା । ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ । ଆନ୍ଦୋଳନ ବଢିବାରେ ଲାଗିଲା । ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧୀଙ୍କୁ ଆମନ୍ତ୍ରଣ କଲେ । ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଂଚ ପୃଷ୍ଠାର ବହିଟିଏ ଲେଖିଲେ । ଯାହାର ଦାମ୍ ଥିଲା ମାତ୍ର ପଇସାଏ । ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ । ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା ।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ । ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ । ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବ ନାହିଁ । ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ ।

ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ । ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ବମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ । ସ୍ୱାଧୀନତାର ବାର୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକାର ପ୍ରକାଶକ ହୋଇଥିଲେ । ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ରପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ । ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ । ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ । ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା । ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ । ପାଠ୍ୟପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ । ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା ।

୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍ସିଂହପୁରରୁ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ । ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ । ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

" ବାବୁ ନ ଚିହ୍ନିବ ଛତା ଯୋତାରୁ
ସାଧୁ ନ ଚିହ୍ନିବ ଗୋଲି ଚିତାରୁ
ନେତା ନ ଚିହ୍ନିବ ଖାଲି କଥାରୁ
ଥରେ ବୁଲି ଆସ କଲିକତାରୁ"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାନ୍ ଜାତୀୟ କବି ବୀରକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି । ଆର୍ଥିକ ଦୁଃସ୍ଥିତିରେ ପଡି ସେ କେବେ କାହା ପାଖରେ ହାତ ପତେଇ ନାହାନ୍ତି । ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି । ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ । ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍ସିଂହପୁର

ମୋ-୯୯୩୭୭୯୧୪୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗୋପବନ୍ଧୁରୁ ଉତ୍କଳମଣୀ



ଅସିତ ମହାନ୍ତି

ଗୋପବନ୍ଧୁ ରୁ ଉତ୍କଳମଣି ପର୍ଯ୍ୟନ୍ତ ସଂଘର୍ଷର ଯାତ୍ରା

'ମିଶୁ ମୋର ଦେହ ଏ ଦେଶ ମାଟିରେ,

ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।

ଦେଶର ସ୍ୱରାଜ ପଥେ ଯେତେ ଗାତ ,

ପୁରୁ ତହିଁ ପଡି ମୋର ମାଂସ ହାଡ ।' – ଉତ୍କଳମଣି ଗୋପବନ୍ଧୁ ଦାସ

ଜଣେ ମହାନ ବ୍ୟକ୍ତିଙ୍କ ଫୋଟୋରେ ମାଲ୍ୟାର୍ପଣ କରିବା ପଛରେ ଏକ ମହାନ ଉଦ୍ଦେଶ୍ୟ ନିହିତ ଥାଏ । ଏହା କଦାପି ଏକ ରୀତି ହୋଇ ପାରେନା । ଏହି ମାଲ୍ୟାର୍ପଣ ବାସ୍ତବରେ ଆମକୁ ସେହି ମହାନ ବ୍ୟକ୍ତିଙ୍କର ପାଦଚିହ୍ନକୁ ଅନୁସରଣ କରିବା, ତାଙ୍କର ଚରିତ୍ରକୁ ଆତ୍ମସାତ କରିବା ଏବଂ ତାଙ୍କର ଅପୂରଣୀୟ କାର୍ଯ୍ୟକୁ ପୁରା କରିବାକୁ ପ୍ରେରଣା ଦେଇଥାଏ । ଆଜି ଗୋପବନ୍ଧୁଙ୍କ ଜନ୍ମଦିନରେ ତାଙ୍କ ଫୋଟୋରେ ମାଳା ଚଢ଼ାଇବା ଏବଂ ତାଙ୍କୁ ସ୍ମୃତିପଟଳରେ ଆଣିବାର ଉଦ୍ଦେଶ୍ୟ ହେଉଛି ଠିକ ତାହା । ତେଣୁ ତାଙ୍କର ସଠିକ ମୂଲ୍ୟାଙ୍କନ ହେବା ଆବଶ୍ୟକ । ଗୋପବନ୍ଧୁରୁ ଉତ୍କଳମଣୀ ପର୍ଯ୍ୟନ୍ତ ସଂଘର୍ଷର ଯାତ୍ରା ଅତ୍ୟନ୍ତ କଣ୍ଟକମୟ ଥିଲା ଏବଂ ଏହି କଣ୍ଟକମୟ ଯାତ୍ରା ପରେ ସେ ହାସଲ କରିଥିଲେ ଏକ ଉନ୍ନତ ଚରିତ୍ର । ସେ ଆଉ ଗୋପବନ୍ଧୁ ନହୋଇ ଉତ୍କଳମଣୀ ଭାବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇତିହାସରେ ସ୍ଥାନ ପାଇଲେ । ସେ ଥିଲେ ଜଣେ ବହୁମୁଖୀ ପ୍ରତିଭା, ବିଦ୍ୱାନ, ସ୍ୱାଧୀନତା ସଂଗ୍ରାମୀ, ଆଧୁନିକ ଓଡ଼ିଶାର ନିର୍ମାତା, ଓଡ଼ିଆ ଭାଷାର ତ୍ରାଣକର୍ତ୍ତା, ସମାଜସେବୀ, ଆଦର୍ଶ ଶିକ୍ଷକ, ମାନବପ୍ରେମୀ, ସାମ୍ବାଦିକ, କବି ଏବଂ ଦାର୍ଶନିକ । ଗୋପବନ୍ଧୁ ଦାସ (୯ ଅକ୍ଟୋବର ୧୮୭୭ - ୧୭ ଜୁନ ୧୯୨୮) ଓଡିଆ ପରିଚୟର ପ୍ରତୀକ ଥିଲେ, ଯେ ଉତ୍କଳମଣୀ ଭାବରେ ଜଣାଶୁଣା ଥିଲେ, ସେ ତାଙ୍କର ସମଗ୍ର ଜୀବନକୁ ବିଶେଷ କରି ଓଡ଼ିଶା ଏବଂ ସାଧାରଣ ଭାବେ  ଭାରତ ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କ ସମୟର ପରିବେଶ ତାଙ୍କ ଚିନ୍ତାଧାରାକୁ ସର୍ତ୍ତ ରଖିଥିଲା ଏବଂ ତାଙ୍କୁ ଓଡ଼ିଶାର ହଜିଯାଇଥିବା ଗୌରବ ଫେରାଇ ଆଣିବାକୁ ପ୍ରେରଣା ଦେଇଥିଲା । ଏହି ସମୟ ଓଡ଼ିଶାରେ ଜାତୀୟତାବାଦୀ ଶକ୍ତିମାନଙ୍କର ଜାଗରଣ, ପାଶ୍ଚାତ୍ୟ ଶିକ୍ଷାର ପରିଚୟ ଏବଂ ଭାରତୀୟ ନବଜାଗରଣ ବୃଦ୍ଧି ଦ୍ୱାରା ଚିହ୍ନିତ ହୋଇଥିଲା । ଅର୍ଥାତ ମଧ୍ୟଯୁଗ ପରେ ୟୁରୋପୀୟ ସାଂସ୍କୃତିକ, କଳା, ରାଜନୈତିକ ଏବଂ ଅର୍ଥନୈତିକ "ପୁନର୍ଜନ୍ମ"ର ପୁନନିର୍ମାଣ ଏକ ଘୋର ସମୟ ଥିଲା । ସାଧାରଣତଃ ଚତୁର୍ଦ୍ଦଶ ଶତାବ୍ଦୀରୁ ୧୭ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପରେ ହୋଇଥିବା ନବଜାଗରଣ ଆନ୍ଦୋଳନ ଶାସ୍ତ୍ରୀୟ ଦର୍ଶନ, ସାହିତ୍ୟ ଏବଂ କଳାର ପୁନଃଆବିଷ୍କାରକୁ ପ୍ରୋତ୍ସାହିତ କରିଥିଲା । ଏହି ଆନ୍ଦୋଳନ ଭାରତକୁ ପ୍ରଭାବିତ କରିଥିଲା । ଭାରତୀୟ ନବଜାଗରଣ ଆନ୍ଦୋଳନ ୧୮୨୮ ମସିହାରେ କଲିକତାରେ ଅଗ୍ରଣୀ ସାମାଜିକ ସଂସ୍କାରକ ରାଜା ରାମମୋହନ ରାୟ (୧୭୭୨ - ୧୮୩୩)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ମୂର୍ତ୍ତି ପୂଜା, ବହୁବିବାହ, ଜାତି ଅତ୍ୟାଚାର, ଅନାବଶ୍ୟକ ରୀତିନୀତି ଏବଂ ସତୀ, ବହୁବିବାହ, ପୁରଡା ପ୍ରଣାଳୀ, ବାଲ୍ୟ ବିବାହ ଇତ୍ୟାଦି ସାମାଜିକ ଦୁଷ୍କର୍ମ ବିରୁଦ୍ଧରେ ଏହା ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରଭାବ ଗୋପବନ୍ଧୁଙ୍କ ଉପରେ ପଡିଥିଲା ଏବଂ ସେ ଭାରତୀୟ ନବଜାଗରଣ ଆନ୍ଦୋଳନ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲେ । ସେଥିପାଇଁ ନବଜାଗରଣ ଆନ୍ଦୋଳନର ଚରିତ୍ର ଅନ୍ତର୍ଜାତୀୟ ବୋଲି କୁହାଯାଏ । କାରଣ ଏହି ଆନ୍ଦୋଳନର ସଫଳତା ପୁରା ବିଶ୍ୱରେ ଏକ ନୂତନ ଚିନ୍ତାକୁ ଜନ୍ମ ଦେଇଥିଲା । ଭାରତୀୟ ନବଜାଗରଣ କାଳରେ ଓଡ଼ିଶାର ଅନେକ ବୀର ପୁତ୍ରଙ୍କୁ ପ୍ରଭାବିତ କରିଛି ଏବଂ ଆଜି ସେମାନେ ତାଙ୍କର ଅମୁଲ୍ୟ ଯୋଗଦାନ ପାଇଁ ଇତିହାସରେ ପୃଷ୍ଠାରେ ସ୍ଥାନ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଉତ୍କଳମଣି ଗୋପବନ୍ଧୁ ଦାସ ହେଉଛନ୍ତି ଜଣେ । ତାଙ୍କ ଜୀବନସଂଘର୍ଷ ମଧ୍ୟରେ ନବଜାଗରଣ ଆନ୍ଦୋଳନରୁ ପ୍ରାପ୍ତ ସମସ୍ତ ଉଚ୍ଚକୋଟିର ଅବଧାରଣର କ୍ରିୟାନ୍ୱୟନ ଦେଖିବାକୁ ମିଳେ । ଅର୍ଥାତ ସେ ଥଲେ ଓଡ଼ିଶାର ସମ୍ପୂର୍ଣ୍ଣ ମାନବତାବାଦୀ ଚିନ୍ତା ଚେତନାର ବାହକ । ଗୋପାବନ୍ଧୁ ୯ ଅକ୍ଟୋବର, ୧୮୭୭ରେ ପୁରୀ ଜିଲ୍ଲାର ସତ୍ୟବାଦୀ ପୋଲିସଷ୍ଟେସନ ଅଧୀନସ୍ଥ ସୁଆଣ୍ଡୋ ନାମକ ଏକ ଗାଁରେ ଜନ୍ମଗ୍ରହଣ କରିଥିଲେ । ଜନ୍ମ ପରେ ସେ ମାଆଙ୍କୁ ହରାଇଲେ ଏବଂ ଏହା ତାଙ୍କ ହୃଦୟରେ ଏକ ଶୂନ୍ୟତା ସୃଷ୍ଟି କଲା । ସେ ପାଠପଢା ଗାଁରେ ଶିକ୍ଷା ଆରମ୍ଭ କରିଥିଲେ । ପୁରୀ ଜିଲା ବିଦ୍ୟାଳୟରେ ତାଙ୍କ ପାଠପଢା ସମୟରେ ସେ ଏମ ରାମଚନ୍ଦ୍ର ଦାସଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିଥିଲେ ଯିଏ ଜଣେ ଅକ୍ଷୟ ଚରିତ୍ର ଏବଂ ତୀବ୍ର ଦେଶପ୍ରେମର ବ୍ୟକ୍ତି ଥିଲେ । ଏହିଠାରୁ ଆରମ୍ଭ ହେଲା ତାଙ୍କର ଲୋକମାନଙ୍କ ପ୍ରତି ସେବାର ମନୋଭାବ । ବିଦ୍ୟାଳୟରେ ଛାତ୍ର ଥିବା ସମୟରେ ପ୍ରଭୁ ଜଗନ୍ନାଥଙ୍କ ରଥ ମହୋତ୍ସବରେ ହଇଜା ବ୍ୟାପିଯାଇଥିଲା ଯେଉଁଥିରେ ବହୁ ଲୋକ ପ୍ରାଣ ହରାଇଥିଲେ । ଗୋପବନ୍ଧୁ ତାଙ୍କ ସାଙ୍ଗମାନଙ୍କୁ ସଂଗଠିତ କରି ପୁରୀ ସେବା ସମିତି ଗଠନ କରିଥିଲେ । ଜନସେବାରେ ଏହା ତାଙ୍କର ପ୍ରଥମ ଅଭିଜ୍ଞତା ଥିଲା । ରେଭେନ୍ସା କଲେଜରେ ଅଧ୍ୟୟନ କରିବାବେଳେ ସେ ବ୍ରଜସୁନ୍ଦର ଦାସ ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ପରି ବନ୍ଧୁମାନଙ୍କ ସହ ଗରିବ ଏବଂ ଦରିଦ୍ରମାନଙ୍କ ସେବା କରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଶୃତି ଦେଇଥିଲେ । ତାଙ୍କ ପୁଅ ଗୁରୁତର ଅସୁସ୍ଥ ଥିବାବେଳେ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ବନ୍ୟା ପରିସ୍ଥିତି ଖବର ପାଇଥିଲେ । ସେ ତାଙ୍କ ପୁଅର ଗୁରୁତର ଅସୁସ୍ଥତାକୁ ଅଣଦେଖା କରି ବନ୍ୟା ପ୍ରଭାବିତ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ରିଲିଫ ପ୍ରଦାନ କରିଥିଲେ । ତାଙ୍କ ଅନୁପସ୍ଥିତିରେ ତାଙ୍କ ପୁଅର ମୃତ୍ୟୁ ହୋଇଥିଲା । ସେ କହିଛନ୍ତି: ମୋ ପୁଅର ଯତ୍ନ ନେବାକୁ ବହୁତ ଲୋକ ଅଛନ୍ତି । ମୁଁ ଆଉ କ'ଣ କରିପାରିବି ? କିନ୍ତୁ ପ୍ରଭାବିତ ଅଞ୍ଚଳରେ ସାହାଯ୍ୟ ପାଇଁ ବହୁତ ଲୋକ କାନ୍ଦୁଛନ୍ତି ଏବଂ ସେଠାକୁ ଯିବା ମୋର କର୍ତ୍ତବ୍ୟ । ପ୍ରଭୁ ଜଗନ୍ନାଥ ବାଳକଟିର ଯତ୍ନ ନେବାକୁ ଏଠାରେ ଅଛନ୍ତି । ଆହୁରି ମଧ୍ୟ, ଯେଉଁଦିନ ସେ କଲିକତାର ଆଇନ ପରୀକ୍ଷାରେ ସଫଳତାର ଖବର ପାଇଥିଲେ, ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା । ସରଳତା, ବଳିଦାନ, ସହନଶୀଳତା ଏବଂ ପ୍ରତିବଦ୍ଧତାର ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ ଥିଲା । ଗୋପବନ୍ଧୁ ପୁରୀରେ ଓକିଲ ଭାବରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ । ୧୯୦୯ ମସିହାରେ ମଧୁସୂଦନ ଦାସ ତାଙ୍କୁ ମୟୂରଭଞ୍ଜର ରାଜ୍ୟ ଆବେଦନକାରୀ ଭାବରେ ନିଯୁକ୍ତ କରିଥିଲେ । ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କର ତାଙ୍କ ପ୍ରତି ଅସୀମ ସମ୍ମାନ ଥିଲା । ଜଣେ ଶିକ୍ଷାବିତ୍ ଭାବରେ ଗୋପବନ୍ଧୁ ହୃଦୟଙ୍ଗମ କରିଥିଲେ ଯେ ଶିକ୍ଷା ବିନା ଲୋକମାନେ ସେମାନଙ୍କର ସ୍ୱାଧୀନତା ଏବଂ ରାଷ୍ଟ୍ରପ୍ରତି କର୍ତ୍ତବ୍ୟ ବିଷୟରେ ସଚେତନ ହେବେ ନାହିଁ । ଏଠାରେ ଲକ୍ଷ୍ୟ କରିବାକୁ ହେବ ଯେ ନବଜାଗରଣ ଆନ୍ଦୋଳନର ଅବଧାରଣା କିପରି ଗୋପବନ୍ଧୁଙ୍କ ମଧ୍ୟରେ କାମ କରୁଥିଲା । ଅର୍ଥାତ ଆଧୁନିକ ଓଡ଼ିଶାର ଭବିଷ୍ୟତ ପାଇଁ ଶିକ୍ଷା ଜରୁରୀ ବୋଲି ସେ ଅନୁଭବ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଗୋପାଳ କୃଷ୍ଣ ଗୋଖଲେଙ୍କ ନେତୃତ୍ୱରେ ଡେକାନ ଶିକ୍ଷା ସୋସାଇଟିର କାର୍ଯ୍ୟ ଦ୍ୱାରା ବହୁ ପ୍ରଭାବିତ ହୋଇଥିଲେ । ଫଳସ୍ୱରୂପ ପୁରୀ ଜିଲ୍ଲାର ସତ୍ୟବାଦୀ ଠାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ଏବଂ ଗୋପାବନ୍ଧୁ ସେହି ବିଦ୍ୟାଳୟର ସଚିବ ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଶ୍ରୀ ରାମଚନ୍ଦ୍ର ରଥଙ୍କ ପରି ସେହି ସମୟର ଖ୍ୟାତନାମା ବୁଦ୍ଧିଜୀବୀମାନେ ସେମାନଙ୍କ ସେବା ପ୍ରଦାନ କରିଥିଲେ । ପ୍ରାକୃତିକ ପରିବେଶରେ ଶିକ୍ଷାଦାନ କରାଯାଇଥିଲା ଯଥା ଗଛର ଛାଇ ତଳେ । ଛାତ୍ରମାନଙ୍କୁ ଧର୍ମନିରପେକ୍ଷତା, ଜାତୀୟତା ଏବଂ ଆଦର୍ଶବାଦର ମୂଲ୍ୟବୋଧ ଶିକ୍ଷା ଦିଆଯାଇଥିଲା । ଯାହା ଏକ ବିଶେଷ ଉଲ୍ଲେଖଯୋଗ୍ୟ ଯେ ଶ୍ରମର ସମ୍ମାନ ଉଭୟ ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ଜୀବନର ନୀତି ହୋଇଗଲା । ଗୋପବନ୍ଧୁ କୋଷାଧ୍ୟକ୍ଷ ଭାବରେ ରେଭେନ୍ସା କଲେଜର ପ୍ରିନ୍ସପାଲ୍ ଶ୍ରୀ ଲାବର୍ଟଙ୍କ ସହ ଓଡ଼ିଶା ଶିକ୍ଷା ପାଣ୍ଠି ନାମକ ଏକ ପାଣ୍ଠି ସ୍ଥାପନ କରିଥିଲେ । ସେ ପାଟନା ବିଶ୍ୱବିଦ୍ୟାଳୟର ସିନେଟ ଏବଂ ସିଣ୍ଡିକେଟର ସଦସ୍ୟ ଥିଲେ । ତାଙ୍କର ଶିକ୍ଷାର ଆଦର୍ଶ ଉଭୟ ପାଶ୍ଚାତ୍ୟ ଏବଂ ଭାରତୀୟ ଶିକ୍ଷାର ଆଦର୍ଶର ମିଶ୍ରଣ ଥିଲା । ତାଙ୍କର ରାଜନୈତିକ  କ୍ୟାରିୟର ବିଷୟରେ, ଗୋପାବନ୍ଧୁ ୧୯୧୭ ରୁ ୧୯୨୦ ପର୍ଯ୍ୟନ୍ତ ଚାରି ବର୍ଷ ପାଇଁ ପୁରୁଣା ବିହାର ଏବଂ ଓଡ଼ିଶା ବିଧାନ ପରିଷଦର ସଦସ୍ୟ ଥିଲେ । ସେ ଚାରୋଟି ପ୍ରମୁଖ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ, ଯଥା, (କ) ଓଡ଼ିଶାରେ ବନ୍ୟା ଏବଂ ଦୁର୍ଭିକ୍ଷ ରୋକିବା ପାଇଁ ସ୍ଥାୟୀ ପଦକ୍ଷେପ (ଖ) ଏକ୍ସାଇଜ୍ ଡ୍ୟୁଟିରୁ ମୁକ୍ତ ଲୁଣ ଉତ୍ପାଦନ କରିବାର ଓଡିଆର ପୁନରୁଦ୍ଧାର; ସତ୍ୟବାଦୀ ମଡେଲ ଉପରେ ଶିକ୍ଷାର ପ୍ରସାର ଏବଂ ସମସ୍ତ ଓଡିଆ ସ୍ପିକ୍ ଟ୍ରାକ୍ଟର ମିଶ୍ରଣ । ତାଙ୍କୁ ୧୯୨୧ ମସିହାରେ ପୋଲିସ ଗିରଫ କରିଥିଲା ଏବଂ ୧୯୨୨  ମସିହାରେ ପୁନର୍ବାର ଦୁଇ ବର୍ଷ କାରାଗାରରେ ବନ୍ଦୀ କରିଥିଲା । ୨୬  ଜୁନ୍, ୧୯୨୪ରେ ତାଙ୍କୁ ହାଜରିବାଗ ଜେଲରୁ ମୁକ୍ତ କରାଯାଇଥିଲା । ସୁଭାଷ ବୋଷ ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡ଼ିଶାରେ ଜାତୀୟ ଆନ୍ଦୋଳନର ପିତା ବୋଲି କହିଥିଲେ । ଏହା ବ୍ୟତୀତ ସେ ଓଡ଼ିଶାରେ ପ୍ରେସ୍ ଫ୍ରିଡମ୍ ର ଅଗ୍ରଦୂତ ଥିଲେ । ସେ ଓଡିଆ ଦୈନିକ 'ଦି ସମାଜ' ପ୍ରତିଷ୍ଠା କରିଥିଲେ । ଭାଷାର ଏକତା ଚିନ୍ତାଧାରାର ଏକତାକୁ ସୁନିଶ୍ଚିତ କରେ । ଯେହେତୁ ସଭ୍ୟତା ଏକ ଏବଂ ଏକମାତ୍ର ହୋଇପାରିବ ନାହିଁ । ସେ ଓଡିଆ ସାହିତ୍ୟର କାରଣକୁ ସମର୍ଥନ କରିଥିଲେ । ଗୋପବନ୍ଧୁ ଜଣେ ମହାନ ସାମାଜିକ ସଂସ୍କାରକ ଏବଂ ଏକ ନୂତନ ସାମାଜିକ ବ୍ୟବସ୍ଥାର ବାର୍ତ୍ତା ଥିଲେ । ଅସ୍ପୃଶ୍ୟତା ବିରୁଦ୍ଧରେ ତାଙ୍କର ଲଢ଼େଇ, ବିଧବା ପୁନଃ ବିବାହର ପ୍ରଚାର, ସାକ୍ଷରତା ପାଇଁ ଅଭିଯାନ, ଶିକ୍ଷାର ନୂତନ ମଡେଲ୍, ଉଭୟ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଚାପ, ମହିଳା ଶିକ୍ଷା ଉପରେ ଗୁରୁତ୍ୱ, ବିଶେଷ ଭାବରେ ଧନ୍ଦାମୂଳକ ତାଲିମ ଏବଂ ଗରୀବ ଏବଂ ଦରିଦ୍ରମାନଙ୍କ ପ୍ରତି ଏକ ଗଭୀର ପ୍ରତିବଦ୍ଧତା ଏବଂ କରୁଣା ତାଙ୍କୁ ଅମର କରିଦେଇଛି । ଗୋପବନ୍ଧୁଙ୍କର ଏହି ମହତ ଉଦ୍ଦେଶ୍ୟ ଚିହ୍ନି ୨୮.୦୬.୧୯୨୪ରେ ବିଶିଷ୍ଟ ବୈଜ୍ଞାନିକ ତଥା ବଙ୍ଗଳାର ଦେଶପ୍ରେମୀ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣୀ' ଉପାଧିରେ ଭୂଷିତ କରିଥିଲେ । ତାଙ୍କର ଦେହାବସାନ ୧୯୨୮ ମସିହା ଜୁନ ମାସ ୧୭ ତାରିଖରେ ଘଟିଥିଲା ଆଜି ସମୟ ଆସିଛି ଏହି ମନୀଷୀଙ୍କର ଚିନ୍ତା ଚେତନାକୁ ନିଜ ଚରିତ୍ରରେ ମିଶାଇବା, ଯେପରି ସେ ନବଜାଗରଣ ଆନ୍ଦୋଳନର ଅବଧାରଣାରୁ ଶିକ୍ଷା ନେଇ ଓଡିଶା ଏବଂ ଭାରତ ପାଇଁ ଅମର ହୋଇଗଲେ ।

ସୁଜନପୁର , ଯାଜପୁର


ସମ୍ପର୍କ ସୂତ୍ର - ୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାରତ ସ୍ୱାଧୀନତାରେ ସର୍ଦ୍ଦାର ପଟେଲ୍



ଗୌରୀ ପଣ୍ଡା

ବଲ୍ଲଭଭାଇ ଜାଭରଭାଇ ପଟେଲ, ସର୍ଦ୍ଦାର ପଟେଲ ଭାବରେ ଲୋକପ୍ରିୟ ଭାବରେ ଜଣାଶୁଣା । ସେ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ୩୧ ଅକ୍ଟୋବର ୧୮୭୫ରେ ଗୁଜୁରାଟର ନାଡିଆଡରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୫ ଡିସେମ୍ବର ୧୯୫୦ରେ ମୁମ୍ବାଇରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ରାଜନୀତିରେ ତାଙ୍କର ପ୍ରଥମ ବର୍ଷରେ ସେ ମହାତ୍ମା ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିଥିଲେ । ଭାରତ ଛାଡିବା ଆନ୍ଦୋଳନ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ଜଣେ ନେତା ତଥା ସ୍ୱାଧୀନ ଭାରତର ପ୍ରତିଷ୍ଠାତା ପିତା ଥିଲେ ।

ତାଙ୍କୁ ଭାରତର ଲୌହମାନବ ଆଖ୍ୟା ମଧ୍ୟ ଦିଆଯାଇଥିଲା । ଯେହେତୁ ସେ ନୂତନ ସ୍ୱାଧୀନ ଦେଶରେ ୫୬୨ ଗଡ଼ଜାତ ରାଜ୍ୟକୁ ଏକ କରି ଦେଶର ଏକୀକରଣରେ ଏକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ତାଙ୍କୁ ଏହି ଆଖ୍ୟା ଦିଆ ଯାଇଥିଲା । ସେହି ସମୟ ମଧ୍ୟରେ, ଭାରତର ଛିନ୍ନ ଭିନ୍ନ ଖଣ୍ଡ ସଂଗ୍ରହ କରିବା ପ୍ରକୃତରେ କଠିନ କାର୍ଯ୍ୟ ଥିଲା ।

ଭାରତର ସ୍ୱାଧୀନତା ପରେ ସେ ପ୍ରଥମ ଗୃହମନ୍ତ୍ରୀ ତଥା ଭାରତର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପମୁଖ୍ୟମନ୍ତ୍ରୀ ହୋଇଥିଲେ । ସେ ତାଙ୍କର ଏକ ଅଧିବେଶନରେ କହିଛନ୍ତି, "ଜାତି ଓ ଧର୍ମର କୌଣସି ପ୍ରଭେଦ ଆମକୁ ବାଧା ଦେବା ଉଚିତ୍ ନୁହେଁ । ସମସ୍ତେ ଭାରତର ପୁଅ ଓ ଝିଅ । ଆମେ ସମସ୍ତେ ଆମ ଦେଶକୁ ଭଲ ପାଇବା ଏବଂ ପାରସ୍ପରିକ ପ୍ରେମ ଏବଂ ସାହାଯ୍ୟ ଉପରେ ଆମର ଭାଗ୍ୟ ଗଠନ କରିବା ଉଚିତ୍ "।

ସେ ସର୍ବଦା ଧନୀ ଏବଂ ଗରିବ, ଜାତି ଏବଂ ଧର୍ମର, ଉଚ୍ଚ ଏବଂ ନିମ୍ନ ପ୍ରଭେଦକୁ ଆମ ଦେଶରୁ ହଟାଇବାକୁ ଚାହୁଁଥିଲେ, ତେଣୁ ସେ ଏଥିପାଇଁ ପ୍ରକୃତରେ କଠିନ ପରିଶ୍ରମ କରିଥିଲେ । ସେ ଦେଶର ପ୍ରକୃତ ନାଗରିକ ଥିଲେ । ତାଙ୍କୁ ସମ୍ମାନ ଜଣାଇବା ପାଇଁ ତାଙ୍କ ଜନ୍ମ ବାର୍ଷିକୀ ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ଭାବରେ ପାଳନ କରାଯାଏ ।

ସର୍ଦ୍ଦାର ପଟେଲ୍, ଯେପରି ସେ ଜଣାଶୁଣା ହେଲେ, ତାହା ସର୍ବଦା ସ୍ମରଣୀୟ ହୋଇ ରହିବ, କାରଣ ସେ ପ୍ରକୃତରେ ଜଣେ ମହାନ ନେତା ଏବଂ ପ୍ରକୃତ ବ୍ୟକ୍ତି ଥିଲେ ଯିଏ ପ୍ରକୃତରେ ନିଜ କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ଥିଲେ । ତେଣୁ ତାଙ୍କ ଅମର କୀର୍ତ୍ତିକୁ ସମ୍ମାନ ଜଣାଇ ଗୁଜୁରାଟରେ ବିଶ୍ୱର ସର୍ବବୃହତ ପ୍ରତିମୂର୍ତ୍ତି statue of unity ୩୧ ଅକ୍ଟୋବର ୨୦୧୮ରେ ତାଙ୍କ ଜନ୍ମ ଦିନ ଉପଲକ୍ଷେ ପ୍ରତିଷ୍ଠା କରାଯାଇଛି । ତତ୍ ସହିତ ନର୍ମଦା ନଦୀ ବନ୍ଧ ଯୋଜନାକୁ ମଧ୍ୟ ସର୍ଦ୍ଦାର ସରୋବର ଡ୍ୟାମ ନାମିତ କରାଯାଇଛି ।

ସର୍ଦ୍ଦାର ପଟେଲ ଜଣେ ଉଚ୍ଚକୋଟୀର ରାଜନୀତିଜ୍ଞ ତଥା ଦକ୍ଷ ପରାମର୍ଶଦାତା ଥିଲେ । ତାଙ୍କର ପ୍ରଚେଷ୍ଟାରେ ଭାରତର ଆନ୍ଦୋଳନ ପୂର୍ଣ୍ଣ ଦମ୍ଭରେ ଆଗେଇଥିଲା । ତେଣୁ ତାଙ୍କର ଅବଦାନ ଅତୁଳନୀୟ ।

ଜୟପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଡ଼ିଆ ସାହିତ୍ୟ ଓ ଯାବନିକ ଭାଷା



ବିକାଶ ନାୟକ

ଭାଷା ହେଉଛି ମଣିଷର ଚିନ୍ତାକେନ୍ଦ୍ରରୁ ପ୍ରସୂତ ବିଭିନ୍ନ ଅବୟବ ମାନଙ୍କ ଦ୍ୱାରା ଉଚ୍ଚାରିତ ଧ୍ୱନୀ ସମୂହର ସମାହାର, ଯାହାଦ୍ୱାରା ମଣିଷ ପରସ୍ପର ମଧ୍ୟରେ ନିଜର ଭାବବ୍ୟକ୍ତ କରିବାରେ ସମର୍ଥ ହୁଏ । ତେବେ ଭାଷା ସୃଷ୍ଟି ପଛରେ ଅନ୍ତର୍ନିହିତ କାରଣ ଯାହା ଥାଉନା କାହିଁକି ବହିର୍ଗତ କାରଣର ପ୍ରଭାବ ସ୍ୱତତଃ ପରିଲକ୍ଷିତ ହୁଏ । କାରଣ ବେଦ ଉପନିଷଦ ଯୁଗରୁ ହିଁ ସଂସ୍କୃତ ଭାଷା ଏ ଦେଶର ସଂସ୍କୃତି ଓ ଜୀବନ ଧାରାକୁ ସୁଚାରୁ ରୂପେ ନିଷ୍କର୍ଣ୍ଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କାଳକ୍ରମେ ଏହି ଜଟିଳ ଭାଷା ଅଧିକାଂଶ କ୍ଷେତ୍ରରେ ଦୁର୍ବୋଦ୍ଧ ହେବାରୁ ତାହା ପରବର୍ତ୍ତୀ ସମୟରେ ନାନା ପ୍ରକାର ପ୍ରାଦେଶିକ ଭାଷାରେ ରୂପାନ୍ତରିତ ହୋଇଗଲା । ଫଳତଃ ଦେଶର କୋଟି କୋଟି ଜନତା ଏହି ରୂପାନ୍ତରିତ ଭାଷାକୁ ଗ୍ରହଣ କରି ନିଜର ବ୍ୟକ୍ତିଗତ ଜୀବନକୁ ସମୁଜ୍ଜ୍ୱଳ କରିବାକୁ ଯାଇ ସ୍ୱପ୍ନରେ ବିଭୋର ହୋଇ ଉଠିଲେ । ପରିଣାମ ସ୍ୱରୂପ ଭାଷାର ମାନ୍ୟତା ଦୃଷ୍ଟିରୁ ଭାରତ ସରକାରଙ୍କ ନିଷ୍ଠା ଓ ଆଦର୍ଶ ଉପରେ ମୁଖ୍ୟତଃ ଅଳ୍ପ କେତୋଟି ଭାଷା ସ୍ୱୀକୃତି ଲାଭ କରିଛି । ବସ୍ତୁତଃ ଏହି ସ୍ୱୀକୃତି ପ୍ରାପ୍ତ ଭାଷା ହିଁ କୋର୍ଟ କଚେରୀର ଭାଷା ରୂପେ ପ୍ରାଧାନ୍ୟ ଲାଭ କରି ଏ ଦେଶର ଜନମାନସ ମନରେ ଗଭୀର ଉନ୍ମାଦନା ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରନ୍ତୁ ଓଡ଼ିଆ ଭାଷା ଏଭଳି ଏକ ସ୍ୱୀକୃତି ପ୍ରାପ୍ତ ଭାଷା ଯେ, ଯହିଁରେ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଭାଷାର ଶବ୍ଦ ଗୁଡିକ ଅପୂର୍ବ ସମ୍ଭାରରେ ମିଶ୍ରିତ ହୋଇ ପାରିଛି । ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଓଡ଼ିଆ ଭାଷା ଉପରେ ମୁଖ୍ୟତଃ ପର୍ତ୍ତୁଗୀଜ, ଯାବନିକ ଓ ଇଂରାଜୀ ଭାଷାର ପ୍ରଭାବ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ ସୃଷ୍ଟି କରିଛି ।

(୧)ସରକାରୀ ଭାଷା ରୂପେ ଯାବନିକ ଭାଷା:-

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ନାଗପୁର ମରହଟ୍ଟା ମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ବଙ୍ଗର ନବାବ ଆଲିବର୍ଦ୍ଦି ଖାଁଙ୍କୁ ପରାସ୍ତ କରି ଓଡିଶା ଅଧିକାର କରିଥିଲେ । ସୁତରାଂ ୧୭୫୧ରୁ ୧୮୦୩ ମସିହା ପର୍ଯ୍ୟନ୍ତ ସମୟ ମଧ୍ୟରେ ସେମାନେ ପାରସିକ ଭାଷାକୁ ସରକାରୀ ଭାଷାରୂପେ ଗ୍ରହଣ କରି ନିଜର ଆଧିପତ୍ୟ ସାବ୍ୟସ୍ତ କରିଥିଲେ । ତେଣୁ ଓଡିଶାର ଜମିଜମା ଓ ସରକାରୀ କାଗଜ ପତ୍ର ରସିଦ, ପାଉତି, ହାଣ୍ଡକୋର୍ଟ ପ୍ରଭୃତି ଯାବତୀୟ କ୍ଷେତ୍ରରେ ଯାବନିକ ଓ ଓଡ଼ିଆ କିମ୍ବା ଯାବନିକ ଓ ମରହଟ୍ଟା ଉଭୟ ଭାଷାରେ ସରକାରୀ କାଗଜ ପତ୍ର ଗୁଡିକ ଆତ୍ମପ୍ରକାଶ କରୁଥିଲା ।

(୨)ପ୍ରାଚୀନ ଓଡ଼ିଆ ଅଭିଲେଖ ଓ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରେ ଯାବନିକ ଶବ୍ଦ

ଓଡିଶାରେ ମୁସଲମାନ ରାଜତ୍ୱ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଓଡ଼ିଆ ଭାଷାରେ ପାରସିକ ଓ ଆରବୀୟ ଶବ୍ଦର ପ୍ରୟୋଗ ଆମେ ପ୍ରାଚୀନ ସାହିତ୍ୟରୁ ଦେଖିବାକୁ ପାଉ । ଉଦାହରଣ ସ୍ୱରୂପ ୧୪୦୩ ଖ୍ରୀଷ୍ଟାବ୍ଦର ଗୋଟିଏ ଶିଳାଲେଖରେ ଦାତାଙ୍କ ନାମ ଲଡୋଉ ସୁରତ୍ରାଣ ରୂପେ ବ୍ୟବହାର ହୋଇଥିବାର ପ୍ରମାଣ ମିଳେ । ଅର୍ଥାତ ସେ ବ୍ରାହ୍ମଣ ହେଲେ ମଧ୍ୟ ତାଙ୍କ ନାମଟି ଯାବନିକ ପରି ମନେ ହୁଏ । ଅପର ପକ୍ଷରେ ସଂସ୍କୃତ ପଣ୍ଡିତ ବିଶ୍ୱନାଥ କବିରାଜ ତାଙ୍କର 'ସାହିତ୍ୟ ଦର୍ପଣ'ରେ ସୁଲତାନ ଅର୍ଥରେ ସୁରତ୍ରାଣ ଓ ନାମ ବାଚକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଲାଉଦ୍ଦିନ ଅର୍ଥରେ ଆଲବଦିନ ଶବ୍ଦ ପ୍ରୟୋଗ କରିଥିବାର ଦୃଷ୍ଟାନ୍ତ ମିଳେ । ସେହିପରି ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରେ ମୁକାବିଲା 'ଓଡିଆରୁ ଅଛ' ଶବ୍ଦ ଦ୍ୱୟର ବ୍ୟବହାର ହୋଇଛି । ସୁତରାଂ ଏ ଶବ୍ଦ ଦୁଇଟି ଯଥାକ୍ରମେ ଆରବୀ ଓ ତୈୟାର କ୍ରିୟାରୁ ଆସିଅଛି । ଏହିପରି ଭାବରେ ମୁସଲମାନ ରାଜତ୍ୱ ଆରମ୍ଭ ହେବା ବହୁ ପୂର୍ବରୁ ଯାବନିକ ଶବ୍ଦ ପ୍ରସାର ଲାଭ କରିଥିଲା ।

(୩)ରେକର୍ଡ ପତ୍ରରେ ଯାବନିକ ଶବ୍ଦ

୧୫୬୮ ମସିହା ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଯେଉଁ ରାଜନୈତିକ ବାତାବରଣ ମଧ୍ୟରେ ଓଡ଼ିଶାର ଭାଗ୍ୟଲିପି ନିର୍ଦ୍ଧାରିତ ହୋଇଥିଲା ସେହି ଗୌରବଜ୍ଜ୍ୱଳ ଅଧ୍ୟାୟକୁ ଉନ୍ମୋଚନ କଲାବେଳେ ଅତୀତର ଲିପିବଦ୍ଧ ଦଲିଲ ଓ ରେକର୍ଡର ନମୁନା ଯଥେଷ୍ଟ ମାତ୍ରାରେ ସମସ୍ତଙ୍କୁ ଅନୁପ୍ରାଣିତ କରିଥିବାର ଦୃଷ୍ଟାନ୍ତ ମିଳେ । ଏପରିକି ଏହି ସମୟରେ ଉଭୟ ଭାଷା ଓ ଲିପିରେ ଲିଖିତ ଅସଂଖ୍ୟ ବଏନାମା, କବଲା, ପଟ୍ଟା, ପାଉତି, ରସିଦ, ଆଜ୍ଞାପତ୍ର ଓ ଦାନପାତ୍ର ଏଯାବତ ଓଡିଶାର ଗ୍ରାମେ ଗ୍ରାମେ ଓ ଗୃହେ ଗୃହେ ପରିଲକ୍ଷିତ ହୁଏ । ଯଥା-ଦିଆନ, ମୀରଜା ଇତ୍ୟାଦି ।

(୪)ଓଡ଼ିଆ ସାହିତ୍ୟରେ ଯାବନିକ ଶବ୍ଦ

କେବଳ ଓଡ଼ିଆ ଅଭିଲେଖ ଓ ସରକାରୀ କାଗଜପତ୍ର ମାନଙ୍କରେ ନୁହେଁ ଓଡ଼ିଆ ସାହିତ୍ୟରେ ମଧ୍ୟ ମୋଗଲ ରାଜତ୍ୱର ଆରମ୍ଭର ପ୍ରାୟ ଶହେ ବର୍ଷ ପୂର୍ବରୁ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ବଚ୍ଛା ଦାସଙ୍କ 'କଳସା ଚଉତିଶା'ରେ ସର୍ବ ପ୍ରଥମେ ଆମେ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ପାଉ । ଠିକ ଅନୁରୂପ ଭାବରେ ପଞ୍ଚସଖା ଯୁଗର ଅତିବଡ଼ି ଜଗନ୍ନାଥ ଦାସ ଭାଗବତର ଦଶମ ସ୍କନ୍ଦରେ ଯେଉଁ ଅଗର ଶବ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବହାର କରିଛନ୍ତି, ତାହା ସଂସ୍କୃତ ଆଗୁରୁ ସହିତ ସମ୍ପର୍କ ହେଲେ ହେଁ ଆରବିକ ଅଗର ସହିତ ଏହାର ମେଳ ଅଧିକ । ସେହିପରି ଷୋଡଶ ଶତାବ୍ଦୀର କବି ଅଚ୍ୟୁତାନନ୍ଦ ତାଙ୍କର ଶୂନ୍ୟ ସଂହିତା ଭଜନରେ ତୁରୁକ ଓ ଅଲେଫ ଆଦି ଦୁଇଟି ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି ।

ଏହାପରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବ ରଥ, ଉତ୍କଳ ଘଣ୍ଟ ଯଦୁମଣି ପ୍ରମୁଖ କବିମାନଙ୍କ ରଚନାରେ ପ୍ରଚୁର ମାତ୍ରାରେ ଯାବନିକ ଶବ୍ଦର ପ୍ରମାଣ ମିଳେ । ଏହା ବ୍ୟତୀତ ଆଧୁନିକ ସାହିତ୍ୟରେ ମଧ୍ୟ କଥା ସମ୍ରାଟ ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ରାମ ଶଙ୍କର ରାୟଙ୍କ ରଚନାରେ ମଧ୍ୟ ଯାବନିକ ଶବ୍ଦର ପ୍ରଭାବ ଯଥେଷ୍ଟ ମାତ୍ରାରେ ପରିଲକ୍ଷିତ ହୁଏ ।

ବସ୍ତୁତଃ ଓଡ଼ିଆ ଭାଷାରେ ଯାବନିକ ପ୍ରଭାବ ଏତେ ବିପୁଳ ଯେ ତା'କୁ ବାଦ ଦେଲେ ଓଡ଼ିଆ ଭାଷାର ପରିକଳ୍ପନା ଅସମ୍ଭବ ହୋଇ ପଡିବ । ତେଣୁ ପ୍ରଭାବଶାଳୀ ବୈଦେଶିକ ଭାଷା ଦୃଷ୍ଟିରୁ ଇଂରାଜୀ ଭାଷାର ସ୍ଥାନ ପ୍ରଥମ ଏବଂ ଯାବନିକ ଭାଷାର ସ୍ଥାନ ଦ୍ୱିତୀୟ ।

ଶ୍ରୀ ବିକାଶ ନାୟକ, କଇଁପୁର, ଜାମଦା, ମୟୂରଭଞ୍ଜ
ମୋବାଇଲ ନମ୍ବର : ୬୩୭୨୬୪୬୨୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶଙ୍ଖର ମହତ୍ତ୍ୱ ଓ ଉପକାରିତା



ନିତ୍ୟ ରଞ୍ଜନ ନନ୍ଦ

ସମୁଦ୍ର ମନ୍ଥନରୁ ମିଳିଥିବା ୧୪ ଗୋଟି ରତ୍ନ ମଧ୍ୟରୁ ଶଙ୍ଖ ଅନ୍ୟତମ ଅଟେ । କରୋନା କାଳରେ ଆମେ ଶଙ୍ଖ ଧ୍ୱନୀର ଆବଶ୍ୟକତା ଅନୁଭବ କରିବାରୁ ଶଙ୍ଖ ବଜାଇଲେ । ସେତେବେଳେ ବୋଧେ ଭାରତୀୟ ସଂସ୍କୃତି ବିଜ୍ଞାନ ଆଡକୁ ସମସ୍ତେ ଆସିବାକୁ ଇଚ୍ଛୁକ ଥିଲେ, ସେ ଭୟରେ ହେଉ କି ଶ୍ରଦ୍ଧାରେ ହେଉ । ସତରେ କ'ଣ ଶଙ୍ଖ ଧ୍ୱନୀରେ କିଛି ବିଜ୍ଞାନ ରହିଛି ? ନା ଏହା ଏକ ଅନ୍ଧବିଶ୍ୱାସ ଅଟେ ମାତ୍ର । ଶାସ୍ତ୍ରରେ ଶଙ୍ଖର ଶବ୍ଦକୁ ଅତ୍ୟନ୍ତ ଲାଭଦାୟକ ଏବଂ ଉପକାରୀ ବୋଲି ବର୍ଣ୍ଣନା କରାଯାଇଛି । କୁହାଯାଏ ଯେ ଶଙ୍ଖର ଶବ୍ଦ ଯେଉଁଠାରେ ପହଞ୍ଚେ ସେଇଠି ଲୋକଙ୍କ କଲ୍ୟାଣ ହେବା ଆରମ୍ଭ ହୋଇଥାଏ ।

_ଶଙ୍ଖ ଫୁଙ୍କିବା ଫୁସଫୁସକୁ ମଜବୁତ କରେ ।

_ଶଙ୍ଖ ଫୁଙ୍କିବା ଶବ୍ଦ ରକ୍ତଚାପକୁ ଠିକ୍ ରଖେ ।

_ ଥାଇରଏଡ୍ ରୋଗରେ ଶଙ୍ଖ ବହୁତ ଉପକାରୀ ।

ଏବେ ଆସନ୍ତୁ ବିସ୍ତାର ଭାବରେ ଶଙ୍ଖର ଉପକାରିତା ସବୁ ଜାଣିବା ।

ଦୈନିକ ଶଙ୍ଖ ଫୁଙ୍କିବା ଦ୍ୱାରା ମଳଦ୍ୱାରର ମାଂସପେଶୀ ଶକ୍ତିଶାଳୀ ହୁଏ । ଶଙ୍ଖ ଫୁଙ୍କିବା ମୂତ୍ରାଶୟ, ତଳିପେଟ, ଛାତି, ପାଟି ଏବଂ ବେକରେ ମାଂସପେଶୀ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ପ୍ରମାଣ କରେ । ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଙ୍ଗଗୁଡ଼ିକ ଶଙ୍ଖ ବଜାଇଲେ ବ୍ୟାୟାମ ହୋଇଥାଏ ।

ଶଙ୍ଖକୁ ଫୁଙ୍କିବା ଦ୍ୱାରା ପ୍ରଶ୍ୱାସ ନେବା କ୍ଷମତା ଉନ୍ନତ ହୁଏ । ଏହା ଆପଣଙ୍କ ଥାଇରଏଡ୍ ଗ୍ରନ୍ଥି ଏବଂ ସ୍ୱରପେଟିକୁ ବ୍ୟାୟାମ କରେ । ଏହା କଥା କହିବା ସହ ଜଡିତ ଯେ କୌଣସି ପ୍ରକାରର ସମସ୍ୟାକୁ ଭଲ କରିବାରେ ସାହାଯ୍ୟ କରେ ।

ଶଙ୍ଖ ଫୁଙ୍କିବା ଦ୍ୱାରା ଆପଣଙ୍କର ବୃଦ୍ଧାବସ୍ଥାରେ ଦେଖାଉଥିବା କୁଞ୍ଚନ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ । ମୁଖର ମାଂସପେଶୀ ବିସ୍ତାରିତ ହୁଏ । ଯାହା କୁଞ୍ଚନ କୁ ହ୍ରାସ କରିଥାଏ ।

ଶଙ୍ଖ କ୍ୟାଲସିୟମର ଏକ ବଡ଼ ଉତ୍ସ ଅଟେ । ରାତିରେ ପାଣିରେ ଭର୍ତି ହୋଇଥିବା ଏକ ଶଙ୍ଖର ପାଣି ପିଇଲେ ଶରୀରର କ୍ୟାଲସିୟମ ଅଭାବ ଦୂର ହୋଇଥାଏ । ଏହାକୁ ଚର୍ମରେ ମାଲିସ୍ କଲେ ଅନେକ ଚର୍ମ ରୋଗରୁ ମୁକ୍ତି ମିଳିପାରିବ ।

ଶଙ୍ଖ ଫୁଙ୍କିବା ଦ୍ୱାରା ମାନସିକ ଚାପରୁ ମୁକ୍ତି ମିଳିଥାଏ । ଯେଉଁମାନେ ବହୁତ ଚାପରେ ଅଛନ୍ତି ସେମାନେ ନିଶ୍ଚିତ ଭାବରେ ଶଙ୍ଖ ଫୁଙ୍କିବା ଉଚିତ, କାରଣ ଏହା ଫୁଙ୍କିବା ବେଳେ ସମସ୍ତ ବ୍ୟାଧି ମନରୁ ଦୂରେଇ ଯାଏ । ଶଙ୍ଖ ବଜାଇବା ଦ୍ୱାରା ଘର ଭିତରକୁ ଆସୁଥିବା ନକାରାତ୍ମକ ଶକ୍ତି ମଧ୍ୟ ଦୂରରେ ରହିଥାଏ । ଯେଉଁ ଘରଗୁଡ଼ିକରେ ଶଙ୍ଖ ରଖାଯାଏ ସେଠାରେ କୌଣସି ନକାରାତ୍ମକତା ରୁହେ ନାହିଁ ।

ଶଙ୍ଖ ଫୁଙ୍କିବା ଦ୍ୱାରା ଆପଣ ହୃଦଘାତରୁ ମଧ୍ୟ ରକ୍ଷା ପାଇପାରିବେ । ଯେଉଁ ବ୍ୟକ୍ତି ନିୟମିତ ଭାବରେ ଶଙ୍ଖକୁ ଫୁଙ୍କେ, ତାକୁ ହୃଦଘାତ ହୁଏ ନାହିଁ । ଶଙ୍ଖ ଫୁଙ୍କିବା ଦ୍ୱାରା ହୃତପିଣ୍ଡ ଓ  ରକ୍ତ ନଳିରେ ଥିବା ସମସ୍ତ ଅବରୋଧ ହଟିଯାଇଥାଏ । ସେହିଭଳି, ବାରମ୍ବାର ନିଶ୍ୱାସ ପ୍ରଶ୍ୱାସ ନେବା ଦ୍ୱାରା ଫୁସଫୁସ ମଧ୍ୟ ସୁସ୍ଥ ରହିଥାଏ । ଶଙ୍ଖ ଫୁଙ୍କିବା ଦ୍ୱାରା ଯୋଗର ତିନୋଟି କାର୍ଯ୍ୟକଳାପ ଯେମିତିକି କୁମ୍ଭକ, ରେଚକ ଏବଂ ପ୍ରାଣାୟାମ ଇତ୍ୟାଦି ଏକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗରେ ହୋଇଥାଏ ।

ଯେଉଁମାନଙ୍କର ଶ୍ୱାସକ୍ରିୟା ସମସ୍ୟା ରହିଛି, ସେମାନେ ଶଙ୍ଖ ଫୁଙ୍କିଲେ ଏଥିରୁ ମୁକ୍ତି ପାଇପାରିବେ । ଯେଉଁମାନେ ପ୍ରତିଦିନ ଶଙ୍ଖ ଫୁଙ୍କନ୍ତି ସେମାନେ ଗଳା ଏବଂ ଫୁସଫୁସର ରୋଗ ପାଆନ୍ତି ନାହିଁ । ଏହା ସ୍ମୃତି ଶକ୍ତିକୁ ମଧ୍ୟ ବଢ଼ାଇଥାଏ ।

ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଏକ ଶଙ୍ଖ ସେଲକୁ ଫୁଙ୍କିଲେ, ଏହାର ଧ୍ୱନୀ ଯେଉଁ ପର୍ଯ୍ୟନ୍ତ ଯାଏ ଅନେକ ରୋଗର ଜୀବାଣୁ ମଧ୍ୟ ଶବ୍ଦ କମ୍ପନ ଦ୍ୱାରା ଦୁର୍ବଳ ହୋଇଯାଆନ୍ତି କିମ୍ବା ନଷ୍ଟ ହୋଇଯାଆନ୍ତି । ଯଦି ପ୍ରତିଦିନ ଶଙ୍ଖ ବଜାଯାଏ ପରିବେଶ ଜୀବାଣୁମୁକ୍ତ ହୋଇପାରେ । ବର୍ଲିନ୍ ବିଶ୍ୱବିଦ୍ୟାଳୟ ଶଙ୍ଖ ସେଲ ଉପରେ ଗବେଷଣା କଲା ଏବଂ ଜାଣିବାକୁ ପାଇଲା ଯେ ଏହାର ତରଙ୍ଗ ଜୀବାଣୁ ଏବଂ ଅନ୍ୟାନ୍ୟ ସୂକ୍ଷ୍ମ ଅଣୁଜୀବ (ମାଇକ୍ରୋବସ୍)ନଷ୍ଟ କରିବା ପାଇଁ ସର୍ବୋତ୍ତମ ଔଷଧ ଅଟେ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଶଙ୍ଖ ବଜାଇବା ଦ୍ୱାରା ବାୟୁମଣ୍ଡଳ ଜୀବାଣୁମୁକ୍ତ ହୋଇଯାଏ । ବୈଜ୍ଞାନିକମାନେ କହିଛନ୍ତି ଯେ ସୂର୍ଯ୍ୟ କିରଣ ଶବ୍ଦ ତରଙ୍ଗରେ ବାଧା ସୃଷ୍ଟି କରିଥାଏ, ସେଥିପାଇଁ ସକାଳେ ଓ ସନ୍ଧ୍ୟାରେ ଶଙ୍ଖ ବଜେଇବାର ପରମ୍ପରା ରହିଛି ।

ଶଙ୍ଖରେ କ୍ୟାଲସିୟମ, ସଲଫର ଏବଂ ଫସଫରସ୍ ବହୁ ପରିମାଣରେ ମିଳିଥାଏ । ଶକ୍ତିଶାଳୀ ହାଡ ପାଇଁ ଏହି ଉପାଦାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଶଙ୍ଖରେ ୧୨-୨୪ ଘଣ୍ଟା ରଖାଯାଇଥିବା ପାଣି ପିଅନ୍ତୁ । ଏହା ଦାନ୍ତର ମଧ୍ୟ ଉପକାର କରିଥାଏ ।

ଶଙ୍ଖର ଔଷଧୀୟ ବ୍ୟବହାର ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ । ଜଣେ ମୂକ ବ୍ୟକ୍ତି ପ୍ରତିଦିନ ୨-୩ ଘଣ୍ଟା ପାଇଁ ଶଙ୍ଖ ବଜାଇବାକୁ ଦିଅନ୍ତୁ । ତାଙ୍କୁ ପ୍ରତିଦିନ ୨୪ ଘଣ୍ଟା ପାଇଁ ଏକ ବଡ ଶଙ୍ଖରେ ରଖାଯାଇଥିବା ପାଣି ପିଇବାକୁ ଦିଅ, ଛୋଟ ଶଙ୍ଖ ଶେଲ(ଖୋଳ)ରେ ଏକ ମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିଆରି କର ଏବଂ ଏହାକୁ ବେକରେ ପିନ୍ଧାଇଦିଅନ୍ତୁ ଏବଂ ୫୦ ରୁ ୨୫୦ ମିଲିଗ୍ରାମ ଶଙ୍ଖ ଭସ୍ମ ମହୁ ସହିତ ଚଟେଇ ଦିଅ ଉଭୟ ସକାଳ ଏବଂ ସନ୍ଧ୍ୟାରେ । ଏହା ମୂକତାକୁ ଦୂର କରେ । ଶଙ୍ଖ ଭସ୍ମ (୫୦-୨୫୦ ମିଲିଗ୍ରାମ)କୁ ୧ ରୁ ୨ ଗ୍ରାମ ଅଁଳା ଚୂର୍ଣ୍ଣରେ ଘିଅ ସହିତ ସକାଳ ଓ ସନ୍ଧ୍ୟାରେ ଖାଇବାକୁ ଦେଲେ ତୁତଲାପଣ  ଦୂର ହୁଏ ।

ଛୋଟ ଶଙ୍ଖକୁ ଫୁଙ୍କିଲେ ଅଧିକ ଶକ୍ତି ଖର୍ଚ୍ଚ କରିବାକୁ ପଡ଼େ କିନ୍ତୁ ଏହା ଗଳା ସମ୍ବନ୍ଧୀୟ ରୋଗ ପାଇଁ ଅବ୍ୟର୍ଥ ଔଷଧ ଅଟେ ।

ଶଙ୍ଖର ଧ୍ୱନୀକୁ ନିୟମିତ ଶୁଣୁଥିବା କାଲା ବ୍ୟକ୍ତିର ଶ୍ରବଣ ଶକ୍ତି ଫେରିଆସିଥାଏ । ଏହା କର୍ଣ୍ଣ ଚିକିତ୍ସା ପାଇଁ ମଧ୍ୟ ଅଦ୍ଭୁତ କାମ କରେ ।

ଦକ୍ଷିଣବର୍ତ୍ତୀ ଶଙ୍ଖ ବହୁତ ଦୁର୍ଲଭ ଅଟେ ଏହାକୁ ପାଇଲେ ନିଶ୍ଚିତ ଘରକୁ ଆଣନ୍ତୁ ଏହା ବାମାବର୍ତ୍ତୀ ଶଙ୍ଖ ଅପେକ୍ଷା ଅଧିକ ଶୁଭ ଫଳ ପ୍ରଦାନ କରେ । ଏହା ସମସ୍ତ ପ୍ରକାରର ବାସ୍ତୁ ଦୋଷକୁ ଠିକ କରିବା ସହିତ ଘରକୁ ସୁଖ ସମୃଦ୍ଧି ଆଣିଥାଏ ।

ଶଙ୍ଖକୁ ସାଢେ ତିନି ଥର ହିଁ କେବଳ ଫୁଙ୍କାଯାଏ ଏବଂ ସବୁବେଳେ ଏମିତି ଜାଗାରେ ରଖାଯାଏ ଯେମିତି ତାହା ଧରିତ୍ରୀକୁ ସ୍ପର୍ଶ ନକରେ ।

ଏ ସମସ୍ତ ତଥ୍ୟ ପଛରେ ବିଜ୍ଞାନ ରହିଛି ।

ଡି ଏଲ ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୧୧୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେତୁବାଦ ବନାମ ସାମ୍ପ୍ରଦାୟିକତା



ପଙ୍କଜ କୁମାର ପାଣିଗ୍ରାହୀ

ଅଲେକର ଉତ୍ସ ଉତ୍ତାପ ।

ଜୀବନ ସଂଚାରର ମାଧ୍ୟମ ଉତ୍ତାପ / ଆଲୋକ ।

ଜଳ, ବାୟୁ ଓ ମାଟିର ପରିବର୍ତ୍ତିତ ବିବର୍ତ୍ତନ ଭାଗଶେଷରୁ ଉଦ୍ଧୃତ ଜୀବନ

କାହାକୁ ଗୋଚର ଏହାର ତାତ୍ୱିକ ଜ୍ଞାନ ?!!

ନିକଟ ଅତୀତର ହେତୁବାଦୀ - ଧର୍ମାନ୍ଧ ତର୍କ-ବିତର୍କ ବିଚାରଗୁଡିକୁ ଦେଖି ମନେ ହୁଏ ସତେ ଯେମିତି ମଣିଷ ଦିନକୁ ଦିନ ଅଜ୍ଞାନର ଚରମ ଶୀର୍ଷରେ ପହଂଚିଛି । ସମୟ ପୂର୍ବରୁ ପୃଥିବୀ ଜୀବନଶୂନ୍ୟ ହେବାକୁ ଯାଉଛି । ଏହା କହିବାର ମୂଳ ଆଧାର ହେଲା ଯେ ଯେତେବେଳେ ଜ୍ଞାନର କୌଣସି ଉତ୍ସ ନଥିଲା ସେତେବେଳେ ଯେଉଁସବୁ ଦାର୍ଶନିକ, ବୈଜ୍ଞାନିକ ସୃଷ୍ଟି ହୋଇଥିଲେ ପୃଥିବୀ ପୃଷ୍ଠରେ, ବର୍ତ୍ତମାନ ଆଉ ନାହାଁନ୍ତି କି ସୃଷ୍ଟି ହେବା ସମ୍ଭାବନା ନାହିଁ । ତାହାର କାରଣ ତ ଅତ୍ୟନ୍ତ ଗମ୍ଭୀର ଯାହା ଅନ୍ୟ ଦିଗରେ ପରିଚାଳିତ । ହେଲେ ଉପସ୍ଥିତ ଅଜ୍ଞାନ ଶିକ୍ଷିତ ଏବଂ ଅଶିକ୍ଷିତ ଧର୍ମ ବିଶ୍ୱାସୀଙ୍କ ମଧ୍ୟରେ ଯେଉଁ ସବୁ ଯୁକ୍ତି ଚାଲିଛି ତାହା ତର୍କ ନା ବିତର୍କ ସମୀକ୍ଷା କରିବା ଜ୍ଞାନ ଶୂନ୍ୟ ସମାଜର ଗତି କେଉଁ ଆଡକୁ ସମୟ କହିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମ କଥା ହେଲା ଯେଉଁ ଦାର୍ଶନିକ ତଥା ବୈଜ୍ଞାନିକ ସମୂହ ଭବିଷ୍ୟ ପୀଢିଙ୍କ ପାଇଁ ସେମାନଙ୍କ ଗବେଷିତ ତଥ୍ୟ-ତତ୍ୱର ନିଷ୍କର୍ଷ ସବୁ ଦେଇଯାଇଛନ୍ତି ସେଗୁଡିକୁ ସମୀକ୍ଷା କରିବା ଜ୍ଞାନ ମଧ୍ୟ ନାହିଁ କାହାର ଆଜି ସମୟରେ । ଅଧିକନ୍ତୁ ସେହି ପୂର୍ବଜ ଦାର୍ଶନିକ, ବୈଜ୍ଞାନିକଗଣ କିଏ ହେଲେ କୌଣସି ବିଶ୍ୱବିଦ୍ୟାଳୟରୁ ପ୍ରମାଣପତ୍ର ଧାରିତ ଶିକ୍ଷା ଅର୍ଜନ କରିନଥିଲେ କିମ୍ବା ସେମାନଙ୍କର ଜ୍ଞାନକୁ ନେଇ କୌଣସି ଅହଂଭାବ ନଥିଲା ମନରେ ହେଉକି ବାହ୍ୟରେ । କାରଣ ସେମାନେ ହିଁ ଜଣେ ଜଣେ ଗୋଟିଏ ଗୋଟିଏ ଅନୁଷ୍ଠାନ ସ୍ୱରୂପ ଦଣ୍ଡାୟମାନ ହୋଇଥଲେ ନିଜସ୍ୱ ଅନ୍ତର୍ଜ୍ଞାନରୁ ଯାହା ଆଜି ସମୟରେ ବୁଝିବା ମଣିଷ କ୍ଷୀଣ । ଉପସ୍ଥିତ ସମୟର ସମସ୍ତ ବୈଜ୍ଞାନିକ ଶିକ୍ଷାରେ ପାରଙ୍ଗମ ଶିକ୍ଷା ପ୍ରମାଣପତ୍ରଧାରୀ ମଣିଷ ହୁଅନ୍ତୁ କିମ୍ବା ଦାର୍ଶନିକ ମତବାଦ ଗୁଡିକ ଅଭ୍ୟାସ କରିଥିବା ପ୍ରମାଣପତ୍ର ଶୂନ୍ୟ ଅଶିକ୍ଷିତ ହୁଅନ୍ତୁ, ସେମାନଙ୍କ ନିଷ୍କର୍ଷ ଗୁଡିକୁ ଅଭ୍ୟାସ କରି ନିଜସ୍ୱ ଗବେଷିତ ତଥ୍ୟର କୌଣସି ଆଧାର ବିହୀନ ତାର୍କିକ ଅନୁଶୀଳନ କରିବା ଏବଂ ଅହଂକାରରେ ନିଜକୁ ଶୀର୍ଷରେ ସ୍ଥାପିତ କରିବା ଏକ ଅମାନବୀୟ ବିଚାର ଏବଂ ସେମାନଙ୍କ ରହିଥିବା କିଂଚିତ ଜ୍ଞାନକୁ ସଂକୁଚିତ କରି ଅଜ୍ଞାନର ପରିଚୟ ପ୍ରଦାନ କରୁଥିବା ବୁଝି ପାରୁନାହାନ୍ତି ସେମାନେ ।

ଦ୍ୱିତୀୟତଃ ଯେଉଁ ସବୁ ସର୍ବସାଧାରଣ ମଂଚରେ ଏହିଭଳି ତାର୍କିକ ପରିବେଶ ସୃଷ୍ଟି କରାଯାଉଅଛି ସେଇଠି କିଭଳି ବିଚାରଶୀଳ ମଣିଷଙ୍କୁ ନେଇ ଆଲୋଚନା କରାଗଲେ ଯେ ପ୍ରକୃତ ନିଷ୍କର୍ଷ ପଦାକୁ ଆସିବ ସେହି ଜ୍ଞାନ ମଧ୍ୟ ନାହିଁ ହୁଏତ ଆୟୋଜକଙ୍କ ? ! ତେଣୁ ବିଭିନ୍ନ ଲୋକଙ୍କ ଭିନ୍ନ ଭିନ୍ନ ମତବାଦ ମଧ୍ୟରେ ବିତର୍କିତ ପରିବେଶ ସୃଷ୍ଟି ହୋଇ କୌଣସି ନିଷ୍କର୍ଷରେ ନପହଁଚି ସମାପ୍ତ ହେଉଛି ଆମର ତର୍କ ସମୟ । ନିକଟ ଅତୀତରେ ବିଭିନ୍ନ ଇଲେକ୍ଟ୍ରୋନିକ ମିଡିଆରେ କେତେକ ଯୁକ୍ତି ମଂଚଙ୍କ ଗୁଡିକର ଆଲୋଚନା ଗୁଡିକୁ ଲକ୍ଷ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲେ ଜାଣି ହେଉଛି ଯେ ଦୁଇ ପକ୍ଷରେ ରହିଥିବା ହେତୁବାଦୀ ଏବଂ ଧର୍ମ ବିଶ୍ୱାସୀଙ୍କ ମଧ୍ୟରେ ଯେଉଁସବୁ ତର୍କ-ବିତର୍କ କରାଯାଉଥିଲା ଏବଂ ଯାହା ସବୁ ଯୁକ୍ତି ବଢାଯାଉଥିଲା ସେସବୁ ସମ୍ପୃକ୍ତ ବ୍ୟକ୍ତି ମାନଙ୍କର ନିଜସ୍ୱ ଗବେଷିତ ଜ୍ଞାନରୁ ଉଦ୍ଧୃତ ନହୋଇ ଅନ୍ୟ କାହାର କୁହେଳିକା ଜନିତ । ଯିଏ ବୈଜ୍ଞାନିକ ମତ ପୋଷଣ କରୁଥିଲେ ତାହା ସମ୍ପୃକ୍ତ ହେତୁବାଦୀଙ୍କ ନିଜସ୍ୱ ଅନୁଭୂତ ଗବେଷିତ ତଥ୍ୟରୁ ନଥିଲା କିମ୍ବା ଯେଉଁସବୁ ଧର୍ମ ବିଶ୍ୱାସୀ ଶାସ୍ତ୍ରୀୟ ଜ୍ଞାନ ବାଢୁଥିଲେ ସେଗୁଡିକ ମଧ୍ୟ ତାଙ୍କ ନିଜସ୍ୱ ଅନୁଭୁତ ଗବେଷିତ ତଥ୍ୟରୁ ନଥାଇ କେବଳ କାହାର ମତବାଦ ଗୁଡିକୁ ବିଶ୍ୱାସକୁ ନେଇ ଯୁକ୍ତି ବଢୁଥିବା ଦେଖିବାକୁ ମିଳିଲା । କହିବାକୁ ଗଲେ ସେମାନଙ୍କ ମତ ଗୁଡିକରେ କୌଣସି ନିର୍ଦ୍ଧାରିତ ପ୍ରମାଣ ସାପେକ୍ଷ ନିଷ୍କର୍ଷ ନାହିଁ କାହାରି ପାଖରେ । ତେଣୁ ତାକୁ ଆମେ ତର୍କ ବୋଲି କହିବା ନା ବିତର୍କ ବିଚାର ଯୋଗ୍ୟ !

ତୃତୀୟରେ ମାନବିକ, ସାମାଜିକ ଓ ନୈତିକ ଜ୍ଞାନ ରହିତ ଶିକ୍ଷିତ ହେଉକି ଅଶିକ୍ଷିତ ମଣିଷ ଗୁଡିକ କେତେ ଶିକ୍ଷା ଲାଭ କଲେ କିମ୍ବା ଅନ୍ୟ କୌଣସି ଶିକ୍ଷାରେ ନିଜକୁ ଶମ୍ଭୁସିତ କରିଥିଲେ ମଧ୍ୟ ସେମାନଙ୍କ ପ୍ରକୃତ ଅନ୍ତର୍ଜ୍ଞାନ ରହିଥିବା କୌଣସି ନିଶ୍ଚିତତା ନଥାଏ । ମାନବ ସମ୍ବଳିତ ସାମାଜିକ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଉଚ୍ଚ ଶିକ୍ଷାର ପ୍ରମାଣପତ୍ରଟିଏ ହାସଲ କରିଥିବା ମଣିଷଙ୍କୁ ଜ୍ଞାନୀ ବୋଲି କହିବା ଏକ ଛଳନା ମାତ୍ର ଯାହାର କୌଣସି ନିଶ୍ଚିତତା ନାହିଁ ପ୍ରକୃତପକ୍ଷେ ଯାହା ସବୁ ବ୍ରିଟିଶ ଆମକୁ ଶିଖାଇଛି । ଜ୍ଞାନୀର ସଜ୍ଞା ଭିନ୍ନ ଏବଂ ଶିକ୍ଷିତଙ୍କ ସାମାଜିକ ମାନ୍ୟତା ଭିନ୍ନ । ତେଣୁ ଉଚ୍ଚ ଶିକ୍ଷିତଙ୍କୁ ଜ୍ଞାନୀର ମାନ୍ୟତା ଦେଇ ସବୁ କ୍ଷେତ୍ରରେ ନିୟୋଜିତ, ସମ୍ମାନିତ କରାଯିବା ଏକ ଅବ୍ୟବସ୍ଥିତ ସାମାଜିକତନ୍ତ୍ରର ଅଲୌକିକ ଛଳନା କେବଳ ହୋଇପାରେ, କିନ୍ତୁ ତାହାର କୌଣସି ଗ୍ରହଣୀୟତା ସମ୍ଭବ ହେବ ନାହିଁ । ଅଧିକନ୍ତୁ ସେମାନଙ୍କ ଅହଂଭାବ ଜନିତ ଅଜ୍ଞାନତା ଯଥେଷ୍ଟ ଅଧିକ ହେଉଥିବା ଜାଣିହେବ ଲକ୍ଷ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ । ଅନୁରୂପ କୌଣସି ସାଂସ୍କୃତିକ ମତବାଦ ଗୁଡିକୁ ଅଭ୍ୟାସ କରି ନିର୍ବୋଧଙ୍କ ସମ୍ମୁଖରେ ପ୍ରବଚନ ବଢୁଥିବା ମଣିଷଙ୍କୁ ମଧ୍ୟ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା ଏକ ସାମାଜିକ ବିଡମ୍ବନା ବୋଲି କୁହାଯାଇ ପାରିବ, କିନ୍ତୁ ସେମାନଙ୍କୁ ଜ୍ଞାନିର ନିଶ୍ଚିତ ଆଖ୍ୟା ଦିଆଯିବା ଅଯୌକ୍ତିକ । ଏହିଭଳି ପରିପ୍ରେକ୍ଷୀରେ ଯେଉଁସବୁ ମଣିଷ ମାନଙ୍କୁ ନେଇ ଏହି ଯୁକ୍ତି ବଢ଼ାଯାଉଥିଲା ସେଗୁଡିକ ସାଧାରଣ ମଣିଷଙ୍କ ପାଇଁ ଅଧିକ ବିଭ୍ରାନ୍ତିକର ମୁଣ୍ଡବ୍ୟଥାର କାରଣ ହେବା ଛାଡ଼ କୌଣସି ଭଲ ସନ୍ଦେଶ ନୁହେଁ ।

ଏହି ଦୁଇ ପକ୍ଷଙ୍କ ଯୁକ୍ତିକୁ ବିଚାରକୁ ନେଇ ଦେଖିଲେ କିଛି ବୁଝି ହେଉଛି ଯେ ଗୋଟିଏ ଗୋଷ୍ଠୀ ଚାହୁଁଛନ୍ତି ଆମ ସମ୍ପ୍ରଦାୟ ତଥା ରାଷ୍ଟ୍ରର ସମସ୍ତ ଲୋକେ ସତ୍ୟର ଭାବଗ୍ରାହୀ ହୁଅନ୍ତୁ ଏବଂ ଅନ୍ଧ ବିଶ୍ୱାସକୁ ପ୍ରତ୍ୟାଖ୍ୟାନ କରି ପ୍ରକୃତ ପଥରେ ଚାଲିବା ଶିଖନ୍ତୁ । ଅନ୍ୟ ପକ୍ଷରେ ଦ୍ୱିତୀୟ ଗୋଷ୍ଠୀ ଚାହୁଁଛନ୍ତି ଯେ ଆମ ସାମ୍ପ୍ରଦାୟିକ ବିଚାରରେ ଆମ ରାଷ୍ଟ୍ରୀୟ ମର୍ଯ୍ୟାଦା ବଜାୟ ରହୁ ଏବଂ ଆମେ ସମସ୍ତେ ନିଜକୁ ଏକ ବୋଲି ପରିଚୟ ଦେଇ ଶିଖିବା ଆମର ପ୍ରଧାନ ଧର୍ମ । ହେଲେ ଅନ୍ତତଃ ପକ୍ଷେ ନିରପେକ୍ଷ ବିଚାରଶୀଳ ମଣିଷଟିଏ ଏଇଥିରୁ ବୁଝିବା ବିଷୟ ଏହାକି ଦୁଇଗୋଷ୍ଠୀଙ୍କ ମଧ୍ୟରେ ରହିଥିବା ବିଚାରର ଶେଷ ନିଷ୍ପତି ଏକ । କିନ୍ତୁ ରାସ୍ତା ଭିନ୍ନ । ଅର୍ଥାତ ସେମାନେ ହୁଏତ ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ ରହିଥିବା ପଥରେ ସମସ୍ତଙ୍କୁ ପରିଚାଳିତ କରିବା ଲକ୍ଷ୍ୟରେ ଏହିଭଳି ଯୁକ୍ତି ବଢୁଥିବା ଧାର୍ଯ୍ୟ ହେଉଛି ଏଠାରେ । ଯଦି ଏହା ସତ୍ୟ ଯେ ଦୁଇ ପକ୍ଷଙ୍କ ଲକ୍ଷ୍ୟ ଏକ ତାହେଲେ ଏଇଠି ଆପୋଷ ବୁଝାମଣା ନକରି ଆକ୍ରୋଶ, ଏତଲା, ହତ୍ୟା ଧମକ ଦେବାର କୌଣସି ଆବଶ୍ୟକତାକୁ ଅନୁଭବ କରିହେଉ ନାହିଁ ବରଂ ଶତ୍ରୁତା ଭାବ ବଢିବାର ସମ୍ଭାବନା ଅତ୍ୟଧିକ । ଆଉ ଯଦି ଉଭୟ ଗୋଷ୍ଠୀଙ୍କ ଲକ୍ଷ୍ୟ୍ ଏକ ହୋଇଥାଏ ତାହେଲେ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ଭାଇଚାରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୃଷ୍ଟି କରି ଜଣେ ଅନ୍ୟକୁ ବୁଝି ସତ୍ୟ ପଥରେ ପରିଚାଳିତ କରିପାରିଲେ ହୁଏତ ସମସ୍ୟାର ସମାଧାନ ହୋଇପାରିବ । ଅଥବା ଗୋଟିଏ ସମ୍ପ୍ରଦାୟରେ ଦୁଇଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି ହୋଇ ଅନ୍ୟ ସମ୍ପ୍ରଦାୟକୁ ପ୍ରବେଶ କରିବାର ସୁଯୋଗ ବ୍ୟାପକ କରିବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି ଯାହା ଆମ ଭବିଷ୍ୟ ପିଢିଙ୍କୁ ଅତ୍ୟନ୍ତ ଅସୁବିଧାରେ ପକାଇ ପାରେ ।

ଏହି ବିତର୍କରେ ଅଂଶ ଗ୍ରହଣ କରୁଥିବା ଉଭୟ ଗୋଷ୍ଠୀଙ୍କୁ ସମାନ୍ତରାଳ ଭାବେ ଦେଖାଯାଇ ପାରିବ । ଉଭୟେ ଉଭୟ କ୍ଷେତ୍ରରେ ଅନ୍ଧ ଭଳି ବିଶ୍ୱାସ ରଖିଥିବା ଲକ୍ଷ୍ୟ କଲେ ଜାଣିହେବ । କାରଣ ଜଣେ ଦାର୍ଶନିକ ମଧ୍ୟ ବୈଜ୍ଞାନିକ ଠାରୁ କିଛି କମ ନୁହନ୍ତି । ବୈଜ୍ଞାନିକ ନିଶ୍ଚିତ ଦାର୍ଶନିକ ହୋଇଥିବା ବେଳେ ଦାର୍ଶନିକ କୌଣସି ପ୍ରମାଣ ସାପେକ୍ଷ ଦୃଷ୍ଟିଭଙ୍ଗୀର ଶେଷ ନିଷ୍କର୍ଷରେ ନପହଁଚି ଅନେକ ଦୂର ପଥ ଅତିକ୍ରମ କରିଥାନ୍ତି ବ୍ୟାପକ ବିଷୟ ଉପରେ । ବୈଜ୍ଞନିକ କିନ୍ତୁ କୌଣସି ଗୋଟିଏ ବିଷୟ ଉପରେ ନିଜର ଦାର୍ଶନିକ ବିଚାର ସୃଷ୍ଟି କରି ସେହି ବିଷୟର ବୈଜ୍ଞାନିକ ପ୍ରମାଣ ସାବ୍ୟସ୍ତ କରିବାରେ ବ୍ୟସ୍ତ ରହି ଜୀବନ ଶେଷ କରିଥାନ୍ତି । ତେଣୁ ଜଣେ ଦାର୍ଶନିକଙ୍କ ମତବାଦ ଗୁଡିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିହେବ ନାହିଁ ଯାହା ନିଶ୍ଚିତ ଭୁଲ ବୋଲି ପ୍ରମାଣ ନକରି ପାରିଛି ବିଜ୍ଞାନ । ଗୋଟିଏ ପକ୍ଷରେ ଦେଖିବାକୁ ଗଲେ ଏମିତି ହୁଏ କି ଯେଉଁ ସବୁ ଦାର୍ଶନିକ ମଣିଷ ସମାଜକୁ ବିଭିନ୍ନ ମତବାଦ ଗୁଡିଏ ଦେଇ ଯାଇଛନ୍ତି, ସେଇଥିରେ କାଳକ୍ରମେ କିଛି ଅନୈତିକ, ଅମାନବୀୟ ବିଚାର ଯୋଡ଼ିଦେଇ ବ୍ୟବସାୟ ଚଳାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ କିଛି କମ ନାହିଁ ଆମ ଦେଶରେ । ଅନ୍ୟ ପକ୍ଷରେ ଆଜି ସମୟରେ ବିଜ୍ଞାନକୁ ଭ୍ରମିତ କରି ୯୦ ଶତକଡା ବ୍ୟବସାୟୀକ ମତବ୍ୟକ୍ତ କରି ମଣିଷ ସମାଜକୁ ଲୁଟୁଥିବା ବ୍ୟବସାୟୀଙ୍କ ବିଷୟରେ ଜାଣିଛନ୍ତିକି ସେହି ବୈଜ୍ଞାନିକ ସମର୍ଥ ସମ୍ପ୍ରଦାୟ ? ! ଏମିତିକି ବିଜ୍ଞାନର ଦ୍ୱାହିଦେଇ କେତେବେଳେ ମରଣାନ୍ତକ ବିଚାର ବାଢୁଛନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବସାୟୀ ତ ଆଉ କେତେବେଳେ ଅହେତୁକ ଭୟାବହତା ନିର୍ବୋଧ ଜନମାନସରେ ସୃଷ୍ଟି କରି ପ୍ରତାରିତ କରୁଛନ୍ତି ଚତୁର ଅଜ୍ଞାନ ବ୍ୟବସାୟୀ ଗୋଷ୍ଠୀ ଓ କ୍ଷମତା ପିପାସୁ ମଣିଷ ସମୂହ ତାହା ବୁଝିଛନ୍ତିକି ବିଜ୍ଞାନ ଅନ୍ଧ ଗୋଷ୍ଠୀ । ଯଦି ବୁଝିଛନ୍ତି କାହିଁକି ବିଜ୍ଞାନଭିତ୍ତିକ ମିଥ୍ୟା କୁହେଳିକା କିମ୍ବା ବ୍ୟବସାୟୀକ ବିଚାର ଗୁଡିକୁ ବିରୁଦ୍ଧ କରି କୌଣସି ମତବ୍ୟକ୍ତ କରୁନାହାନ୍ତି ସର୍ବସାଧାରଣଙ୍କ ପାଖରେ, ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ । ଏହି କଥାଟି ସହଜରେ ସେମାନଙ୍କ ହଜମ ହେବନାହିଁ କାରଣ ସେମାନଙ୍କ ବିଜ୍ଞାନ ଅନ୍ଧତ୍ୱ ସେମାନଙ୍କୁ ସେଗୁଡିକୁ ପ୍ରତ୍ୟକ୍ଷଦର୍ଶୀ ହେବା ସୁଯୋଗ ଦେଉନାହିଁ ଯେମିତି ଧର୍ମାନ୍ଧଙ୍କୁ ସେମାନଙ୍କ ରହିଥିବା ଅନୈତିକ, ମିଥ୍ୟା ପ୍ରବଚନ ଗୁଡିକ ଦିଶୁନାହିଁ । ତେଣୁ କେତେକ ଉଦାହରଣ ସ୍ୱରୂପ.....

ଉପସ୍ଥିତ ସମୟରେ ଚିକିତ୍ସା ବିଜ୍ଞାନରେ ଯାହାସବୁ ବିଜ୍ଞାନକୁ ଭ୍ରମିତ କରି ବ୍ୟବସାୟ ·ଲିଛି କିମ୍ବା ଅନ୍ତରୀକ୍ଷ ବିଜ୍ଞାନରେ ହେଉକି ଅନ୍ୟାନ୍ୟ କ୍ଷେତ୍ର ଗୁଡିକରେ ଯାହାସବୁ ମିଥ୍ୟା ଆଲୋଡନ ସୃଷ୍ଟି କରାଯାଉଅଛି ସାଧାରଣ ମଣିଷ ମନରେ ହୁଏତ ସେହି ବିଜ୍ଞାନ ପ୍ରେମୀ ମାନେ ସେସବୁ ବିଷୟରେ ଅବଗତ ନାହାନ୍ତି ବୋଧେ । ଏହା ଆମେ କହୁନାହୁଁ ବରଂ ସମାଜର କେତେକ ସଚ୍ଚୋଟ ମଣିଷ ଯେଉଁମାନ ସମ୍ପୃକ୍ତ ବିଷୟ ଗୁଡିକରେ ବିଶାରଦ ଅଛନ୍ତି, ସେଥିମଧ୍ୟରେ କେତେକଙ୍କ ଦୃଶ୍ୟ ଶ୍ରାବ୍ୟ ମନ୍ତବ୍ୟ ଗୁଡିଏ ଉପଲବ୍ଧ ଅଛି ୟୁ ଟ୍ୟୁବରେ ତାକୁ ଦେଖି ଜଣାନ୍ତୁ ପ୍ରଥମେ ଏବଂ ସେଗୁଡିକ ପ୍ରତି ମଧ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା କଲେ ହୁଏତ ସର୍ବସାଧାରଣ ଉପକୃତ ହେବା ସଂଗେ ସଂଗେ ଏମିତି ସାମ୍ପ୍ରଦାୟିକ ବିଚାର ସୃଷ୍ଟି ହୋଇନଥାନ୍ତା କାହା ମନରେ ଏହିସବୁ କାର୍ଯ୍ୟ କଲେ ବୋଲି ଆମ ବିଚାର । ଅନୁରୂପ ଯେଉଁ ସବୁ ଧାର୍ମିକ ଚେତନା ଜନିତ ଅମାନୁଷିକ ମନ୍ତବ୍ୟ ବାଢି କେତେକ ଗୋଷ୍ଠୀ ସମାଜକୁ ଧର୍ମାନ୍ଧ କରି ରଖି ନିଜ ବ୍ୟବସାୟ ଚଳାଉଛନ୍ତି ସେମାନେତ କେବେ ସତ୍ୟ ଉପସ୍ଥାପନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବେ ନାହିଁ ଯେମିତି ବିଜ୍ଞାନରେ ହୁଏ । କିନ୍ତୁ ଯେଉଁ ଧର୍ମ ବିଶ୍ୱାସୀ ମାନେ ପ୍ରକୃତ ଧାର୍ମିକ ବିଚାର ତଥା ମାନବିକ ଚେତନା, ନୈତିକ ମୂଲ୍ୟବୋଧତା ତଥା ସାମାଜିକ ଜ୍ଞାନ ବିତରଣ କରିବାକୁ ଚାହୁଁଛନ୍ତି ସମାଜରେ ସେହି ଧାର୍ମିକ ଚେତନା ମାଧ୍ୟମରେ ସେମାନେ ଅନ୍ତତଃ ପକ୍ଷେ ସେଇଥିରେ ରହିଥିବା ଷଡ଼ଯନ୍ତ୍ର ଗୁଡିକୁ ପ୍ରଥମେ ପରୀକ୍ଷା କରି ସେଗୁଡିକୁ ପ୍ରତ୍ୟାଖ୍ୟାନ କରି ପ୍ରକୃତ ଚେତନା ଜ୍ଞାନ ବିତରଣ କରିବା ପ୍ରୟାସ କଲେ ମଣିଷ ସମାଜ ପ୍ରକୃତ ଆଲୋକର ପଥ ପାଇ ପାରିଥାନ୍ତା ଯାହା ସେମାନେ କରୁନାହାନ୍ତି । ପ୍ରକୃତ ଜ୍ଞାନଯୁକ୍ତ ଚେତନାକୁ ନବୁଝି କେବଳ ଅନ୍ଧ ଭଳି ବ୍ୟବସାୟୀଙ୍କ ଧର୍ମ ଗ୍ରଂଥ ଯାହା କହିଲା ସେଗୁଡିକୁ ମାନିବା ଏବଂ ଅନ୍ୟକୁ ପ୍ରେରଣା ଦେବାରେ ପ୍ରୟାଶରତ ଦିବାନିଶି । ତାହାଦ୍ୱାରା ମଣିଷ ସମାଜର ଉନ୍ନତି ହେବା ପରିବର୍ତ୍ତେ ଆମେ ନିମ୍ନଗାମୀ ହେଉଥିବା ବେଳେ ସେହି ଚତୁର ବ୍ୟବସାୟୀ ଗୋଷ୍ଠୀ ଯଥେଷ୍ଟ ସ୍ୱାର୍ଥ ହାସଲ କରୁଛନ୍ତି ସେହି ଅନ୍ଧ ଧର୍ମ ମାଧ୍ୟମରେ ।

ନିକଟ ଅତୀତର ସେହି ବିଷୟ ଉପରେ ଆଧାରିତ ମତବାଦ ଗୁଡିକୁ ତନ୍ନତନ୍ନ କରି ସମୀକ୍ଷା କରାଗଲେ ଜାଣିହେବ ଯେ ଉଭୟେ ଉଭୟଙ୍କ ମତବାଦରେ ଠିକ ଅଛନ୍ତି । କିଏ କେତେଦୂର ଠିକ ଆଉ କେତେ ଅନାବାଶ୍ୟକ ତଥ୍ୟ ରହିଛି ସେମାନଙ୍କ ଗ୍ରହଣୀୟତା ମଧ୍ୟରେ ବାହାର କରିପାରିଲେ ଆମେ ନିଜକୁ ଜ୍ଞାନୀ ବୋଲି କହିବା ଛଡା ନିଜକୁ ସୁହାଉଥିବା ବିଚାରଧାରା ଗୁଡିକ ସମ୍ପୂର୍ଣ୍ଣ ଠିକ ବୋଲି କହିବା ସମ୍ପୂର୍ଣ୍ଣ ଅଜ୍ଞାନତା ଛଡା ଆଉ କିଛି ନୁହେଁ । ଉଭୟଙ୍କ ପକ୍ଷରୁ ନିଷ୍କର୍ଷ ବାହାର କରି ଦେବା ଏବଂ ଉପର ଲିଖିତ ଆଲୋକ / ଉତ୍ତାପର ଜୀବନ ସହିତ ସମ୍ପର୍କ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ହାସଲ କରିପାରିଲେ ହିଁ ତାହାର ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବ ଜଣେ ସାଧାରଣ ମଣିଷ । ଅଥବା କେବଳ ନିଜକୁ ବିତର୍କ ମଧ୍ୟରେ ରଖି ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ରହିବା ଛଡା କୌଣସି ସୁଫଳ ମିଳିବ ନାହିଁ । ତେଣୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଭୟ ପକ୍ଷ ପ୍ରଥମେ ଜାଣନ୍ତୁ ଆଲୋକ / ଉତ୍ତାପର ମଣିଷ ତଥା ଅନ୍ୟାନ୍ୟ ଜୀବଜଗତ ଉପରେ କି ପ୍ରଭାବ ରହିଛି ଏବଂ ଦର୍ଶନ କାହିଁକି ଏମିତି ମତବାଦ ଦେଇଥିବା ବେଳେ ବିଜ୍ଞାନ ତାକୁ କେଉଁ ଆଧାରରେ ଖଣ୍ଡନ କରିବା କ୍ଷମତା ରଖିଛି । ମୂଳ ନଜାଣି ଡାଳରେ ବସି ଆଲୋଚନା କଲେ ଉଭୟେ କଚାଡି ହୋଇ ପଡିବେ ଯାହାଙ୍କୁ କେହି ରକ୍ଷା କରିପାରିବେ ନାହିଁ, ଯାହା ଉପସ୍ଥିତ ସମୟର ପରିସ୍ଥିତି । ତେଣୁ ଉଭୟ ଗୋଷ୍ଠୀ ନିଜର ଅଜ୍ଞାନତା ସ୍ୱୀକାର କରି ସବୁବେଳେ ସତ୍ୟର ପଥଗ୍ରାହୀ ହୋଇ ଚାହେ ବିଜ୍ଞାନ ହେଉ କି ଦର୍ଶନ ଗୁଡିକର ମିଥ୍ୟା ପ୍ରରୋଚନା ତଥା ବ୍ୟବସାୟୀକ ମତବାଦ ଗୁଡିକୁ ପ୍ରତ୍ୟାଖ୍ୟାନ କରି ସତ୍ୟର ଅନୁସନ୍ଧନ କରିବା ଚେଷ୍ଟା କଲେ ନିଶ୍ଚିତ ସୁଫଳ ମିଳିବ ଏବଂ ସାଧାରଣ ମଣିଷ ସମାଜ ଅଜ୍ଞାନତାରୁ ଦୁରେଇ ରହି ନିଜକୁ ସୁଖ ଶାନ୍ତିରେ ବଂଚିବା ଶିକ୍ଷା କରିପାରିବେ ବୋଲି ଆମ ବିଚାରରେ ଆପଣଙ୍କ ମତ ପୋଷଣ କରିବେ ବୋଲି ଆଶା..... !

ଏହି ଦୁଇ ଗୋଷ୍ଠୀରୁ ବହିର୍ଭୁତ ନିରପେକ୍ଷ ସାଧାରଣ ମଣିଷ ମାନଙ୍କୁ ଆମର ସନ୍ଦେଶ ହେଉଛି ଯେ ସମ୍ପୃକ୍ତ ଗୋଷ୍ଠୀ କନ୍ଦଳକୁ କୌଣସି ଏକ ତରଫା ବିଚାରକୁ ନିଅନ୍ତୁ ନାହିଁ । କାରଣ ଏହି ବିତର୍କିତ ଅଧ୍ୟାୟରେ ପୃଷ୍ଠପୋଷକତା କରିଥିବା ଦୁଇ ଗୋଷ୍ଠୀର କିଏ ହେଲେ ବିଶାରଦ ନୁହନ୍ତି ସେମାନଙ୍କ ମତକୁ ପ୍ରମାଣ ସାବ୍ୟସ୍ତ କରିବାରେ ଯାହା ଲକ୍ଷ୍ୟ କରାଗଲା । କୌଣସି ମତେ ଦୁଇଗୋଷ୍ଠିଙ୍କ ମତ ଗୁଡିକ ଅଳ୍ପ ବହୁତେ କିଛି ମାତ୍ରାରେ ଠିକ କିଛି ଭୁଲ ଥିଲେ ମଧ୍ୟ ସେମାନେ ସେଗୁଡିକୁ ତର୍ଜମା କରି ନିଷ୍କର୍ସ ବାହାର କରିବା କମ ନିଜର ପ୍ରାଧାନ୍ୟତା ବଢ଼ିମା ଦେଖାଇବା ମନୋଭାବ ଅଧିକ ରହିଥିବା ଅନୁଭବ ହେଉଛି । ତେଣୁ ସାଧାରଣ  ମଣିଷ ଯାହାକୁ ଯାହା ଭଲ ଲାଗିଲା ତାହାହିଁ କରନ୍ତୁ । କିନ୍ତୁ ଗୋଟିଏ ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରି ଫାଟ ସୃଷ୍ଟି କରିବା ଲକ୍ଷ୍ୟ ରଖନ୍ତୁ ନାହିଁ । କାରଣ ମୋ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତିଗତ ଅନୁଭୂତିରୁ (କିଛି ବର୍ଷ ପୂର୍ବେ ଦୁବାଇରୁ ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ସହିତ ଦୁଇ ଘଂଟା ଧରି ବ୍ୟାପକ ଆଲୋଚନା କରି କିଛି ବୁଝିବା ପରିପ୍ରେକ୍ଷୀରେ ) କହିବି କି ଆଜି ଅନ୍ୟ ଏକ ସମ୍ପ୍ରଦାୟର କେତେକ କ୍ଷମତା ପିପାସୁ ମଣିଷ ସେହି ସମ୍ପ୍ରଦାୟର ନିର୍ବୋଧଙ୍କୁ ପ୍ରତାରିତ କରି ନିଜର ପ୍ରତିପତ୍ତି ବିସ୍ତାର କରି ସମଗ୍ର ବିଶ୍ୱରୁ ସବୁ ଧର୍ମ ସମ୍ପ୍ରଦାୟ ବିଲୋପ କରି କେବଳ ସେମାନଙ୍କ ସମ୍ପ୍ରଦାୟକୁ ବିଶ୍ୱବ୍ୟାପୀ କରିବା ଲକ୍ଷ୍ୟ ରଖିଛନ୍ତି । ସେମାନଙ୍କ ପାଇଁ ଆମର ଏହି ଗୋଷ୍ଠୀ କନ୍ଦଳ ସହାୟକ ନହେଉ ଏବଂ ସମସ୍ତଙ୍କ ମନରେ ପ୍ରେମ, ଭାଇଚାରା ସୃଷ୍ଟିକରି ଆମ ଆସନ୍ତା ପିଢିଙ୍କ ପାଇଁ ପ୍ରେମର ବାର୍ତ୍ତା ବହନ କରି ଶିଖିବା ଆମ ଲକ୍ଷ ହେଉ.....

ଭାରତମାତା କି ଜୟ.....  ।

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଂଜାମ ।

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଶାସକ୍ତ ଯୁବପୀଢ଼ି



ଅମୃତ ନାରାୟଣ ଶତପଥୀ

ସନ୍ଧ୍ୟା ଆସନ୍ନ ଗୋଧୂଳି ବେଳ ଗଡ଼ି ଯାଉଛି; ବାସ୍ ଆଉ କିଛି ସମୟ ତାପରେ ସମ୍ପୂର୍ଣ୍ଣ ପୃଥିବୀର ଆଲୋକ ଅପସରି ଯିବ ଆଉ ଖେଳିଯିବ ଅନ୍ଧକାରର କାୟା । ବାଟଘାଟରେ ଚଳପ୍ରଚଳ ହେବେ ନିଶାଚର ପିଶାଚ; କାହା ହାତରେ ଥିବ ମଦ ବୋତଲ ତ କିଏ ଛାଡୁଥିବ ସିଗାରେଟ, ବିଡି ଅବା ଗଞ୍ଜେଇର ଧୂଆଁ । କିଏ ଡ୍ରଗସ୍ ପାଇଁ ପାଗଳ ପ୍ରାୟ ହେଉଥିବ ତ କିଏ ମାରଣାସ୍ତ୍ର ଧରି ଜଗି ବସିଥିବ କେଉଁ ନିଛାଟିଆ ସଡ଼କର କଡ଼ରେ ଭୋକିଲା ଜନ୍ତୁଠାରୁ ଭୟଙ୍କର ହୋଇ ନିଜ ଶିକାର ଆଶାରେ । ଆଜିକାଲି ଆବାଳ ବୃଦ୍ଧବନିତା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ଏହି ନିଶାଚର, ନିଶାସକ୍ତ ଯୁବପିଢ଼ିର ଆତଙ୍କରେ । କ'ଣ ସୁନ୍ଦର ପୃଥିବୀର କାୟା ନିଶାର ମାୟାଜାଲରେ ହୋଇଯିବ ଆବଦ୍ଧ ? କ'ଣ ଏହି ନିଶା ଦୁଃଖ ଦୂର କରିବାର ମହୌଷଧି ନା ପତନର ସୋପାନ ? କ'ଣ ନିଶାଦ୍ରବ୍ୟ ବିକ୍ରିରୁ ମିଳୁଥିବା ରାଜସ୍ୱ ନିଶାସକ୍ତ ଯୁବପିଢିର ନୈତିକ ତଥା ସାମାଜିକ ଉନ୍ନତିରେ ସହାୟକ ହୋଇପାରିବ ? ଏହିଭଳି ଅନେକ ପ୍ରଶ୍ନ ବିଦ୍ୱାନଙ୍କ ମସ୍ତିଷ୍କରେ ଉଙ୍କି ମାରୁଛି । ଯଦି ଏସବୁ ପ୍ରଶ୍ନର ଉତ୍ତର 'ନା' ତାହାଲେ ସରକାରଙ୍କ ମଦ ବିକ୍ରି ଉପରେ ପୁରସ୍କାର କେତେ ଯୁକ୍ତି ଯୁକ୍ତ ତାହା ଚିନ୍ତା କରି ବିରୋଧ କରିବା ହିଁ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ । ନହେଲେ ଆର୍ଯ୍ୟଭୂମି ଭାରତବର୍ଷର ନୈତିକ ପତନ ହେବାସହ ରସାତଳମୁଖୀ ହେବାରୁ କେହି ରକ୍ଷା କରିପାରିବେ ନାହିଁ । ଏଣୁ ବେଳହୁଁ ସାବଧାନତା ଓ ସଚେତନତା ହିଁ କାମ୍ୟ ।

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan